ପ୍ରଜାତନ୍ତ୍ର
The Prajatantra

76th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୮୩ ● କଟକ ● ବୁଧବାର ● ୩୧ ମଇ-୨୦୨୩ ● ବୃଷ ୧୫ ● ସାଲ୍ ୧୪୩୦
CUTTACK ● WEDNESDAY ● 31 MAY-2023 ● RNI Regd.No.4001/57
ମୂଲ୍ୟ : ₹୫ ଟଙ୍କା

# କୌଣସି ମେଣ୍ଟ ଏନଡିଏ ଭଳି ଦୀର୍ଘଦିନ ତିଷ୍ଠିନାହିଁ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନଡିଏ) ଗଠନ ହେବାର ଏଥିମଧ୍ୟରେ ୨୫ ବର୍ଷ ପୂରିଛି। ୧୯୯୮ ମସିହା ମେ ୧୫ ତାରିଖରେ ଏହି ମେଣ୍ଟ ଗଠନ ହୋଇଥିଲା। ବିଜେପି ନେତୃତ୍ୱାଧୀନ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କର ଛଅଘଣ୍ଟା ବ୍ୟାପୀ ଅନୁଷ୍ଠିତ ଏକ ବୈଠକରେ ଉଦ୍ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଦେଶରେ ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ରାଜନୈତିକ ମେଣ୍ଟ ଏତେଦିନ ଯାଏ ତିଷ୍ଠିପାରି ନାହିଁ। ଆଞ୍ଚଳିକ ଆଶା-ଆକାଂକ୍ଷା ଉପରେ ବିଜେପି ଗୁରୁତ୍ୱାରୋପ କରିଆସୁଛି। ତେଣୁ ଏହା ଆଞ୍ଚଳିକ ଦଳଗୁଡ଼ିକ ସହ ସ୍ୱଚ୍ଛନ୍ଦ ନୁହେଁ ବୋଲି କହିହେବ ନାହିଁ। ଆମେ ଆଞ୍ଚଳିକ ଦଳଗୁଡ଼ିକ ସହ ଏପରି ବ୍ୟବହାର କରିବା ଉଚିତ ଯେପରି ସେମାନେ ଭାବିବେ ଆମେ ସେମାନଙ୍କ ମାନସିକତା ବୁଝୁଛୁ। ମୁଖ୍ୟମନ୍ତ୍ରୀମାନେ କୌଣସି ଜନମଙ୍ଗଳ କାର୍ଯ୍ୟ ବାବଦରେ ନିଷ୍ପତ୍ତି ନେବା ବେଳେ ରାଜ୍ୟ ଏମପିମାନଙ୍କର ମଧ୍ୟ ପରାମର୍ଶ ନେବା ଉଚିତ ବୋଲି ମୋଦୀ କହିଛନ୍ତି। ବିଜେପିର ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବାର ଅଭ୍ୟାସ ଯୋଗୁ ୱାଇଏସଆରସିପି, ଜେଡିଏସ୍, ବିଜେଡି, ବିଏସ୍ପି, ଅକାଳୀ ଦଳ ଓ ଟିଡିପି ପରି ଆଞ୍ଚଳିକ ଦଳ ନୂତନ ସଂସଦ ଭବନ ଉଦ୍ଘାଟନ ସମୟରେ ବିଜେପିକୁ ଏକଘରିଆ କରିବା ପାଇଁ କଂଗ୍ରେସର ଡାକରାକୁ କର୍ଣ୍ଣପାତ କରି ନ ଥିଲେ। ଅନେକ ସମୟରେ ଉନ୍ନୟନମୂଳକ କାର୍ଯ୍ୟ ଲାଗି ନିଷ୍ପତ୍ତି ନେବା ସମୟରେ ମୁଖ୍ୟମନ୍ତ୍ରୀମାନେ ଏମପିମାନଙ୍କ ଅପେକ୍ଷା ବିଧାୟକମାନଙ୍କୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। କିନ୍ତୁ ଏମପିମାନଙ୍କୁ ବି ସମାନ ଗୁରୁତ୍ୱ ପ୍ରଦାନ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ମତ ଦେଇଛନ୍ତି। ମୋଦୀ କହିଛନ୍ତି, ଏନଡିଏ ଗଠନ ହେବାର ଇତିମଧ୍ୟରେ ୨୫ ବର୍ଷ ପୂରଣ ହୋଇଛି। ଏହାକୁ ଖୁବ୍ ବଡ଼ ଆକାରରେ ପାଳନ କରାଯିବା ଉଚିତ। କାରଣ ଏନଡିଏ ବ୍ୟତୀତ କୌଣସି ମେଣ୍ଟ ଆଜିଯାଏ ଏତେଦିନ ଏକାଠି ରହିପାରି ନାହାନ୍ତି। ତେଣୁ ଦଳ ପକ୍ଷରୁ ଏହାକୁ ଧୁମଧାମରେ ପାଳନ କରାଯିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ଏହି ବୈଠକ ଥିଲା ବିଜେପିର ସୁଶାସନ ଏଜେଣ୍ଡାର ଅଂଶ, ଯେଉଁଥିରେ ମୁଖ୍ୟମନ୍ତ୍ରୀମାନେ ସେମାନଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ରୂପାୟନ ବିଷୟରେ ଆଲୋକପାତ କରିଥିଲେ। ଏହି ବୈଠକରେ ବିଜେପିର ଜାତୀୟ ଅଧ୍ୟକ୍ଷ ଜେପି ନଡ୍ଡା, ରାଜସଭା ସାଂସଦ ବିନୟ ସହସ୍ରବୁଦ୍ଧେ, ଦଳ ସାଧାରଣ ସମ୍ପାଦକ (ସଂଗଠନ) ବିଏଲ୍ ସନ୍ତୋଷ ଓ ସାଧରଣ ସମ୍ପାଦକ ସୁନୀଲ ବଂଶଲ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ହରିୟାଣାର ମନୋହରଲାଲ ଖଟ୍ଟର, ଆସାମର ହିମନ୍ତ ବିଶ୍ୱଶର୍ମା, ମଧ୍ୟପ୍ରଦେଶର ଶିବରାଜ ସିଂହ ଚୌହାନ ଓ ଉତ୍ତରାଖଣ୍ଡର ପୁଷ୍କର ସିଂହ ଧାମି ପ୍ରମୁଖ ଉପସ୍ଥିତ ଥିଲେ।

# ‘ମୋ ଘର’ ମାଧ୍ୟମରେ ମିଛ ସ୍ୱପ୍ନ ଦେଖାଉଛନ୍ତି ରାଜ୍ୟ ସରକାର

## ବ୍ୟାଙ୍କ ଋଣ ନୁହେଁ ମାଗଣା ଘର ଦିଅନ୍ତୁ ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର(ପିପିଏସ୍) ରାଜ୍ୟର ବାସହୀନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମୋଦି ସରକାର ପର୍ଯ୍ୟାପ୍ତ ପରିମାଣର ପକ୍କାଘର ଯୋଗାଇ ଦେଇଛନ୍ତି। ୩୪,୦୬୩କୋଟି ଟଙ୍କା ଅନୁଦାନରେ ଓଡିଶାର ପ୍ରାୟ ୨୬.୯୫ଲକ୍ଷ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ମୋଦି ସରକାର ଲକ୍ଷ୍ୟ ରଖିଥିବାବେଳେ ଓଡିଶା ସରକାରଙ୍କ ସ୍ଥାଣୁତା, ଅପାରଗତା ଓ ମନ୍ଦ ଅଭିସନ୍ଧି ଯୋଗୁଁ ୯.୫ଲକ୍ଷ ପରିବାର ଏହି ସୁବିଧାରୁ ଏବେ ଯାଏ ବଂଚିତ ହୋଇ ରହିଛନ୍ତି। ବ୍ୟାପକ ଦୁର୍ନୀତି, ବାଟମାରଣା ଓ ପକ୍ଷପାତିତା ଯୋଗୁଁ ହିଁ ଆଜି ସମ୍ପୂର୍ଣ୍ଣ ଦେଶରେ ଓଡିଶା ରାଜ୍ୟର ସବୁଠୁ ବେଶୀ ଗରିବ ନିଜ ଘର ପାଇପାରିନାହାଁନ୍ତି। କେନ୍ଦ୍ର ସରକାରଙ୍କ ପକ୍କା ଘର ଲୋକଙ୍କ ପାଖରେ ପହଂଚାଇବା ପାଇଁ ରାଜ୍ୟ ସରକାର ବାଧକ ସାଜିଛନ୍ତି। ଅଯୋଗ୍ୟ ରାଜ୍ୟ ସରକାର “ମୋ ଘର” ମାଧ୍ୟମରେ ଓଡିଶାବାସୀଙ୍କୁ ‘ଆକାଶ କଇଁଆ, ଚିଲିକା ମାଛ’ର ମିଛ ସ୍ୱପ୍ନ ଦେଖାଉଛନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଯୋଗ୍ୟ ବାସହୀନଙ୍କୁ ମାଗଣା ପକ୍କା ଘର ଯୋଗାଇ ଦେବାରେ ବିଫଳ ହୋଇଥିବା ବିଜେଡି ସରକାର ଗତ କାଲି ଆଉ ଗୋଟିଏ “ମୋ ଘର” ନାମରେ ନୂତନ ଥିଓରୀ ରଚନା କରିଛନ୍ତି। ବିଜୁ ପକ୍କା ଘର ଯୋଜନାରେ ଗତ ୫ ବର୍ଷ ଭିତରେ ମାତ୍ର ୪୮୦ଟି ଘର ନିର୍ମାଣ କରିଥିବା ବିଜେଡି ସରକାରର ଏହା ଏକ ପ୍ରହେଳିକା।

ଗତ ୩ ବର୍ଷରେ ବିଜୁ ପକ୍କା ଘର ଯୋଜନାରେ ଟଙ୍କାଟିଏ ବି ବରାଦ ହୋଇ ନାହିଁ। ନିଜର ଅପାରଗତା ପଦାରେ ପଡିଲା ପରେ ଓ କେନ୍ଦ୍ରୀୟ ଗ୍ରାମ ବିକାଶ ମନ୍ତ୍ରଣାଳୟର ତାଗିଦ ପରେ ହିଁ ଓଡିଶା ସରକାର “ମୋ ଘର” ଯୋଜନାର ପ୍ରହେଳିକା ସୃଷ୍ଟି କରାଉଛନ୍ତି। ମୋ ଘର ଯୋଜନାରେ ମଧ୍ୟ ପୁଣିଥରେ ଓଡିଶା ସରକାର କେନ୍ଦ୍ରୀୟ ଯୋଜନା ଗୁଡିକୁ ସବୁଜ ରଙ୍ଗ ବୋଲି ନିଜ ଯୋଜନା ଭାବେ ପ୍ରସ୍ତୁତ କରୁଛନ୍ତି। ଓଡିଶା ସରକାର ଦ୍ୱାରା ଗରିବ ଗୁରୁବା ମାନଙ୍କ ପାଇଁ ନୂଆଁ “ମୋ ଘର” ଯୋଜନା ଏକ ଭେଳିକି ସଦୃଶ। “ମୋ ଘର” ନାମରେ ନୂଆ ଯୋଜନା କେବଳ ‘ନୂଆ ବୋତଲରେ ପୁରୁଣା ମଦ’ ସଦୃଶ। ଏହା କେଉଁ ପ୍ରକାର ସହାୟତା ଏବଂ କିପରି ଏକ ଯୋଜନା ତାହା କେବଳ ବାବୁ ମାନଙ୍କୁ ଜଣା ଅଛି। ନିମ୍ନ ମଧ୍ୟବିତ୍ତଙ୍କୁ ଠକିବା ପାଇଁ ଏବଂ ପ୍ରତାରିତ କରିବା ପାଇଁ ଏହି ଯୋଜନାର ଘୋଷଣ କରାଯାଇଛି। ମୋ ଘର ଯୋଜନାରେ ଭ୍ରଷ୍ଟାଚାର ମୂଳ ମଂଜି ରାଜ୍ୟ ସରକାର ପୋତିଛନ୍ତି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଓଡିଶା ସରକାର ବିନା କୌଣସି ନିର୍ମାଣ ସହାୟତାରେ ଗରିବଙ୍କୁ କେବଳ ଲୋନ ନେଇ ଘର ତିଆରି କରିବାର ସ୍ୱପ୍ନ ବାଂଟୁଛନ୍ତି। ରିଜର୍ଭ ବ୍ୟାଂକ ନିୟମ ଅନୁଯାୟୀ ବାର୍ଷିକ ୩ ଲକ୍ଷ ଟଙ୍କା ଆୟ ଥିବା ବ୍ୟକ୍ତିକୁ ୧୫ ଲକ୍ଷ ଟଙ୍କାର ଋଣ ମିଳୁଥିବାବେଳେ ଏହି ଯୋଜନାରେ ମାତ୍ର ୩ ଲକ୍ଷ ଟଙ୍କା ଋଣ ମିଳିବ। ଗରିବ ଲୋକଟି ଜାଣିନି ଯେ ଏହି ୩ଲକ୍ଷ ଟଙ୍କା ଉପରେ ୯ବର୍ଷରେ ତାକୁ କେତେ ଚକ୍ରବୃଦ୍ଧି ସୁଧ ଦେବାକୁ ପଡିବ। ଜଣେ ସାଧାରଣ ବର୍ଗର ଗରିବ ବ୍ୟକ୍ତି ଯଦି ଘର ନିର୍ମାଣ ପାଇଁ ୩ଲକ୍ଷ ଟଙ୍କା ଋଣ ନିଏ, ତାକୁ ୬୦,୦୦୦ ମୂଳ ପରିମାଣର ରିହାତି ଓ ଏକ ବର୍ଷର ସୁଧ ରିହାତି ଅବଧିକୁ ବାଦ୍ ଦେଇ ୯ବର୍ଷ ମଧ୍ୟରେ ମୋଟ୍ ୪.୮ଲକ୍ଷ ଟଙ୍କା ଫେରାଇବାକୁ ପଡିବ ଯେଉଁଥିରେ କେବଳ ସୁଧ ହେଉଛି ୨.୪୦ଲକ୍ଷ ଟଙ୍କା। ସେହିପରି ଋଣ ବାବଦରେ ହିତାଧିକାରୀଙ୍କୁ ଋଣ ପରିଶୋଧ ଯାଏ ନିଜର ସ୍ଥିତିବାନ ଜମିକୁ ବନ୍ଧକ ସୂତ୍ରରେ ପଞ୍ଜିକରଣ କରିବାକୁ ପଡିବ। କେଉଁ ନ୍ୟାୟରେ ଓଡିଶା ସରକାର ଗରୀବ ବାସହୀନଙ୍କ ପାଇଁ ଏମିତି ଚିନ୍ତା କରିପାରିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ଗରିବ ଲୋକ କୃଷି ଋଣ ସୁଝି ପାରୁନଥିବାବେଳେ ଘର ଲୋନ କେମିତି ସୁଝିବ? ଋଣ ସୁଝି ନପାରିଲେ ବନ୍ଧା ପଡିଥିବା ତାଙ୍କ ବାପା, ଅଜା ଅମଳର ଘର ଡିହ ମଧ୍ୟ ହାତରୁ ଚାଲିଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ଓଡିଶା ସରକାର “ମୋ ଘର” ଯୋଜନାକୁ ଏକ ସମ୍ପୂର୍ଣ୍ଣ ଋଣ ଭିତିକ ଯୋଜନା ରୂପରେ ବନେଇଛନ୍ତି, ଯଦି ରାଜ୍ୟ ସରକାର ଗରିବ ଓ ମଧ୍ୟବିତ ପରିବାରକୁ ସହଯୋଗ କରିବାକୁ ଚାହୁଁଛନ୍ତି, ତେବେ ସୁଧ ରିହାତି ବା ଛାଡର ବ୍ୟବସ୍ଥା କରିବା ଉଚିତ୍ ଥିଲା। ବଢୁଥିବା ସୁଧହାର ପରିସ୍ଥିତିରେ “ମୋ ଘର” ଋଣଟି ଗରିବଙ୍କ ବୋଝ ଉପରେ ନଳିତା ବିଡା ସଦୃଶ। ବ

# ୨୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ, ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀ

ଭୁବନେଶ୍ୱର(ପିପିଏସ୍): ସମଗ୍ର ରାଜ୍ୟରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଜାରି ରହିଛି। ତେବେ, ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଓ ଝଡ଼ ପବନର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ, ଓଡ଼ିଶାର କିଛି ଜିଲ୍ଲାରେ ଘଂଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହ ବଜ୍ରପାତ, ଘଡ଼ଘଡ଼ି ସହ ଘୂର୍ଣ୍ଣିଝଡ଼ ବା କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଏଥିପାଇଁ ୨୨ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ମାଲକାନଗିରି, କୋରାପୁଟ,ନବରଙ୍ଗପୁର, କଳାହାଣ୍ଡି ,କନ୍ଧମାଳ ,କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ,ବାଲେଶ୍ୱର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼,ଗଞ୍ଜାମ ,ଗଜପତି,ସୁନ୍ଦରଗଡ, ଅନୁଗୁଳ, ଢେଙ୍କାନାଳ, ରାୟଗଡା। ଏଥିସହ ଓଡ଼ିଶାର ଅନ୍ୟ ଜିଲ୍ଲାରେ ମଧ୍ୟ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଜାରି ସତର୍କ ସୂଚନାରେ କୁହାଯାଇଛି। ଏପରିସ୍ଥିତିରେ ଉପରୋକ୍ତ ୨୨ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ସହ ବଜ୍ରପାତ ସମୟରେ ଲୋକଙ୍କୁ ପାଣିପାଗ ଉପରେ ନଜର ରଖି ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି।

# ପ୍ରତି ପଞ୍ଚାୟତରେ ହେବ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା

ଭୁବନେଶ୍ୱର: ରାଜ୍ୟ ସରକାର ଡିଜିଟାଲ ମାଧ୍ୟମକୁ ଗୁରୁତ୍ୱ ଦେଉଛନ୍ତି। ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଆସିଥିବାରୁ ଲୋକଙ୍କର ସୁବିଧା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା କରିବାକୁ ପଦକ୍ଷେପ ନେଇଛନ୍ତି। ପ୍ରତି ପଞ୍ଚାୟତକୁ ସିଧାସଳଖ ମୁଖ୍ୟାଳୟ ସହ ଯୋଡ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ଦ୍ୱାରା ତୃଣମୂଳ ସ୍ତରରେ ଲୋକେ ଡିଜିଟାଲ ମାଧ୍ୟମରେ ସରକାରଙ୍କ ବିଭିନ୍ନ ବୈଠକରେ ଯୋଡ଼ି ହେବା ସହିତ ସହଜରେ ସୂଚନା ପାଇପାରିବେ। ସେହିଭଳି ସରକାର ରାଜ୍ୟର ୩୦୦୦ ସ୍କୁଲରେ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା କରିବାକୁ ଯୋଜନା ରଖିଛନ୍ତି। ଏହା ଦ୍ୱାରା ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଣଶିକ୍ଷକ ଛାତ୍ରଛାତ୍ରୀ ଓ ଅଭିଭାବକ ସିଧାସଳଖ ସୂଚନା ପାଇପାରିବେ। ଏତଦ୍ ବ୍ୟତୀତ ଚଳିତ ବର୍ଷ ସୁଦ୍ଧା ସାରା ରାଜ୍ୟରେ ୪ଜି ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଭୁବନେଶ୍ୱରରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ)ର ନ୍ୟାସନାଲ ଇନ୍‌ଫରମେସନ ସେଣ୍ଟର ପ୍ରତିଷ୍ଠା ହେବ। ଆଇଟି ସଚିବ ମନୋଜ ମିଶ୍ର ଏହି ସୂଚନା ଦେଇଛନ୍ତି।

# ଆଜି ପ୍ରକାଶ ପାଇବ +୨ ରେଜଲ୍ଟ

ଭୁବନେଶ୍ୱର (ପିପିଏସ୍): ଆଜି ପ୍ରକାଶ ପାଇବ +୨ ପରୀକ୍ଷା ଫଳ। ପ୍ରଥମେ ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ ପ୍ରକାଶ ପାଇବ। ବୁଧବାର ପୂର୍ବାହ୍ନ ୧୧ଟାରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି। ପରବର୍ତୀ ସମୟରେ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚଏସସି) ପରୀକ୍ଷା ନିୟନ୍ତ୍ରକ ଏହି ସୂଚନା ଦେଇଛନ୍ତି। ଓଡିଶାରେଜଲ୍ଟସ୍ ଡଟ୍ ଏନଆଇସି ଡଟ୍ ଇନ୍ ୱେବସାଇଟ୍ ରୁ ଛାତ୍ରଛାତ୍ରୀ ସେମାନଙ୍କ ରେଜଲ୍ଟ ଜାଣିପାରିବେ। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୧ ତାରିଖରୁ ଯୁକ୍ତ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଏପ୍ରିଲ୍ ୫ ତାରିଖରେ ଶେଷ ହୋଇଥିଲା। ଚଳିତ ବର୍ଷ ମୋଟ୍ ୧୧୪୫ ପରୀକ୍ଷା କେନ୍ଦ୍ରରେ ସାଢ଼େ ୩ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିରୁ କଳାରେ ୨ଲକ୍ଷ ୧୯ହଜାର ୧୧୦, ବିଜ୍ଞାନରେ ୯୧,୩୭୯, ବାଣିଜ୍ୟରେ ୨୩,୧୪୮ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

## ବଢିବ ଯୁକ୍ତ ୨ ସିଟ୍

ଭୁବନେଶ୍ୱର:ଚଳିତ ବର୍ଷ ବଢିବ ଯୁକ୍ତ ୨ ସିଟ୍। ମାଟ୍ରିକ୍ ପରୀକ୍ଷାରେ ଚଳିତ ଥର ରେକର୍ଡ ସଂଖ୍ୟକ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଏବର୍ଷ ୯୬%ରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ପାସ୍ ହୋଇଛନ୍ତି। ଯାହା ପୂର୍ବ ବର୍ଷ ଅପେକ୍ଷା ଅଧିକ। ୨୦୨୩-୨୪ ଅର୍ଥାତ୍ ଚଳିତ ବର୍ଷରୁ ଯୁକ୍ତ ୨ ସିଟ୍ ବଢ଼ାଇବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିଷ୍ପତି ନେଇଛି। ୧୦୬ ସରକାରୀ ଅପଗ୍ରେଡେଡ୍ ଉଚ୍ଚ ମାଧ୍ୟମିକ ସ୍କୁଲରେ ୧୩ ହଜାର ସିଟ୍ ରହିବ। ଆବଶ୍ୟକସ୍ଥଳେ ସିଟ୍ ବୃଦ୍ଧି କରାଯିବ। ସେହିପରି ସବୁ ୧୧୪ ୟୁଏଲବିରେ ଗୋଟିଏ ଲେଖାଏ ମଡେଲ୍ ସ୍କୁଲ୍ ଅଛି। ୨୦୨୩ ଶେଷ ସୁଦ୍ଧା ରାଜ୍ୟରେ ସବୁ ହାଇସ୍କୁଲ୍ ରେ ଆଇଟି ଲ୍ୟାବ୍ ଉପଲବ୍ଧ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଏହି ସୂଚନା ଦେଇଛନ୍ତି।

# କୃଷି ଉଦ୍ୟୋଗ ଯୋଜନାରେ ପୁଞ୍ଜିନିବେଶ ସବ୍‌ସିଡି ବୃଦ୍ଧି

ଭୁବନେଶ୍ୱର(ପିପିଏସ୍): ରାଜ୍ୟରେ କୃଷି ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରି କୃଷି ଉଦ୍ୟୋଗ କ୍ଷେତ୍ରରେ ପର୍ଯ୍ୟାପ୍ତ ପୁଂଜିନିବେଶକୁ ଆକୃଷ୍ଟ କରିବା ଓ ଯୋଜନାର ସଫଳ ରୂପାୟନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ମାର୍ଗଦର୍ଶିକାରେ ପରିବର୍ତ୍ତନ କରାଯାଇଛି। ଏହି କ୍ରମରେ କୃଷି ଉଦ୍ୟୋଗରେ ପୁଂଜିନିବେଶ ସବ୍‌ସିଡି ରାଶି ୫୦ ଲକ୍ଷ ଟଙ୍କାରୁ ଏକ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଅଧିକ ପୁଂଜିନିବେଶର ସମ୍ଭାବନାକୁ ଦୃଷ୍ଟିରେ ରଖି ୫୦ କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ପୂର୍ବରୁ ସର୍ବୋଚ୍ଚ ୨୦ କୋଟି ଟଙ୍କାର ପ୍ରକଳ୍ପ କୃଷି ଉଦ୍ୟୋଗ ଯୋଜନାରେ ସାମିଲ କରାଯାଇଥିଲା। ସେହିପରି ଯୋଜନାକୁ ବ୍ୟାପକ କରିବା ପାଇଁ ଟ୍ରାନ୍ସଜେଣ୍ଡରମାନଙ୍କୁ ଏଥିରେ ସାମିଲ କରାଯାଇଛି ଏବଂ ୫୦ ପ୍ରତିଶତ ପର୍ଯ୍ୟନ୍ତ ପୁଂଜିନିବେଶ ସବ୍‌ସିଡି ରାଶି ପାଇବା ନିମନ୍ତେ ସେମାନେ ଯୋଗ୍ୟ ବିବେଚିତ ହେବେ। ରାଜ୍ୟରେ କୃଷି ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ଏବଂ ବିପୁଳ କର୍ମସଂସ୍ଥାନ ସୃଷ୍ଟି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହା ଦ୍ୱାରା ରାଜ୍ୟରେ କୃଷି ଏବଂ ଆନୁଷଙ୍ଗିକ କୃଷି ସହିତ ଜଡ଼ିତ କୃଷକମାନଙ୍କର ଆୟବୃଦ୍ଧି ଘଟିବା ସହିତ ଗ୍ରାମାଂଚଳରେ କର୍ମନିଯୁକ୍ତି ସୃଷ୍ଟି ହୋଇପାରୁଛି। ଏହି ସଂଶୋଧିତ ମାର୍ଗଦର୍ଶିକା ୨୦୨୩ ମସିହା ଅପ୍ରେଲ ୧ ତାରିଖଠାରୁ ଅନ୍ ଲାଇନ୍ ରେ ଆବେଦନ କରିଥିବା ଉଦ୍ୟୋଗୀଙ୍କ ନିମନ୍ତେ ଲାଗୁ କରାଯାଇଛି।

# ମୋ ସେବା କେନ୍ଦ୍ର ସଂଖ୍ୟା ୮୦୦୦କୁ ବୃଦ୍ଧି ପାଇବ

ଭୁବନେଶ୍ୱର(ପିପିଏସ୍):ମୋ ସେବା କେନ୍ଦ୍ର ଜରିଆରେ ସରକାରୀ ସେବା ନାଗରିକଙ୍କ ଘର ପାଖରେ ଉପଲବ୍ଧ ହୋଇପାରିଛି। ଏଯାବତ୍ ରାଜ୍ୟରେ ୬,୯୦୦ ରୁ ଅଧିକ ମୋ ସେବା କେନ୍ଦ୍ର ସ୍ଥାପିତ ହୋଇସାରିଛି ଏବଂ ନିକଟ ଭବିଷ୍ୟତରେ ଏହି ସଂଖ୍ୟା ୮,୦୦୦ କୁ ଅଧିକ ବୃଦ୍ଧି ପାଇବ। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଆଗାମୀ ପଦକ୍ଷେପ ଓଡିଶାର ରୂପାନ୍ତରୀକରଣକୁ ଆହୁରି ଅନୁକୂଳ କରିବ। ସେହିପରି ସୁନ୍ଦରଗଡ ଏବଂ ଜୟପୁରରେ ଜିଲ୍ଲା ଡାଟା କେନ୍ଦ୍ର ସ୍ଥାପନ ପାଇଁ ଯୋଜନା କରାଯାଇଛି। ପୁରୀ ଠାରେ ଏକ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ପ୍ରତିଷ୍ଠା ହେବାକୁ ଯାଉଛି। ସେମିକଣ୍ଡକ୍ଟର ଡିଜାଇନ୍ କରୁଥିବା ଷ୍ଟାର୍ଟ ଅପ୍ ଏବଂ ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଓ-ଚିପ୍ କାର୍ଯ୍ୟକ୍ରମ ● ପୃଷ୍ଠା-୪

## ପୋଲ ଭୁଶୁଡ଼ି ନାବାଳିକା ଗୁରୁତର ହେବା ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ



କଟକ: ପୁରୀଘାଟ ଥାନା ଅନ୍ତର୍ଗତ କେଶରପୁର ନିକଟରେ ଆଜି ଅପରାହ୍ଣ ସମୟରେ ପୋଲ ଭୁଶୁଡ଼ିବା କାରଣରୁ ଗୁରୁତର ହୋଇଥିବା ନାବାଳିକାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ନାବାଳିକା ହେଲେ କେଶପୁର ନୂଆ ରାଉସପାଟଣା ଅଞ୍ଚଳର ମୋହିନୀ ଦାସ (୧୭)। ସେ ଇମର୍ତ୍ତି ଦେବୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୨ର ଛାତ୍ରୀ ଥିଲେ। ସୂଚନା ଅନୁସାରେ ଆଜି ଅପରାହ୍ଣରେ ନାବାଳିକା ଜଣକ ପାଇପ୍ ଡେଇଁ ପୋଲ ଉପରକୁ ଯାଉଥିଲେ। ଏହି ସମୟରେ ବକ୍ସ ଡ୍ରେନ୍ ଉପରେ ଯାଇଥିବା ପୁରୁଣା ଲୁହା ପୋଲ ଭୁଶୁଡ଼ି ପଡ଼ିବାରୁ ଏହି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ସେ ପୋଲ ଓ କଡ଼ରେ ଥିବା ଲୁହା ପାଇପ୍‌ରେ ଚାପି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଭାବେ ପ୍ରଥମେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଅଶ୍ୱିନୀ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ତାଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଘଟଣା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଜାଇକା କିମ୍ବା ଅନୁରୋଧ କୌଣସି କର୍ତ୍ତୃପକ୍ଷ ପହଂଚି ନଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରିବାରେ ବିଫଳ ହୋଇଥିଲେ। କ୍ରେନ ସାହାଯ୍ୟରେ ପାଇପ ତାଡ଼ିବ ପରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରଶାସନ ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

**ସମ୍ପାଦକୀୟ**
ଯୁଦ୍ଧ ଓ ମାନ୍ଦାବସ୍ଥା

**ବାଟେଘାଟେ**



ଧନ୍ୟ ଧନ୍ୟ ବାହୁବଳି ଯୁବନେତା
ହେ ଯାଜପୁରର ଟୋକା
ଶଙ୍ଖ ଦଳର ପୁରୁଖା ନେତାଙ୍କୁ
ମାରିଲ ତଣ୍ଟିଆ ଧକ୍କା
ଅଣ୍ଡିରିପୁଅଟେ ଏକା
ତୁମ ଧକ୍କା ଖାଇ ସାରଦା ନାୟକ
ମାରିଲେ ଛକା ଚୌକା
ମନ୍ତ୍ରୀ ହୋଇ ଗଲେ ଏକା
ରବି ନନ୍ଦ ଆଉ ଅଶୋକ ବଳଟି
ଭାଗ୍ୟଟି କିବା ପୋକା
ଜୁଟିଲା ନାହିଁ ମଉକା।
-ରାହୀ

# ଖଣି ଚୋରି ଯୋଗୁଁ ଶହ ଶହ କୋଟିର ରାଜସ୍ୱ ହାନି : ପଙ୍ଗୁ ପାଲଟିଛି ଏନଫୋସମେଣ୍ଟ ସ୍କ୍ୱାର୍ଡ଼

କେନ୍ଦୁଝର: ରାଜ୍ୟସ୍ତରରେ ଖଣି ଚୋରୀ ରୋକିବା ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ରହିଛି। ସ୍କ୍ୱାର୍ଡ ଅଧିନରେ ଦୁଇ ଜଣ ଖଣି ଉପ ନିର୍ଦ୍ଦେଶକ ରହିଥିଲେ ମଧ୍ୟ ତାଙ୍କ ଅଧିନରେ ଥିବା ୨ଜଣ ଜୁନିୟର ମାଇନିଂ ଅଫିସରଙ୍କୁ ହଠାତ୍ ବଦଳି କରିଦିଆଯିବା ଫଳରେ ଏହା ଏକ ପ୍ରକାର ପଙ୍ଗୁ ଅବସ୍ଥାକୁ ଚାଲିଆସିଛି। ଫଳରେ ଏହା ପୂର୍ବପରି କାମ କରୁନଥିବାରୁ ଯୋଡା ଖଣି ମଣ୍ଡଳେର ବେଧଡକ ଖଣି ଚୋରୀ ସହ ଗ୍ରେଡ ହେରଫେର ଚାଲିଛି। ଯେଉଁଥିପାଇଁ ସରକାରଙ୍କ ବ୍ୟାପକ ରାଜସ୍ୱହାନୀ ହେବା ସହ କେତେକ ଲିଜ୍‌ଧାରୀ ଲାଭବାନ ହେଉଛନ୍ତି। ଏହାର ପ୍ରଭାବ ଗତ ବର୍ଷ ଖଣି ରାଜସ୍ୱ ଆଦାୟରେ ମଧ୍ୟ ପଡିଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟରେ ଖଣି ରାଜସ୍ୱ ବାବଦରେ ୪୯ହଜାର କୋଟି ଟଙ୍କା ଆଦାୟ ହୋଇଥିବାବେଳେ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ୫୦ହଜାର କୋଟି ଟଙ୍କା ଟାର୍ଗେଟ ସତ୍ତ୍ୱେ ୩୭ହଜାର ୧୭୪ କୋଟି ଟଙ୍କା ଆଦାୟ ହୋଇଛି। ଅର୍ଥାତ ଧାର୍ଯ୍ୟଲକ୍ଷ୍ୟ ଠାରୁ ୧୨ହଜାର୮୨୬କୋଟି ଟଙ୍କା କମ୍ ରାଜସ୍ୱ ଆଦାୟ ହୋଇଛି। ସେହିପରି ଯୋଡା ସର୍କଲରେ ୨୪ହଜାର ୮୭୨କୋଟି ଟଙ୍କା ଟାର୍ଗେଟ ଥିବାବେଳେ ୧୬ହଜାର ୮୬୪କୋଟି ଟଙ୍କା ଆଦାୟ ହୋଇଛି। ଧାର୍ଯ୍ୟ ଲକ୍ଷ୍ୟ ଠାରୁ ୮୦୦୮କୋଟି ଟଙ୍କା କମ୍ ରାଜସ୍ୱ ଆଦାୟ ହୋଇଛି। ଖଣି ଚୋରୀ ରୋକିବା ପାଇଁ ଖଣି ବିଭାଗ ପକ୍ଷରୁ ଦୃଢ ପଦକ୍ଷେପ ନିଆଯାଉ ନଥିବାରୁ ଚୋରୀ ପୂର୍ବପରି ଜାରୀ ରହିଛି ବୋଲି ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସେଚତକ ମୋହନ ଚରଣ ମାଝୀ ଅଭିଯୋଗ କରିଛନ୍ତି। ଖଣି ବିଭାଗର କେତେକ ଅସାଧୁ ଅଧିକାରୀଙ୍କ ସଲାସୁତୁରାରେ ଖଣି ଚୋରୀ ଚାଲିଛି। ଧରପଗଡ ଲୋକ ଦେଖାଣିଆ ହେଉଥିବାରୁ ଚୋରୀ ରୋକା ଯାଇପାରୁନାହିଁ। ପ୍ରକାଶ ଯେ, ଖଣି ମହାଦୁର୍ନୀତି ପରେ ସରକାର ଖଣି ଚୋରୀ ରୋକିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ ପରେ ବି ତାହା ବିଶେଷ ସଫଳ ହୋଇ ପାରୁନାହିଁ। ଖଣି ନିଲାମ ପୂର୍ବରୁ ଯେଉଁ ଖଣିରେ ଉଚ୍ଚମାନର ଲୁହାପଥର ଏବଂ ମାଙ୍ଗାନିଜ ଥିଲା ଏବେ ସେହି ଖଣିରୁ ବାହାରୁ ଥିବା ଖଣିଜ ପଥର କମ ଗ୍ରେଡର କିପରି ହେଲା ବୋଲି ପ୍ରଶ୍ନ ଉଠିଛି। ନୟାଗଡ ଖେସରା ଜଙ୍ଗଲ, ପୀଢପୋଖରୀ ଖେସରା ଜଙ୍ଗଲ, ମଳଦା ଖେସରା ଜଙ୍ଗଲ, ମାଲାଙ୍ଗଟୋଲୀ ଖେସରା ଜଙ୍ଗଲରୁ ବ୍ୟାପକ ପରିମାଣର ଲୁହାପଥର ଏବଂ ମାଙ୍ଗାନିଜ ଚୋରୀ ହେଉଛି। ୨୦୨୦ଏବଂ ୨୦୨୧ ବର୍ଷର୍ରେ ଖଣି ଓ ବନ ବିଭାଗକୁ ବେଶ ସଫଳତା ମିଳିଥିବାବେଳେ ୨୦୨୨ରେ କମ ସଂଖ୍ୟକ ଗାଡି ଜବତ୍ ହୋଇଛି। ସେହିପରି ଖଣିରୁ ଲୁହାପଥର ମାନ ନିର୍ଦ୍ଧାରଣ ସଠିକ୍ ଭାବରେ ହେଉନଥିବାରୁ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଛି। ଗୋଟିଏ ଷ୍ଟାକରୁ ପରମିଶନ ହୋଇ ଅନ୍ୟ ଗୋଟିଏ ଷ୍ଟାକରୁ ଚାଲାଣ କରାଯାଉଛି। ରାଜ୍ୟସ୍ତରୀୟ ଏନେଫାର୍ସମେଣ୍ଟ ସ୍କ୍ୱାର୍ଡ ଖଣି ଚୋରୀ ରୋକିବା ପାଇଁ ଥିଲେ ମଧ୍ୟ ଆଶାନୁରୂପ ସଫଳ ହେଉନାହିଁ। କାଁଭାଁ ଚଢାଉ ଓ ଅଳ୍ପ କିଛି ଟଙ୍କା ଜରିମାନା ବ୍ୟତିତ ଲିଜ୍‌ଧାରୀଙ୍କ ବିରୁଦ୍ଧେର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଉନାହିଁ।

ଷ୍ଟକ ଯାଂଚ ଠିକ୍ ଭାବରେ ହେଉନଥିବାରୁ ଖଣି ଚୋରୀ ଏବଂ ଗ୍ରେଡ ହେରଫେର ପର୍ଦ୍ଦାଫାଶ ହୋଇପାରୁନାହିଁ। ରାଜ୍ୟସ୍ତରୀୟ ସ୍କ୍ୱାର୍ଡ ଯାଂଚ କରିବାକୁ ଆସିବା ପୂର୍ବରୁ ଲିଜ୍‌ଧାରୀଙ୍କୁ ସୂଚନା ମିଳିଯାଉଛି। ସେହିପରି ଲୁହାପଥର ରାସ୍ତା ରେଳ ତଥା ସ୍ଲରି ପାଇପରେ ପରିବହନ ହେଉଥିଲେ ହେଁ ସଠିକ୍ ଯାଂଚ କରାଯାଇ ପାରୁନଥିବାରୁ କେତେ ପରିମାଣର କେଉଁ ଗ୍ରେଡର ଲୁହାପଥର ଚାଲାଣ ହେଲା ତାହାର ସଠିକ୍ ସୂଚନା ମିଳି ପାରୁନାହିଁ। ଓଜନରେ ଠକେଇ ହେଉଥିବାରୁ ସରକାରଙ୍କ ରାଜସ୍ୱ କ୍ଷତି ହେଉଛି। ଖଣି ଚୋରା କାରବାର ରୋକିବାକୁ ଗୁରୁତ୍ୱ ଦେବା ବଦଳରେ ଖଣି ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କମ୍ପାନୀ ମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି। ଏଣୁ କମ୍ପାନୀମାନଙ୍କ ବିରୁଦ୍ଧରେ କୋହଳ ନୀତି ଅବଲମ୍ବନ କରୁଛି। ଖଣି ବିଭାଗର ଅଧିକାରୀ ନିଯୁକ୍ତି ନ କରି ଓଏମ୍‌ସିରୁ ଡେପୁଟେସନରେ ୬ଜଣ ଜୁନିୟର ମାଇନିଂ ଅଫିସର ପଠାଯାଇଥିବାରୁ ସଠିକ୍ ତଦାରଖ ହୋଇପାରୁନାହିଁ। ଏହି କର୍ମଚାରୀମାନେ ଖଣି ମନ୍ତ୍ରୀଙ୍କ ଜିଲା ଅଂଚଳର ବୋଲି ଆଲୋଚନା ହେଉଥିବାବେଳେ ସେମାନଙ୍କୁ ଜଗିବାକୁ ବା ତାଗିଦ୍ କରିବାକୁ କାହାର ସାହସ ହେଉନାହିଁ।

# ପାରିବାରିକ କଳହରୁ ସ୍ତ୍ରୀକୁ ହତ୍ୟା କରି ନିଜେ ଆତ୍ମହତ୍ୟା କଲା ସ୍ୱାମୀ

ଧାମନଗର(ପିପିଏସ୍): ଭଦ୍ରକ ଜିଲାର ଧାମନଗର ଥାନା ନିକଟ ମୁଲଣାସାହିର ଭାସ୍କର ସାମଲ ନାମକ ଜଣେ ଯୁବକ ଗତକାଲି ବିଳମ୍ବିତ ରାତିରେ ନିଜ ପତ୍ନୀ ସସ୍ମିତାର ଗଳାକାଟି ହତ୍ୟା କରିବା ପରେ ନିଜେ ଘର ପାଖ ବିଲକୁ ଯାଇ ସେଠାରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିବା ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଭୋର ସମୟରେ ଗାଁ ଲୋକେ ପଦାକୁ ଆସିବା ପରେ ଗଛରେ ଭାସ୍କରଙ୍କର ମୃତଦେହ ଝୁଲୁଥିବାର ଦେଖି ତାଙ୍କ ଘରଲୋକଙ୍କୁ ଖବର ଦେଇଥିଲେ। ଘର ପାଖକୁ ଆସି ଲୋକେ ଭାସ୍କରଙ୍କ ପତ୍ନୀ ସସ୍ମିତାର ରକ୍ତ ଜୁବୁବୁବୁ ମୃତଦେହ ପଡିଥିବାର ଦେଖିଥିଲେ। ତାଙ୍କ ବେକ କୌଣସି ଧାରୁଆ ଅସ୍ତ୍ରରେ କଟାଯାଇଥିଲା। ଛାତି ଓ ହାତରେ ଗଭୀର କ୍ଷତ ହୋଇଥିବାବେଳେ ମୃତଦେହ ପାଖରେ ରକ୍ତଲଗା ଏକ ଧାରୁଆ ଅସ୍ତ୍ର ପଡିଥିଲା। ଏଥିରୁ ଅନୁମାନ କରାଯାଇଥିଲା ଯେ ସସ୍ମିତାଙ୍କୁ ହତ୍ୟା କରାଯାଇଛି। ଏହି ସମୟରେ ଭାସ୍କରଙ୍କ ଫେସବୁକ୍ ବନ୍ଧୁମାନେ ଘଟଣା ସଂପର୍କରେ ଅଧିକ ତଥ୍ୟ ପାଇଥିଲେ। ରାତି ପ୍ରାୟ ୩ଟାରୁ ୩.୩୦ ମିନିଟ୍ ମଧ୍ୟରେ ଭାସ୍କର ଫେସବୁକ୍‌ରେ ନିଜର ଭିଡିଓ ଲାଇଭ୍ କରିଛନ୍ତି। ଏଥିରେ ସେ ଗୋଟିଏ ରଶି ଧରି ଗଛ ଉପରେ ଚଢିଥିବାର ଦେଖିବାକୁ ମିଳିଥିଲା। ସେହି ଭିଡିଓରେ ସେ ଅନେକ କଥା କହୁଥିଲେ। ପରେ ତାଙ୍କ ପତ୍ନୀଙ୍କୁ ହତ୍ୟା କରିଥିବାର ମଧ୍ୟ ସ୍ୱୀକାର କରିଥିଲେ। ସେ ବଂଚିବାକୁ ଇଚ୍ଛା ରଖିନାହାଁନ୍ତି। ତାଙ୍କ ପିଲାର ଦାୟିତ୍ୱ ଜଣେ ସଂପର୍କୀୟଙ୍କୁ ଦେଉଥିବା ବିଷୟ ସେ ଏହି ଲାଇଭ୍ ଭିଡିଓରେ କହିଛନ୍ତି। ଭାସ୍କରଙ୍କ ଏହି ଲାଇଭ୍ ଭିଡିଓରୁ ଲୋକେ ଅନୁମାନ କରୁଛନ୍ତି ଯେ ପତ୍ନୀ ସସ୍ମିତାଙ୍କୁ ସେ ହତ୍ୟା କରିବା ପରେ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ● ପୃଷ୍ଠା-୪




# ନାଚୁ ନାଚୁ ଟଳି ପଡ଼ିଲେ ବ୍ୟକ୍ତି

ଖୁସିରେ ଝୁମୁଥିଲା ପୂରା ପରିବେଶ । ବିବାହ ସମାରୋହରେ ଆୟୋଜିତ ହୋଇଥିଲା ଗ୍ରାଣ୍ଡ ପାର୍ଟି । ଗୀତର ତାଳେ ତାଳେ ନାଚୁଥିଲେ ପିଲାଠୁ ବଡ଼ ସମସ୍ତେ । ମାତ୍ର ଖୁସିର ମାହୋଲରେ ହଠାତ୍ ଛାଇଗଲା ନୀରବତା । କାନ୍ଦ ବୋବାଳିରେ ଫାଟି ପଡ଼ିଲା ପରିବେଶ । ନାଚରେ ମାତିଥିବା ଜଣେ ବୟସ୍କ ବ୍ୟକ୍ତି ହଠାତ୍ ଟଳି ପଡ଼ିଲେ । ଏହାପରେ ପରୀକ୍ଷା କରିବାରୁ ତାଙ୍କର ମୃତ୍ୟୁ ହୋଇ ଯାଇଥିବା ଜଣାପଡ଼ିଲା । ଫଳରେ ଖୁସିର କୋଳାହଳରେ ଫାଟି ପଡୁଥିବା ପରିବେଶରେ ସଙ୍ଗେ ସଙ୍ଗେ ଘୋଟିଗଲା ଦୁଃଖର କଳା ବାଦଲ । ଏହି ଘଟଣା କେଉଁଠି ହୋଇଛି ଜଣାପଡ଼ି ନ ଥିବା ବେଳେ ଏହି ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ଆପଣ ଦେଖିପାରିବେ ଯେ ବିବାହ କାର୍ଯ୍ୟ ଚାଲିଛି ଏବଂ କିଛି ଲୋକ ଡ୍ୟାନ୍ସ ଫ୍ଲୋରରେ ନାଚୁଛନ୍ତି । କିଛି ମହିଳାଙ୍କ ସହ ବ୍ୟକ୍ତିଜଣକ ବି ଡ୍ୟାନ୍ସ ଫ୍ଲୋରରେ ଗୀତର ତାଳେତାଳେ ନାଚୁଥିଲେ । ବ୍ୟକ୍ତିଜଣକ ବେଶ୍ ଖୁସି ଜଣା ପଡୁଥିବା ବେଳେ ରାଜେଶ ଖାନ୍ନାଙ୍କ ହିଟ୍ ? ଗୀତ 'ବଦାନ ପେ ସୀତାରେ ଲପେଟେ ହୁଏ' ଗୀତର ତାଳେ ତାଳେ ନାଚଥିଲେ । କିଛି ସମୟ ନାଚିବା ପରେ ବେଳେ ହଠାତ୍ ଅସ୍ୱସ୍ତିକର ଅନୁଭବ କରିବାରୁ ବ୍ୟକ୍ତିଜଣକ ବସି ପଡ଼ିଥିଲେ । ଏହାପରେ ଚାହୁଁ ଚାହୁଁ ସେ ସେହିଠାରେ ହିଁ ଟଳି ପଡ଼ିଲେ । ନିକଟ ସମ୍ପର୍କୀୟ ତାଙ୍କୁ ତୁରନ୍ତ ମେଡିକାଲ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଭିଡିଓ ସାମ୍ନାକୁ ଆସିବା ପରେ ଲୋକମାନେ ଏହା ଉପରେ ନିଜର ପ୍ରତିକ୍ରିୟା ଦେବା ଆରମ୍ଭ କରିଛନ୍ତି । ଭିଡିଓ ଉପରେ ମନ୍ତବ୍ୟ ଦେଇ ଜଣେ ସୋଶାଲ ମିଡିଆ ବ୍ୟବହାରକାରୀ ଲେଖିଛନ୍ତି, "ଖୁବ୍ କମ୍ ଲୋକ ଏହିପରି ହସି ହସି ଚାଲି ଯାଇଥାନ୍ତି, ସେମାନେ ପ୍ରକୃତରେ ଭାଗ୍ୟବାନ " । ଅନ୍ୟ ଜଣେ ଉପଭୋକ୍ତା ଲେଖିଛନ୍ତି, "ଯାହା ଘଟିଲା ତାହା ଅତ୍ୟନ୍ତ ଖରାପ ଅଟେ । ବ୍ୟକ୍ତିଜଣକ ଖୁବ୍‌ଉ ପଭୋଗ କରୁଥିଲେ, ହେଲେ ସହିପାରିଲେନି ଭଗବାନ" ।

# ଆମ୍ବ ଖାଉଥିଲେ ସାବଧାନ

ଆମ୍ବକୁ କୁହାଯାଏ ଫଳ ଭିତରେ ରାଜା । ଆଉ ଏବେ ଚାଲିଛି ଆମ୍ବ ଋତୁ । ବଜାରରେ ଭଳି କି ଭଳି ଆମ୍ବର ପସରା ମେଲିଛି । ଆମ୍ବରେ ପ୍ରଚୁର ମାତ୍ରାରେ ପୋଷକ ତତ୍ତ୍ୱ ରହିଛି । ଭିଟାମିନ ଏ, ବି, ସି, ଓ ଇ ସହ ପୋଟାସିଆମ, ମାଗ୍ନେସିଅମ ଓ ଫାଇଭର ଅଛି । ତେବେ ଏହି ଆମ୍ବ ପାଟିକୁ ଯେତିକି ସୁଆଦିଆ ଲାଗେ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ହାନୀକାରକ ହୋଇପାରେ । ଆବଶ୍ୟକତା ଠାରୁ ଅଧିକ ମାତ୍ରାରେ ଆମ୍ବ ଖାଇଲେ ଆପଣ ଅସୁବିଧା ଭୋଗିପାରନ୍ତି । ତେଣୁ ଏଥିପ୍ରତି ସାବଧାନ ରହିବା ଉଚିତ । ଯେଉଁମାନେ ଡାଇବେଟିସ ବା ମଧୁମେହ ରୋଗୀ, ସେମାନେ ସୀମିତ ମାତ୍ରାରେ ଆମ୍ବ ଖାଇବା ଉଚିତ । ଆମ୍ବରେ ପ୍ରାକୃତିକ ରୂପେ ଚିନି ରହିଛି । ଏହାକୁ ଅତ୍ୟଧିକ ଖାଇବା ଦ୍ୱାରା ରକ୍ତରେ ସୁଗାର ସ୍ତର ବଢ଼ିଯାଏ । ଫଳରେ ଆପଣଙ୍କୁ ସମସ୍ୟା ଭୋଗିବାକୁ ପଡ଼ିପାରେ । ଆମ୍ବରେ ଅତ୍ୟଧିକ କ୍ୟାଲୋରୀ ରହିଛି । ଏହାକୁ ଅତ୍ୟଧିକ ମାତ୍ରାରେ ଖାଇବା ଦ୍ୱାରା ଓଜନ ବଢ଼ିବା ସମ୍ଭାବନା ଥାଏ । ଯେଉଁମାନେ ନିଜ ଓଜନ କମ୍ କରିବାକୁ ଚାହୁଁଛନ୍ତି, ସେମାନେ ଆମ୍ବ ଠାରୁ ଦୂରେଇ ରହିବା ଉଚିତ । ଆମ୍ବ ଦେହକୁ ଗରମ ରଖିଥାଏ । ଖରାଦିନେ ଅଧିକ ମାତ୍ରାରେ ଆମ୍ବ ଖାଇବା ଦ୍ୱାରା ଶରୀରରେ ଗରମର ମାତ୍ରା ମଧ୍ୟ ବଢ଼ିଯାଏ । ଏଥିଯୋଗୁ ତ୍ୱଚାରେ ଗରମ ଘା' ଓ ମୁହଁରେ ବ୍ରଣ ସମସ୍ୟା ସୃଷ୍ଟି ହୁଏ । ତେଣୁ ଗରମ ଦିନେ ଆମ୍ବକୁ ସୀମିତ ରୂପେ ଖାଇବା ଉଚିତ ।

# ଜୀବନରେ ଯୌନ ସମ୍ପର୍କ କାହିଁକି ଆବଶ୍ୟକ ?

ନିଜର ଜୀବନରେ ଶାନ୍ତି, ଦୃଢ଼ତା ବୃଦ୍ଧି କରିବା ଏବଂ କର୍କଟ, ହୃଦ ରୋଗ ଏବଂ ଅନ୍ୟାନ୍ୟ ସାସ୍ଥ୍ୟ ପ୍ରତି ବିପଦକୁ କାଟିବାକୁ ଚାହୁଁଛ କି ? ତେବେ ଏସବୁର ଆପଣଙ୍କ ଯାଦୁ ବଟିକା ଭିତରେ ନାହିଁ – ଏହା ତୁମର ନିଜ ଉପରେ ନିର୍ଭର କରେ ତାହା ଠିକ୍ । ଟିକିଏ ଭଲପାଇବା ଅନେକ ଆଶ୍ଚର୍ଯ୍ୟଜନକ ଉପାୟରେ ଆପଣଙ୍କର ସାମଗ୍ରିକ ଜୀବନ ସୁଖମୟ ହୋଇପାରେ । ବିଭିନ୍ନ ରିପୋର୍ଟରୁ ପ୍ରକାଶ ଯେ, ସେକ୍ସର ଅନେକ ଉପକାର ରହିଛି । ସେକ୍ସ ଥେରାପିଷ୍ଟ ତଥା ପାରିବାରିକ ସମ୍ପର୍କ ତଥା ମାନବ ଯୌନ ସମ୍ପର୍କର ପ୍ରଫେସର ସାନ୍ଦ୍ରା ଏଲ୍ କାରୋନ୍ କୁହନ୍ତି, "ସେମାନଙ୍କ ମଧ୍ୟରୁ ଅଧିକାଂଶ ଅର୍ଗାଜିମ୍ ହାସଲ କରିବା ସହିତ ଜଡିତ । ସେହି ଲୋକମାନଙ୍କ ପାଇଁ ଏହା ଏକ ଚିତ୍ତାକର୍ଷକ ଯଯୌନ ଟିପ୍ସ, ଯେଉଁମାନଙ୍କର ପ୍ରତିବଦ୍ଧ ସାଥୀ ନାହିଁ: ଆମ୍-ପ୍ରସନ୍ନତା ସେକ୍ସ ପ୍ରଦାନ କରିପାରିବ, ବିଶେଷତ ଏହା ଏକ ଉତ୍ତମ ଅର୍ଗାଜିମ୍ ସହିତ ଜଡିତ । ତେବେ ଜଣାନ୍ତୁ ସେକ୍ସର ଉପକାର ଗୁଡିକ ବିଷୟରେ । ୧. ହୃଦୟର ସାସ୍ଥ୍ୟରେ ଉନ୍ନତି – ଯେକୋଣସି ଶାରୀରିକ କାର୍ଯ୍ୟକଳାପ ପରି, ସୁସ୍ଥ ଯୌନ ସମ୍ପର୍କ ଆପଣଙ୍କ ହୃଦୟ ପାଇଁ ଭଲ । ଆମେରିକୀୟ ଜର୍ଣ୍ଣାଲ ଅଫ୍ କାର୍ଡିଓଲୋଜିରେ ଜାନୁଆରୀ ୨୦୧୫ ରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ ଯେଉଁ ପୁରୁଷମାନେ ସାପ୍ତାହିକ ଦୁଇଥର କିମ୍ବା ଅଧିକରୁ ଅଧିକ ଯୌନ ସମ୍ପର୍କ ରଖନ୍ତି, ସେମାନଙ୍କ ମଧ୍ୟରେ ଷ୍ଟ୍ରୋକ୍ କିମ୍ବା ହୃଦଘାତ ଭଳି ହୃଦଘାତର ଆଶଙ୍କା କମ୍ ଥାଏ । ୨. ତୁସ୍ରାବରୁ ଯନ୍ତ୍ରଣାରୁ ଉପଶମ: ନିଜର ସାଥୀକୁ ଦେଖିବା – କିମ୍ବା ଆପଣଙ୍କ ସାଥୀଙ୍କ ଫଟୋ ଦେଖିବା ଦ୍ୱାରା ଯନ୍ତ୍ରଣାକୁ ଦୂର କରିବାରେ ସାହାଯ୍ୟ କରିଥାଏ । ୩. ମାନସିକ ଚାପ ଏବଂ ନିମ୍ନ ରକ୍ତଚାପ ନିଆୟନ୍ତ୍ରଣା ହୁଏ: ସେକ୍ସ ଏଣ୍ଡୋରଫିନ୍ ଏବଂ ଅନ୍ୟାନ୍ୟ ହରମୋନ୍ ବଢ଼ାଇ ଚାପରୁ ମୁକ୍ତି ଦେଇଥାଏ ଯାହା ମନୋବଳକୁ ବଢ଼ିଥାଏ । ବ୍ୟାୟାମର ଏକ ରୂପ ଭାବରେ, ଏହା ଆପଣଙ୍କୁ ଶାନ୍ତ କରିବାରେ ମଧ ସାହାଯ୍ୟ କରିଥାଏ । ୪. କର୍କଟ ରୋଗର ସମ୍ଭାବ୍ୟ ହ୍ରାସ: ୟୁରୋପୀୟ ୟୁରୋଲୋଜି ପତ୍ରିକାରେ ଡିସେମ୍ବର ୨୦୧୬ ରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ ଯେଉଁ ପୁରୁଷମାନେ ମାସକୁ ୨୧ ରୁ ଅଧିକ ଥର ନାଇଟ ଫଲର ସାମ୍ନା କରନ୍ତି ଏବଂ ଯେଉଁମାନେ ମାସିକ ଚାରିରୁ ସାତଥର ସାମ୍ନା କରନ୍ତି, ସେମାନଙ୍କ ତୁଳନାରେ ପ୍ରୋଷ୍ଟେଟ କର୍କଟ ହେବାର ସମ୍ଭାବନା ୨୦ ପ୍ରତିଶତ କମ୍ ଥାଏ । ଏହି ଲିଙ୍କକୁ ନିଶ୍ଚିତ କରିବା ପାଇଁ ଅଧିକ ଗବେଷଣା ଆବଶ୍ୟକ କରୁଥିବାବେଳେ, ଏହା ଦେଖାଯାଏ ଯେ, ଯେଉଁମାନେ ନିୟମିତ ଭାବେ ନାଇଟ ଫଲର ସାମ୍ନା କରନ୍ତି, ସେମାନେ ପ୍ରୋଷ୍ଟେଟ କ୍ୟାନସରର ଆଶଙ୍କା କମାଇ ପାରନ୍ତି । ୫. ଭଲ ନିଦ: ନ୍ୟାସନାଲ୍ ଶୋଇବା ଫାଉଣ୍ଡେସନ୍ ଅନୁଯାୟୀ, ସେକ୍ସ ଅର୍ଗାଜିମ୍ ପ୍ରୋଲାକ୍ଟିନ୍ ହରମୋନ୍ ମୁକ୍ତ କରିଥାଏ, ଯାହା ଆପଣଙ୍କୁ ନିଦ୍ରା ଏବଂ ଆରାମଦାୟକ ଅନୁଭବ କରିବାରେ ସାହାଯ୍ୟ କରିଥାଏ । ଅନୁସନ୍ଧାନକାରୀମାନେ ଆବିଷ୍କାର କରିଛନ୍ତି ଯେ ଯେତେବେଳେ ମହିଳାମାନେ ଅଧିକ ସମୟ ଶୋଇଥା'ନ୍ତି, ସେମାନେ ପରଦିନ ଅଧିକ ସେକ୍ସ ପାଇଁ ଇଚ୍ଛା ପ୍ରକାଶ କରିଥିଲ । ୬. ସୁଖମୟ ମନୋବୃତ୍ତି ଏବଂ ଏକ ଶକ୍ତିଶାଳୀ ସମ୍ପର୍କ; ଏହା କୌଣସି ଆଶ୍ଚର୍ଯ୍ୟର ବିଷୟ ଯେ ଆପଣ ଯୌନ ସମ୍ପର୍କ ପରେ ଅଧିକ ସକରାତ୍ମକ ଦୃଷ୍ଟିକୋଣ ପାଇଥାନ୍ତି ଏବଂ ପାରିବାରିକ ସମ୍ପର୍କ ସୁଦୃଢ ହୋଇଥାଏ । ୭. ଉଜ୍ଜ୍ୱଳ ଦେଖାଯିବ ସ୍କିନ: ସେହି ଚମତ୍କାର "ସକାଳ ପରେ" ଚମକିବା ଏହା କେବଳ ତୁମର କଳ୍ପନା ନୁହେଁ; ଶାରୀରିକ ସମ୍ପର୍କ ରଖିବା ପରେ ତୁମେ ପ୍ରକୃତରେ ଭଲ ଦେଖାଯାଇଥାଅ । କାରନ୍ କୁହନ୍ତି, "ଯୌନ ସମ୍ପର୍କ ଚାପରୁ ମୁକ୍ତି, ଉତ୍ତମ ମନୋବଳ ଏବଂ ଆପଣଙ୍କ ଚର୍ମ ତଳେ ରକ୍ତ ପ୍ରବାହର ମିଶ୍ରଣ ସହିତ ଦାୟୀ କରାଯାଇପାରେ ଯାହା ଉତ୍ତେଜନା ପ୍ରକ୍ରିୟାର ଏକ ପ୍ରାକୃତିକ ଅଂଶ । ଏକ ସୁସ୍ଥ ଯୌନ ଜୀବନ ଉପଭୋଗ କରିବା ଜୀବନର ଏକ ବଡ଼ ଆନନ୍ଦ । ଅନ୍ତରଙ୍ଗତା ଜାଣିବା ଆପଣଙ୍କ ଦୀର୍ଘମିଆଦି ସାସ୍ଥ୍ୟ ପାଇଁ ଏକ ଉତ୍ସାହ ହୋଇପାରେ ଏବଂ ଏହାକୁ ଅଧିକ ଆନନ୍ଦଦାୟକ ମଧ କରିପାରେ ।

# ଆଜିର ରାଶିଫଳ

### ମେଷ
ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣି ଅତୁଟ ରହିବ । ପରୀକ୍ଷା, ପ୍ରତିଯୋଗିତା, ସାକ୍ଷାତକାରରେ ବିଜୟୀ ହେବେ । ବାଣିଜ୍ୟ କ୍ଷେତ୍ରରେ ଉଚିତ ପନ୍ଥା ଗ୍ରହଣ କରିବେ ।

### ବୃଷ
ସନ୍ତାନଙ୍କ ଉନ୍ନତିରେ ଖୁସି ହେବେ । ଭାତୃ ବିବାଦ, ଜମିବାଡ଼ି ଓ ଘର ଜାଗା ନେଇ ଥିବା ଦ୍ୱନ୍ଦ୍ୱର ସମାଧାନ ହୋଇପାରେ । କର୍ମକ୍ଷେତ୍ରରେ ସମୟଗୁଡ଼ିକ ହସଖୁସିରେ ବିତିବ ।

### ମିଥୁନ
ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ । କର୍ମକ୍ଷେତ୍ରରେ ଅନେକ ଦିନର ଅଭିଳାଷ ପୂର୍ଣ୍ଣ ହେବ । ବ୍ୟବସାୟୀମାନେ ନୂତନ ବାଣିଜ୍ୟର ପରିକଳ୍ପନା କରିବେ ।

### କର୍କଟ
ସାମାଜିକ ପତିଆରା ଅମଳିନ ରହିବ । ଆୟ ଉପାର୍ଜନ ବୃଦ୍ଧି ହେବ । ପରିବାରରେ ଆର୍ଥିକ ସମସ୍ୟା ସମାଧାନ ହେବ । ବାଦବିବାଦ, ।ଲିମୋକଦ୍ଦମା, ପ୍ରତିଯୋଗିତା ପରୀକ୍ଷା ଦେବେ ।

### ସିଂହ
ସମାଜ ସେବାରେ ସନାମ ଅର୍ଜନ କରିପାରିବେ । ବ୍ୟବସାୟରେ ସହନଶୀଳତା ଯୋଗେ ଯଶ ମିଳିବ । ବାଦବିବାଦ, ମାଲିମୋକଦ୍ଦମା ପ୍ରତିଯୋଗିତା ପରୀକ୍ଷା ସଫଳ ହେବେ ।

### କନ୍ୟା
ସମ୍ମାନର ସହ ଦିନଚର୍ଯ୍ୟା ସମ୍ପାଦନ କରିବେ । ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ପରିଣାମ ଅନୁକୂଳ ହେବ । ରାଜନୀତିରେ କମ୍ ପରିଶ୍ରମରେ ଆଶାଜନକ ଫଳପ୍ରାପ୍ତି ହେବ ।

### ତୁଳା
ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ । ନୂଆ ନିଯୁକ୍ତି ଯୋଗ ଅଛି । ମିତ୍ରଙ୍କଠାରୁ ବହୁତ ସାହାଯ୍ୟ ସହଯୋଗ ମିଳିବ । ପରିବାରରେ ସୁଖଶାନ୍ତି ଯୋଗେ ସମସ୍ତ ଚିନ୍ତା ଦୂର ହେବ ।

### ବିଛା
ବ୍ୟବସାୟରେ ଦୂରଯାତ୍ରାର ସୁଯୋଗ ପାଇ ସଫଳତା ଅର୍ଜନ କରିବେ । ବ୍ୟବସାୟିକ ସ୍ଥିତି ସନ୍ତୋଷଜନକ ହେବ । କର୍ମକ୍ଷେତ୍ରରେ ଉପରିସ୍ଥ ବ୍ୟକ୍ତିଙ୍କଠାରୁ ସମ୍ମାନ ମିଳିବ ।

### ଧନୁ
ଶତ୍ରୁ ଓ ବିରୋଧୀମାନେ ପରାସ୍ତ ହେବେ । ନିର୍ମାଣ ମୂଳକ ଯୋଜନାରେ ଆଗେଇ ପାରିବେ । ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସୁସମ୍ପର୍କ ରହିବ । ବୁଦ୍ଧିମତ୍ତା କାରଣରୁ ସମସ୍ତ କ୍ଷେତ୍ରରେ ଲାଭ ମିଳିବ ।

### ମକର
ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତି ପାଇବେ । ସାଧୁସନ୍ଥ ଗୁରୁଜନଙ୍କ ଶୁଭାଶୀର୍ବାଦ ପ୍ରାପ୍ତ ହେବ । ବ୍ୟବସାୟରେ ବକେୟା ଅର୍ଥ ଆଦାୟ ହେବା ଫଳରେ ଇଚ୍ଛା ମୁତାବକ ଲାଭ ପାଇବେ ।

### କୁମ୍ଭ
ବିଦ୍ୟା କ୍ଷେତ୍ରରେ ଆଶା ମୁତାବକ ଫଳ ପାଇବେ । ପାରିବାରିକ ସ୍ନେହ ସହାନୁଭୂତି ପ୍ରାପ୍ତି ହେବ । ଶତ୍ରୁମାନେ ମଥାନତ କରିବେ । ପୁରାତନ ରୋଗର ଉପଶମ ଓ ବନ୍ଧୁ ସମାଗମ ହେବ ।

### ମୀନ
ଆୟବୃଦ୍ଧି, ଋଣମୁକ୍ତି ଓ କର୍ମ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ହେବ । ବ୍ୟବସାୟରେ ଆଶାତୀତ ଲାଭ କରି କିଛି ନୂତନ ପଦାର୍ଥ ସଂଗ୍ରହ କରିହେବ ।

# ଅଧିକ 'ପାରାସିଟାମଲ୍' ଖାଉଛନ୍ତି କି ? ହୋଇପାରେ ହୃଦ୍‌ଘାତ



କରୋନା କଳାରେ 'ପାରାସିଟାମଲ'ର ଚାହିଦା ଢ଼େର ବଢ଼ି ଯାଇଛି । ସବୁ ଥଣ୍ଡା ଜ୍ୱର ରୋଗୀ ଏବେ ପାରାସିଟାମଲ୍ ମେଡିସିନ୍‌କୁ ହିଁ ଖୋଜୁଛନ୍ତି । ଗୋଡ଼ ହାତ ବିନ୍ଧା ହୋଇ ଜ୍ୱର ହେଲେ ସାଧାରଣତଃ ପାରାସିଟାମଲ ଔଷଧ ଖିଆଯାଏ । ଶରୀର ତାପମାତ୍ରା କମ୍ କରିବା ପାଇଁ ଏହା ବେଶ୍ ଉପଯୋଗୀ । ତେବେ 'ପାରାସିଟାମଲ' ଔଷଧର ଲଗାତର ସେବନ ହୋଇପାରେ ଘାତକ । ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ରକ୍ତଚାପ ବଢ଼ିବା ସହ ହଦ୍‌ଘାତ୍ ଆଶଙ୍କା ବଢ଼ିପାରେ । 'ଦ ଟେଲିଗ୍ରାଫ' ୟୁକେର ରିପୋର୍ଟ ଅନୁଯାୟୀ, ଏଡିନବର୍ଗ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନିକଟରେ ୧୧୦ ଜଣ ରୋଗୀଙ୍କ ଉପରେ ଅଧ୍ୟୟନ କରିଥିଲେ । ଏମାନେଙ୍କୁ ଏକ ସପ୍ତାହ ଯାଏଁ ଦିନରେ ଏକ ଗ୍ରାମ ହିସାବରେ ୪ ଥର ପାରାସିଟାମଲ ଔଷଧ ଖାଇବାକୁ ଦିଆଯାଇଥିଲା । ତେବେ ୪ ଦିନ ମଧ୍ୟରେ ପରାସିଟାମଲ ଦିଆଯାଉଥିବା ରୋଗୀଙ୍କ ମଧ୍ୟରୁ ୨୦ ପ୍ରତିଶତଙ୍କ ମଧ୍ୟରେ ରକ୍ତଚାପ ବଢ଼ିଯାଇଥିବା ଦେଖିବାକୁ ମିଳିଥିଲା । ହୃଦଘାତ କିମ୍ବା ଷ୍ଟ୍ରୋକ ହେବା ସମ୍ଭାବନା ମଧ୍ୟ ୨୦ପ୍ରତିଶତ ବଢ଼ିଯାଇଥିଲା । ଏଡିନବର୍ଗ ବିଶ୍ୱବିଦ୍ୟାଳର ପ୍ରଫେସର ଡେଭିଡ ୱେବ କହିବା ମୁତାବକ, 'ଆମେ ସର୍ବଦା ଭାବୁ ଯେ ରକ୍ତଚାପ କମାଇବା ପାଇଁ ଜଣାଶୁଣା ଆଇବୁପ୍ରୋଫେନ୍ ଭଳି ଔଷଧ ବ୍ୟବହାର ବନ୍ଦ କରିବାକୁ ଯଦି ଆମେ ରୋଗୀଙ୍କୁ ପରାମର୍ଶ ଦେବାକୁ ଚେଷ୍ଟା କରୁ, ତେବେ ପାରାସିଟାମଲ ଏକ ନିରାପଦ ବିକଳ୍ପ ହେବ । କିନ୍ତୁ ହୃଦଘାତ କିମ୍ବା ଷ୍ଟ୍ରୋକ ହେବାର ଆଶଙ୍କା ଥିବା ରୋଗୀମାନେ ପାରାସିଟାମଲ ବ୍ୟବହାର ବନ୍ଦ କରିବା ଉପରେ ଧ୍ୟାନ ଦେବା ଉଚିତ୍ ।' ସେ ଆହୁରି କହିଛନ୍ତି, 'ଆମେ ସୁପାରିଶ କରିବୁ ଯେ କ୍ଲିନିକାଲ ବିଶେଷଜ୍ଞମାନେ ପ୍ରଥମେ ରୋଗୀଙ୍କୁ ପାରାସିଟାମୋଲର କମ୍ ଡୋଜରୁ ଆରମ୍ଭ କରନ୍ତୁ ଏବଂ ଯନ୍ତ୍ରଣାକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକତା ଠାରୁ ଅଧିକ ନ ଯାଇ ପର୍ଯ୍ୟାୟକ୍ରମେ ଏହାର ମାତ୍ରା ବୃଦ୍ଧି କରନ୍ତୁ । ଯେଉଁମାନଙ୍କର ଉଚ୍ଚ ରକ୍ତଚାପ ଥିବ, ସେମାନଙ୍କ କ୍ଷେତ୍ରରେ ଡାକ୍ତରମାନେ ଅଧିକ ଦାୟିତ୍ୱବାନ ହୋଇ ପ୍ରଥମେ କମ୍ ଡୋଜ୍‌ର ପାରାସିଟାମଲ୍ ଦେବା ଉଚିତ୍ ।' ସେହିପରି ବିଶେଷଜ୍ଞଙ୍କ କହିବା ମୁତାବକ, ଯନ୍ତ୍ରଣା ଦୂର କରିବା ପାଇଁ ଯେଉଁମାନଙ୍କର ପାରାସିଟାମଲ ଖାଇବା ନିହାତି ଜରୁରୀ, ସେମାନେ ତା' ପୂର୍ବରୁ ନିଜ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ଉଚିତ । ନଚେତ୍ ଏହା ହୃଦ୍‌ଘାତର କାରଣ ହୋଇପାରେ ।

# ପ୍ରକୃତିରାଣୀର ଆଉ ଏକ ବିସ୍ମୟ

ମଣିଷ ଜୀବନରେ ଦର୍ପଣ ବା ଆଇନାର ଗୁରୁତ୍ୱ ନିଶ୍ଚିତ ଭାବେ ରହିଛି । ଦର୍ପଣରେ ନିଜ ମୁହଁ ଦେଖିବାକୁ କାହାକୁ ଅବା ଭଲ ନ ଲାଗେ । ନିଜ ନିଜ ପସନ୍ଦ ଅନୁସାରେ ଲୋକେ ଘରେ ଦର୍ପଣ ରଖିଥାଆନ୍ତି । କିନ୍ତୁ ଦୁନିଆର ସବୁଠୁ ବଡ଼ ପ୍ରାକୃତିକ ଦର୍ପଣ ବିଷୟରେ କିଛି ଜାଣନ୍ତି କି ? ଦର୍ପଣ ତ କାଚରେ ତିଆରି ହୋଇଥାଏ । କେରଳରେ ପୁଣି ଧାତୁ ନିର୍ମିତ ଏକ ସତନ୍ତ୍ର ଦର୍ପଣ ତିଆରି କରାଯାଏ । ତେବେ ପ୍ରାକୃତିକ ଦର୍ପଣ, ତାହା ପୁଣି ସବୁଠୁ ବଡ଼- କେଉଁଠି ଅଛି ଏହି ଦର୍ପଣ ବଲିଭିଆରେ ଅଛି ପ୍ରକୃତିର ଏହି ବିସ୍ମୟ । ବଲିଭିଆରେ ଏମିତି ଏକ ସ୍ଥାନ ଅଛି ଯେଉଁଠି ଦୁନିଆର ସବୁଠୁ ବଡ଼ ଦର୍ପଣ ରହିଛି । ଏହି ସ୍ଥାନର ନାଁ ସାଲାର ଡି ୟୁନି । ସାଲାର ଡି ୟୁନି ୧୦,୫୮୨ବର୍ଗକିମି ଦୀର୍ଘ ଦୁନିଆର ସବୁଠୁ ବଡ଼ ଲବଣ କ୍ଷେତ୍ର । ଏହା ଏତେ ସ୍ୱଚ୍ଛ ଯେ ଦେଖିବାକୁ ଦର୍ପଣ ଭଳି ମନେ ହୁଏ । ଏହି ଅଞ୍ଚଳ ଆଣ୍ଡିଜ୍ ପାର୍ବତ୍ୟମାଳା ପାଖରେ ଦକ୍ଷିଣ-ପଶ୍ଚିମ ବଲିଭିଆର ପୋଟୋସି ଅଧୀନସ୍ଥ ଡ୍ୟାନିଏଲ୍ କ୍ୟାମ୍ପସ୍ ପ୍ରାନ୍ତରେ ପରିବ୍ୟାପ୍ତ । ଏହି ସ୍ଥାନ ସମୁଦ୍ର ପତ୍ତନରୁ ୩,୬୫୬ ମିଟର ଉଚ୍ଚତାରେ ଅବସ୍ଥିତ । ଏହି ସ୍ଥାନକୁ ସାଲାର ଡି ଟ୍ୟୁନୁପା ମଧ୍ୟ କୁହାଯାଏ । ଏହି ସ୍ଥାନର ଦୃଶ୍ୟ ଅତ୍ୟନ୍ତ ଅପୂର୍ବ । ମନେହୁଏ ପ୍ରକୃତିର ଏହା ଏକ ଅପରୂପ ବିସ୍ମୟ । ଏହି ସ୍ଥାନର ଲବଣାକ୍ତ ଭୂମି ଏତେ ସ୍ୱଚ୍ଛ ଯେ ଜଣେ ନିଜ ପ୍ରତିବିମ୍ବ ଦେଖିପାରେ । ଏହି ସ୍ଥାନ ବିଷୟରେ କୁହାଯାଏ ଯେ ଏଠାରେ ଆଗରୁ ଏକ ହ୍ରଦ ଥିଲା । ଯାହା ଶୁଖିଗଲା ପରେ ଲୁଣର ମରୁଭୂମି ପାଲଟିଗଲା । ଏହି ସ୍ଥାନ କେଇ ମିଟର ପର୍ଯ୍ୟନ୍ତ ଲୁଣରେ ଆବୃତ । ଲୋକମାନେ ଏହି ଲବଣ କ୍ଷେତ୍ରରେ ଚାଲୁଥିବା ବେଳେ ସେମାନଙ୍କୁ ଅନୁଭବ ହୋଇଥାଏ ସତେ ଯେମିତି ସେମାନେ ଆକାଶରେ ଚାଲୁଛନ୍ତି । କାରଣ ତଳେ ଆକାଶ ଓ ଭାସମାନ ବାଦଲ ସାଙ୍ଗକୁ ସେମାନଙ୍କ ପ୍ରତିବିମ୍ବ ଦୃଶ୍ୟମାନ ହୋଇଥାଏ । ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟରେ ଏହି ସ୍ଥାନର ଦୃଶ୍ୟ ଅବର୍ଣ୍ଣନୀୟ । ଲାଗେ କୌଣସି ମହାଜାଗତିକ ଦୃଶ୍ୟଠାରୁ କୌଣସି ଗୁଣରେ କମ୍ ନୁହେଁ ।



# ଏଣିକି ମହଙ୍ଗା ହେବ ଗାଡ଼ି ଇନ୍ସ୍ୟୁରାନ୍ସ

ପୁଣି ମହଙ୍ଗା ମାଡ । ଗାଡି ଚାଳକଙ୍କୁ ଝଟ୍‌କା । ଏଣିକି ମହଙ୍ଗା ହେବ ଗାଡି ଇନ୍‌ସ୍ୟୁରାନ୍ସ । କାର୍ର ଚାଳକଙ୍କ ବଢ଼ିବ ଖର୍ଚ୍ଚ । ଜୁନ୍ ପହିଲାରୁ ଗାଡି ଇନ୍‌ସ୍ୟୁରାନ୍ସ ମହଙ୍ଗା ହେବ । ଥାର୍ଡ ପାର୍ଟି ମୋଟର ଭେଇକିଲ ଇନସ୍ୟୁରାନ୍ସର ପ୍ରିମିୟମ୍ ରେଟ୍ ବଢାଇ ଦିଆଯାଇଛି । ଏବେ ଗାଡିର ଇଞ୍ଜିନ ଅନୁସାରେ ଚାଳକଙ୍କୁ ଟଙ୍କା ଦେବାକୁ ପଡିବ ବୋଲି କେନ୍ଦ୍ର ସରକାର ବିଜ୍ଞାପ୍ତି ଜାରି କରିଛନ୍ତି । ସଡକ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଯାନବାହାନ ଇନ୍ସ୍ୟୁରାନ୍ସର ପ୍ରିମିୟମରେ ଗତ ୨୦୧୯-୨୦ ପାଇଁ ପରିବର୍ତ୍ତନ କରାଯାଇଥିଲା । କୋଭିଡ -୧୯ ମହାମାରୀ ମଧ୍ୟରେ ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ଏବେ ଅଲଗା ଅଲଗା ଇଞ୍ଜିନ କାପାସିଟି ପାଇଁ ଥାର୍ଡ ପାର୍ଟି ବିମା ଦର ବୃଦ୍ଧି ପାଇବ । ଏହି ପରିବର୍ତ୍ତିତ ନୂଆ ପ୍ରିମିୟମ ଦର ଜୁନ ୧ ତାରିଖରୁ ଲାଗୁ ହେବ । କାର ପାଇଁ ବର୍ଦ୍ଧିତ ହୋଇଥିବା ଦର: ମନ୍ତ୍ରାଳୟ ଅନୁସାରେ ୧୦୦୦ ସିସିରୁ କମ୍ କ୍ଷମତା ଥିବା ଇଞ୍ଜିନ୍‌ର ଗାଡି ପାଇଁ ଥାର୍ଡ ପାର୍ଟି ବିମାର ପ୍ରିମିୟମ ୨,୦୯୪ ଟଙ୍କା ଧାର୍ଯ୍ୟ କରାଯାଇଛି । ୨୦୧୯-୨୦ରେ ଏହି ଟଙ୍କା ୨,୦୭୨ ଥିଲା । ସେହିପରି ୧୫୦୦ ସିସି ଇଞ୍ଜିନ ଗାଡି ପାଇଁ ଇନସ୍ୟୁରାନ୍ସ ଦର ୩,୨୨୧ରୁ ୩,୪୧୬ ଟଙ୍କା ବଢିବ । ୧୫୦୦ ସିସି ରୁ ଉପରକୁ ଥିବା ଇଞ୍ଜିନ କ୍ଷମତା ସମ୍ପନ୍ନ ଗାଡିର ପ୍ରିମିୟମ ସାମାନ୍ୟ ବଢିଥିବା କୁହାଯାଇଛି । ଦୁଇ ବର୍ଷ ମଧ୍ୟରେ ଏହା ୭,୮୯୦ରୁ ବୃଦ୍ଧି ପାଇଁ ୭,୮୯୭ଟଙ୍କାରେ ପହଞ୍ଚିଛି । ଦୁଇ ଚକିଆ ଯାନ ପାଇଁ ବର୍ଦ୍ଧିତ ଦର: ସେହିପରି ଦୁଇଚକିଆ ଗାଡି ଗୁଡିକର ଇନସ୍ୟୁରାନ୍ସ ଦରରେ ମଧ ବୃଦ୍ଧି କରାଯାଇଛି । ଜୁନ୍ ପହିଲାରୁ ୧୫୦ ସିସି ରୁ ୩୫୦ ସିସି ବାଇକ୍ ଗୁଡିକର ପ୍ରିମିୟମ୍ ୧୩୬୬ ଟଙ୍କା ହେବ । ସେହିପରି ୩୫୦ ସିସିରୁ ଅଧିକ କ୍ଷମତା ସମ୍ପନ୍ନ ବାଇକ୍ ଉପରେ ଚାଳକଙ୍କୁ ୨୮୦୪ ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ୩ ବର୍ଷୀୟା କାର୍ର ଇନ୍‌ସ୍ୟୁରାନ୍ସ: ୧୦୦୦ ସିସି ଯୁକ୍ କାର ପାଇଁ ତିନି ବର୍ଷୀୟା ପ୍ରିମିଅମ ଇନସ୍ୟୁରାନ୍ସ ପାଇଁ ଏବେ ଚାଳକଙ୍କୁ ୬,୫୨୧ ଟଙ୍କା ଦେବାକୁ ପଡିବ । ୧୫୦୦ ସିସି କାର୍ର ପାଇଁ ୧୦,୬୪୦ ଟଙ୍କା, ୧୫୦୦ ସିସିରୁ ଅଧିକ କ୍ଷମତା ଯୁକ୍ତ କାର୍ର ଲାଗି ବର୍ତ୍ତମାନ ତିନି ବର୍ଷ ପାଇଁ ସର୍ବନିମ୍ନ ୨୪,୫୯୬ ଟଙ୍କା ପ୍ରିମିୟମ ଦେବାକୁ ପଡିବ । ୫ ବର୍ଷୀୟା ବାଇକ୍ ଇନ୍‌ସ୍ୟୁରାନ୍ସ: ସେହିପରି ଦୁଇ ଚକିଆ ବାହାନ ତଥା ବାଇକ୍ ପାଇଁ ୫ ବର୍ଷୀୟା ପ୍ରିମିଅମ ପାଇଁ ଗ୍ରାହକଙ୍କୁ ପୂର୍ବାପେକ୍ଷା ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ୭୫ ସିସି ଯୁକ୍ତ ବାଇକ୍ ପାଇଁ ପାଞ୍ଚ ବର୍ଷିୟା ସିଙ୍ଗଲ ପ୍ରିମିୟମ ଲାଗି ୨,୯୦୧ ଟଙ୍କା, ୧୫୦ ସିସି ପାଇଁ ୩,୮୫୧ ଟଙ୍କା, ୩୫୦ ସିସି ପାଇଁ ୭,୩୬୫ ଓ ୩୫୦ରୁ ଉର୍ଦ୍ଧ୍ୱ ସିସି ପାଇଁ ୧୫,୧୧୭ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ।




# ଆଳୁ କଚୋଡ଼ି

ଆବଶ୍ୟକ ସାମଗ୍ରୀ: ମଇଦା, ସିଝା ଆଳୁ, ଲୁଣ, ଜୁଆଣି, ତେଲ, ଅଦା, ରସୁଣ ବଟା, ବେକିଂ ପାଉଡର, ଗ୍ରୀନ୍ ମର୍ଟର ଧନିଆ ପତ୍ର, କଞ୍ଚା ଲଙ୍କା, ଲଙ୍କା ଗୁଣ୍ଡ, ପାନମଧୁରୀ ଗୁଣ୍ଡ, ଧଣିଆ ଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ଗରମ ମସଲା । ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମଇଦାକୁ ଏକ ପାତ୍ରରେ ନିଅନ୍ତୁ । ସେଥିରେ କିଛି ତେଲ, ଲୁଣ, ଜୁଆଣି ଓ ବେକିଂ ପାଉର୍ଡ ମିଶାଇ ଗୋଳାଇ ଦିଅନ୍ତୁ । ଏହାପରେ ସେଥିରେ ଅଳ୍ପ ପାଣି ଦେଇ ମଇଦାକୁ ଭଲ ଭାବେ ଚକଟନ୍ତୁ । ମଇଦାଟି ଭଲ ଭାବରେ ଚକଟି ସାରିବା ପରେ କିଛି ସମୟ ଏହାକୁ ଘୋଡ଼ାଇ ରଖି ଦିଅନ୍ତୁ । ପରେ ସିଝା ଆଳୁକୁ ଭଲ ଭାବେ ଚକଟି ଦିଅନ୍ତୁ । ତା' ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ ଅଦା, ରସୁଣ ବଟା ଓ କଟା କଞ୍ଚା ଲଙ୍କା ପକାଇ କିଛି ସମୟ କଷନ୍ତୁ । ଏହାପରେ ସେଥିରେ ଗ୍ରୀନ୍ ମଟର ପକାନ୍ତୁ । ପରେ ଏହି ମସଲାକୁ ଘୋଡ଼ାଇ ଦେଇ ଦୁଇମିନିଟ୍ ? ଯାଏ ହାଲକା ଆଞ୍ଚରେ ଛାଡ଼ି ଦିଅନ୍ତୁ । ମଟର ସିଝିଗଲା ପରେ ସେଥିରେ ପୂର୍ବରୁ ଚକଟା ହୋଇ ରହିଥିବା ସିଝା ଆଳୁକୁ ପକାଇ ଦିଅନ୍ତୁ । ତା' ପରେ ସେଥିରେ ଧନିଆ ଗୁଣ୍ଡ, ପାନମଧୁରୀ ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମ ମସଲା ଓ ଲୁଣ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏହାପରେ ଆଳୁକୁ କିଛି ସମୟ ଯାଏ ଭଲଭାବେ କଷନ୍ତୁ । ଆଳୁ କଷି ହେବା ପରେ ତା' ଉପରେ କଟା ଧଣିଆ ପତ୍ର ପକାଇ ଦେଇ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପରେ ପୂର୍ବରୁ ଦଳା ହୋଇ ରହିଥିବା ମଇଦାକୁ ଛୋଟ ଛୋଟ ଗୋଳା କରିଦିଅନ୍ତୁ । ମଇଦା ଗୋଳାକୁ ନେଇ ପୁରି ଆକାରରେ ବେଲି ଏହା ଭିତରେ କଷା ଯାଇଥିବା ଆଳୁର ପୁର ଦିଅ ।

## ଫିଲ୍ମ ଟକ୍

# ଟଲିଉଡ୍ ଛାଡ଼ିବେ ରଶ୍ମିକା ମନ୍ଦାନା



ବଲିଉଡରେ ବେଶ୍ ବୁଝିବିଚାରି ଆଗଉଛନ୍ତି ରଶ୍ମିକା ମନ୍ଦାନା । ମାୟାନଗରୀରେ ଦୃଢ଼ କରୁଛନ୍ତି ନିଜ ଆସନ । ତାଙ୍କର ବଲିଉଡ ଡେବ୍ୟୁ ଥିଲା 'ଗୁଡବାଏ' । ଏହି ଫିଲ୍ମରେ ଅମିତାଭ ବଚ୍ଚନଙ୍କ ଭଳି କିମ୍ବଦନ୍ତୀ ଅଭିନେତାଙ୍କ ସହ ଗୋଟିଏ ଫ୍ରେମରେ ଦେଖିବାକୁ ମିଳିଥିଲେ ରଶ୍ମିକା । ବକ୍ସ ଅଫିସରେ ଫିଲ୍ମଟି ସେମିତି ସାଫଲ୍ୟ ପାଇନଥିଲେ ବି ପ୍ରଶଂସିତ ହୋଇଥିଲା ରଶ୍ମିକାଙ୍କ ଅଭିନୟ । 'ଗୁଡବାଏ' ପରେ ଇତିମଧ୍ୟରେ ମୁକ୍ତି ପାଇଛି ରଶ୍ମିକାଙ୍କ ଆହୁରି ଗୋଟିଏ ବଲିଉଡ ଫିଲ୍ମ 'ମିଶନ ମଜନୁ' । ଏହି ଫିଲ୍ମରେ ସିଦ୍ଧାର୍ଥ ମଲହୋତ୍ରାଙ୍କ ବିପରୀତରେ ଦେଖିବାକୁ ମିଳିଛି ତାଙ୍କୁ । ଏହାପରେ ରଣବୀର କପୁରଙ୍କ ସହିତ 'ଆନିମଲ୍' ଫିଲ୍ମରେ ଦେଖିବାକୁ ମିଳିବ । ତେବେ 'ଆନିମଲ୍' ରିଲିଜ୍ ହେବା ପୂର୍ବରୁ ଆଉ ଏକ ବଲିଉଡ ଫିଲ୍ମରେ ଅଭିନୟ ପାଇଁ ରଶ୍ମିକା ସବୁପ୍ରକାର ପ୍ରସ୍ତୁତି ନେଇସାରିଛନ୍ତି ବୋଲି ଶୁଣିବାକୁ ମିଳିଛି । ଖବର ଅନୁସାରେ ବଲିଉଡର ଅନ୍ୟତମ ଜନପ୍ରିୟ ଅଭିନେତା ଶାହିଦ କପୁରଙ୍କ ସହ ଯୋଡ଼ି ବାନ୍ଧିବାକୁ ଯାଉଛନ୍ତି ଏହି ଦକ୍ଷିଣୀ ଅଭିନେତ୍ରୀ । ଶାହିଦ କପୁରଙ୍କ ସହିତ ହାତ ମିଳାଇଛନ୍ତି ନିର୍ଦ୍ଦେଶକ ଅନିଶ ବାଜମି । ଅନିଶଙ୍କ ନିର୍ଦ୍ଦେଶିତ ଫିଲ୍ମରେ ଶାହିଦଙ୍କ ସହ ରଶ୍ମିକାଙ୍କୁ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି । ଅନିଶଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ଏକତା କପୁର । ଯଦିଓ ଏ ନେଇ ଚୂଡ଼ାନ୍ତ କୌଣସି ଘୋଷଣା କରାଯାଇନାହିଁ । ତେବେ ଯୁବ ଦର୍ଶକଙ୍କ ମଧ୍ୟରେ ରଶ୍ମିକାଙ୍କ ଲୋକପ୍ରିୟତାକୁ ଦେଖିବା ପରେ ନିର୍ମାତାମାନେ ରଶ୍ମିକାଙ୍କୁ ବଲିଉଡ ଫିଲ୍ମରେ ନେବାକୁ ଆଗ୍ରହୀ

## ନ୍ୟାୟିକ ଅଧିକାରୀଙ୍କ ଭାବମୂର୍ତ୍ତି ବଦନାମ କରିବା ପୂର୍ବରୁ ଚିନ୍ତା କରିବାର ଆବଶ୍ୟକତା ରହିଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ଆଜିକାଲି ସୋସିଆଲ ମିଡିଆ ଲୋକଙ୍କୁ ଅପମାନିତ କରିବା ପାଇଁ ଏକ ପ୍ଲାଟଫର୍ମରେ ପରିଣତ ହୋଇଛି। ଲୋକମାନେ ଏହାର ଅପବ୍ୟବହାର କରି ନ୍ୟାୟିକ ଅଧିକାରୀଙ୍କୁ ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟଙ୍କର ଏକ ରାୟକୁ ସୁପ୍ରିମକୋର୍ଟ ସମର୍ଥନ କରି ସ୍ପଷ୍ଟ କରିଛନ୍ତି ସୋସିଆଲ ମିଡିଆ ବ୍ୟବହାର କରି ନ୍ୟାୟିକ ଅଧିକାରୀଙ୍କୁ ବଦନାମ କରାଯାଇପାରିବ ନାହିଁ। ମଧ୍ୟପ୍ରଦେଶ ହାଇକୋର୍ଟ ଜଣେ ଜିଲା ଜଜଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିବାରୁ ଆବେଦନ କାରୀଙ୍କୁ ୧୦ ଦିନ ଜେଲ ଦଣ୍ଡାଦେଶ ହୋଇଛି। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରାଯାଇଥିଲା। ସୁପ୍ରିମକୋର୍ଟ ସମାନ ଆବେଦନ ଉପରେ ଶୁଣାଣି କରିଥିଲେ।



ଜଷ୍ଟିସ ବେଲା ଏମ ତ୍ରିବେଦୀ ଏବଂ ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ରଙ୍କ ଏକ ଅବକାଶ ବେଞ୍ଚ କହିଛନ୍ତି ଏଥିରେ ।ଶୀର୍ଷକୋର୍ଟ ହସ୍ତକ୍ଷେପ କରିବାକୁ ଚାହୁଁନାହାଁନ୍ତି। ଏହା ଅନ୍ୟମାନଙ୍କ ପାଇଁ ଏକ ଶିକ୍ଷା ହେବା ଉଚିତ। ବେଞ୍ଚ କହିଛନ୍ତି ଯଦି ଆପଣଙ୍କୁ ନିଜ ପସନ୍ଦର ନ୍ୟାୟ ମିଳେ ନାହିଁ ଆପଣ ଉଚ୍ଚକୋର୍ଟକୁ ଆସିବେ। ଏହାର ଅର୍ଥ ନୁହେଁ ଆପଣ ନ୍ୟାୟିକ ଅଧିକାରୀଙ୍କୁ ବଦନାମ କରିବେ। ଜଷ୍ଟିସ ତ୍ରିବେଦୀ କହିଛନ୍ତି ଜଣେ ନ୍ୟାୟିକ ଅଧିକାରୀଙ୍କ ବିରୋଧରେ କୌଣସି ଅଭିଯୋଗ କରିବା ପୂର୍ବରୁ ଦୁଇଥର ଚିନ୍ତା କରିବା ଉଚିତ। ଆବେଦନକାରୀଙ୍କ ପକ୍ଷରୁ ହାଜର ହୋଇଥିବା ଆଇନଜୀବୀ ସୁପ୍ରିମକୋର୍ଟଙ୍କ ଦଣ୍ଡାଦେଶରେ କ୍ଷମା ପ୍ରାର୍ଥନା କରିଥିଲେ। ସେ କହିଛନ୍ତି ଏହା ବ୍ୟକ୍ତିଗତ ସ୍ୱାଧୀନତା ସହ ଜଡିତ ଏବଂ ଆବେଦନକାରୀ ମେ ୨୭ ପୂର୍ବରୁ ଜେଲରେ ଥିଲେ।

ଏହା ଉପରେ ବେଞ୍ଚ କହିଛନ୍ତି ଆମେ ଦୟା ପାଇଁ ନାହୁଁ, କିନ୍ତୁ ସଠିକ ନିଷ୍ପତ୍ତି ନେବାକୁ ଏଠାରେ ଅଛୁ। ଉଲ୍ଲେଖଯୋଗ୍ୟ, ମଧ୍ୟପ୍ରଦେଶ ହାଇକୋର୍ଟ ଜିଲା ଜଜଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିବା ତାଙ୍କ ବିରୋଧରେ ଆରମ୍ଭ ହୋଇଥିବା ଅପରାଧିକ ଅବମାନନା ମାମଲାରେ କୃଷ୍ଣ କୁମାର ରଘୁବଂଶୀଙ୍କୁ ୧୦ ଦିନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରାଯାଇଥିଲା। ଅଦାଲତର ଅବମାନନା ଧାରା ୧୫ (୨) ଅନୁଯାୟୀ ଅତିରିକ୍ତ ଜିଲ୍ଲା ଜଜ ଏସପିଏସ ବାନ୍ଦେଲାଙ୍କ ଦ୍ୱାରା ଦିଆଯାଇଥିବା ଏକ ସୂଚନାର ଉତ୍ତରରେ ରଘୁବଂଶୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ମନ୍ଦିର ବିବାଦରେ ଅଦାଲତର ନିର୍ଦ୍ଦେଶକୁ ଅବମାନନା କରିବା ଏବଂ ହ୍ୱାଟସ ଆପ ମାଧ୍ୟମରେ କୋର୍ଟର ଭାବମୂର୍ତ୍ତି ତଥା ପ୍ରତିଷ୍ଠାକୁ ବଦନାମ କରୁଥିବା ଚିଠିର ପ୍ରସାରଣ ଉପରେ ମାମଲା ଦାଖଲ କରାଯାଇଥିଲା।

## ସିସୋଦିଆଙ୍କ ଜାମିନ ଆବେଦନ ଖାରଜ



ନୂଆଦିଲ୍ଲୀ : ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଜେଲରେ ଥିବା ଆମ ଆଦମୀ ପାର୍ଟି(ଏଏପି)ନେତା ମନୀଷ ସିସୋଦିଆଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହି ଆବେଦନକୁ ଖାରଜ କରି କୋର୍ଟ କହିଛନ୍ତି ଯେ ମନୀଷ ସିସୋଦିଆଙ୍କ ବିରୋଧରେ ଅଭିଯୋଗ ଅତ୍ୟନ୍ତ ଗମ୍ଭୀର। ହାଇକୋର୍ଟ ଦିଲ୍ଲୀ ସରକାରଙ୍କ ମଦ ଦୁର୍ନୀତି ସହ ଜଡିତ ସିବିଆଇ ମାମଲାରେ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ସୂଚନାଯୋଗ୍ୟ, ଏଏପି ନେତା ମନୀଷ ସିସୋଦିଆ ଅଦାଲତର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଆବେଦନ କରିଥିଲେ।

## ମୋଦିଙ୍କ ନେତୃତ୍ୱରେ ଦେଶ ସୁରକ୍ଷିତ: ଶାହା

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଚଳିତ ବର୍ଷ ୯ବର୍ଷର ଶାସନ କାଳ ପୂରଣ କରିଛନ୍ତି। ଏହି ଅବସରରେ ଭାଜପା ୯ବର୍ଷର କାର୍ଯ୍ୟକାଳକୁ ସାରା ଦେଶରେ ପ୍ରଚାର କରି ଜନସାଧାରଣଙ୍କ ଆଗରେ ରଖୁଛି। ଏହି କ୍ରମରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅମିତ ଶାହା ମୋଦି ସରକାରଙ୍କ ୯ ବର୍ଷରେ ହାସଲ କରିଥିବା ଉପଲବ୍ଧିକୁ ଦର୍ଶାଇଛନ୍ତି। ମୋଦୀ ସରକାରଙ୍କ ୯ ବର୍ଷକୁ ସୁରକ୍ଷା ଏବଂ ଜାତୀୟ ଗର୍ବର ବର୍ଷ ବୋଲି ବର୍ଣ୍ଣନା କରି ଶାହା କହିଛନ୍ତି ଯେ ଆଜି ମୋଦୀ ଜିଙ୍କ ନେତୃତ୍ୱରେ ଦେଶ ସୁରକ୍ଷିତ ଅଛି। ଅମିତ ଶାହା ଟୁଇଟ କରି ଲେଖିଛନ୍ତି, ମୋଦି ସରକାରଙ୍କ ୯ବର୍ଷ ହେଉଛି ସୁରକ୍ଷା, ଜାତୀୟ ଗର୍ବ, ବିକାଶ ଏବଂ ଗରିବ କଲ୍ୟାଣର ଅଭୁତପୂର୍ବ ସଂଯୋଜନା ରହିଛି ୯ବର୍ଷର ମୋଦି ସରକରରଙ୍କ ଉପଲବ୍ଧି । ଏହି କ୍ରମରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅମିତ ଶାହା ମୋଦି ସରକାରଙ୍କ ୯ ବର୍ଷରେ ହାସଲ କରିଥିବା ତାଲିକାଭୁକ୍ତ କରିଛନ୍ତି। ଶାହା ଆହୁରି ଲେଖିଛନ୍ତି, ଘର, ବିଦ୍ୟୁତ, ଗ୍ୟାସ ଏବଂ ସ୍ୱାସ୍ଥ୍ୟ ବୀମା ଭଳି ଅନେକ ମ ଭବଷ୍ୟସମ ଲିକ ସୁବିଧା ଦେଇ ମୋଦୀ ଜୀ ଗରିବଙ୍କ ଗରିବ ଲୋକଙ୍କ ଜୀବନଧାରଣ ମାନ ବୃଦ୍ଧି କରିଛନ୍ତି। ପ୍ରଥମ ଥର ପାଇଁ ଏହି ଶ୍ରେଣୀ ନିଜକୁ ଦେଶର ବିକାଶ ଯାତ୍ରା ସହିତ ସଂଯୁକ୍ତ ବୋଲି ଅନୁଭବ କରୁଛି । ପ୍ରଥମ ଥର ପାଇଁ ଦେଶରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଭାରତର ସମାନ୍ତରାଳ ବିକାଶ ଦେଖିବାକୁ ମିଳିଛି। ଅନେକ ବିକଶିତ ଦେଶ କରୋନା ମହାମାରୀର ପ୍ରଭାବରୁ ଏପର୍ଯ୍ୟନ୍ତ ବାହାରି ନାହାଁନ୍ତି,



ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦ୍ରୁତ ଗତିରେ ବ ଶକ୍ତକ୍ତଙ୍ଗସଭଶ ଥିବା ଭାରତୀୟ ଅର୍ଥନୀତି ବିଶ୍ୱ ପାଇଁ ଏକ ଆଦର୍ଶ ପାଲଟିଛି। ଆଧୁନିକତା ଏବଂ ସାଂସ୍କୃତିକ ଷରକ୍ସସସ୍ବବଶର ତିହ୍ୟକୁ ଏକାଠି କରି ମୋଦୀ ଜି ଏକ ନିର୍ଦ୍ଦିଷ୍ଟ ଆତ୍ମା ସହିତ ଆତ୍ମନିର୍ଭରଶୀଳ ଭାରତ ଦିଗରେ କାର୍ଯ୍ୟ କରୁଛନ୍ତି। ଆଜି ଗୋଟିଏ ପଟେ ମୋଦି ଜିଙ୍କ ନେତୃତ୍ୱରେ ଦେଶ ନିରାପଦରେ ରହିଛି ଏବଂ ବିଶ୍ୱରେ ଗର୍ବର ନୂଆ ଦିଗ ସୃଷ୍ଟି କରୁଛି, ଅନ୍ୟପଟେ ସରକାର ଗରିବ ଲୋକଙ୍କ ବିକାଶ ଏବଂ କଲ୍ୟାଣର ନୂତନ ମାନଦଣ୍ଡ ସ୍ଥାପନ କରିଛନ୍ତି।

## ଗେହଲଟ-ପାଇଲଟ ଏକାଠି ଲଢିବେ ନିର୍ବାଚନ

ନୂଆଦିଲ୍ଲୀ : କଂଗ୍ରେସ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କ ସହ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖରଗେ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମାରାଥନ ବୈଠକ କରିଛନ୍ତି।

ବୈଠକ ପରେ କଂଗ୍ରେସ କହିଛି, ଆସନ୍ତା ବିଧାନସଭା ନିର୍ବାଚନର ମିଳିତ ଭାବେ ଲଢିବାକୁ ଦୁଇ ନେତା ସହମତ ହୋଇଛନ୍ତି। ଦଳର ସଂଗଠନର ସାଧାରଣ ସମ୍ପାଦକ କେ.ସି ଭେଣୁଗୋପାଲ କହିଛନ୍ତି, ଦଳର ପ୍ରସ୍ତାବରେ ଗେହଲଟ ଏବଂ ପାଇଲଟ ରାଜି ହୋଇଛନ୍ତି। ତେବେ କ'ଣ ସହମତ ହୋଇଛି ସେ ସମ୍ପର୍କରେ ସେ କୌଣସି ବିବରଣୀ ଦେଇନାହାଁନ୍ତି। ଖାର୍ଗେଙ୍କ ବାସଭବନରେ ଅନୁଷ୍ଠିତ ପ୍ରାୟ ଚାରି ଘଣ୍ଟିଆ ବୈଠକ ପାଇଁ ଗେହଲଟ ଏବଂ ପାଇଲଟ ଅଲଗା ଅଲଗା ସମୟରେ ପହଞ୍ଚିଥିଲେ। ଗେହଲଟ ସନ୍ଧ୍ୟା ପ୍ରାୟ ୬ଟା ବେଳେ ଖରଗେଙ୍କ ବାସଭବନକୁ ଆସିଥିଲେ ଏବଂ ପାଇଲଟ ପ୍ରାୟ ଦୁଇ ଘଣ୍ଟା ପରେ ସେଠାରେ



ପହଞ୍ଚିଥିଲେ। କଂଗ୍ରେସ ସଂଗଠନର ସାଧାରଣ ସଚିବଙ୍କ ସହ ଗେହଲଟ ଏବଂ ପାଇଲଟ ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ। ଦୀର୍ଘ ସମୟ ପରେ ଉଭୟ ନେତା ଗଣମାଧ୍ୟମ ସମ୍ମୁଖରେ ଏକାଠି ହୋଇଥିଲେ। ବୈଠକ ପରେ ଭେଣୁଗୋପାଲ ଗଣମାଧ୍ୟମକୁ କହିଛନ୍ତି, ରାଜସ୍ଥାନ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ସଚିନ ପାଇଲଟଙ୍କ ସହ ମିତ୍ରତା କରିଛନ୍ତି। ଆମେ ନିଷ୍ପତ୍ତି ନେଇଛୁ ଯେ କଂଗ୍ରେସ ଏହି ନିର୍ବାଚନରେ ମିଳିତ ଭାବେ ଲଢିବେ। ଉଭୟ (ଗେହଲଟ ଏବଂ ପାଇଲଟ) ରାଜି ହୋଇଥିବା ଜଣାପଡିଛି।

## ପୁଟିନଙ୍କ ଜ୍ୱାଇଁଙ୍କ ଜମି ଜବତ କଲା ନେଦରଲାଣ୍ଡ

ଆମଷ୍ଟରଡାମ : ନେଦରଲାଣ୍ଡ କର୍ତ୍ତୃପକ୍ଷ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପୂର୍ବତନ ଜ୍ୱାଇଁଙ୍କର ଏକ ଜମି ଜବତ କରିଥିବା ଜଣାପଡ଼ିଛି। ପୁଟିନଙ୍କ ପୂର୍ବତନ ଜ୍ୱାଇଁ ଜୋରିଟ ଫାସେନ ହେଉଛନ୍ତି ଜଣେ ଡଚ୍ ବ୍ୟବସାୟୀ, ଯେକି ପୂର୍ବରୁ ପୁଟିନଙ୍କ ଝିଅ ମାରିଆ ବୋରୋଣ୍ଟସୋଭାଙ୍କୁ ବିବାହ କରିଥିଲେ। ସ୍ୱାଧୀନ ରୁଷୀୟ ନ୍ୟୁଜ୍ ସାଇଟ୍ ପ୍ରୋଏକ୍ଟ ମିଡିଆ ଓ ଏକ ଅନୁସନ୍ଧାନମୂଳକ ସାମ୍ବାଦିକତା ପ୍ଲାଟଫର୍ମ ଫଲୋ ଦ ମନି ପକ୍ଷରୁ ମିଳିତ ତଦନ୍ତ ପରେ ଉକ୍ତ ଜମି ଜବତ କରାଯାଇଥିଲା।

## ବାରୁଦ ସୁଡଙ୍ଗରେ ବିସ୍ଫୋରଣ, ୩ ଶିଶୁ ମୃତ

କାବୁଲ : ଆଫଗାନିସ୍ତାନର ଓ୍ୱାର୍ଦକ ଅଞ୍ଚଳରେ ବାରୁଦ ସୁଡଙ୍ଗ ବିସ୍ଫୋରଣରେ ଅତି କମରେ ତିନି ଶିଶୁଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି ବୋଲି ଖାମା ପ୍ରେସ ଜଣେ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଓ୍ୱାର୍ଦକ ଅଞ୍ଚଳରେ ଏବେବି ବିଗତ ଯୁଦ୍ଧରୁ ଖଣି ବାକି ଅଛି। ସମାନ ଅଞ୍ଚଳରେ ଦୁଇଟି ଘଟଣାରେ ଶିଶୁଙ୍କର ମୃତ୍ୟୁ ଘଟିଥିଲା। ଖାମା ପ୍ରେସ ତାଲିବାନ ନେତୃତ୍ୱାଧୀନ ପ୍ରାଦେଶିକ ଅଧିକାରୀଙ୍କ ଉଦ୍ଦେଶ୍ୟରେ କହିଛି ଯେ ରବିବାର ଅପରାହ୍ନରେ ସୟିଦ ଆବାଦ ଜିଲ୍ଲାରେ ତିନିଜଣ ପିଲା ଖେଳଣା ଭଳି ବିସ୍ଫୋରକ ଉପକରଣ ପାଇଥିଲେ ଏବଂ ଏହି ଉପକରଣ ବିସ୍ଫୋରଣ ହୋଇ ଘଟଣାସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିଲେ। ଦେହମିରଦ ପ୍ରଦେଶରେ ଏଭଳି ଘଟଣାରେ ଜଣେ ଶିଶୁଙ୍କର ମୃତ୍ୟୁ ହୋଇଥିବା ଖାମା ପ୍ରେସ ରିପୋର୍ଟ କରିଛି। ଏହାପୂର୍ବରୁ ଆଫଗାନିସ୍ତାନର ଗଜନୀ ପ୍ରଦେଶର ଡିଆକ ଜିଲ୍ଲାରେ ଖଣି ବିସ୍ଫୋରଣରେ ଜଣେ ଶିଶୁଙ୍କର ମତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିଲେ।

## ବିଦ୍ୟୁତ୍ ଆଘାତରେ ୬ ଶ୍ରମିକଙ୍କ ମୃତ୍ୟୁ

ରାଂଚି : ବିଦ୍ୟୁତ୍ ଆଘାତରେ ଝାଡ଼ଖଣ୍ଡ ଧାନବାଦ ନିକଟରେ ୬ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି। ଶ୍ରମିକମାନେ ବିଦ୍ୟୁତ ଖୁଣ୍ଟ ଉପରକୁ ଉଠାଉଥିବା ସମୟରେ ଉପରେ ଯାଇଥିବା ଏକ ହାଇଟେନସନ ତାର ଉପରେ ଖୁଣ୍ଟ ପଡ଼ିଯାଇଥିଲା। ରାଜ୍ୟ ରାଜଧାନୀ ରାଂଚିଠାରୁ ପ୍ରାୟ ୧୪୫ କିମି ଦୂର ନିଚିତପୁର ରେଳ ଷ୍ଟେସନ ନିକଟରେ ଏହି ଅଘଟଣ ଘଟିଛି। ଧାନବାଦ ରେଳ ମଣ୍ଡଳ ପ୍ରବନ୍ଧକ କମଲ କିଶୋର ସିହ୍ନା ତୁରନ୍ତ ଘଟଣାସ୍ଥଳକୁ ଯାଇଛନ୍ତି। ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ସିହ୍ନା କହିଛନ୍ତି।

## ଚୀନଠାରୁ ଜଟିଳ ଆହ୍ୱାନ ସାମ୍ନା କରୁଛି ଭାରତ: ଜୟଶଙ୍କର

ନୂଆଦିଲ୍ଲୀ: ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ, ଚୀନ୍ ପକ୍ଷରୁ ଭାରତ ଏକ ଜଟିଳ ଆହ୍ୱାନର ସମ୍ମୁଖୀନ ହେଉଛି। ତେବେ ସୀମାନ୍ତରେ ବିଦ୍ୟମାନ ସ୍ଥିତିକୁ ବଦଳାଇବା ପାଇଁ ଏକପାଖିଆ ପ୍ରୟାସକୁ ରୋକିବା ନିମିତ୍ତ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଗତ ତିନି ବର୍ଷ ଧରି ସୀମାନ୍ତ ଅଞ୍ଚଳରେ ଏହି ଚ୍ୟାଲେଞ୍ଜ ସ୍ପଷ୍ଟ ଭାବରେ ଦେଖିବାକୁ ମିଳୁଛି। ଏକ ସନ୍ତୁଳିତ ସମ୍ପର୍କ ସ୍ଥାପନ ପାଇଁ ଉଭୟ ଦେଶ ପ୍ରୟାସ କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। କେବଳ ବିପକ୍ଷ ପକ୍ଷର ପ୍ରସ୍ତାବିତ ସର୍ତ୍ତକୁ ଆଧାର କରି ଏହା ହାସଲ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି।

## ଜମ୍ମୁ-କଶ୍ମୀର ବସ୍ ଦୁର୍ଘଟଣା: ମୃତକଙ୍କ ପରିବାରକୁ ସହାୟତା ରାଶି ଘୋଷଣା

ପାଟନା : ଜମ୍ମୁ-କଶ୍ମୀରରେ ମଙ୍ଗଳବାର ସକାଳେ ଏକ ବସ୍ ଖାଇକୁ ଖସି ପଡିବାରୁ ବିହାରର ୧୦ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସେଠାରେ ଅନେକ ଆହତ ହୋଇଛନ୍ତି। ଏହି ଘଟଣା ଝାଜ୍ଜର କୋଟଲି ଅଞ୍ଚଳରେ ଘଟିଛି। ଯାତ୍ରୀବାହୀ ବସ ଅମୃତସରରୁ କଟରକୁ ଯାଉଥିବାବେଳେ ନିୟନ୍ତ୍ରଣ ହରାଇ ଖାଇକୁ ଖସିପଡିଥିଲା। ଏହି ଦୁର୍ଘଟଣାରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାରକୁ ଆଶ୍ୱସନା ଦେଇ ମୁଖ୍ୟମନ୍ତ୍ରୀ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏହି ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ବିହାରରେ ରହୁଥିବା ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି।

## ଦୁଇ ଦିନ ରିମାଣ୍ଡରେ ସାହିଲ

ନୂଆଦିଲ୍ଲୀ : ରାଜଧାନୀ ଦିଲ୍ଲୀରେ ୧୬ ବର୍ଷର ନାବାଳିକାଙ୍କୁ ଛୁରି ଭୂଷି ହତ୍ୟା କରିଥିବା ମାମଲରେ ଅଭିଯୁକ୍ତ ସାହିଲଙ୍କୁ ଦୁଇ ଦିନିଆ ପୋଲିସ ରିମାଣ୍ଡରେ ପଠାଇ ଦିଆଯାଇଛି। ଦିଲ୍ଲୀ ପୋଲିସ ସାହିଲଙ୍କୁ ସକାଳ ୧୦ଟାରେ କୋର୍ଟରେ ହାଜର କରାଇ ରିମାଣ୍ଡରେ ନେଇଛି। ଏବେ ପୋଲିସ ସାହିଲକୁ ପଚରା ଉଚରା କରିବ। ଗୋଟିଏ ଦିନ ପୂର୍ବରୁ ପୋଲିସ ଅଭିଯୁକ୍ତ ସାହିଲକୁ ଉତ୍ତର ପ୍ରଦେଶର ବୁଲନ୍ଦସହରରୁ ଗିରଫ କରିଥିଲା। ପୋଲିସ ସୂତ୍ରର ସୂଚନା ଅନୁଯାୟୀ ସାହିଲ ନାବାଳିକାଙ୍କୁ ହତ୍ୟା କରିବା ପରେ ଛୁରୀକୁ ରିଠାଲାର ଖୋଲା ପଡ଼ିଆରେ ଫିଙ୍ଗି ଦେଇଥିଲା। ସୋମବାର ରାତିରେ ପୋଲିସ ଟିମ ସେଠାକୁ ଛୁରୀ ଜବତ କରିବାକୁ ଯାଇଥିଲେ ମଧ୍ୟ ଛୁରୀ ଉଦ୍ଧାର ହୋଇପାରି ନାହିଁ। ଏବେ ପୋଲିସ ଟିମ ପୁଣିଥରେ ଛୁରୀ ଉଦ୍ଧାର କରିବାକୁ ଯିବ। ସାହିଲ ତାଙ୍କ ନାବାଳିକା ପ୍ରେମିକାଙ୍କୁ ହତ୍ୟା କରିବା ପରେ ପଳାଇ ଯାଇଥିଲେ। ସେ ୟୁପିର ବୁଲନ୍ଦସହରକୁ ଯାଇ ମାଉସୀ ଘରେ ଲୁଚି ରହିଥିଲେ। ପଳାତକ ସମୟରେ ପୋଲିସ ତାଙ୍କୁ ଧରିବା ପୂର୍ବରୁ ସାହିଲ ଟିଭିରେ ତାଙ୍କ ଅପରାଧର ଖବର ଦେଖୁଥିଲେ। ସେ ଜାଣିବାକୁ ପାଇଲେ ଯେ ଏହି ହତ୍ୟାକାଣ୍ଡ ସିସିଟିଭି କ୍ୟାମେରାରେ ରେକର୍ଡ କରାଯାଇଛି।

## ସଂସଦ ଭବନର ଆବଶ୍ୟକତା ଥିଲା : ଅଜିତ ପାୱାର



ପୁଣେ : ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଏନସିପି) ନେତା ଅଜିତ ପାୱାର ସୋମବାର ନୂଆ ସଂସଦ ଭବନ ଉଦଘାଟନର ପ୍ରଶଂସା କରିଛନ୍ତି। ସମସ୍ତ ଏମପି ଏକାଠି ହୋଇ ସାଧାରଣ ଜନତାଙ୍କ ପାଇଁ କାମ କରିବା ଓ ସେମାନଙ୍କ ସମସ୍ତ ପ୍ରସଙ୍ଗକୁ ବିଚାର କରିବାକୁ ଅଜିତ ପରାମର୍ଶ ଦେଇଛନ୍ତି। ଏହା ପୂର୍ବରୁ ଏନସିପି ଉଦଘାଟନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ମନା କରି ଦେଇଥିଲା। ଦଳର ମୁଖ୍ୟ ତଥା ଅଜିତଙ୍କ ଚାଚା ଶରଦ ପାୱାର ବି ଉଦଘାଟନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ ନ କରିବାକୁ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଅଜିତ ପାୱାର କହିଛନ୍ତି, ଆମେ ସମସ୍ତେ ଜାଣିଛୁ ଇଂରେଜମାନେ ସେମାନଙ୍କ ସଂସଦ(ପୁରୁଣା ବିଲଡିଂ) ନିର୍ମାଣ କରିଥିଲେ। ଏବେ ଯେଉଁ ନୂଆ ସଂସଦ ଭବନର ଉଦଘାଟନ ହୋଇଛି ଆମେ ନିଜେ ତାକୁ ନିର୍ମାଣ କରିଛୁ। ପୁଣେରେ ଖବରଦାତାଙ୍କ ସହ କଥା ହେବା ସମୟରେ ଅଜିତ ପାୱାର କହିଛନ୍ତି ରାଜ୍ୟକୁ ନିଜର ବିଧାନସଭା ଭବନ ନିର୍ମାଣ କରିବା କଥା। ମହାରାଷ୍ଟ୍ରରେ ବି ୧୯୮୦ ପରେ ଏକ ନୂଆ ବିଧାନସଭା ଭବନ ନିର୍ମାଣ କରାଯାଇଛି। ହେଲେ ଏବେ ଚର୍ଚ୍ଚା ହେଉଛି କି ମହାରାଷ୍ଟ୍ରରେ ନୂଆ ବିଧାନସଭା ଭବନ ନିର୍ମାଣ ହେବା ଦରକାର।

## ବୈଜ୍ଞାନିକଙ୍କ ସଫଳତା : ଖୋଜିଲେ ବୃହସ୍ପତିଠାରୁ ୧୩ ଗୁଣ ବଡ଼ ଗ୍ରହ

ମାଉଣ୍ଟ ଆବୁ : ଜଣେ ଭାରତୀୟ ପ୍ରଫେସରଙ୍କ ନେତୃତ୍ୱରେ ଏକ ଅନ୍ତର୍ଜାତୀୟ ବୈଜ୍ଞାନିକ ଦଳ ଏକ ବଡ଼ ଆବିଷ୍କାର କରିଛନ୍ତି। ସେମାନେ ବୃହସ୍ପତିଠାରୁ ୧୩ ଗୁଣ ବଡ଼ ଏକ ଗ୍ରହକୁ ଆବିଷ୍କାର କରିଛନ୍ତି। ପ୍ରଫେସର ଅଭିଜିତ ଚକ୍ରବର୍ତ୍ତୀଙ୍କ ନେତୃତ୍ୱାଧୀନ ଭୌତିକ ଗବେଷଣା ପରୀକ୍ଷାଗାର ସୌରମଣ୍ଡଳ ବାହାରେ ଥିବା ଏହି ଗ୍ରହକୁ ଆବିଷ୍କାର କରିଛି । ଏହି ପରୀକ୍ଷାଗାର ଅହମ୍ମଦାବାଦରେ ଅବସ୍ଥିତ । ଏହି ଗ୍ରହର ବସ୍ତୁତ୍ୱ ହେଉଛି ୧୪ ଗ୍ରାମ/ସେମି୩ । ଏଷ୍ଟ୍ରୋନୋମୀ ଏଣ୍ଡ ଆଷ୍ଟ୍ରୋଫିଜିକ୍ସ ପତ୍ରିକାରେ ଏହି ଗ୍ରହ ବିଷୟରେ ସବିଶେଷ ତଥ୍ୟ ପ୍ରକାଶ ପାଇଛି। ଖାସ୍ କଥା ହେଉଛି ଏହା ଏହାର ସୌରମଣ୍ଡଳ ବାହାରେ ତୃତୀୟ ଗ୍ରହ ଯାହାକୁ ଭାରତ ଏବଂ ପିଆରଏଲର ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି। ଏହି ଟିମରେ ଭାରତ, ଜର୍ମାନୀ, ସ୍ୱିଜରଲ୍ୟାଣ୍ଡ ଓ ଆମେରିକାର ବୈଜ୍ଞାନିକମାନେ ସାମିଲ ଅଛନ୍ତି । ଏହି ଗବେଷକ ଦଳ ମାଉଣ୍ଟ ଆବୁର ଗୁରୁଶିଖର ଅବଜରଭେଟୋରୀରେ ସ୍ୱଦେଶୀ ପିଆରଏଲ୍ ଆଡଭାନ୍ସଡ୍ ରେଡିୟଲ୍-ଭେଲୋସିଟି ଆବୁ-ସ୍କୋଏ ସର୍ଚ୍ଚ ସ୍ପେକ୍ଟ୍ରୋଗ୍ରାଫ୍ (ପାରାସ୍) ବ୍ୟବହାର କରି ଗ୍ରହର ପ୍ରକୃତ ବସ୍ତୁତ୍ୱ ନିର୍ଦ୍ଧାରଣ କରିଥିଲେ। ଏହି ନୂଆ ଗ୍ରହର ନାମ ଟିଓଆଇ ୪୬୦୩ବି ବା ଏଚଡି ୨୪୫୧୩୪ ବି ରଖାଯାଇଛି । ଏହି ଗ୍ରହ ପୃଥିବୀଠାରୁ ୭୩୧ ଆଲୋକବର୍ଷ ଦୂରରେ ଅବସ୍ଥିତ ଏବଂ ପ୍ରତି ୭.୨୪ ଦିନରେ ଏହା ନିକଟରେ ଥିବା ନକ୍ଷତ୍ରକୁ ପରିକ୍ରମା କରିଥାଏ ।

## ମଣିପୁର ହିଂସା ମାମଲା: ରାଷ୍ଟ୍ରପତିଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି ଦଳ



ନୂଆଦିଲ୍ଲୀ : କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ କଂଗ୍ରେସ ନେତାଙ୍କ ଏକ ପ୍ରତିନିଧୀ ଦଳ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଏହି ସାକ୍ଷାତରେ ପ୍ରତିନିଧୀ ଦଳ ରାଷ୍ଟ୍ରପତିଙ୍କୁ ମଣିପୁର ହିଂସାରେ ରାଜ୍ୟରେ ସୃଷ୍ଟି ହୋଇଥିବା ପରିସ୍ଥିତି ସମ୍ପର୍କରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ କିମ୍ବା ସେବାରତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଆମେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଶନ ଗଠନ କରିବାକୁ ଦାବି କରିଛୁ।

## ମହାରାଷ୍ଟ୍ରର କୃଷକଙ୍କ ପାଇଁ ସିନ୍ଦେ ସରକାରଙ୍କ ବଡ ଘୋଷଣା

ମହାରାଷ୍ଟ୍ରର ଚାଷୀଙ୍କ ପାଇଁ ଏକ ଖୁସି ଖବର ଅଛି । ମହାରାଷ୍ଟ୍ର କ୍ୟାବିନେଟ୍ ଦ୍ୱାରା ନାମୋ କିସାନ୍ ନିଧି ଯୋଜନା ଅନୁମୋଦନ ହୋଇଛି। କେନ୍ଦ୍ର ସରକାରଙ୍କ ଏହି ଯୋଜନା ଅନୁଯାୟୀ ମହାରାଷ୍ଟ୍ର ସରକାର ମଧ୍ୟ ବାର୍ଷିକ ୬,୦୦୦ ଟଙ୍କା କୃଷକଙ୍କ ଆକାଉଣ୍ଟରେ ଜମା କରିବେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କହିଛନ୍ତି ଯେ ଆଜି କ୍ୟାବିନେଟ ବୈଠକରେ ଚାଷୀଙ୍କ ପାଇଁ ଅନେକ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ନାମୋ ଶେଟକରୀ ମହାସମାନ ନିଧି ଯୋଜନା କାର୍ଯ୍ୟକାରୀ ହେବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯେପରି କେନ୍ଦ୍ର ସରକାର କୃଷକମାନଙ୍କୁ ବାର୍ଷିକ ୬,୦୦୦ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି, ସେହିପରି ରାଜ୍ୟ ମଧ୍ୟ ସମାନ ନିଷ୍ପତ୍ତି ନେଇଛନ୍ତି। ଯେଉଁଥିରେ ୬,୦୦୦ ଟଙ୍କା କୃଷକଙ୍କ ଆକାଉଣ୍ଟକୁ ରାଜ୍ୟ ସରକାର ପଠାଇବେ।

## ମଣିପୁର ହିଂସା ପ୍ରଭାବିତଙ୍କୁ ମିଳିବ ୧୦ ଲକ୍ଷ ଟଙ୍କା ଓ ଚାକିରି

ଇମ୍ଫାଲ୍ : ରାଜ୍ୟରେ ଜାତିଗତ ବିବାଦ ସମୟରେ ନିହତ ହୋଇଥିବା ସମ୍ପର୍କୀୟଙ୍କ ସମ୍ପର୍କୀୟଙ୍କୁ ପ୍ରତ୍ୟେକଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କେନ୍ଦ୍ର ଏବଂ ମଣିପୁର ସରକାର ନିଷ୍ପତ୍ତି ନେଇଛନ୍ତି। ଅଧିକାରୀମାନେ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଦଙ୍ଗାରେ ନିହତ ବ୍ୟକ୍ତିଙ୍କ ପରିବାରର ସଦସ୍ୟଙ୍କୁ ମଧ୍ୟ ଏକ ଚାକିରି ଦିଆଯିବ । ଅଧିକାରୀ କହିଛନ୍ତି ଯେ କ୍ଷତିପୂରଣ ରାଶି କେନ୍ଦ୍ର ଏବଂ ରାଜ୍ୟ ସରକାର ସମାନ ଭାବରେ ବହନ କରିବେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏବଂ ମୁଖ୍ୟମନ୍ତ୍ରୀ ଏନ. ବିରେନ ସିଂଙ୍କ ସାକ୍ଷାତ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଅଧିକାରୀ କହିଛନ୍ତି ଯେ ବୈଠକରେ କ୍ଷତିପୂରଣ ପ୍ୟାକେଜ୍ ଘୋଷଣା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପେଟ୍ରୋଲ, ଏଲପିଜି ଗ୍ୟାସ, ଚାଉଳ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଭଳି ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଯାଞ୍ଚ କରିବାକୁ ବହୁ ପରିମାଣରେ ଉପଲବ୍ଧ ହେବା ନିଶ୍ଚିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଗୃହମନ୍ତ୍ରୀ ସୋମବାର ରାତିରେ ବିମାନ ଯୋଗେ ଇମ୍ଫାଲରେ



ପହଞ୍ଚିଥିଲେ ଏବଂ ତାଙ୍କ ସହ ଗୃହ ସଚିବ ଅଜୟ କୁମାର ଭାଲା ଏବଂ ଗୁପ୍ତଚର ବ୍ୟୁରୋ ନିର୍ଦ୍ଦେଶକ ତପନ କୁମାର ଡେକା ମଧ୍ୟ ଯୋଗ ଦେଇଥିଲେ। ଅମିତ ଶାହା ମେଟେଇ ଏବଂ କୁକି ସମ୍ପ୍ରଦାୟ ସହ ଜଡିତ ରାଜନୈତିକ ତଥା ନାଗରିକ ସଂଗଠନର ନେତାଙ୍କ ସହ ଅନେକ ବୈଠକ କରି ଚୁରାଚାନ୍ଦପୁର ପରିଦର୍ଶନ କରିଥିଲେ। ଚଳିତ ମାସ ଆରମ୍ଭରେ ହୋଇଥିବା ଦଙ୍ଗାରେ ଚୁରାଚାନ୍ଦପୁର ସବୁଠାରୁ ଅଧିକ ପ୍ରଭାବିତ ଅଞ୍ଚଳ ଅଟେ। ମଣିପୁରରେ ଆଦିବାସୀ ଏକତା ମୋର୍ଚ୍ଚା ପରେ ପାହାଡ ଜିଲ୍ଲାରେ ପ୍ରଥମ ଥର ପାଇଁ ଜାତି ହିଂସା ଆରମ୍ଭ ହୋଇଥିଲା। ମେ ୨ ୩ ରେ, ଅନୁସୂଚିତ ଜନଜାତି (ଏସଟି) ମାନ୍ୟତା ଦାବିରେ ମେଟାଇ ସମ୍ପ୍ରଦାୟ ଏହାକୁ ବିରୋଧ କରି ପରେ ଆଦିବାସୀ ଏକତା ମୋର୍ଚ୍ଚା ଆୟୋଜନ କରାଯାଇଥିଲା। ଏହା ପରେ ଗତ ରବିବାରର ହିଂସା ସମେତ ଅନ୍ୟାନ୍ୟ ହିଂସାତ୍ମକ ଘଟଣା ଘଟିଥିଲା। ରବିବାରର ହିଂସାରେ ଅତି କମରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ସଂରକ୍ଷିତ ଜଙ୍ଗଲ ଜମିରୁ କୁକି ଗ୍ରାମବାସୀଙ୍କୁ ଘଉଡାଇବା ନେଇ ଉତ୍ତେଜନା ଅତୀତରେ ହିଂସା ଘଟାଇ ଅନେକ ଛୋଟ ଆନ୍ଦୋଳନ କରିଥିଲା। ମଣିପୁରର ଜନସଂଖ୍ୟାର ପ୍ରାୟ ୫୩ ପ୍ରତିଶତ ମେଟେଇ ସମ୍ପ୍ରଦାୟ ଏବଂ ଅଧିକାଂଶ ସମ୍ପ୍ରଦାୟ ଇମ୍ଫାଲ ଉପତ୍ୟକାରେ ବାସ କରନ୍ତି । ନାଗା ଏବଂ କୁକି ସମ୍ପ୍ରଦାୟ ସମୁଦାୟ ଜନସଂଖ୍ୟାର ୪୦% ଗଠନ କରନ୍ତି ଏବଂ ପାହାଡ଼ିଆ ଜିଲ୍ଲାରେ ବାସ କରନ୍ତି । ଭାରତୀୟ ସେନା ଏବଂ ଆସାମ ରାଇଫଲ୍ସର ପ୍ରାୟ ୧୪୦ ୟୁନିଟ୍ ଉତ୍ତର-ପୂର୍ବ ରାଜ୍ୟରେ ସ୍ୱାଭାବିକତା ଫେରାଇବାକୁ ଚେଷ୍ଟା କରୁଛନ୍ତି। ପ୍ରତ୍ୟେକ ସୈନ୍ୟବାହିନୀରେ ୧୦,୦୦୦ କର୍ମଚାରୀ ଅଛନ୍ତି । ଏହା ବ୍ୟତୀତ ଅନ୍ୟ ସାମରିକ ବାହିନୀର ଯବାନମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଅନ୍ୟପକ୍ଷରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସୋମବାର ମଣିପୁରରେ ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂଙ୍କ ଏବଂ ଅନ୍ୟ ରାଜ୍ୟ ମନ୍ତ୍ରୀଙ୍କ ସହ ଏକ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ସେଠାରେ ମଣିପୁରରେ ହିଂସାକୁ ନେଇ ଆଲୋଚନା କରିବା ସହ ସୁରକ୍ଷା ପରିସ୍ଥିତିର ସମୀକ୍ଷା କରିଛନ୍ତି। । ମଣିପୁର ମେ ୩ ତାରିଖରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ହିଂସା ଉପୁଜିଛି। ରାଜ୍ୟରେ ହିଂସା ନିୟନ୍ତ୍ରଣ ବାହାରେ ହେବାରୁ ଶାହା ଚାରି ଦିନିଆ ଗସ୍ତ ପାଇଁ ସୋମବାର ମଣିପୁରରେ ପହଞ୍ଚିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମଣିପୁରର ମନ୍ତ୍ରୀ, ବରିଷ୍ଠ ନେତା ତଥା ଅଧିକାରୀଙ୍କ ସହ ଏକ ବୈଠକର ଅଧ୍ୟକ୍ଷତା କରିଛନ୍ତି। ସ୍ଥିତି ଆକଳନ କରିବା ସହ ରାଜ୍ୟରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ଗୁରୁବାର ସକାଳେ ସେ ଇମ୍ଫାଲରୁ ବିମାନ ଉଡ଼ାଣ କରିବେ ବୋଲି ଜଣାପଡିଛି। ରାଜ୍ୟରେ ହିଂସା ବୃଦ୍ଧି ପାଇଥିବା ଖବରକୁ ଦୃଷ୍ଟିରେ ରଖି ମଣିପୁର ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂ ରାଜ୍ୟବାସୀଙ୍କୁ ରାଜ୍ୟରେ ପୂର୍ବ ପରି ଅବସ୍ଥା ଫେରାଇ ଆଣିବା ଦିଗରେ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି।

# ସମ୍ବିଧାନର ମୌଳିକ ଢାଞ୍ଚା ଅକ୍ଷୁଣ୍ଣ ରଖି ସାମ୍ବିଧାନିକ ସଂସ୍ଥା କାର୍ଯ୍ୟ କରିବା ଉଚିତ




କଟକ, (ପିପିଏସ) : ଭାରତୀୟ ସମ୍ବିଧାନ ସର୍ବୋତ୍କୃଷ୍ଟ। ସମ୍ବିଧାନରେ ସମସ୍ତ ସଂସ୍ଥାର ବିଶେଷତ୍ୱ ରହିଛି। ବିଶେଷକରି ଭାରତର ସାମ୍ବିଧାନିକ ବ୍ୟବସ୍ଥାରେ ତିନୋଟି ସ୍ତମ୍ଭ ବ୍ୟବସ୍ଥାପିକା, ନ୍ୟାୟପାଳିକା ଓ କାର୍ଯ୍ୟପାଳିକାର ଭୂମିକା ସ୍ୱତନ୍ତ୍ର। ସମସ୍ତଙ୍କର କାର୍ଯ୍ୟ ନିର୍ଦ୍ଧାରଣ କ୍ଷମତା ମଧ୍ୟ ସ୍ପଷ୍ଟ କରାଯାଇଛି। ସମୟ ସମୟରେ ଏହି ସଂସ୍ଥାଗୁଡ଼ିକ ମଧ୍ୟରେ ବିବାଦ ସୃଷ୍ଟି ହେଉଥିଲେ ମଧ୍ୟ ସମାଧାନ ମଧ୍ୟ ନିର୍ଦ୍ଦିଷ୍ଟ ମାର୍ଗରେ କରାଯାଇଛି। ନିୟନ୍ତ୍ରଣ ଏବଂ ଭାରସାମ୍ୟ ମଧ୍ୟରେ ଭାରତର ଗଣତନ୍ତ୍ର ଆଜି ପର୍ଯ୍ୟନ୍ତ ତିଷ୍ଠି ରହିଛି। ଯାହାକି ବିଶ୍ୱରେ ବିସ୍ମୟ ସୃଷ୍ଟି କରିଛି ବୋଲି ପ୍ରଜାତନ୍ତ୍ର ପାଠଚକ୍ରରେ ବିଶିଷ୍ଟ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ 'ସୁପ୍ରିମ କିଏ' : ପାର୍ଲାମେଣ୍ଟ ନା ସୁପ୍ରିମକୋର୍ଟ ଶୀର୍ଷକ ଏକ ଆଲୋଚନାଚକ୍ରରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଓ ଗାନ୍ଧୀବାଦୀ ପାବକ କାନୁନ୍‌ଗୋ କହିଥିଲେ ଯେ ଏହି ପ୍ରସଙ୍ଗର ସାଂପ୍ରତିକ ପରିସ୍ଥିତିରେ ପ୍ରାସଙ୍ଗିକତା ସେଭଳି ନାହିଁ। ଦେଶ ଗଠନରେ ସମ୍ବିଧାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାକୁ କେନ୍ଦ୍ରକରି ବ୍ୟବସ୍ଥାପିକା, ନ୍ୟାୟପାଳିକା ଏବଂ କାର୍ଯ୍ୟପାଳିକା ନିଜ ନିଜର କାର୍ଯ୍ୟ ସଂପାଦନ କରିଥାନ୍ତି। ଦେଶ ୭୪ ବର୍ଷ ସ୍ୱାଧୀନତା ପୂର୍ତ୍ତି ଉତ୍ସବ ପାଳନ କରୁଥିବାବେଳେ ଏଭଳି ପ୍ରସଙ୍ଗକୁ ନେଇ କୌଣସି ବିରୁଦ୍ଧାତ୍ମକ ମତ ପୋଷଣ କରିବା ଠିକ ନୁହେଁ। ସମ୍ବିଧାନ ବଡ଼ ନା ପାର୍ଲାମେଣ୍ଟ। ଏହି ପ୍ରଶ୍ନ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଉଠିଥିଲା। କିନ୍ତୁ ଏହାକୁ ଆପୋଷ ବୁଝାମଣା ଦ୍ୱାରା ସମାଧାନ କରାଯାଇଥିଲା। ଜଷ୍ଟିସ କାନିଆଙ୍କ ମତରେ କେହି ବଡ଼ ନୁହେଁ। ଆମେରିକାର ସମ୍ବିଧାନ ନ୍ୟାୟପାଳିକାକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ତାହା ଅନେକ ସମୟରେ ଶାସନ ବ୍ୟବସ୍ଥାରେ ମତଭେଦ ସୃଷ୍ଟି କରିଥାଏ। କିନ୍ତୁ ଭାରତରେ ସମ୍ବିଧାନ ସର୍ବୋଚ୍ଚ। ଏହାର ଦିଗ୍‌ଦର୍ଶନରେ ଦେଶର ସଂସ୍ଥାଗୁଡ଼ିକ ପରିଚାଳିତ ହୋଇଥା'ନ୍ତି। ପ୍ରଧାନମନ୍ତ୍ରୀ ନେହେରୁ ଓ ଆଇନ ମନ୍ତ୍ରୀ ଆମ୍ବେଦକର ସମ୍ବିଧାନର ସୁରକ୍ଷା ପ୍ରତି ଅଧିକ ଦୃଷ୍ଟି ଦେଇଥିଲେ। ସେହି ସମୟରେ ସମ୍ବିଧାନରେ କେତେକ ସଂଶୋଧନ ମଧ୍ୟ କରାଯାଇଥିଲା। ଏପରିକି ସୁପ୍ରିମକୋର୍ଟର କ୍ଷମତାକୁ ସଂକୁଚିତ କରାଯାଇଥିଲା। ନେହେରୁଙ୍କ ମତରେ ରାଷ୍ଟ୍ରର ସୁରକ୍ଷା ତଥା ରାଷ୍ଟ୍ରର ଅଖଣ୍ଡତା ଏବଂ ଏକତା ବଜାୟ ରଖିବା ସରକାରଙ୍କର ପ୍ରାଥମିକ କର୍ତ୍ତବ୍ୟ। ବିଶେଷକରି ସମ୍ବିଧାନ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରାଯିବା ମଧ୍ୟ ଆବଶ୍ୟକ। ନ୍ୟାୟପାଳିକାକୁ ସମ୍ମାନ ପ୍ରଦର୍ଶନ ନକଲେ ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ସମୃଦ୍ଧ ହୋଇପାରିବ ନାହିଁ ବୋଲି ଶ୍ରୀ କାନୁନ୍‌ଗୋ କହିଥିଲେ।

ପାଠଚକ୍ରରେ ଯୋଗଦେଇ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୂ ପ୍ରସାଦ ତ୍ରିପାଠୀ କହିଥିଲେ ଯେ ସୁପ୍ରିମାସିର ଲଢ଼େଇକୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ ନୁହେଁ। ନା ସୁପ୍ରିମକୋର୍ଟ ନା ପାର୍ଲାମେଣ୍ଟ, ସମ୍ବିଧାନ ସୁପ୍ରିମ ଉଭୟ ପାର୍ଲାମେଣ୍ଟ ଏବଂ ସୁପ୍ରିମକୋର୍ଟ ଦେଶର ସମ୍ବିଧାନ ନିକଟରେ ପ୍ରତିବଦ୍ଧ ହୋଇ ନିଜ ନିଜର କାର୍ଯ୍ୟ ପରିସରରେ କାର୍ଯ୍ୟ କରିବା ଉଚିତ। ସୁପ୍ରିମକୋର୍ଟ ମଧ୍ୟ କେତେକ କ୍ଷେତ୍ରରେ ଭୁଲ୍ କରିପାରନ୍ତି। ଏହାକୁ ସଂଶୋଧନ ମଧ୍ୟ କରାଯାଇପାରିବ। ଭାରତର ସମ୍ବିଧାନ ସର୍ବୋତ୍କୃଷ୍ଟ। ନିୟନ୍ତ୍ରଣ ଏବଂ ଭାରସାମ୍ୟ ରକ୍ଷା କରିବା ଦିଗରେ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି। ବର୍ତ୍ତମାନ ପରିସ୍ଥିତିରେ ଏହି ତିନୋଟି ସଂସ୍ଥା ଦେଶ ପାଖରେ ପ୍ରତିବଦ୍ଧ ଏବଂ ଦାୟିତ୍ୱବାନ ହୋଇ କାର୍ଯ୍ୟ କରୁଛନ୍ତି। ଏକ ସମୟରେ ଆଇନ ମନୋମୁଖୀ ହୋଇଯାଇଥିଲା। ଯାହାର ନିୟନ୍ତ୍ରଣ ମଧ୍ୟ କରାଯାଇଛି। ଯଦି କୌଣସି ଆଇନ ସମ୍ବିଧାନର ବିରୁଦ୍ଧାଚରଣ କରୁଛି ସେତେବେଳେ ନ୍ୟାୟପାଳିକା ଏଥିରେ ହସ୍ତକ୍ଷେପ କରିବାକୁ ବାଧ୍ୟ ହେଉଛି। ପାର୍ଲାମେଣ୍ଟ ପାଖରେ ମଧ୍ୟ କ୍ଷମତା ରହିଛି। ସେ ମଧ୍ୟ ସୁପ୍ରିମକୋର୍ଟର ନିଷ୍ପତ୍ତିର ସମୀକ୍ଷା କରିପାରିବ। ସମ୍ବିଧାନର ୩୬୮ ଧାରାରେ ପାର୍ଲାମେଣ୍ଟ ପାଖରେ କ'ଣ କ'ଣ କ୍ଷମତା ରହିଛି ସେ ସମ୍ବନ୍ଧରେ ବିଶେଷ ଭାବରେ ବର୍ଣ୍ଣିତ ହୋଇଛି। ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କଲେ କୌଣସି ଆଇନର ପରିବର୍ତ୍ତନ ବା ସଂଶୋଧନ ହୋଇପାରିବ। ସମ୍ବିଧାନର ଧାରା ୫୪, ୫୫, ୭୩, ୧୫୨, ୧୨୧ ଦ୍ୱାରା ଆବଶ୍ୟକୀୟ ସଂଶୋଧନ କରାଯାଇପାରିବ। ଏହା ବିଭିନ୍ନ ମାମଲାରେ ପ୍ରୟୋଗ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସମ୍ବିଧାନ ମୌଳିକ ଢାଞ୍ଚାକୁ କୌଣସି ପରିସ୍ଥିତିରେ ବିକୃତ ବା ନଷ୍ଟ କରାଯାଇପାରିବ ନାହିଁ ବୋଲି ଆଡ଼ଭୋକେଟ ତ୍ରିପାଠୀ କହିଥିଲେ।

ପାଠଚକ୍ରରେ ଯୋଗଦେଇ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା କହିଥିଲେ ଯେ ଆମ ସାମ୍ବିଧାନିକ ବିଧି ବ୍ୟବସ୍ଥା ମଜଭୁତ ରହିଛି। ଯଦିଓ ଅଧିକ ମାତ୍ରାରେ ଆମ ସମ୍ବିଧାନ ସଂଶୋଧିତ ହୋଇଛି ତଥାପି ଭାରତର ସମ୍ବିଧାନକୁ ଅଧିକ ସୁରକ୍ଷିତ ରଖାଯାଇଛି। ସାଂପ୍ରତିକ ସ୍ଥିତିରେ ସୁପ୍ରିମକୋର୍ଟ କିମ୍ବା ପାର୍ଲାମେଣ୍ଟ କିଏ ଅଧିକ ଶକ୍ତିଶାଳୀ ସେ ପ୍ରଶ୍ନ କରାଯିବା ସମୀଚୀନ ନୁହେଁ। ମନ୍ଦ ବା ଭିତ୍ତିହୀନ ଭାବରେ ସମ୍ବିଧାନକୁ ସଂଶୋଧନ କରାଯାଇପାରିବ ନାହିଁ। ତଥାପି ଶକ୍ତିଶାଳୀ କିଏ ଏ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହା ହେବା ମଧ୍ୟ ସ୍ୱାଭାବିକ। ସାଂପ୍ରତିକ ସମୟରେ ଅନେକ ପ୍ରକାରର ଆଇନର ତର୍ଜମା ମଧ୍ୟ କରାଯାଉଛି। ସେ କ୍ଷେତ୍ରରେ ସୁପ୍ରିମକୋର୍ଟ ଓ ପାର୍ଲାମେଣ୍ଟର କ୍ଷମତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆମେରିକା ପ୍ରଣାଳୀରେ ନ୍ୟାୟପାଳିକା ସର୍ବୋପରି ଥିଲାବେଳେ ବ୍ରିଟିଶ ବ୍ୟବସ୍ଥାରେ ସଂସଦ ସର୍ବୋଚ୍ଚ ବୋଲି ନିର୍ଦ୍ଧାରିତ ହୋଇଛି। କ୍ଷମତାର ବର୍ଗୀକରଣ ହୋଇଥିବାବେଳେ ଗଣତନ୍ତ୍ରର ତିନୋଟି ସ୍ତମ୍ଭ ସୀମା ସରହଦ ମଧ୍ୟରେ ରହି ନିଜର କର୍ତ୍ତବ୍ୟ ସଂପାଦନ କରିବା ଆବଶ୍ୟକ ହୋଇପଡ଼ିଛି। ଯଦି ସଂସ୍ଥାଗୁଡ଼ିକ କ୍ଷମତାକୁ ନେଇ ଲଢ଼େଇ କରନ୍ତି ତେବେ ସମ୍ବିଧାନ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ବିପଦାପନ୍ନ ହେବ। କ୍ଷମତା ବଣ୍ଟନ କରି ଭାରସାମ୍ୟ ରକ୍ଷାକରାଗଲେ ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ହେବ। ସାମ୍ବିଧାନିକ ସଂସ୍ଥାର ମର୍ଯ୍ୟାଦା ଏବଂ ସୀମାରେଖା ନିର୍ଦ୍ଧାରିତ କରାଯାଇଛି। ସୀମା ଉଲ୍ଲଂଘନ ହେଲେ ବିବାଦ ସୃଷ୍ଟି ହୁଏ ସେଥିପାଇଁ ସମସ୍ତେ ନିଜ ନିଜର ଲକ୍ଷ୍ମଣରେଖା ମଧ୍ୟରେ ରହି କାର୍ଯ୍ୟ କରିବା ଉଚିତ। କେତେକ ସ୍ଥଳରେ ସଂସଦ ଏବଂ ପାର୍ଲାମେଣ୍ଟ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ତାହାକୁ ବ୍ୟାପକ ଦୃଷ୍ଟିରେ ଗ୍ରହଣ କରି ସମ୍ବିଧାନର ଧାରା ଅନୁସାରେ ସମାଧାନ କରାଯାଇଛି। ଦେଶର ସମ୍ବିଧାନ ଜନସାଧାରଣଙ୍କୁ ମୌଳିକ ଅଧିକାର ପ୍ରଦାନ କରିଥିବାବେଳେ ତାହା କୌଣସି ପରିସ୍ଥିତିରେ କ୍ଷୁଣ୍ଣ ହୋଇପାରିବ ନାହିଁ। କ୍ଷମତା ପ୍ରଦାନ ଠିକ୍ ହୋଇଥିବାବେଳେ ନିରଂକୁଶ କ୍ଷମତା ହାସଲ ଦୁର୍ନୀତି ସୃଷ୍ଟି କରିବାରେ ସହାୟକ ହୋଇଥାଏ। ସଂପ୍ରତି ଦିଲ୍ଲୀ ସରକାର ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଯେଉଁ ବିବାଦ ସୃଷ୍ଟି ହୋଇଛି, ତାହାର ସାମ୍ବିଧାନିକ ପ୍ରକ୍ରିୟାରେ ସମାଧାନ ହେବା ଉଚିତ ବୋଲି ଶ୍ରୀ ବେହେରା କହିଥିଲେ।

ପାଠଚକ୍ରରେ ସଭାପତିତ୍ୱ କରି ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଶ୍ରୀ ସୁରେନ୍ଦ୍ର ନାଥ କର କହିଥିଲେ ଯେ ସଂପ୍ରତି ଦେଶରେ ସୁପ୍ରିମକୋର୍ଟ ଏବଂ ବ୍ୟବସ୍ଥାପିକା ମଧ୍ୟରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସରକାର ବିଚାରପତିଙ୍କ ନିଯୁକ୍ତି ପ୍ରକ୍ରିୟାରେ ଭୂମିକା ରଖୁଛନ୍ତି। ସୁପ୍ରିମକୋର୍ଟ ସରକାରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଲେ ତାହା ସମ୍ବିଧାନକୁ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରିଥାଏ। ନିକଟରେ ବିଚାରପତି ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟ ମଧ୍ୟ ସରକାରଙ୍କୁ ଆକ୍ଷେପ କରିଛନ୍ତି। ମାଡ୍ରାସ ହାଇକୋର୍ଟରେ ଜଜ୍ ନିଯୁକ୍ତି ମାମଲାରେ ବିବାଦ ସୃଷ୍ଟି ହୋଇଛି। ସରକାର ତାଙ୍କର ମନ ପସନ୍ଦର ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାପରେ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିଛନ୍ତି। ସବୁ ମଧ୍ୟରେ ଦେଶର ସ୍ୱାଧୀନତା ଏବଂ ସାର୍ବଭୌମତାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାର ଆବଶ୍ୟକତା ଉପୁଜିଛି। ସେ କହିଥିଲେ ଯେ ସଂପ୍ରତି ଆଇନ ବ୍ୟବସ୍ଥାରେ ଅଧୋଗତି ହୋଇଥିବାର ପରିଲକ୍ଷିତ ହୋଇଛି। ବିଭିନ୍ନ କ୍ଷେତ୍ରରେ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ହୋଇଛି। ସରକାର ସମୟ ସମୟରେ ତାଙ୍କର ସୁପ୍ରିମାସି ଜାହିର କରିଥା'ନ୍ତି। ଗୋଟିଏ ସରକାର ଜନସାଧାରଣଙ୍କ ପାଖରେ ଦାୟୀ ହେଉଥିବାବେଳେ ବିଚାରପତିଙ୍କ କ୍ଷେତ୍ରରେ ଏହା ବ୍ୟତିକ୍ରମ ହୋଇଥାଏ। ନିକଟରେ ସମଲିଙ୍ଗୀ ବିବାହ ମାମଲାର ଚର୍ଚ୍ଚା ଚାଲିଥିବାସହ ଏହି ମାମଲା ସୁପ୍ରିମକୋର୍ଟଙ୍କଠାରେ ଶୁଣାଣି ଚାଲିଛି। ଏ କ୍ଷେତ୍ରରେ ସଠିକ ନିଷ୍ପତ୍ତି ମଧ୍ୟ ନିଆଯିବା ଉଚିତ। ସୁପ୍ରିମକୋର୍ଟଙ୍କର ସବୁ ନିଷ୍ପତ୍ତି ମଧ୍ୟ ଠିକ୍ ବୋଲି ଗ୍ରହଣ କରିନେବା ଉଚିତ ନୁହେଁ। ସମୟ ଆସିଛି ସ୍ୱଚ୍ଛତା ଏବଂ ପାରଦର୍ଶିତାକୁ ଆଖି ଆଗରେ ରଖି କାର୍ଯ୍ୟ କରାଯିବାକୁ ନେଇ ଏପରି ସ୍ଥଳେ ଦେଶର ତିନୋଟି ସଂସ୍ଥା ବ୍ୟବସ୍ଥାପିକା, ନ୍ୟାୟପାଳିକା ଏବଂ କାର୍ଯ୍ୟପାଳିକା ଉପଯୁକ୍ତ ଭାବରେ ଓ ସମ୍ବିଧାନର ପରିଧି ମଧ୍ୟରେ ରହି କାର୍ଯ୍ୟ କରିବା ଉଚିତ। ସୁପ୍ରିମାସିର ଲଢ଼େଇ ଜାରି ରହିଲେ ଦେଶରେ ଅସ୍ଥିରତା ସୃଷ୍ଟି ହେବ, ଏଥିରେ ସନ୍ଦେହ ନାହିଁ। ସର୍ବୋପରି ସମ୍ବିଧାନର ମୌଳିକ ଢାଞ୍ଚା ବଜାୟ ରଖି ସମସ୍ତେ ଦେଶପାଖରେ ପ୍ରତିବଦ୍ଧ ହେବା ଉଚିତ ବୋଲି ଆଡ଼ଭୋକେଟ ଶ୍ରୀ କର କହିଥିଲେ।

ପାଠଚକ୍ରରେ ସଂଯୋଜକ ଡାକ୍ତର ରବିରଞ୍ଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଲକ୍ଷ୍ମୀନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଥାନା ଦ୍ୱାରୀ ଲାଗିବ ନୋଟିସ୍

ସାଲେପୁର, (ହି.ସ.) : କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ଏକାଧିକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଦିନକୁ ଦିନ ନୂଆ ନିର୍ଦ୍ଦେଶାନାମାଗୁଡିକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ଉଚ୍ଚକର୍ତ୍ତୃପକ୍ଷ ପଦକ୍ଷେପ ନେଇଛନ୍ତି । ତେବେ ଗିରଫ ସମୟରେ ଥିବା ନିୟମାବଳୀକୁ ଥାନାଗୁଡିକ ପାଳନ କରୁନଥିବା ଅଭିଯୋଗ ହେବା ପରେ କମିଶନରଙ୍କ କାର୍ଯ୍ୟାଳୟରୁ ପ୍ରତ୍ୟେକ ଥାନାକୁ ତାଗିଦ କରାଯାଇଛି । ଗିରଫ ନିୟମାବଳୀ ସଂପର୍କୀତ ନୋଟିସ୍ କୁ ଥାନା କାନ୍ଥରେ ଲଗାଇବାକୁ କୁହାଯାଇଛି । କୌଣସି ଅଭିଯୁକ୍ତକୁ ଗିରଫ କରିବା ସମୟରେ ଯେଉଁ ନିୟମ ପୁଲିସ ପାଳନ କରିବା କଥା ତାହାକୁ କଡାକଡି ଭାବେ ପାଳନ କରିବାକୁ ଡିସିପି ପିନାକୀ ମିଶ୍ର ପ୍ରତ୍ୟେକ ଥାନାର ଆଇଆଇସି ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି କୌଣସି ଥାନା ଅଧିକାରୀ ଗିରଫ ସମୟରେ ରହିଥିବା ନିୟମାବଳୀକୁ ଉଲଘଂନ କରନ୍ତି ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଶ୍ରୀ ମିଶ୍ର କରିଛନ୍ତି । ପ୍ରକାଶ ଥାଉ କି, କୌଣସି ଅଭିଯୁକ୍ତକୁ ଗିରଫ କରିବାକୁ ଯାଇଥିବା ପୁଲିସ ଅଧିକାରୀ ସାଦା ପୋଷାକରେ ନଯାଇ ପୁଲିସ ପୋଷାକରେ ଯିବେ । ପୋଷାକ ଉପରେ ସଂପୃକ୍ତ ପୁଲିସ ଅଧିକାରୀଙ୍କ ନାମ ଓ ନମ୍ବର ରହିବା ଅପରିହାର୍ଯ୍ୟ । ପୁଲିସ ଗିରଫ କଲେ ଗିରଫ ତାରିଖ ଓ ସମୟ ଥିବା ଏକ 'ମେମୋ ଅଫ ଆରେଷ୍ଟ' ବା ଗିରଫ ତାଲିକା ପ୍ରସ୍ତୁତ କରିବେ । ଯେଉଁଥିରେ କି ଜଣେ ସାକ୍ଷୀ ଓ ଗିରଫ ବ୍ୟକ୍ତିଙ୍କ ସ୍ୱାକ୍ଷର ରହିବା ବାନ୍‌ଛନୀୟ । ବ୍ୟକ୍ତିଙ୍କ ଗିରଫଦାରୀ ଏବଂ ତାଙ୍କୁ ରଖାଯାଇଥିବା ଆବଦ୍ଧ ଘର ସଂପର୍କରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ବନ୍ଧୁ କିମ୍ବା ସମ୍ପର୍କୀୟଙ୍କୁ ଜଣାଇବା ଆବଶ୍ୟକ । ଗିରଫ ବ୍ୟକ୍ତିଙ୍କର ପରିବାର, ବନ୍ଧୁ କିମ୍ବା ସଂପର୍କୀୟମାନେ ଯଦି ଜିଲ୍ଲା ବାହାରେ ରହୁଥିବେ ସେମାନଙ୍କୁ ଗିରଫ ହେବାର ସମୟ, ତାରିଖ ଓ ରଖାଯାଇଥିବା ଘର(ହାଜତ) ବିଷୟରେ ସର୍ବନିମ୍ନ ୮ରୁ ସର୍ବାଧିକ ୧୨ ଘଂଟା ମଧ୍ୟରେ ଆଇନ ସହାୟତା ସଂସ୍ଥା ମାଧ୍ୟମରେ ଜଣାଇବା ଗୁରୁତ୍ୱପୂର୍ଣ୍ଣ । ପୁଲିସ ଅଧିକାରୀ ଅଭିଯୁକ୍ତଙ୍କୁ ଗିରଫ ସମୟରେ ଆବଶ୍ୟକସ୍ଥଳେ ଫୋନ୍ ବ୍ୟବହାର କରିବାର ସୁଯୋଗ ଦେଇପାରିବେ । ଗିରଫ ସମ୍ବନ୍ଧୀୟ ସୂଚନାର ଏକ ଲିଖିତ ତଥ୍ୟରେ ପରଦର୍ଶକ ଦାୟିତ୍ୱରେ ଥିବା ପୁଲିସ ଅଫିସରଙ୍କ ନାମ ଉଲ୍ଲେଖ ରହିବ । ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସଂପର୍କୀୟ ଥାନାକୁ ଆସି ତାଙ୍କ ସମ୍ପର୍କୀୟଙ୍କ ସବିଶେଷ ତଥ୍ୟ ସେ ପୁଲିସ ଡାଏରୀରୁ ପଢି ଜାରିପାରିବେ । ଅନ୍ୟପକ୍ଷରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କର ଡାକ୍ତରୀମାଇନା ଏବଂ ଆଘାତ ବିବରଣୀ ଥାନାରେ ଲିଖିତ ଭାବେ ରହିବ । ସେହି ବିବରଣୀରେ ଗିରଫ କରିଥିବା ପୁଲିସ ଏବଂ ଗିରଫ ହୋଇଥିବା ବ୍ୟକ୍ତିର ଦସ୍ତଖତ ସଂଲଗ୍ନ ଏକ ନକଲ ଗିରଫ ଅଭିଯୁକ୍ତ ବା ତାଙ୍କ ସମ୍ପର୍କୀୟଙ୍କୁ ପୁଲିସ ପ୍ରଦାନ କରିବେ । ଯଦି କୌଣସି ଅଭିଯୁକ୍ତ ଗିରଫ ହୋଇ କୋର୍ଟଚାଲାଣ ହୋଇନଥିବେ, ସେ କ୍ଷେତ୍ରରେ ୪୮ ଘଂଟା ମଧ୍ୟରେ ଥରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ସମସ୍ତ ତଥ୍ୟ ସମ୍ବଳିତ ନକଲ ଅଦଲାତରେ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ପୁଲିସ ଉପସ୍ଥାପନ କରିବ । ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଜେରା ସମୟରେ ତାଙ୍କ ଓକିଲଙ୍କୁ ଭେଟିବାର ସୁଯୋଗ ଦିଆଯିବ । ଏଥିରେ ପୁଲିସ ସହଯୋଗ କରିବ । ଏଭଳି ବିଭାଗୀୟ ନିର୍ଦ୍ଦେଶନାମା ଗିରଫ ହୋଇଥିବା ଅଭିଯୁକ୍ତଙ୍କ କ୍ଷେତ୍ରରେ ପାଳନ କରିବା ବାଧ୍ୟତାମୂଳକ । ହେଲେ କେତେକ ଥାନାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଏହାକୁ ଦୃଷ୍ଟିରେ ରଖି ଥାନା ଅଧିକାରୀମାନେ ଏହି ନିୟମକୁ କଡାକଡି ଭାବେ ପାଳନ କରିବାକୁ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ୍ ଜାରି ହେବା ସହିତ ଚେତାଇ ଦିଆଯାଇଛି।

## ୨ ବର୍ଷ ପାଇଁ ପିଡିଏସ୍ ଚାଉଳ ପରିବହନ ଓ ଯୋଗାଣ ପାଇଁ ଟେଣ୍ଡର

କେନ୍ଦ୍ରାପଡ଼ା, (ହି.ସ.) : ଜିଲ୍ଲାର ପିଡିଏସ୍ ଚାଉଳ ପରିବହନ ଓ ଯୋଗାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି । ଆଜି ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହି ଟେଣ୍ଡର ଖୋଲା ଯାଇଥିଲା । ଜିଲ୍ଲାର ଡେରାବିଶ ବ୍ଲକ ଅଧିନ ଲକ୍ଷ୍ମୀନାରାୟଣ ପୁର, ଆଳି, କେନ୍ଦ୍ରାପଡା ବ୍ଲକ ଅଧିନ ଛଘରିଆ, ମାର୍ଶାଘାଇ ବ୍ଲକ ଅଧିନ ମଶାକଣୀ ଠାରେ ଥିବା ସରକାରୀ ଗୋଦାମରୁ ଏହି ଟେଣ୍ଡର ଧାରୀ ମାନେ ଚାଉଳ ଆଣି ୨୦୨୩ -୨୪ ଓ ୨୦୨୪-୨୫ ଦୁଇ ବର୍ଷ ପାଇଁ ପରିବହନ ଓ ଯୋଗାଣ କରିବେ ବୋଲି ଚୁକ୍ତିନାମା ହୋଇଛି ।

## ପଶ୍ଚିମବଙ୍ଗରୁ ଆସି ଭୁବନେଶ୍ୱରରେ ହଜିଥିବା ପୁଅ ଧର୍ମଶାଳା ଅଂଚଳରୁ ଉଦ୍ଧାର

ଧର୍ମଶାଳା, (ହି.ସ.) : ପଶ୍ଚିମବଙ୍ଗରୁ ଆସି ଭୁବନେଶ୍ୱରରେ ହଜିଯାଇଥିବା ପୁଅ ଯାଜପୁର ଜିଲ୍ଲା ଧର୍ମଶାଳା ଅଂଚଳରୁ ଉଦ୍ଧାର। ପୋଲିସ ସହାୟତାରେ ନିଖୋଜ ପୁଅକୁ ପରିବାର ଲୋକଙ୍କୁ କରାଗଲା ହସ୍ତାନ୍ତର। ସୂଚନା ମୁତାବକ, ଗତ ୧୫ଦିନ ତଳେ ପଶ୍ଚିମବଙ୍ଗ ମେଦିନାପୁର ଅଂଚଳର ମାନିକ ମହାତ ଓ ନମିତା ମହାତ ନିଜ ୧୯ବର୍ଷର ପୁଅ ସନ୍ଦୀପକୁ ସାଙ୍ଗରେ ଆଣି ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ଏହି ସମୟରେ ସେଠାରୁ ସନ୍ଦୀପ କୁଆଡେ ଚାଲିଯାଇଥିଲେ। ସେଠାରେ ଖୋଜାଖୋଜି କରିବା ପରେ ପୁଅକୁ ନପାଇବାରୁ ପରିବାର ଲୋକେ ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ତେବେ ନିଖୋଜ ସନ୍ଦୀପ ଯାଜପୁର ଜିଲ୍ଲା ଧର୍ମଶାଳା ଅଂଚଳରେ ବୁଲୁଥିବାର ଖବର ମିଳିଥିଲା ତେବେ। ସ୍ଥାନୀୟ ଲୋକେ ଲୋକଙ୍କ ସହାୟତ ରେ ସନ୍ଦିପକୁ ଆଜି ଚଢ଼େଇଧରା ଅଂଚଳରୁ ଉଦ୍ଧାର କରି ଥିଲେ । ଖବର ପାଇ ପରିବାର ଲୋକେ ଧର୍ମଶାଳା ଥାନାରେ ପହଂଚିଥିବା ବେଳେ ପୋଲିସ ନିଖୋଜ ପୁଅକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ସେମାନଙ୍କୁ ଖଣ୍ଡଗିରି ଥାନାକୁ ପଠାଇବାର ବ୍ୟବସ୍ଥା କରିଛି। ନିଖୋଜ ପୁଅକୁ ପରିବାର ଲୋକେ ପାଇ ବେଶ ଖୁସି ପ୍ରକଟ କରିଥିବା ବେଳେ ନିଖୋଜ ସନ୍ଦୀପ ମାନସିକ ବିକୃତ ଥିବା ଜଣାପଡ଼ିଛି।

## ଚମ୍ପୁଆରେ ସିପିଆଇର ଜନ ସଚେତନତା ପଦଯାତ୍ରା

ଚମ୍ପୁଆ, (ହି.ସ.) : ଚମ୍ପୁଆ ସଦର ମହକୁମାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ଏକ ଜନ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ବିରୋଧି ନୀତିଗୁଡ଼ିକୁ ବିରୋଧ କରି ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲ୍ଲା ସିପିଆଇ ସହ ସମ୍ପାଦକ ବିଦ୍ୟାଧର ମହାନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ ଯୋଗ ଦେଇଥିଲେ। ବାର୍ଦ୍ଧକ୍ୟ ଭତା ୩୦୦୦ ଟଙ୍କାକୁ ବୃଦ୍ଧି, ଚମ୍ପୁଆ ଡାକ୍ତରଖାନା ରେ ଡାକ୍ତର ନିଯୁକ୍ତି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୫୦୦ ଟଙ୍କାକୁ ବୃଦ୍ଧି, ଦଖଲ ଜମି ର ଜମି ପଟ୍ଟା ପ୍ରଦାନ, ଗରିବମାନଙ୍କୁ ୨୦୦ ୟୁନିଟ ମାଗଣା ବିଦ୍ୟୁତ ଯୋଗାଣ, କୃଷି ଋଣ ଛାଡ, ଚମ୍ପୁଆ ସଦର ମହକୁମାରେ ରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା, ଚମ୍ପୁଆ ରେ ବାଇପାସ୍ ନିର୍ମାଣ , ଦରଦାମ ବୃଦ୍ଧିରେ ଅଙ୍କୁଶ ଲଗାଇବା, ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଆଦି ଦାବୀ ନେଇ ଚମ୍ପୁଆ ବ୍ଲକ୍ ରୁ ପାର୍ଟି ତରଫରୁ ଏକ ଶୋଭାଯାତ୍ରା ଆରମ୍ଭ ହୋଇ ଚମ୍ପୁଆ ବଜାର ପରିକ୍ରମା କରିବା ପରେ ଗାନ୍ଧୀ ଛକ ଠାରେ ଦଳର ନେତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଷଦଗାର କରିଥିଲେ। ଏହି କାର୍ଯ୍ୟକ୍ରମରେ ପାର୍ଟିର ଶତାଧିକ କର୍ମୀ ଯୋଗ ଦେଇଥିବାବେଳେ ଅର୍ଜୁନ ମହାନ୍ତ, କପିଳ ମହାନ୍ତି, ଗିରିଶ ନାଏକ, ନରେଶ ମହାନ୍ତ, ଦେବରାଜ ମହାନ୍ତ, ବାଗିରାଜ ଚାତାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ନାନପୂର୍ଣ୍ଣିମା ୪ ଦିନ ପୂର୍ବରୁ ଉଠିଲା ୪ ନାହାକା

ପୁରୀ, (ହି.ସ.) : ଅକ୍ଷୟ ତୃତୀୟା ଠାରୁ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ବିଶ୍ୱକର୍ମା ମହାରଣାମାନେ ହବିଷବ୍ରତ ପାଳନ କରି ନିଷ୍ଠାର ସହ ରଥ ନିର୍ମାଣ କାର୍ଯ୍ୟ କରୁଛନ୍ତି । ପ୍ରଥମେ ତୁମ୍ବ ନିର୍ମାଣ ପରେ ଅର ଓ ପହି ସଂଯୋଗ କରି ଚକ ନିର୍ମାଣ କରାଯାଇଥିଲା । ୪୨ଟି ଚକରେ ୨୧ଟି ଅଖ ସଂଯୋଗ କରାଯାଇ ରଥ ଖଳାରେ ଡ଼େରା ଯାଇଥିଲା । ପରେ ଅଖ ଦଣ୍ଡା ବାଡ଼ିଆ ଯାଇଥିଲା । ପରେ ଫ୍ରେମ ସଂଯୋଗ କରାଯାଇ ତାଉପରେ ମଙ୍ଗଳବାର ଦିନ ୪ ନାହାକା ଉଠିଛି । ରଥ ସଂହିତା ଅନୁଯାୟୀ ସ୍ନାନ ପୂର୍ଣ୍ଣିମା ଦିନ ୪ ନାହାକା ଉଠିବା ବିଧି ରହିଛି । ଚଳିତବର୍ଷ ଅବଧିର ୪ ଦିନ ପୂର୍ବରୁ ପ୍ରତି ରଥର ୪ ନାହାକା ଉଠିଛି । ଭୋଇ ସେବକମାନଙ୍କ ଦ୍ୱାରା ନାହାକା ଉଠିବା ସହ ତୃତୀୟ ହରିବୋଲ ପଡ଼ିଥିଲା । ଦଣ୍ଡା ଫ୍ରେମରେ ଆଗଆଣି ଓ ପଛଆଣି ମୁହାଁଟରେ ଗୁଜ,ଜଳଯନ୍ତ୍ର ଉଠିଥିଲା । ତା ଉପରେ ଆଗ ଓ ପଛ ନିରାଡ଼ି ସଂଯୋଗ ହୋଇ ପ୍ରତି ରଥରେ ଦୁଇଟି ଲେଖା ଗରଗରା ଉଠିଥିଲା । ଗରଗରାରେ କଂଟା ବାଡ଼ିଆ ହୋଇ ତାଉପରେ ପ୍ରତି ରଥର ୪ ନାହାକା ଉଠିଥିଲା । ପୋଲ ଗୟଳକୁ ମୁଣ୍ଡାଇ ରଖିବା ପାଇଁ ପ୍ରତି ରଥର ଉଭୟ ପାର୍ଶ୍ୱରେ ଛଡ଼େଇ ଦଣ୍ଡାରେ ୭ଟି କମ୍ବି, ୨ଟି ଆସୁଆରି ଉଠି ବଡ଼ ଫୁଲ ଗୟଳ ସଂଯୋଗ କରାଯାଇଥିଲା । ରଥ ଖଳାରେ ବିଶ୍ୱକର୍ମା ମହରଣାମାନଙ୍କ ସହ ରୂପକାର ସେବକ, ଭୋଇ ସେବକ, କରତି ସେବକ, ବିନ୍ଧ କାରିଗର, କମାର ସେବକମାନଙ୍କ ସହ ଅନ୍ୟ ସେବକମାନେ ରଥ ନିର୍ମାଣରେ ନିୟୋଜିତ ହୋଇଛନ୍ତି । ରଥ ନିର୍ମାଣ କାର୍ଯ୍ୟକୁ ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

## ଗଣକବି ଗୋପାଳ ଦାଶଙ୍କ ୧୪୮ତମ ଜୟନ୍ତୀ ଉତ୍ସବ

କେନ୍ଦ୍ରାପଡ଼ା, (ହି.ସ.) : ଗଣକବି ଗୋପାଳ ଦାଶଙ୍କ ୧୪୮ତମ ଜୟନ୍ତୀ ଉତ୍ସବ ବାରୁଅ ଭାବଗ୍ରାହୀ କଳା ନିକେତନ ଠାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସଂପାଦକ ବିମଳ ପ୍ରସାଦ ପରିଡା ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ ସହିତ ଗଣକବିଙ୍କ ବଳିଷ୍ଠ ପ୍ରତିଭା ଏବଂ ଯାତ୍ରା ଜଗତକୁ ତାଙ୍କର କାଳଜୟୀ ଅବଦାନ ସଂପର୍କରେ ସୂଚନା ଦେଇଥିଲେ। ଚିତ୍ରୋତ୍ପଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଣି ମୁଖ୍ୟ ଅତିଥି ଏବଂ ବାଦ୍ୟ ସଂଗୀତ ବିଶାରଦ ନିରଂଜନ ପରିଡା ମୁଖ୍ୟବକ୍ତା, ବିଶିଷ୍ଟ ତବଲା ଗୁରୁ ସମୀରଂଜନ ଦାସ ଏବଂ ବରିଷ୍ଠ ରାଜନେତା ହରିଶ୍ଚନ୍ଦ୍ର ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଗଣକବିଙ୍କ ବିଭିନ୍ନ ରଚନାବଳି ଏବଂ ଅଭିନୟ ଚାତୁରୀ ସଂପର୍କରେ ଆଲୋକପାତ କରିଥିଲେ।

CUTTACK MUNICIPAL CORPORATION
"e" PROCUREMENT NOTICE
Tender ID : 2023_ORULB_88201 (Two Bid)
Civil work- Construction of Paver road from Khan Nagar Duty Room to Link Road near Railway Over Bridge Petrol Pump site in Ward No.45.
Bid Value : Rs.63.12 Lakhs
Date and Time schedule :

| Start | End | Opening |
|---|---|---|
| 11.00 AM on dt. 01.06.2023 | 5.00 PM on dt.09.06.2023 | 11:00 A.M. on dt.16.10.2023 |

Tender Details : can be seen from the procurement portal : www.tendersorissa.gov.in
Executive Engineer
City Division-II,CMC
Executive Engineer
City Division-II,CMC
Executive Engineer
City Division-II
Cuttack Municipal Corporation
C-458 OIPR - 13031/11/0024/2324

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋ ସେବା କେନ୍ଦ୍ର ସଂଖ୍ୟା ୮୦୦୦କୁ ବୃଦ୍ଧି ପାଇବ

ଜରିଆରେ ଭିତ୍ତିଭୂମି ଓ ପୁଞ୍ଜିନିବେଶ ପାଇଁ ସହାୟତା ଯୋଗାଇ ଦିଆଯିବ । ପ୍ରଯୁକ୍ତିର ସମ୍ଭାବିତ କ୍ଷେତ୍ରରେ ଉତ୍କର୍ଷ କେନ୍ଦ୍ର ମାନ ପ୍ରତିଷ୍ଠା କରାଯାଇ ୩୦୦୦ ବ୍ୟକ୍ତିବିଶେଷଙ୍କୁ ପ୍ରଶିକ୍ଷଣ ଦିଆଯିବ । ଖୁବ୍ ଶୀଘ୍ର ଫାବ୍ ଏବଂ ଫାବ୍ ରହିତ ନୀତି ପ୍ରଣୟନ କରାଯିବ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କୁ ୱାଇଫାଇ ସଂଯୋଗକୁ ବିସ୍ତାର ଫଳରେ ପ୍ରାୟ ସାତ ଲକ୍ଷ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ମାନକୁ ସକାରାତ୍ମକ ପ୍ରଭାବିତ କରିପାରିବ ବୋଲି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ତୁଷାରକାନ୍ତ ବେହେରା ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ମନ୍ତ୍ରୀ କହିଛନ୍ତି ଯେ ଏହି ବିଭାଗ ରାଜ୍ୟରେ ଆଇଟି କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ସୁଗମ କରି ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ବୈଷୟିକ ସହାୟତା ପ୍ରଦାନ ମାଧ୍ୟମରେ ପ୍ରଶାସନର କାର୍ଯ୍ୟପ୍ରଣାଳୀକୁ ଏକୀକୃତ ତଥା ବିକେନ୍ଦ୍ରୀକରଣ ଶାସନକୁ ସୁନିଶ୍ଚିତ କରି ସରକାରୀ ସେବା ଜନସାଧାରଣଙ୍କ ପାଖରେ ସହଜ ଉପଲବ୍ଧ କରାଇବାର ପ୍ରକ୍ରିୟାକୁ ବ୍ୟାପକ ରୂପାନ୍ତରଣ କରିପାରିଛି । ଇଂଟରନେଟ୍ ସେବା ଗାଁ ଗାଁରେ ପହଞ୍ଚାଇବା ପାଇଁ ରାଜ୍ୟରେ ଟେଲିକମ୍ ଭିତ୍ତିଭୂମିର ବିକାଶ ସାଧନ କରାଯାଇଛି । ୨୦୨୧ ମସିହାରେ ସରକାରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଓଡିଶା ୱାନ୍ ପୋର୍ଟାଲରେ ୬୪୦ ରୁ ଅଧିକ ସେବା ଉପଲବ୍ଧ ହେଉଛି । ଓଡିଶା ରାଜ୍ୟ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍ ର ପରିସର ସଚିବାଳୟର ସମସ୍ତ ବିଭାଗ, ସମସ୍ତ ନିର୍ଦ୍ଦେଶାଳୟ / ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଓଡିଶାର ପୋଲିସ ମୁଖ୍ୟାଳୟ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟଗୁଡ଼ିକର ପ୍ରାୟ ୧୫,୦୦୦ ବ୍ୟବହାରୀଙ୍କ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଅଛି ଓ ଏହା ତୁରନ୍ତ ନିଷ୍ପତ୍ତି ଗ୍ରହଣରେ ସହାୟକ ହୋଇଛି । ୨୦୧୩ ମସିହାରେ ଏହାର ବ୍ୟବହାରକାରୀ ୧୩୦୦ ଥିବାବେଳେ ୨୦୨୦ ମସିହାରେ ଆନୁମାନିକ ୭୦୦୦ କୁ ବୃଦ୍ଧି ପାଇଛି । ସମସ୍ତ ଗ୍ରାମପଞ୍ଚାୟତମାନଙ୍କୁ ଅପ୍ଟିକାଲ୍ ଫାଇବର୍ ସଂଯୋଗ ଯୋଗାଇ ଦିଆଯାଇଛି, ଯାହାଦ୍ୱାରା ଡିଜିଟାଲ୍ ବ୍ୟବହାରୀକରଣରେ ଜନସାଧାରଣଙ୍କ ଭାଗିଦାରୀକୁ ସୁନିଶ୍ଚିତ କରାଯାଇପାରିଛି।

### ପାରିବାରିକ କଳହରୁ ସ୍ତ୍ରୀକୁ ହତ୍ୟା କରି ନିଜେ

ଏହି ଖବର ମିଳିବା ପରେ ଧାମନଗର ଥାନା ଅଧିକାରୀ ବନମାଳୀ ବାରିକ ଓ ସାଇଂଫିକ୍ ଟିମ୍ ଘଟଣାସ୍ଥଳରେ ପହ଼ ତଦନ୍ତ କରିବା ପରେ ଦୁଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛନ୍ତି। ଏ ସଂପର୍କରେ ଧାମନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲୁରହିଛି। ଏଠାରେ ସୂଚନାଯୋଗ୍ୟ ମୃତା ସସ୍ମିତାର ପିତା ଓ ଭାସ୍କର ଭାଇଙ୍କ ଲିଖିତ ଅଭିଯୋଗ କ୍ରମେ କେଶ୍ ନଂ ୨୭୧/୨୩ ରେ ମଧ୍ୟ ମାମଲା ରୁଜୁ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ବିଭିନ୍ନ କାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ମନୋମାଳିନ୍ୟ ଥିଲା। ଗତ କିଛିଦିନ ତଳେ ଥାନାରେ ଭଦ୍ରଲୋକଙ୍କ ମାଧ୍ୟମରେ ସେମାନଙ୍କର ସମସ୍ୟାର ସମାଧାନ ମଧ୍ୟ ହୋଇଥିଲା। ତେବେ ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ଭାସ୍କରଙ୍କ ଦୁଇପୁତ୍ର ରାକେଶ (୧୬) ଓ ରମେଶ (୧୩) ଏବେ ଅନାଥ ହୋଇଯାଇଛନ୍ତି। ଭାସ୍କରଙ୍କ ମୃତ୍ୟୁ ପୂର୍ବ ଫେସବୁକ୍ ଲାଇଭ୍‌ରେ ପୁଲିସ୍ ରାଜନେତା ଓ ସାମ୍ବାଦିକଙ୍କ ନାମକୁ ଉଚ୍ଚାରଣ କରିଥିବାରୁ ତଦନ୍ତ କଲେ ଅନେକ ରହସ୍ୟ ପଦାକୁ ଆସିପାରିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ବ୍ରହ୍ମକ୍ଷେତ୍ର ଘୋଷଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି
## ରଥଟଣା ବେଳେ ରଥ ଉପରେ ୨୦ ଜଣ ରହିବାକୁ ନିଷ୍ପତ୍ତି

ସାଲେପୁର, (ହି.ସ.) : ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା ଜୁନ୍ ୨୦ ତାରିଖରେ ଅନୁଷ୍ଠିତ ହେବ । ଏହା ପୂର୍ବରୁ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ମଧ୍ୟ ପାରମ୍ପରିକ ରୀତିରେ ପାଳନ କରାଯିବ । ଚଳିତ ବର୍ଷ ଘୋଷ ଯାତ୍ରାକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ସୋମବାର ପୂର୍ବାହ୍ନରେ ମନ୍ଦିର ପରିସରରେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ତହସିଲଦାର ଦିଲ୍ଲୀପ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ବଳଦେବଜୀଉ ମନ୍ଦିର ମ୍ୟାନେଜିଂ ବୋର୍ଡର ଟ୍ରଷ୍ଟୀ ଧୀରେନ୍ଦ୍ରନାଥ ବେହେରାଙ୍କ ପୌରୋହିତ୍ୟରେ ଏଥିରେ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ନୟନା ମଲ୍ଲିକ, ସ୍ୱାସ୍ଥ୍ୟକର୍ମୀ ସୁବ୍ରତ କୁମାର ସେଠୀଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଶ୍ରୀଜୀଉଙ୍କର ନାଜିମନ୍ତ, ପଣ୍ଡାପଡିହାରୀ ଓ ରଥ ନିର୍ମାଣ କରୁଥିବା କାରିଗରମାନେ ଯୋଗଦେଇ ଶୃଙ୍ଖଳିତ ଯାତ୍ରାର ବିଭିନ୍ନ ଦିଗ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ବିଶେଷକରି ଚଳିତ ବର୍ଷ ୧୫ ତାରିଖ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ଶେଷ କରିବା, ରଥ ଦାଣ୍ଡରେ ଯାଇଥିବା ବିଦ୍ୟୁତ ଖୁଂଟ ଓ ତାରକୁ ଉଠାଇ କେବୁଲ ଦ୍ୱାରା ଭୂଇଁତଳେ ନେଇ ସଂଯୋଗ ଦେବା, ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଯାତ୍ରୀମାନଙ୍କର ସୁବିଧା ପାଇଁ ଏକ ନଳକୂପ ଖୋଳିବା, ରଥଦାଣ୍ଡକୁ ଯଥାଶୀଘ୍ର ପରିଷ୍କାର ପରିଚ୍ଛନ୍ନ କରିବା, ରଥଯାତ୍ରାର ୯ ଦିନ ସ୍ଥାନୀୟ ବଜାରରେ ଆମିଷ ଦ୍ରବ୍ୟ ବିକ୍ରି ନିଷେଧ କରିବା, ଯାତ୍ରୀମାନଙ୍କ ପାଇଁ ପାନୀୟ ଜଳ ଟ୍ୟାଙ୍କର ବ୍ୟବସ୍ଥା କରିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାଥମିକ ଚିକିତ୍ସା କରିବା ଏବଂ ଓ.ଆର.ଏସ୍. ଓ ବ୍ଲିଚିଂ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦେବା, ଶୃଙ୍ଖଳା ରକ୍ଷା ପାଇଁ ଅଧିକ ସଂଖ୍ୟକ ପୋଲିସ ଫୋର୍ସ ନିୟୋଜିତ କରିବା ଆଦି ସଂକ୍ରାନ୍ତରେ ବିଶଦ୍ ଆଲୋଚନା କରାଯାଇଥିଲା । ସଂଧ୍ୟା ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଥ ପହଂଚିବା ଏବଂ ରଥଟଣା ହେଲା ବେଳେ ରଥ ଉପରେ ୨୦ରୁ ଅଧିକ ଲୋକ ନରହିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହାଛଡା ରଥ ତିଆରି ପୂର୍ବରୁ ପ୍ରତ୍ୟେକ ବର୍ଷ ମ୍ୟାନେଜିଂ ଟ୍ରଷ୍ଟ ବୋର୍ଡ ପକ୍ଷରୁ ୧୫୦୦ ସିଫ୍ଟ ଶାଳୁଆକାଠ ଯୋଗାଇ ଦେବାକୁ ବାରମ୍ବାର ଅନୁରୋଧ କରାଯାଉଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ଏହି ବୈଠକରେ ଟ୍ରଷ୍ଟ ବୋର୍ଡର ସଭ୍ୟ ଚୌଧୁରୀ ଅଜୟ କୁମାର ନନ୍ଦ, ରାଜେନ୍ଦ୍ର ମୋହନ କର, ସରପଂଚ ପ୍ରତିନିଧି ଜ୍ଞାନରଂଜନ ରାଉତ, ବଳଦେବଜୀଉ ବ୍ୟବସାୟୀ ସଂଘର ସଭାପତି ସନ୍ତୋଷ ପ୍ରଧାନ, ଯୁବ ସ୍ୱେଚ୍ଛାସେବୀ ଦୀପକ ପରିଡା, ପ୍ରଫୁଲ୍ଲ କୁମାର ପଣ୍ଡା, ପ୍ରୀତିରଂଜନ ପଣ୍ଡା, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଶ୍ରୀ ଜିଉଙ୍କ ତହସିଲଦାର ଅଚ୍ୟୁତାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିୟୋଜନ କାର୍ଯ୍ୟାଳୟ ପରିସରରେ ନିଯୁକ୍ତି ଭିତ୍ତିକ ତାଲିମ ପରାମର୍ଶ ଶିବିର

କେନ୍ଦ୍ରାପଡ଼ା, (ହି.ସ.) : ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ପରିସରରେ ଏକ ନିଯୁକ୍ତି ଭିତିକ ତାଲିମ ପରାମର୍ଶ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଲ ଆଣ୍ଡ ଟି କଟକ ଏକ ସରକାରଙ୍କର ତାଲିମ ପ୍ରଦାନକାରୀ ସଂସ୍ଥା ଏହି ଶିବିରରେ ଯୋଗଦାନ କରିଥିଲେ । ନିର୍ମାଣ ବିଭାଗରେ ପ୍ରଦାନ କରା ଯାଉଥିବା ତାଲିମ ଏବଂ ତାଲିମ ପରେ ସେହି ଏଲ ଆଣ୍ଡ ଟି କମ୍ପାନୀରେ ପିଲାଙ୍କୁ ନିଯୁକ୍ତି ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି । ଆୟୋଜିତ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଜିଲ୍ଲା ନିୟୋଜନ ଅଧିକାରୀ ଘନଶ୍ୟାମ ସାହା ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ଦକ୍ଷତା ବିକାଶ ତାଲିମ ବିଷୟରେ ସୂଚନା ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, କନକଲତା ବେହେରା, ଛାତ୍ରୀ ଓ ଶିଶୁ ସୁରକ୍ଷା ବିଭାଗର ଅମିତା ସିଂହ, ଏଲ ଆଣ୍ଡ ଟିର ଇଞ୍ଜିନିୟର ଦେବାଶିଷ ମହାନ୍ତି, ସୁବାଷ ଚନ୍ଦ୍ର ମହାପାତ୍ର କମ୍ପାନୀର ତଥ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୩୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ୨୭ ଜଣଙ୍କୁ ତାଲିମ ପାଇଁ ଚୟନ କରାଯାଇଛି ।

# ବାଲିଗୁଡ଼ା ବନଖଣ୍ଡରେ ହାତୀ ଚଳପ୍ରଚଳ, ବନବିଭାଗ ସଜାଗ

## ହାତୀର ଗତିପଥକୁ ଅନୁଧ୍ୟାନ କରୁଛି ସ୍ୱତନ୍ତ୍ର ଟିମ୍



ବାଲିଗୁଡ଼ା(ପିପିଏସ୍) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର ବେଲଘର ଓ କୋଟଗଡ଼ ବନାଞ୍ଚଳରେ ଗତ କିଛି ଦିନ ହେବ ହାତୀପଲ ଚଳପ୍ରଚଳ କରୁଥିବା ଜଣାପଡ଼ିଛି । ଏହାକୁ ନେଇ ବନବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ହାତୀର ଗତିପଥକୁ ଅନୁଧ୍ୟାନ କରୁଛି । ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଉଭୟ କୋଟଗଡ଼ ଏବଂ ବେଲଘର ବନାଞ୍ଚଳର ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ଓ ଅରୁଣ କୁମାର ସାହୁ ସ୍ୱତନ୍ତ୍ର ଟିମ୍ ଗଠନ କରି ହାତୀପଲକୁ ଅନୁଧ୍ୟାନ କରିବା ସହ ଅଞ୍ଚଳବାସୀଙ୍କୁ ସଚେତନ କରାଉଛନ୍ତି । ଏଥିସହିତ ଭୟଭୀତ ନହୋଇ ବନ କର୍ମଚାରୀଙ୍କୁ ହାତୀ ଘଉଡ଼ାଇବାରେ ସହଯୋଗ କରିବାକୁ ଅଞ୍ଚଳବାସୀଙ୍କୁ କହିଛନ୍ତି ବନ କର୍ମଚାରୀ । ବର୍ତ୍ତମାନ ୨୩ ଟିକିଆ ହାତୀପଲ ବର୍ତ୍ତମାନ ଉଭୟ ବନାଞ୍ଚଳରେ ଚଳପ୍ରଚଳ କରୁଥିବା ବେଳେ ଏଥିରେ ଦୁଇଟି ଦନ୍ତା, ଚାରୋଟି ଛୁଆ ଏବଂ ୧୭ଟି ଭାଇ ହାତୀ ଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି । ବେଲଘର ବନାଞ୍ଚଳର ପାଇକପଡ଼ା,ବୁର୍ଲୁବାରୁ ଅଞ୍ଚଳରୁ ଗୁମା ଅଞ୍ଚଳଦେଇ ବର୍ତ୍ତମାନ ଏହି ହାତୀପଲ ବେଲଘର ଏବଂ କୋଟଗଡ଼ ବନାଞ୍ଚଳ ସୀମାନ୍ତ ରାଜମ୍ ଅଞ୍ଚଳରେ ଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

# ସଡ଼କ ଦୁର୍ଘଟଣାରେ ଚାଲିଗଲା ମା' ଓ ଝିଅର ଜୀବନ

ଜଗତସିଂହପୁର : ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଧୀନ ଚଷାପଡ଼ା ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ସ୍କୁଟିକୁ ଧକ୍କା ଦେଲା ଟ୍ରକ୍( ଓଆର-୦୫ ଜେ ୨୧୫୫) । ଫଳରେ ଘଟଣାସ୍ଥଳରେ ମାଆ ଓ ୪ ବର୍ଷର ଶିଶୁକନ୍ୟାଙ୍କର ମୃତ୍ୟୁ ହୋଇଥିବାବେଳେ ଓ ଜଣେ ଆହତ ହୋଇଥିବା ଜଣାଯାଇଛି । ପରେ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି । ସୂଚନା ଅନୁଯାୟୀ ମଙ୍ଗଳବାର ସକାଳେ ତିର୍ତ୍ତୋଲ ଅଞ୍ଚଳର ମିରମହଲା ଗାଁର ଶେଖ ମୁକ୍ତାର,ସାନ ଝିଅ ଅଲିଆ ଖାତୁନ , ତାଙ୍କ ବୋହୂ କଲିମା ବିବି ଓ



କଲିମାର ଝିଅକୁ ନେଇ ସ୍କୁଟି ଯୋଗେ ଜଗତସିଂହପୁର ମେଡିକାଲକୁ ଆସୁଥିବା ବେଳେ ଚଷାପଡ଼ା ନିକଟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ମାଆ ଓ ଝିଅଙ୍କ(କଲିମା ଓ ତାର ଝିଅ)ର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ଶେଖ ମୁକ୍ତାର ଓ ଅଲିଆ ଖାତୁନ ଗୁରୁତର ହୋଇଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ଖବରପାଇ ବାଲିକୁଦା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରି ଘଟଣାର ତଦନ୍ତ କରୁଛି ।

# ଗଜପତି ଜିଲ୍ଲାବାସୀଙ୍କ ପାନୀୟଜଳ ସମସ୍ୟାର ସମାଧାନ ପାଇଁ ୩୭୯ କୋଟି ୧୮ ଲକ୍ଷ ଟଙ୍କାର ପ୍ରକଳ୍ପ ଅନୁମୋଦନ



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ୟାବିନେଟରେ ୨ ଟି ବୃହତ୍ତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୩୭୯ କୋଟି ୧୮ ଲକ୍ଷ ଟଙ୍କାରେ କାର୍ଯ୍ୟ କାରୀ କରାଯିବା ପାଇଁ ଅନୁମୋଦନ କରିଛନ୍ତି । ଗଜପତି ଜିଲ୍ଲାରେ ୨ ଟି ବ୍ଲକ ଅଧୀନରେ ଥିବା ୩୭ ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୩୪୬ ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୧, ୩୧, ୭୩୩ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ । ତନ୍ମଧ୍ୟରୁ ଗୁମ୍ମା ବ୍ଲକ ଅଧୀନରେ ଥିବା ୧୬ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୫୬ ଟି ଗ୍ରାମର ପ୍ରାୟ ୫୮,୯୭୭ ଜଣ ଓ ରାୟଗଡ ବ୍ଲକ ଅଧୀନରେ ଥିବା ୨୧ ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୯୦ ଟି ଗ୍ରାମର ପ୍ରାୟ ୭୨, ୭୫୬ ଜଣ ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ ।ଏନେଇ ପାରଳାଖେମୁଣ୍ଡି ଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଅନୁଷ୍ଠିତ ହୋଇଥିଲା । ଏଥିରେ ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜୀ ତିରୁପତି ରାଓ ବରିଷ୍ଠ ବିଜେଡି ନେତା ତିରୁପତି ପାଣିଗ୍ରାହୀ, ଜିଲ୍ଲା ଉପ ସଭାପତି ଲକ୍ଷ୍ମୀ କାନ୍ତ ପରିଚ୍ଛା, ମହିଳା ସଭନେତ୍ରୀ ପୂର୍ଣ୍ଣ ବାସୀ ନାୟକ, ବରିଷ୍ଠ ବିଜେଡି ନେତା ଅନ୍ତର୍ଯ୍ୟାମୀ ଗୋମାଙ୍ଗ,ଗୁମ୍ମା ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ,କାଶୀନଗର ବ୍ଲକ ଅଧକ୍ଷା ସାୟାମ୍ମା, ଯୁବ ସଭାପତି ଏସ ଲିଙ୍ଗରାଜ, ଜିଲ୍ଲା ବିଜେଡି ସମ୍ପାଦକ ପ୍ରଦୀପ ନାୟକ, ବସନ୍ତ ଦାସ ,ଜିଲ୍ଲା ପରିଷଦ ସଭ୍ୟ ଏସ ବାଲ ରାଜୁ,ସୁଧୀ ରଞ୍ଜନ ମହାପାତ୍ର, ଗୋଶାଣୀ ବ୍ଲକ ଅଧକ୍ଷ ଏନ ବୀର ରାଜୁ ପ୍ରମୁଖ ଙ୍କ ସମେତ ବହୁ ବିଜେଡ଼ି ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ପାଲା ଗାୟିକାଙ୍କୁ ପଥରରେ ଛେଚି ନୃଶଂସ ହତ୍ୟା, ପୋଲିସ ତଦନ୍ତ ଜାରି

ହରିଚନ୍ଦନପୁର, (ହି.ସ.)- କେନ୍ଦୁଝରର ଜିଲ୍ଲା ପଣ୍ଡାପଡା ଥାନା ଅନ୍ତର୍ଗତ ବିନିଦା ଗ୍ରାମରେ ଘଟିଛି ନାରକୀୟ କାଣ୍ଡ । ଉକ୍ତ ଗ୍ରାମର ପାଲାଗାୟିକା ସତ୍ୟଭାମା ସିଂହଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଖବର ଅନୁଯାୟୀ, ସେ ବିନିଦା ଗ୍ରାମପଂଚାୟତର ପୂର୍ବତନ ସମିତି ସଭ୍ୟା ଓ ବର୍ତ୍ତମାନର ବିଜେପି ମଣ୍ଡଳ ସଭାପତି ଦାୟିତ୍ୱରେ ଥିଲେ । ସତ୍ୟଭାମାଙ୍କୁ କେହି ଦୁର୍ବୃତ୍ତ ରବିବାର ବିଳମ୍ବିତ ରାତିରେ ପଥରରେ ଛେଚି ହତ୍ୟା କରିଥିବା ସନ୍ଦେହ କରାଯାଉଛି । ଖବର ପାଇ ଘଟଣାସ୍ଥଳରେ ସଦର ଏସଡିପିଓ, ସାଇଂଟିଫିକ୍ ଟିମ୍ ସହିତ ପଣ୍ଡାପଡା ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ପ୍ରକାଶ ଯେ, ସତ୍ୟଭାମା ଅବିବାହିତ ଥିବାବେଳେ ପାଲା ଗାୟକ ଭାବେ ଜିଲ୍ଲାରେ ସୁନାମ ଅର୍ଜନ କରିଥିଲେ । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ସତ୍ୟଭାମାଙ୍କ ପାଲା ଗାୟିକା ସହଯୋଗୀଙ୍କ ସହ କିଛି ଦିନ ହେବ କଳହ ଜାରି ରହିଥିଲା । ଯାହାକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ସତ୍ୟଭାମା ବିଜେପି ମଣ୍ଡଳ ଦାୟିତ୍ୱରେ ଥିବା ଯୋଗୁଁ ବିଜେପି ଟିମ୍ ପହଂଚି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି । ଏଭଳି ଘଟଣା ନୂତନ ହୋଇଥିଲା ବେଳେ ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ମୃତଦେହ ଦେଖିବାକୁ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଛି । ପରେ ମୃତଦେହକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଘଟଣାର ସତ୍ୟତା ଜାଣିବା ପାଇଁ ପୋଲିସ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି ।

# ଘର ଭିତରେ ପଶିଲା କାର୍

ଜୟପୁର , (ହି.ସ.): ବୋରିଗୁମ୍ମା ସ୍ଥିତ ଖୁଡିଗୁଡା ଛକ ନିକଟରେ ସଡ଼କ ଦୁର୍ଘଟଣା. ଘର ଭିତରକୁ ପଶି ଗଲା କାର ଅଳ୍ପକେ ବର୍ତ୍ତିଲେ କାର ଚାଳକ. ତେନ୍ତୁଳୀଖୁଣ୍ଟି ଗ୍ରାମଠାରୁ ମାଲକାନଗିରି ମୁଖେ ଯାଉଥିବା ସମୟରେ ଆଖି ପଡିଯିବା ଯୋଗୁଁ ଭାର ଶ୍ୟାମ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ସୂଚନା ଦେଇଛନ୍ତି କାରଚାଳକ. କାର ଚାଳକ ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ଗ୍ରାମ ବୋଲି ଜଣା ପଡିଛି ।

# ନୀଳାମାଣି ଦୁର୍ଗା ଠାକୁରାଣୀ ପର୍ବ

ପାରଳାଖେମୁଣ୍ଡି,(ପିପିଏସ): ଗୋସାଣି ବ୍ଲକର କଉଳକଇଠା ଗ୍ରାମରେ ଏବଂ ବି. ସିତାପୁର ଗ୍ରାମରେ ହୋଇଥିବା ନୀଳାମାଣି ଦୂର୍ଗା ଠାକୁରାଣୀ ପର୍ବରେ ଯୋଗଦେବା ଅବସରରେ ବରିଷ୍ଠ ନେତା ତଥା ହାଇଟେକ ଗ୍ରୁପ ଅଧ୍ୟକ୍ଷ ଡଃ. ତିରୁପତି ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ଗୋସାଣି ବ୍ଲକ୍ ଅଧ୍ୟକ୍ଷ ଏନ୍ ବୀରରାଜୁ, କାଶୀନଗର ବ୍ଲକ୍ ଅଧ୍ୟକ୍ଷା ବାଲ୍ଲୁ ସାୟମ୍ମା, ଜିଲ୍ଲା ପରିଷଦ ସଦସ୍ୟ ଏସ୍. ବାଲାରାଜୁ, ବିଜେଡି ରାଜ୍ୟ ସମ୍ପାଦକ ବସନ୍ତ ଦାସ, ଆରଏମସିଏସ ଅଧ୍ୟକ୍ଷ ଏସ ଗଜପତି ରାଓ, ସ୍ଥାନୀୟ ନେତା ଓ ଜନସାଧାରଣ ପ୍ରମୁଖ ଯୋଗଦେଇଥିଲେ ।

# ୭ ହଜାର ଲିଟର ପୋଚ ଜବତ

ଜୟପୁର, (ହି.ସ.) - ଜୟପୁର ସଦର ଥାନା ଅନ୍ତର୍ଗତ ମହୁଲଭଟ୍ଟାରେ ଅବକାରି ଚଢାଉ ହୋଇଛି । ମଦ ମାଫିଆ ମାନେ ମଦ ପ୍ରସ୍ତୁତ କରିବା ସହ ଗଚ୍ଛିତ ରଖିଥିବା ସୁଚନା ପାଇ ଥିଲା ଜୟପୁର ଅବକାରି ବିଭାଗ । ଏନେଇ ଚଢାଉ କରିଥିବା ବେଳେ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଘଟଣା ସ୍ଥଳରୁ ବହୁ ମଦ ଭାଟି ଭାଙ୍ଗିବା ସହ ୭ ହଜାର ଲିଟର ପୋଚ ଓ ୧୨୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଅବକାରି ବିଭାଗ ଜବତ କରିଥିବା ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ବସ୍ ଓ ବୋଲେରୋ ମଧ୍ୟରେ ଧକ୍କା ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ପାରଳାଖେମୁଣ୍ଡି,(ପିପିଏସ): ଗଜପତି ଜିଲ୍ଲା ମୋହନା ନିକଟସ୍ଥ ରାଇସିଂ ଘାଟିରେ ବସ୍ ବୋଲେରୋ ଧକ୍କା ହେବା ଫଳରେ ଭୟଙ୍କର ଦୁର୍ଘଟଣା ଘଟିଛି । ଦୁର୍ଘଟଣା ଏତେ ଜୋରଦାର ହୋଇଛି ଯେ ଉଭୟ ଗାଡିର ଚକା ଫାଟି ଯାଇଥିଲା । ତେବେ ଏହି ଦୁର୍ଘଟଣାରେ କେହି ଆହତ ହୋଇନଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଯାତ୍ରୀମାନେ । ବିକ୍ରାନ୍ତ ନାମକ ଏକ ଘରୋଇ ବସ୍ ଦାରିଙ୍ଗବାଡିରୁ ବ୍ରହ୍ମପୁର ଯାଉଥିବା ବେଳେ ମୋହନାରୁ ବିରିକୋଟ ଅଭିମୁଖେ ଆସୁଥିବା ଏକ ବୋଲେରୋ ସହ ରାଇସିଂ ଘାଟି ବୁଲାଣିରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ବସ୍




ପଛ ଚକ ଏବଂ ବୋଲେରୋର ସମ୍ମୁଖ ଭାଗ ପଟ ଚକା ଫାଟି ଯାଇଛି । ଫଳରେ ବୋଲେରୋରେ ଥିବା ୪ଜଣ ଯାତ୍ରୀଙ୍କ ମଧ୍ୟରୁ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି । ପରେ ଖବରପାଇ ମୋହନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

ଜୟପୁର , (ହି.ସ.): ବିଷାକ୍ତ ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ ଘଟିଛି । ଏଭଳି ଏକ ଦୁଖଦ ଘଟଣା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦୋରାଗୁଡା ପଂଚାୟତର ବନଗୁଡା ଗ୍ରାମରେ ହୋଇଛି ।

ଉକ୍ତ ଗ୍ରାମର ୫୫ ବର୍ଷିୟା ବିମଳା ପାମିଆ ଗତ କାଲି ନିଜ ଘର ବାରଣ୍ଡା ଝାଡୁ କରୁଥିଲେ କ୍ଷ ସେହି ସମୟରେ ହଠାଥ ଏକ ବିଷଧର ସାପ ମହିଳାଙ୍କ ଡାହାଣ ଗୋଡ଼ ବୁଢା ଆଙ୍ଗୁଠିରେ କାମୁଡାବା ଫଳରେ ସେ ଅଚେତ ଅବସ୍ଥାରେ ପଡି ରହିଥିଲେ କ୍ଷ ସଙ୍ଗେ ସଙ୍ଗେ ପରିବାର ଲୋକେ ବୈପାରୀଗୁଡା ଡାକ୍ତରଖାନାରେ ଆଣି ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ଗତ କାଲି ରାତିରେ ମୃତ ଘୋଷଣା କରିଛନ୍ତି । ଏନେଇ ବୈପାରୀଗୁଡା ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି ।

# ଖପ୍ରାଖୋଲ ବ୍ଲକସ୍ତରୀୟ ଅମଲା ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ




ଖପ୍ରାଖୋଲ, (ପିପିଏସ) : ରାଜ୍ୟ ଅମଲା ମଞ୍ଚର ଆହ୍ୱାନ କ୍ରମେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅମଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଖପ୍ରାଖୋଲ ବ୍ଲକ ପରିସରରେ ଥିବା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଅମଲା ମଞ୍ଚର ସଭ୍ୟ ତଥା ପରାମର୍ଶଦାତା ବ୍ରଜବନ୍ଧୁ ଠାକୁରଙ୍କ ପୌରହିତ୍ୟରେ ଆୟୋଜିତ ଏହି ବୈଠକରେ ଅମଲା ମାନଙ୍କ ଦାବି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରିବା ସହିତ ସେମାନଙ୍କ ସମସ୍ୟା ସମାଧାନ କରିବାରେ ସରକାର ବିମୁଖ ରହୁଥିବା ନେଇ ଅମଲା ମଞ୍ଚ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି । ରାଜ୍ୟ ସରକାର ଅମଲାମାନଙ୍କ ସର୍ବନିମ୍ନ ଯୋଗ୍ୟତା ସ୍ନାତକ ଏବଂ କମ୍ପ୍ୟୁଟର ଡିପ୍ଲୋମା ଧାର୍ଯ୍ୟ କରିଥିବାବେଳେ ସେହି ଅନୁଯାୟୀ ସେମାନଙ୍କୁ ୪୨୦୦ ଗ୍ରେଡ୍ ପେ'ରେ ଦରମା ଦେବାପାଇଁ ସଂଘ ଦୀର୍ଘ ଦିନଧରି ଦାବି କରି ଆସୁଅଛି । ମାତ୍ର ସରକାର ବିଗତ ଦିନରେ ରାଜ୍ୟ ଅମଲା ମଞ୍ଚ ସହିତ ଆଲୋଚନା କରି ଦାବି ପୂରଣ କରିବା ପାଇଁ ପ୍ରତିଶୃତି ପ୍ରଦାନ କରିଥିବାବେଳେ ଏବେ ସମୟ ଗଡ଼ାଇ ଚାଲିଛି । ତେଣୁ ଦାବୀ ପୂରଣ ନହେଲେ ଆସନ୍ତା ଜୁନ ୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଉକ୍ତ ବୈଠକରେ ଆଲୋଚନା ହେବା ସହ ସମସ୍ତ ଅମଲା ମଞ୍ଚର ସଦସ୍ୟମାନଙ୍କୁ ଆନ୍ଦୋଳନ ରେ ଯୋଗଦେବା ପାଇଁ ଆହ୍ୱାନ କରାଯାଇଥିଲା । ଦାବି ପୂରଣ ଦିଗରେ ରାଜ୍ୟ ମିଳିତ ଅମଲା ସଂଘ ଯାହା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ, ତାହାକୁ ଜିଲ୍ଲାସ୍ତରରେ ଏବଂ ବ୍ଲକସ୍ତରରେ ବ୍ୟାପକ କରିବା ପାଇଁ ଉପସ୍ଥିତ ସଭ୍ୟମାନେ ନିଷ୍ପତ୍ତି ନେଇଥିଲେ । ଏହି ବୈଠକରେ ରମାକାନ୍ତ ଭୋଇ,ମାଧବ ସାହୁ, ରବିକାନ୍ତ ଲୁହା, ନିତ୍ୟାନନ୍ଦ ବେହେରା, ଜଗଦୀଶ ବିଶ୍ୱାଳ, ନେତ୍ରାନନ୍ଦ ବେହେରା, ଭୋଳାନାଥ ଷାଣ୍ଡ, ଅକ୍ଷୟ କୁମାର ସାହୁ, ଅଶ୍ୱିନୀ କୁମାର ବାରିକ, ହରିଶ୍ଚନ୍ଦ୍ର ଭୁଏ, କାହ୍ନୁ ଚରଣ ସାହୁ, ଡିଲେଶ୍ୱର ମେହେର, ମହେଶ୍ୱର ବଗର୍ତ୍ତୀ, ଯାଜ୍ଞଶିନୀ ନାଗ, ରଞ୍ଜନ ଥନାପତିଙ୍କ ସମେତ ଖପ୍ରାଖୋଲ ବ୍ଲକର ସମସ୍ତ ବିଭାଗର କର୍ମକର୍ତ୍ତା ମାନେ ଯୋଗଦାନ କରିଥିଲେ ।

# ଲାଞ୍ଚ ମାମଲାରେ ଖାଉଟି ଅଦାଲତର କ୍ଷେଟନୋଙ୍କୁ ୩ ବର୍ଷ ଜେଲ୍

କନ୍ଧମାଳ, (ହି.ସ.) : ଫୁଲବାଣୀ ଭିଜିଲାନ୍ସ କୋର୍ଟ ବିଚାରପତି ସମର ବିଳାସ ବେହେରା, ଏକ ଲାଂଚନେବା ଘଟଣାର ବିଚାରଣା କରି ମାମଲାର ସାକ୍ଷୀ ଓ ପ୍ରମାଣ ଆଧାରରେ ବୌଦ୍ଧ ଜିଲ୍ଲା ଖାଉଟି ଅଦାଲତ ର କ୍ଷେଟନୋ ମନ୍ମଥ ଗଡ଼ନାୟକଙ୍କୁ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ପାଂଚହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି କ୍ଷ ଜୋରିମାନା ଅନାଦେୟ ଅଧିକ ତିନିମାସ କାରାଦଣ୍ଡାଦେଶ ଦେଇଛନ୍ତି । ଘଟଣା ଅନୁସାରେ ସତ୍ୟବାନ ପ୍ରଧାନ ନାମକ ବୌଦ୍ଧ ସରସିଂ ଅଂଚଳର ଜଣେ ବ୍ୟକ୍ତିଙ୍କ ୨୦୧୧ ମସିହାରେ ବିଦ୍ୟୁତ ଦେୟ ଏକଚାଳିଶ ହଜାର ୮୮୧ ଟଙ୍କା ଆସିଥିଲା । ଫଳରେ ସେ ଚିନ୍ତାଗ୍ରସ୍ତ ହୋଇ ସାଉଥ କୋ ଅଫିସ ଯାଇ ବୁଝିବା ପରେ ସେଠି ଦାଇତ୍ୱରେ ଥିବା ବାବୁ ବିଲ ଦେୟ ବିରୁଦ୍ଧରେ ଖାଉଟି ଅଦାଲତ ରେ ମାମଲା କରି ଅର୍ଡ଼ର ଆଣିଲେ ଯାଇ କିଛି କରିହେବ ବୋଲି କହିବା ପରେ ସତ୍ୟବାନ ବୌଦ୍ଧ ଜିଲ୍ଲା ଖାଉଟି ଅଦାଲତକୁ ଯାଇ କ୍ଷେଟନୋ ବାବୁଙ୍କ ସହ ଆଲୋଚନା କରିଥିଲେ । ଆଉ ତାଙ୍କ କହିବା ଅନୁଯାୟୀ ଦରଖାସ୍ତ କଲେ । ଆଉ କ୍ଷେଟନୋ ଗଡ଼ ନାୟକ ସି ସି ୨୫ /୧ ୯ ରେ କୁଆଡେ କେଶ ରେଜିଷ୍ଟ୍ରି କଲେ । ତେବେ ପରବର୍ତୀ ସମୟରେ ପାଂଚ ହଜାର ଟଙ୍କା ଲାଂଚ ଦେଲେ ତମ କାମ ହେବ ବୋଲି କହି ଥିଲେ । ତେବେ ଏତେ ଟଙ୍କା ତାଙ୍କ ପାଖରେ ନଥିବା କହି ୩ ହଜାର ଟଙ୍କା ଦେବାକୁ ସକ୍ଷମ ଥିବା କହିଥିଲେ । ପରେ ସେ ଭିଜିଲାନ୍ସ ବିଭାଗରେ ଏ ନେଇ ଅଭିଯୋଗ କରିଥିଲେ । ଆଉ ୧୮/୩/୧୯ରେ ଲାଂଚ ଟଙ୍କା ଦେବାବେଳେ ପୂର୍ବ ପ୍ରସ୍ତୁତି ପ୍ରକାରେ ଭିଜିଲାନ୍ସ ଚଢ଼ାଉ କରି ଗଡ଼ନାୟକଙ୍କ ନିକଟରୁ ଲାଂଚ ଟଙ୍କା ଉଦ୍ଧାର କରିବା ସହ ଗିରଫ କରିଥିଲା । ଆଜି ସେହି ମାମଲାର ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ପିପି ଆଇନଜୀବୀ ଭିଭି ରାମଦାସ ମାମଲାକୁ ପରିଚାଳନା କରୁଥିଲେ ।

# ରଜପର୍ବକୁ ନେଇ ଆରମ୍ଭ ହେଲା ରଜ କୁଇନ୍ ଅଡ଼ିସନ

ହରିଚନ୍ଦନପୁର, (ହି.ସ.)- ରଜ ଓଡ଼ିଶାର ଗଣପର୍ବ, ଏହା ରାଜ୍ୟର ଏକ ପାରମ୍ପରିକ ପର୍ବ । ରଜ ଆଉ କିଛି ଦିନ ବାକି ରହିଥିବା ବେଳେ ଆଜିଠାରୁ ପୁର ପଲ୍ଲୀରେ ରଜ ଅନୁଷ୍ଠାନ ଗୁଡ଼ିକ ଖୁବ୍ ଧୁମ୍ ଧାମରେ ସଜବାଜ ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁରର ବରଗୋଡ଼ା ଗ୍ରାମ କଳିଙ୍ଗ ଯୁବକ ସଂଘ ସଭାପତି ନିରଞ୍ଜନ ସାହୁଙ୍କ ନେତୃତ୍ୱରେ ଖୁବ ଧୁମ୍ ଧାମରେ ଆରମ୍ଭ ହୋଇଛି ରଜ କୁଇନ ଅଡ଼ିସନ ।

ରଜ କୁଇନ ଅଡିସନରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ବରିଷ୍ଠ ଓ କନିଷ୍ଠ ଦୁଇଟି ବର୍ଗରେ ଝିଅମାନେ ଯୋଗଦେଇ ଆଡ଼ିସନ୍ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ନୃତ୍ୟ, ଗୀତ, ନାଚ ଓ କଳା ସଂସ୍କୃତିକୁ ନେଇ ଜ୍ଞାନଭିତିକ ନିଜର ଦକ୍ଷତାକୁ ପ୍ରଦର୍ଶନ କରିଥିଲେ । ବିଚାରକ ଭାବେ କଳ୍ପତରୁ ଆଚାର୍ଯ୍ୟ, ଶାନ୍ତନୁ କୁମାର ରାଉତ, ବିଶ୍ୱଜିତ ବେଜ, ଲତାଶା ରାଉତ, ଅକ୍ଷୟ କୁମାର ପଲେଇ ପ୍ରମୁଖ ଯୋଗ ଦେଇଥିଲେ । ଏଥିସହ କଳିଙ୍ଗ ଯୁବକ ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ନରହରି ସାହୁଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶୃଙ୍ଖଳିତ ଭାବେ ଅଡ଼ିସନ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର ( ହି. ସ): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ତରଭା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ସୁବର୍ଣ୍ଣପୁର ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୨୨ ଗୋଟି ଓ ସାମୁହିକ ଦରଖାସ୍ତ ୧୨ ଗୋଟି ଗ୍ରହଣ କରାଯାଇଛି । ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ୦୪ ଗୋଟି ଅଭିଯୋଗ ଦରଖାସ୍ତ ର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୩୦ ଟି ଆପତ୍ତି ଅଭିଯୋଗ ଦରଖାସ୍ତ କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ।

ବିଡିଓ, ତରଭା ନିରଞ୍ଜନ ନାଏକ ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୁବର୍ଣ୍ଣପୁର ଶ୍ରୀ ନିହାର ରଞ୍ଜନ କହଁର,ଉପ ଜିଲ୍ଲାପାଳ ସୋନପୁର ଡ଼ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ବିଶ୍ୱରଂଜନ ପତି,ଅଧିକ୍ଷଣ ଯନ୍ତ୍ରୀ ଆର ଡବ୍ଲୁ ଏସ ଏସ ଇଂ ବିଭୁ ପ୍ରସାଦ ପଣ୍ଡା, ଅଧିକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ ଦାମୋଦର କୈବର୍ତ୍ତ,ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ , ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଏମ ଡିଆଇସି ବଳଭଦ୍ର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ,ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲ୍ଲା ମିଶନ ଶକ୍ତି ସଂଯୋଜକ କାର୍ତ୍ତିକ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର ତରଭା କିର୍ତ୍ତୀ ଚନ୍ଦ୍ର ପ୍ରଧାନ , ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ସଚେତନ ନାଗରିକ ମଞ୍ଚର ସଭା

## ଗଠନମୂଳକ ଆଲୋଚନା ଏବଂ ଦୁଇବର୍ଷ ପାଇଁ ନୂତନ କମିଟି ଗଠିତ



ରାଉରକେଲା(ପିପିଏସ): ସଚେତନ ନାଗରିକ ମଞ୍ଚର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସେକ୍ଟର-୩ ଖଡ୍ଗ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଉପ-ସଭାପତି ଜଗବନ୍ଧୁ ଜେନାଙ୍କ ସଭାପତିତ୍ୱ,ସାଧାରଣ ସଂପାଦକ ପିପି ରାୟଙ୍କ ଆବାହକତ୍ୱ ତଥା ଉପଦେଷ୍ଟା ଅଭୟ କୁମାର ଦାସଙ୍କ ଉପସ୍ଥିତିରେ ଆସନ୍ତା ୨୦୨୩-୨୪ ଓ ୨୦୨୪-୨୫ ପାଇଁ ଉପସ୍ଥିତ ସଭ୍ୟଙ୍କ ଦ୍ୱାରା ଏକ ମନୋନୀତ କମିଟି ଗଠନ କରାଯାଇଥିଲା । ଏହି ଅବସରରେ ନବମ ବାର୍ଷିକୋତ୍ସବର ଆୟ ଓ ବ୍ୟୟ ହିସାବ ସହ ଆଗାମୀ ଦୁଇବର୍ଷ ପାଇଁ ପଞ୍ଚସୂତ୍ରୀ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା । ପଞ୍ଚସୂତ୍ରୀ କାର୍ଯ୍ୟକ୍ରମ ଯଥା: ତାଳଚେର ବିମଳା ଗଡ ରେଳପଥର ପୂର୍ଣ୍ଣାଙ୍ଗ କରଣ ,ବନ୍ଧମୁଣ୍ଡା ଠାରେ ରେଲୱେ ଡିଭିଜନ ପ୍ରତିଷ୍ଠା, ରାଉରକେଲାରେ ଆଇଟି ହବ୍ ପ୍ରତିଷ୍ଠା, ରାଉରକେଲା ବିମାନକେନ୍ଦ୍ରକୁ ସଂପୂର୍ଣ୍ଣ କରି ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଦ୍ୱାରା ସବୁଦିନ ବିମାନ ଚଳାଚଳ ବ୍ୟବସ୍ଥା ଓ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ପ୍ରତିଶୃତି ଅନୁଯାୟୀ ରାଉରକେଲା ସୁପର ସ୍ପେସାଲିଷ୍ଟ ହସପିଟାଲକୁ ମେଡିକାଲ କଲେଜ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳନା ସକାଶେ ଦାବି ରହିଛି । ତେଣୁ ନୂତନ କମିଟି ମାଧ୍ୟମରେ ଉପରୋକ୍ତ ୫ ଟି ଦାବି ପୂରଣ କରିବା ପାଇଁ ଚେଷ୍ଟା କରାଯିବ ବୋଲି ମଂଚ ତରଫରୁ କୁହାଯାଇଛି । ତେବେ ମନୋନୀତ କମିଟିରେ ଉପଦେଷ୍ଟା ଭାବେ ପ୍ରତିଷ୍ଠାତା ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ , ଡାକ୍ତର ଫକୀର ଚରଣ ହୋତା , ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବିରମିତ୍ରପୁର ବିଧାୟକ ଶଙ୍କର ଓରାମ, ପ୍ରାକ୍ତନ ବିଧାୟକ ରବି ଦେହୁରୀ, ପ୍ରାକ୍ତନ ବିଧାୟକ ପ୍ରଭାତ ମହାପାତ୍ର, ଇଂ ଅଭୟ କୁମାର ଦାସ, ଡାକ୍ତର ଗୋପବନ୍ଧୁ ବଳ,ଡାକ୍ତର ଉତ୍ତମ ଚରଣ ଜେନା, ଇଂ ଉତ୍ତମ କୁମାର ସାମଲ, ପ୍ରଫେସର ଲୋପମୁଦ୍ରା ମହାନ୍ତି, ଇଂ ଗୋପୀନାଥ ପଟ୍ଟନାୟକ, ବିଷ୍ଣୁଚରଣ ମହାନ୍ତି,ଡଃ ପୀତବାସ ମିଶ୍ର, ଆଇନଜୀବୀ ଅଶୋକ କୁମାର ଦାସ, ଗୌରୀଶଙ୍କର ଅଗ୍ରୱାଲ, ସତ୍ୟପ୍ରିୟ ମହାନ୍ତି, ଭାରତ ଭୂଷଣ ମହାନ୍ତି, ରାମଚନ୍ଦ୍ର ନାୟକ, ଡଃ ଦେବେନ୍ଦ୍ରନାଥ ବେହେରା ପ୍ରମୁଖ ଥିବାବେଳେ ସଭାପତି ଭାବେ ଇଂ ବିମଳ କୁମାର ବିଶି,କାର୍ଯ୍ୟକାରୀ ସଭାପତି ଭାବେ ଜଗବନ୍ଧୁ ଜେନା, ଉପସଭାପତି ଭାବେ ସର୍ବଶ୍ରୀ ଉପେନ୍ଦ୍ର କୁମାର ନାୟକ, ରାମଚନ୍ଦ୍ର ସାହୁ, ଭବେଶ ଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ଦାସ, ଡଃ କିଶୋରୀ ଦାଶ, ଡଃ ଉମାକାନ୍ତ ପଣ୍ଡା, ଅକ୍ଷୟ କୁମାର ଦାସ ,ଡଃ ସୁମନ ଦତ୍ତ, ବିକ୍ରମଚନ୍ଦ୍ର ଆଚାର୍ଯ୍ୟ ଓ ନିରଞ୍ଜନ ଦାସ, ସାଧାରଣ ସଂପାଦକ ଭାବେ ପି.ପି.ରାୟ ,ଯୁଗ୍ମ ସାଧାରଣ ସଂପାଦକ ଜଗନ୍ନାଥ ରାଉତ,ସହ ସାଧାରଣ ସଂପାଦକ ରମେଶ ଚନ୍ଦ୍ର ସେଠୀ , ସଂପାଦକ ଭାବେ ସର୍ବଶ୍ରୀ ଅକ୍ଷୟ ଜେନା, ଶାନ୍ତନୁ କୁମାର ମୁଦାଲି, ବିଜୟ କୁମାର ବରାଳ, ନଳିନୀ କାନ୍ତ ଧର,ମୀନତି ଦେବତା, ରମେଶ ଚନ୍ଦ୍ର ମହାନ୍ତି, ଶଶଧର ପାତ୍ର , କୁଞ୍ଜବିହାରୀ ରାଉତ ( ଶିକ୍ଷକ),ଭଗବାନ ମହାପାତ୍ର ,କୋଷାଧ୍ୟକ୍ଷ ଭାବେ ଡାକ୍ତର ବସନ୍ତ କୁମାର ଦାସ ମୁଖପାତ୍ର ଭାବେ କୁଞ୍ଜବିହାରୀ ରାଉତ ( ସାମ୍ବାଦିକ),ସାଂଗଠନିକ ସଂପାଦକ ଭାବେ ସର୍ବଶ୍ରୀ ରାଜକିଶୋର ମିଶ୍ର, ସୁବ୍ରତ କୁମାର ମଲ୍ଲିକ, ଚକ୍ରାନ୍ତ ଜେନା, ବିଷ୍ଣୁଚରଣ ସାମଲ, ଦିଗମ୍ବର ମହାନ୍ତି, ସୁନାକର ନାୟକ, ଏ କେ କ୍ୟୁରେସୀ, ଶମ୍ଭୁନାଥ ପରିଡା ଓ ରଞ୍ଜନ ଲେଙ୍କା ତଥା ସାଧାରଣ ପରିଷଦ ସଭ୍ୟ ଭାବେ ସର୍ବଶ୍ରୀ ବିଶ୍ୱନାଥ ପଟ୍ଟନାୟକ, ଜଟାଧାରୀ ମାଝୀ,ରଘୁ ବଳ,ଶୈଳେନ୍ଦ୍ର କୁମାର ମହାନ୍ତି, ଫକୀର ଚରଣ ପାଣି ( ଆଇନଜୀବୀ), ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରାଜୀବ ଧଳ,କାମେଶ୍ୱର ତିୱାରୀ, ଉମାଶଙ୍କର ତିୱାରୀ, ଭଜହରି ଦାସ, ପ୍ରଭାସ କୁମାର ରାଉତ, ହୃଷିକେଶ ପ୍ରଧାନ,ମନୋଜ କୁମାର ପାତ୍ର, ଅରୁଣା ପାତ୍ର, ମୀନତି ବିଶ୍ୱାଳ, ମୁନା ପାତ୍ର, ହାଡିବଂଧୁ ମହାପାତ୍ର, ବୃନ୍ଦାବନ ମହାନ୍ତି, ପାର୍ଥସାରଥୀ ମହାପାତ୍ର,ଇଂ ଭରତ ଚନ୍ଦ୍ର ଦାସ,ଭରତ ଚନ୍ଦ୍ର ପରିଡା, ହରିହର ବେହେରା, ଭବାନୀ କବି,କୈଳାଶ ଚନ୍ଦ୍ର ସାବତ,ଦୀନବନ୍ଧୁ ଭୋଳ,ଦୀନବନ୍ଧୁ ନାୟକ, ସୁରେନ୍ଦ୍ର କୁମାର ଦାଶ, ଅରବିନ୍ଦ ଦାସ, ଅରୁଣ କୁମାର କୁଶଳ,ସସ୍ମିତା ପ୍ରଧାନ, ପ୍ରଦୋଷ କୁମାର ମହାନ୍ତି, ଅମୂଲ୍ୟ ଚରଣ ବରାଳ, ଡଃ ସୁବାସ ଚନ୍ଦ୍ର ଲେଙ୍କା, ସୁମନ୍ତ ବର୍ମା, ଗୋଦାବରୀଶ ଶତପଥୀ, ସୁମନ୍ତ କୁମାର ଉପାଧ୍ୟାୟ ଓ ଶୃଙ୍ଖଳା କମିଟିର ଅଧ୍ୟକ୍ଷ ନିତ୍ୟାନନ୍ଦ ବିଶ୍ୱାଳ ମନୋନୀତ ହୋଇଛନ୍ତି ବୋଲି ମଂଚ ତରଫରୁ କୁହାଯାଇଛି । ଏହି ଅବସରରେ ପ୍ରାରମ୍ଭରେ ସଦସ୍ୟ ଅନିରୁଦ୍ଧ ନାୟକ ଓ ଭାରତୀ ଦାସଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ସାଧାରଣ ସମ୍ପାଦକ ଶ୍ରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

*ଭୋଟ ପାଇଯାଇ ମନ୍ତ୍ରୀ ହୋଇଗଲେ ଲୋକଶାସନ ହୁଏନାହିଁ । ଶାସନର ପ୍ରତି କ୍ଷେତ୍ରରେ କ'ଣ ହେଉଛି ଓ କେଉଁଠି କ'ଣ ହେବା ଉଚିତ ସେ ବିଷୟରେ ମତ ଦେବା, ଏ ସବୁ ଲୋକଶାସନ ପାଇଁ ଅତି ଦରକାରୀ ।*

**(ଗାଁ ମଜଲିସ, ୧ମ ଖଣ୍ଡ, ପୃଷ୍ଠା-୧୯୭)**

ପ୍ରଜାତନ୍ତ୍ର

ତା ୩୧।୦୫।୨୦୨୩ ବୁଧବାର

# ଯୁଦ୍ଧ ଓ ମାନ୍ଦାବସ୍ଥା

ରୁଷ୍-ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧର ବଡ଼ କୁ-ପ୍ରଭାବ ଦେଖିବାକୁ ମିଳୁଛି । ୟୁରୋପର ସବୁଠାରୁ ବଡ଼ ଓ ବିଶ୍ୱର ଚତୁର୍ଥ ସର୍ବବୃହତ୍ତ ଅର୍ଥବ୍ୟବସ୍ଥା ଜର୍ମାନୀ ସେଠାରେ ମାନ୍ଦାବସ୍ଥା ଆରମ୍ଭ ହୋଇଯାଇଛି ବୋଲି ଘୋଷଣା କରିଛି । ଏହା ସହିତ ଇୟୁରୋପୀୟ ମୁଦ୍ରା ୟୁରୋର ମୂଲ୍ୟ ମଧ୍ୟ ହ୍ରାସ ପାଇବା ଆରମ୍ଭ ହୋଇଗଲାଣି । ଯଦି ଯୁଦ୍ଧକୁ ରୋକା ନଯାଏ, ତେବେ ଏହା କେତେ ତଳକୁ ଖସିବ, ଜଣାନାହିଁ । ଜର୍ମାନୀରେ ମାନ୍ଦାବସ୍ଥା ସୃଷ୍ଟି ହେବା ଫଳରେ ଆମେରିକା ପର୍ଯ୍ୟନ୍ତ ଚିନ୍ତାର ଲହର ଖେଳିଯାଇଛି । ଇଉରୋପରେ ଛାଇ ଯାଇଥିବା ମାନ୍ଦାବସ୍ଥା କେବେ ଦୂରହେବ, ସେ ପ୍ରଶ୍ନଠାରୁ ବଡ଼ ପ୍ରଶ୍ନ ହେଉଛି ରୁଷ-ୟୁକ୍ରେନ୍ ଯୁଦ୍ଧ କେବେ ସରିବ । ଏବେ ତ ଯୁଦ୍ଧ ଶେଷ ହେବାର କୌଣସି ସୂଚନା ନଜରକୁ ଆସୁନାହିଁ । ଭିଏତନାମ ରଷ-ୟୁକ୍ରେନ୍ ଯୁଦ୍ଧ କେବେ ସରିବ । ଏବେ ତ ଯୁଦ୍ଧ ଶେଷ ହେବାର କୌଣସି ସୂଚନା ନଜରକୁ ଆସୁନାହିଁ । ଭିଏତ୍‌ନାମ ଗସ୍ତବେଳେ ଋଷର ପୂର୍ବତନ ରାଷ୍ଟ୍ରପତି ଦିମିତ୍ରୀ ମେଦଭେ୍‌ଦେବ ଇଙ୍ଗିତରେ ଜଣାଇଥିଲେ ଯେ ଯୁଦ୍ଧ ତିନି-ଚାରି ବର୍ଷ ନୁହେଁ, ବରଂ ଦଶବର୍ଷ ଯାଏ ଚାଲିପାରେ । ମେଦଭେ୍‌ଦେବ ଯେହେତୁ ପିତିନଙ୍କର ନିକଟତମ ବ୍ୟକ୍ତି, ତେଣୁ ତାଙ୍କ କଥାକୁ ହାଲୁକା ଭାବେ ନିଆଯାଇ ନପାରେ, ତାଙ୍କୁ ଅତ୍ୟନ୍ତ ଆକ୍ରମଣାତ୍ମକ ନେତା ଭାବେ ପରିଗଣିତ କରାଯାଏ ଓ ସିଏ ଗତ ଜାନୁଆରୀରେ କହିଥିଲେ ଆବଶ୍ୟକ ପଡ଼ିଲେ, ଋଷ ପରମାଣୁ ବୋମା ବି ବ୍ୟବହାର କରିବାକୁ ପଛାଇବ ନାହିଁ ।

ଯଦି ଯୁଦ୍ଧ ଖୁବ୍ ଲମ୍ବା ସମୟ ଯାଏ ଚାଲିବ, ତେବେ ପ୍ରଶ୍ନ ହେଉଛି କେତେ ଦେଶର ଅର୍ଥବ୍ୟବସ୍ଥା ସେଯାଏ ନିଜେ ସମ୍ଭାଳି ପାରିବେ ? ଆମେରିକାରେ ମଧ୍ୟ ସ୍ଥିତି ସେପରି ଭଲ ନାହିଁ । ସେଠି ଋଣ ସଂକଟ ତା'ର ପ୍ରଭାବ ପକାଇଲାଣି । ସେଠି ଋଣ ସଂକଟ ଆହୁରି ଉତ୍କଟ ହେଲେ, ସମଗ୍ର ବିଶ୍ୱରେ ତା'ର ପ୍ରଭାବ ପଡ଼ିବ । ଏବେ ଯଦିଓ ଡଲାରର ମୂଲ୍ୟ ବଢୁଛି, କିନ୍ତୁ ଏହା କେତେଯାଏ ଘଟିବ, କହିବା କଷ୍ଟକର । ମାନ୍ଦାବସ୍ଥା ବା ଅସୁବିଧା ପ୍ରଥମେ ଇଉରୋପରୁ ସୃଷ୍ଟି ହୋଇଛି । ଆଗେ ଇଉରୋପୀୟ ମୁଦ୍ରାର କ୍ଷତି ଘଟିବ ତା' ପରେ ଡଲାର ସଂକଟ ବଢ଼ିବ । ଆମେରିକା ଏବେ ସେ ସ୍ଥିତିରେ ନାହିଁ ଯେ ଜର୍ମାନୀ ଭଳି ବଡ଼ ଅର୍ଥ ବ୍ୟବସ୍ଥାକୁ ବଳ ଦେଇପାରିବ । ଜର୍ମାନୀରେ ଲଗାତାର ଦୁଇଟି ତ୍ରୈମାସିକରେ ଜିଡିପି ହ୍ରାସ ପାଇଛି । ସିଆଡ଼େ, ଚୀନ ମୁଦ୍ରାର ମୂଲ୍ୟ ମଧ୍ୟ ହ୍ରାସ ପାଉଛି । ଚୀନ୍ ଉତ୍ପାଦ ବା ସାମଗ୍ରୀର ଚାହିଦା ମଧ୍ୟ ହ୍ରାସ ପାଇଛି । ଅର୍ଥାତ୍ ଏ ଯୁଦ୍ଧ ଚୀନ ପାଇଁ ଠିକ୍ ନୁହେଁ, କିନ୍ତୁ ଚୀନ୍ ଯୁଦ୍ଧରେ ରୁଷକୁ ସମର୍ଥନ କରୁଛି । ତାହା ରୁଷକୁ ସମୁ ପ୍ରକାରର ସମର୍ଥନ ଓ ସହଯୋଗ ମଧ୍ୟ ପ୍ରଦାନ କରିଚାଲିଛି । ଚୀନ୍‌ର ଅର୍ଥବ୍ୟବସ୍ଥାର ଯେଉଁ ହ୍ରାସ ଘଟିଛି ତା'ଦ୍ୱାରା ଅନ୍ୟ ଅର୍ଥ ବ୍ୟବସ୍ଥା ଉପରେ ମଧ୍ୟ ତା'ର ପ୍ରଭାବ ପଡ଼ିବାର ଆଶଙ୍କା ଅଛି । ଲକ୍ଷ୍ୟ କରିବାର କଥା ହେଉଛି ତଥାପି ବିଶ୍ୱର ଅର୍ଥନୈତିକ ଅସ୍ଥିରତାକୁ ନେଇ ତାହା ଆଦୌ ଚିନ୍ତିତ ବି ନୁହେଁ ।

ଏହିସବୁ କାରଣରୁ ରୁଷ-ୟୁକ୍ରେନ୍ ଯୁଦ୍ଧ ଖୁବ୍ ଶୀଘ୍ର ଶେଷ ହେବାର ସମ୍ଭାବନା ଦେଖାଯାଉ ନାହିଁ । କ'ଣ ବିଶ୍ୱର ଦାୟିତ୍ୱ ସମ୍ପନ୍ନ ଦେଶ ବାସ୍ତବରେ ନିଷ୍ପାର ସହଯୁଦ୍ଧ ସମାପ୍ତ କରିବା ଲାଗି ପ୍ରୟାସ କରୁଛନ୍ତି ? କ'ଣ ଜର୍ମାନୀ ଯୁଦ୍ଧରେ କୌଣସି ପ୍ରକାରର ସହଯୋଗ ଦେବାରୁ ପଛକୁ ହଟିବ ? କ'ଣ ଜର୍ମାନୀ ଏ ଯୁଦ୍ଧକୁ ଶୀଘ୍ର ସମାପ୍ତ କରିବା ପାଇଁ ଆହୁରି ଅଧିକ ଚାପ ପକାଇ ପାରିବ ? ପ୍ରଶ୍ନ ଅନେକ, କିନ୍ତୁ ଉତ୍ତର ଗୋଟିଏ ବି ନାହିଁ । ପରିତାପର ବିଷୟ ଏହି ଯେ ଯୁଦ୍ଧକୁ ରୋକିବା ଲାଗି ପ୍ରୟାସ କରିବା ବଦଳରେ ଏବେ ଅଧିକାଂଶ ଦେଶମାନଙ୍କର ଧ୍ୟାନ ରୁଷ କି ୟୁକ୍ରେନ୍‌କୁ ପ୍ରତ୍ୟକ୍ଷ କି ପରୋକ୍ଷ ଭାବେ ସହାୟତା ଦେବା ଉପରେ ରହିଛି । ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଏହି । ଏ ଯୁଦ୍ଧକୁ ଶେଷ କରିବା ଲାଗି ଭାରତ ଲଗାତାର ଭାବେ ଅପିଲ କରିଚାଲିଛି, କିନ୍ତୁ ରୁଷଠାରୁ ଅଶୋଧିତ ତୈଳ ଆମଦାନୀ କ୍ଷେତ୍ରରେ ତାହାକୁ ସମାଲୋଚିତ ହେବାକୁ ପଡୁଛି । ଭାରତର ଅର୍ଥ ବ୍ୟବସ୍ଥା ଏବେ ଠିକ୍ ଅବସ୍ଥାରେ ଅଛି କାରଣ ଭାରତରେ ସବୁ ପ୍ରକାରର ଉତ୍ପାଦର ଚାହିଦା ରହିଛି । ତଥାପି ଭାରତ, ବିଶ୍ୱର ଏକ ଦାୟିତ୍ୱସଂପନ୍ନ ଦେଶ ଭାବେ ରୁଷ-ୟୁକ୍ରେନ୍ ଯୁଦ୍ଧ ସମାପ୍ତ କରିବା ଲାଗି ବାଟ ବାହାର କରିବା ଦରକାର । ସମାଧାନର ମନ ଖୋଜିବା ଆବଶ୍ୟକ, ଯାହାଫଳରେ ଯେତେ ଶୀଘ୍ର ଯୁଦ୍ଧ ସମାପ୍ତ ହେବ ଓ ବିଶ୍ୱ ଅର୍ଥବ୍ୟବସ୍ଥାକୁ ବୁଡ଼ିବାରୁ ରକ୍ଷା କରାଯାଇ ପାରିବ । ❐❐

**–ଭର୍ତ୍ତୃହରି ମହତାବ**

# ନିର୍ଜଳା ଏକାଦଶୀ

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଏକାଦଶୀକୁ ଅପରା ବା ନିର୍ଜଳା ଏକାଦଶୀ କୁହାଯାଇଥାଏ । ପଦ୍ମପୁରାଣ ଅନୁଯାୟୀ, ଏହି ଏକାଦଶୀରେ ନିର୍ଜଳ ବ୍ରତ ରଖି ବିଷ୍ଣୁଙ୍କ ପୂଜା କରିବା ଦ୍ୱାରା ସମସ୍ତ ପାପ-ତାପରୁ ମୁକ୍ତି ମିଳିଥାଏ । ବ୍ରହ୍ମଦେବଙ୍କ କହିବା ମୁତାବକ ଦେବର୍ଷି ନାରଦ ଏହି ତିଥିରେ ନିର୍ଜଳ ବ୍ରତ କରିଥିଲେ । ହଜାର ବର୍ଷ ପର୍ଯ୍ୟନ୍ତ ନିର୍ଜଳ ବ୍ରତ କରିବା ଫଳରେ ତାଙ୍କୁ ଚାରିଆଡ଼େ କେବଳ ନାରାୟଣଙ୍କ ସ୍ୱରୂପ ଦେଖାଗଲା । ଶେଷରେ ଭଗବାନ ବିଷ୍ଣୁ ତାଙ୍କୁ ଦର୍ଶନ ଦେଇ ନିଶ୍ଚଳ ଭକ୍ତିର ବରଦାନ ଦେଲେ । ସେବେଠାରୁ ନିର୍ଜଳ ବ୍ରତ ପାଳନର ପରମ୍ପରା ଆରମ୍ଭ ହୋଇଛି । ଏହି ବ୍ରତ ଶ୍ରୀବିଷ୍ଣୁଙ୍କ ଅତିପ୍ରୀୟ ହୋଇଥିବା ନିର୍ଜଳା ଏକାଦଶୀ ଦିନ ଜପ-ତପ ଏବଂ ପୂଜାପାଠ କରିବା ଦ୍ୱାରା ପ୍ରାଣୀ ନାରାୟଣଙ୍କ ସାନ୍ନିଧ୍ୟ ଲାଭ କରିଥାଏ ଏବଂ ଜୀବନ ମୃତ୍ୟୁର ବନ୍ଧନରୁ ମୁକ୍ତ ହୋଇଥାଏ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଏକାଦଶୀରେ ବ୍ରହ୍ମହତ୍ୟା ସହିତ ସମସ୍ତ ପାପରୁ ମୁକ୍ତି ମିଳିଥାଏ । ଏହି ଦିନ କୌଣସି ପ୍ରକାରର ବର୍ଜିତ କର୍ମରୁ ନିବୃତ୍ତ ରହିବା ଉଚିତ । ଦ୍ୱାପର ଯୁଗରେ ଭଗବାନ ଶିବଙ୍କ ଅଂଶାବତାର ମହର୍ଷି ବ୍ୟାସ ପାଣ୍ଡବମାନଙ୍କୁ ନିର୍ଜଳା ଏକାଦଶୀ ବ୍ରତର ମହତ୍ତ୍ୱ ବୁଝାଇଥିଲେ । ଏହି ସମୟରେ ବ୍ୟାସଦେବଙ୍କୁ ଭୀମ ପଚାରିଥିଲେ, ଭଗବାନ ! ମୋ ପେଟରେ ବୃକ ନାମକ ରାକ୍ଷସ ରହିଛି । ଯାହାର ଜ୍ୱାଳାରେ ମୁଁ ଦିନରେ ବହୁବାର ଭୋଜନ କରିଥାଏ । ତାହେଲେ କ'ଣ ମୁଁ ଏକାଦଶୀ ବ୍ରତର ପୂଣ୍ୟପ୍ରାପ୍ତିରୁ ବଞ୍ଚିତ ରହିବି ? ଭୀମଙ୍କ ଜିଜ୍ଞାସାର ଉତ୍ତର ଦେଇ ବ୍ୟାସଦେବ କହିଲେ, ତୁମେ କେବଳ ବ୍ରତ ରଖ । ଯଦ୍ଦ୍ୱାରା ତୁମେ ସାରା ବର୍ଷରେ ପଡୁଥିବା ସମସ୍ତ ଏକାଦଶୀ ବ୍ରତର ପୁଣ୍ୟ ଲାଭ କରିପାରିବ ।

ବିପିନ ବିହାରୀ ରାଉତ
ଶ୍ରୀବିହାର କଲୋନୀ,
କଟକ,
ମୋ:୯୪୩୭୬୬୬୪୫୩

# ଖୋର୍ଦ୍ଧା ରାଜବଂଶରେ ଜଗନ୍ନାଥ ଧର୍ମର ବୈଶିଷ୍ଟ୍ୟ

**ଉମାଶଙ୍କର ପ୍ରସାଦ**

୧୮୭୭ ମସିହା ଫେବୃଆରୀ ମାସରେ ଜଗନ୍ନାଥ ମନ୍ଦିରର ସୁପରିନ୍‌ଟେଂଣ୍ଡେଟ ଓ ପୁରୀର ମହାରାଜ ଦିବ୍ୟସିଂହ ଦେବ ଜଣେ ସାଧୁଙ୍କୁ ହତ୍ୟା କରିଥିବା ଅପରାଧରେ ଆଣ୍ଡାମାନ ଦ୍ୱୀପପୁଞ୍ଜକୁ ଦ୍ୱୀପାନ୍ତରିତ ହେଲେ । ତା'ର ଅଳ୍ପ କେତେ ବର୍ଷ ପରେ ୧୮୮୨ ମସିହାରେ ପୁରୀର ବିଭିନ୍ନ ଶ୍ରେଣୀର ପଣ୍ଡା, ପୂଜକ ଓ ବ୍ରାହ୍ମଣମାନେ ପୁରୀ ରାଜବଂଶର ସପକ୍ଷରେ ସରକାରଙ୍କ ପାଖକୁ ଦରଖାସ୍ତ କଲେ । ସରକାର ଜଗନ୍ନାଥ ମନ୍ଦିରର ପରିଚାଳନା ଭାର ନିଜ ହାତକୁ ନ ନେବା ପାଇଁ ସେଥିରେ ଆବେଦନ କରାଯାଇଥିଲା । ଦରଖାସ୍ତରେ କୁହାଯାଇଥିଲା- "ପୁରୀର ମହାରାଜ ଭାରତବର୍ଷର ହିନ୍ଦୁମାନଙ୍କ ମଧ୍ୟରେ ସବୁଠାରୁ ସମ୍ମାନିତ ବ୍ୟକ୍ତି । ହିନ୍ଦୁସ୍ଥାନରେ ତାଙ୍କଠାରୁ ବହୁ ଧନୀ ରାଜା ଅଛନ୍ତି । କିନ୍ତୁ ହିନ୍ଦୁମାନଙ୍କ ଦୃଷ୍ଟିରେ ତାଙ୍କର ତୁଳନାରେ କେହି ସମ୍ମାନିତ ନୁହଁନ୍ତି" ।

ହତ୍ୟା ଅପରାଧ ପରେ ପୁରୀ ରାଜବଂଶକୁ ଏପରି ସମ୍ମାନ ଦେବା ପୁରୀର ପଣ୍ଡାମାନଙ୍କ ପକ୍ଷରେ ବିଚିତ୍ର ନ ଥିଲା । ମାତ୍ର ଏହି ଆବେଦନ ଫଳରେ ବ୍ରିଟିଶ ସରକାର ଏପରି ବିଚଳିତ ହୋଇଗଲେ ଯେ, ପୁରୀ ମନ୍ଦିର ପରିଚାଳନା ନିଜ ହାତକୁ ନେବାର ପ୍ରସ୍ତାବ ବନ୍ଦ କରି ଦିଆଗଲା ଏବଂ ଦିବ୍ୟସିଂହଙ୍କର ମାତା ରାଣୀ ସୂର୍ଯ୍ୟମଣିଙ୍କୁ ତାଙ୍କ ଅଳ୍ପ ବୟସ୍କ ନାତିର ମାତା ମାହାଫିସ୍ ଭାବରେ ମନ୍ଦିର ପରିଚାଳନାର ଦାୟୀତ୍ୱ ଦିଆଗଲା । ୧୮୮୭ ମସିହାରେ ଭାରତ ସରକାର ଆହୁରି ଥରେ ମୁଣ୍ଡ ନୁଆଁଇଲେ । ମନ୍ଦିର ପରିଚାଳନା ପୁଣି ହାତକୁ ନେବାର ଉଦ୍ୟମ ହୋଇଥିଲା । ତାହା ବିରୁଦ୍ଧରେ ଏକ ମକଦ୍ଦମାରେ ପୁରୀ ରାଜାଙ୍କ ପକ୍ଷରୁ ସ୍ୱର୍ଗୀୟ ମଧୁସୂଦନ ଦାସ ଗଢିଥିଲେ ଏବଂ ବିଜୟୀ ହୋଇଥିଲେ । ଏହି ବିଜୟ କେବଳ ପୁରୀରେ ଯେ ଆନନ୍ଦ ଉଲ୍ଲାସ ଖେଳାଇଥିଲା, ତା' ନୁହେଁ; ଏପରି କି ଷ୍ଟେଟସ୍ ମ୍ୟାନ୍ ସମ୍ବାଦପତ୍ର ଲେଖିଥିଲେ- "ପୁରୀ ମନ୍ଦିରର ପରିଚାଳନା ଏବଂ ତା'ର ସମ୍ପତିର ଦାୟୀତ୍ୱ ବହୁ ପ୍ରାଚୀନ କାଳରୁ ଖୋର୍ଦ୍ଧା ରାଜାଙ୍କର ମାର୍ଫତରେ ରହି ଆସିଛି । ଏହି ପ୍ରସିଦ୍ଧ ମନ୍ଦିରର ବିଭିନ୍ନ ପୂଜା, ବିଧି-ବିଧାନ ଆଦିରେ ଖୋର୍ଦ୍ଧା ରାଜା ଏପରି ସମ୍ପୃକ୍ତ ଯେ ତାଙ୍କୁ ଜଗନ୍ନାଥଙ୍କର ଅବତାର ବୋଲି ଗ୍ରହଣ କରାଯାଏ ।

ଖୋର୍ଦ୍ଧା ବା ପୁରୀ ରାଜା ହିନ୍ଦୁସ୍ଥାନରେ ବିଭିନ୍ନ ରାଜାଙ୍କ ମଧ୍ୟରେ କିପରି ଏହି ସ୍ଥାନ ଅଧିକାର କଲେ, ୧୮୦୪ ମସିହାରେ ଖୋର୍ଦ୍ଧାର ଚତୁଃପାର୍ଶ୍ୱବର୍ତୀ ତାଙ୍କର କ୍ଷୁଦ୍ର ରାଜ୍ୟ ହରାଇବା ପରେ ମଧ୍ୟ ଜଗନ୍ନାଥ ମନ୍ଦିରର କେବଳ ସୁପରିଟେଂଣ୍ଡେଟଂ ରହି ଏହି ସମ୍ମାନ ଭୋଗ କଲେ; ତାହା ବିଶେଷ ଭାବରେ ବିର୍ଚ୍ଚ୍ୟ ଓ ଏଥିପାଇଁ ଓଡିଶାର ମଧ୍ୟଯୁଗର ଇତିହାସକୁ ଫେରିଯିବାକୁ ପଡିବ ।

ଖୋର୍ଦ୍ଧା ରାଜବଂଶର ଇତିହାସ (୧୫୭୫-୧୮୦୪ଖ୍ରୀଷ୍ଟାବ୍ଦ) ଏବଂ ତା'ର ପରବର୍ତ୍ତୀ ପୁରୀ ରାଜବଂଶ ଇତିହାସ ଯେପରରି ଭାବରେ ଓଡିଶା ବାହାରେ ଅନୁଧ୍ୟାନ ହେବା କଥା, ହୋଇନାହିଁ । ପବିତ୍ର ପୁରୀଧାମକୁ ଅକ୍ତିଆରରେ ରଖି କିପରି ଭାବରେ ଏହି ରାଜବଂଶ ଅଖଣ୍ଡ ପ୍ରଭୁତ୍ୱ ବିସ୍ତାର କରିଥିଲେ, ତାହା ଅଧ୍ୟୟନ କଲେ ଆର୍ଶ୍ଚର୍ଯ୍ୟ ହେବାକୁ ପଡେ । ଏହି ରାଜବଂଶ ଇତିହାସ ଅନ୍ୟ ଏକ ବିଷୟ ପ୍ରତିପାଦିତ କରେ ଯେ, ଏହାଠାରୁ ପୁରାତନ ଏକ ବିଶାଳ ସାମ୍ରାଜ୍ୟର ପରମ୍ପରାରେ ଏହା କିପରି ଅଧିକାରୀ ହୋଇ ପାରିଥିଲା ।

ଗଙ୍ଗବଂଶର ରାଜତ୍ୱ କାଳରେ ଜଗନ୍ନାଥ ଓଡିଶାର ରାଷ୍ଟ୍ରଦେବତା ରୂପେ ଘୋଷିତ ହେଲେ । ସୂର୍ଯ୍ୟବଂଶର ରାଜତ୍ୱବେଳେ ମଧ୍ୟ ଏହି ପରମ୍ପରା ଚଳିଆସିଲା । ମୋଟ ଉପରେ ୧୧୧୨ ଖ୍ରୀଷ୍ଟାବ୍ଦରୁ ୧୫୪୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡିଶା ଉତ୍ତର ଭାରତ ଓ ମଧ୍ୟ ଭାରତର ମୁସଲମାନ ସାମ୍ରାଜ୍ୟମାନଙ୍କର ବିରୁଦ୍ଧରେ ଏକ ଶକ୍ତିଶାଳୀ ରାଷ୍ଟ୍ରରୂପେ ଠିଆ ହୋଇପାରିଥିଲା । ଶତାବ୍ଦୀ ଶତାବ୍ଦୀ ଧରି ଜଗନ୍ନାଥଙ୍କର ପୂଜା ହୋଇ ଆସୁଥିଲେ ମଧ୍ୟ ପୂର୍ବ ଗଙ୍ଗରାଜା ଅନନ୍ତବର୍ମା ଚୋଡଗଙ୍ଗଦେବ ବିଶାଳ ଜଗନ୍ନାଥ ମନ୍ଦିର ନିର୍ମାଣ ଆରମ୍ଭ କରିଥିଲେ । ଜଗନ୍ନାଥ ଧର୍ମ ବୈଷ୍ଣବ ଧର୍ମ ହେଲେ ମଧ୍ୟ ଏଥିରେ ଶାକ୍ତ, ଶୈବ, ତାନ୍ତ୍ରିକ ଓ ଆଦିମ ପ୍ରଭାବ ବହୁ ପରିମାଣରେ ଦେଖିବାକୁ ମିଳେ । ଏକ ବିଶାଳ ସାମ୍ରାଜ୍ୟର ଶାସନ ପାଇଁ ଏହି ଧର୍ମର ଐକ୍ୟବାଦ ଶକ୍ତିର ଆବଶ୍ୟକତା ସହଜରେ ଉପଲବ୍ଧ କରାଯାଇପାରେ । ଏଣୁ ଗଙ୍ଗବଂଶୀୟ ରାଜାମାନେ ଓଡିଶାର ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକଙ୍କୁ ଐକ୍ୟବଦ୍ଧ କରିବା ପାଇଁ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ରୂପେ ଘୋଷଣା କରିଥିଲେ ।

ଦ୍ୱାଦଶ ଶତାବ୍ଦୀରେ ଗଙ୍ଗବଂଶୀୟ ରାଜାମାନଙ୍କ ଅମଳରେ ଓଡିଶା ଗଙ୍ଗ ସାମ୍ରାଜ୍ୟର ଉତ୍ତର ଅଂଶ ସ୍ୱରୂପ ଥିଲା । ତେଣୁ ସେ ସମୟରେ ଜଗନ୍ନାଥ କେବଳ ଓଡିଶାର ରାଷ୍ଟ୍ରଦେବତା ହୋଇ ରହିଥିଲେ । କେବଳ ରାଜା ତୃତୀୟ ଅନଙ୍ଗଭୀମଦେବ (୧୨୨୧-୧୨୩୮ଖ୍ରୀ.ଅ)ଙ୍କ ରାଜତ୍ୱରେ ଜଗନ୍ନାଥ ସମଗ୍ର ଗଙ୍ଗ ସାମ୍ରାଜ୍ୟର ରାଷ୍ଟ୍ରଦେବତା ରୂପେ ଘୋଷିତ ହୋଇଥିଲେ । ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ଉତ୍ତର ଭାରତରେ ମୁସଲମାନ ସାମ୍ରାଜ୍ୟ ପ୍ରତିଷ୍ଠା ହେବା ପରେ ଅନଙ୍ଗଭୀମଦେବ ତାଙ୍କର ସାମ୍ରାଜ୍ୟକୁ ମୁସଲମାନ ଶକ୍ତିଠାରୁ ରକ୍ଷା କରିବା ପାଇଁ ସୁସଙ୍ଗଠିତ କରିଥିଲେ । ମହାନଦୀ-କାଠଯୋଡି ମଧ୍ୟରେ ଥିବା କଟକକୁ ସେ ତାଙ୍କର ରାଜଧାନୀ କରି ତା'ର ନାମ ଅଭିନବ ବାରଣାସୀ ଦେଇଥିଲେ । ସେ ତାଙ୍କର ସାମ୍ରାଜ୍ୟକୁ ଜଗନ୍ନାଥଙ୍କ ନିକଟରେ ଅର୍ପଣ କରି କହିଥିଲେ, "ମୁଁ ଆଜିଠାରୁ ଶ୍ରୀ ଜଗନ୍ନାଥଙ୍କର ରାଉତ ପ୍ରତିନିଧି ଭାବରେ କାର୍ଯ୍ୟ କରିବି" । ଅନଙ୍ଗଭୀମଦେବ ତାଙ୍କର ପରବର୍ତୀ ଶିଳାଲେଖମାନଙ୍କରେ ନିଜକୁ 'ପୁରୁଷୋତ୍ତମ ପୁତ୍ର' ଓ ଜଗନ୍ନାଥଙ୍କ ରାଉତ' ରୂପେ ବର୍ଣ୍ଣନା କରିଛନ୍ତି ଓ ତାଙ୍କରି ଆଦେଶରେ ତାଙ୍କର ସାମ୍ରାଜ୍ୟକୁ ଚଳାଉଥିବାର ଉଲ୍ଲେଖ କରିଛନ୍ତି ।

ରାଷ୍ଟ୍ରଦେବତା ଜଗନ୍ନାଥଙ୍କୁ ଓଡିଶାର ସାମ୍ରାଜ୍ୟ ଉତ୍ସର୍ଗ କରିବା ଦ୍ୱାରା ଓଡିଆମାନଙ୍କ ମଧ୍ୟରେ ଓ ହିନ୍ଦୁ ଜଗତରେ ଏହାର ଖୁବ୍ ପ୍ରଭାବ ପଡିଥିଲା । ଅନଙ୍ଗଭୀମଦେବଙ୍କ ବଂଶଧରମାନେ ତାଙ୍କ ପଦାଙ୍କ ଅନୁସରଣ କରିଥିଲେ । ଜଗନ୍ନାଥଙ୍କ ସାମ୍ରାଜ୍ୟରେ ସେମାନେ ରାଉତ ଭାବରେ କାର୍ଯ୍ୟ କରୁଥିବାର ଘୋଷଣା କରୁଥିଲେ । କପିଳେନ୍ଦ୍ର (୧୪୩୦-୧୪୬୭ଖ୍ରୀ.ଅ) ଗଜପତି ସିଂହାସନକୁ ବଳପୂର୍ବକ ଅଧିକାର କରି ଓଡିଶାରେ ସୂର୍ଯ୍ୟବଂଶର ରାଜତ୍ୱ ଆରମ୍ଭ କରି ଶ୍ରୀ ଜଗନ୍ନାଥଙ୍କୁ ସାକ୍ଷୀ ରଖି ତାଙ୍କର ସେବକ ରୂପେ ଏହା କରୁଛନ୍ତି ବୋଲି ଉଲ୍ଲେଖ କରିଥିଲେ । ତାଙ୍କର ବିଭିନ୍ନ ଶିଳାଲେଖାରେ ତାଙ୍କ ଆଦେଶର ବିରୁଦ୍ଧାଚରଣ କରିବା ଅର୍ଥ ଜଗନ୍ନାଥଙ୍କ ଦ୍ରୋହ କରିବା ସଙ୍ଗେ ସମାନ ବୋଲି ସେ କହିଛନ୍ତି ।

ଗଙ୍ଗବଂଶ ସ ସୂର୍ଯ୍ୟବଂଶର ରାଜତ୍ୱକାଳରେ ରାଷ୍ଟ୍ରଦେବତା ଭାବେ ଜଗନ୍ନାଥଙ୍କ ଦର୍ଶନ ଓଡିଶାର ସାଂସ୍କୃତିକ ବିକାଶକୁ ବିଶେଷ ପ୍ରଭାବିତ କରିଥିଲା । ରାଜନୈତିକ ଅବସ୍ଥା ଏହା ପ୍ରମାଣିତ କରିଥିଲା ଯେ, ପୁରୀ ଓ ଜଗନ୍ନାଥ ମନ୍ଦିର ଯାହା ହାତରେ ରହିବ, ସେହି କେବଳ ଓଡିଶାର ଗଜପତି ଓ ରାଜାରୂପେ ଗୃହୀତ ହେବ ।

ଶତାବ୍ଦୀ ଶେଷ ଭାଗ ଓ ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ଜଗନ୍ନାଥ ମନ୍ଦିର ଉପରେ ବହୁ ଆକ୍ରମଣ ହୋଇଥିଲା । ଓଡିଶାର ବହୁ ଅଂଚଳରେ ଓଡିଶାର ଜାତୀୟ ଦେବତାଙ୍କୁ ଲୁଚାଇ ରଖିବା ପାଇଁ ଉଦ୍ୟମ କରାଯାଇଥିଲା । ଏହି ଦୁଃଖପୂର୍ଣ୍ଣ ସମୟରେ ଜଗନ୍ନାଥ ଓ ଗଜପତି ରାଜାମାନେ ଯେପରି ଆତ୍ମରକ୍ଷା ପାଇଁ ସ୍ଥାନରୁ ସ୍ଥାନାନ୍ତରିତ ହେଉଥିଲେ, ତାହା ଓଡିଆ ଓ ସେମାନଙ୍କ ମଧ୍ୟରେ ଏକ ଦୃଢ ବନ୍ଧନ ସ୍ଥାପନ କରିଥିଲା ।

ବିଂଶ ଶତାବ୍ଦୀରେ ପୁରୀ ରାଜବଂଶର ପ୍ରଭାବ ଓ ପ୍ରତିପତି ପୂର୍ବପରି ରହିଲା ନାହିଁ । ବର୍ତମାନ ରାଜାଙ୍କର ପିତାମହ ରାମଚନ୍ଦ୍ର ଦେବ ଭାରତର ସ୍ୱାଧିନତାର ପ୍ରାକ୍ କାଳରେ ଇଂରେଜ ସରକାରଙ୍କୁ ଏକ ସ୍ମାରକପତ୍ର ଲେଖି ଦାବୀ କରିଥିଲେ ଯେ, ଗଡଜାତ ରାଜ୍ୟମାନଙ୍କ ସମେତ ତାଙ୍କୁ ସମଗ୍ର ଓଡିଶାର ସାର୍ମଭୌମ ଶାସକ ଭାବରେ ସ୍ୱୀକାର କରାଯାଉ । ମାତ୍ର ସ୍ୱାଧିନତା ପରେ ତାଙ୍କର କ୍ଷମତା ଆହୁରି ସଙ୍କୁଚିତ ହୋଇଗଲା । ୧୯୫୪ ମସିହାରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ଅନୁଯାୟୀ ଓଡିଶା ସରକାର ମନ୍ଦିର ପରିଚାଳନା ରାଜାଙ୍କ ହାତରୁ ନେଇଯାଇ ଏକ ପରିଚାଳନା କମିଟି ହାତରେ ନ୍ୟସ୍ତ କଲେ ଏବଂ ଓଡିଶା ସରକାରଙ୍କର ଜଣେ ଅଫିସର ଆଡ୍ ମିନିଷ୍ଟ୍ରେଟର ନିଯୁକ୍ତ ହେଲେ । ମାତ୍ର ଜଗନ୍ନାଥଙ୍କର ଆଦ୍ୟ ସେବକ ଭାବରେ ରାଜାଙ୍କର ଅଧିକାର ଅବ୍ୟାହତ ରହିଲା । ପୁରୀ ମନ୍ଦିରରେ ବିଭିନ୍ନ ଅଧିକାରର ଯେଉଁ ରେକର୍ଡ ପ୍ରସ୍ତୁତ କରାଗଲା, ସେଥିରେ, "ଗଜପତି ମହାରାଜା ସେବା" ନାମରେ ପୁରୀ ରାଜାଙ୍କର ସେବା ଅଧିକାର ଅକ୍ଷୁର୍ଣ୍ଣ ରହିଲା ।

ଓଡିଶାରେ ଯେତେବେଳେ ଯେଉଁମାନେ ରାଜତ୍ୱ କରିଛନ୍ତି, ଜଗନ୍ନାଥ ଧର୍ମ ସେମାନଙ୍କର ରାଜନୀତିକୁ ଗଭୀର ଭାବରେ ପ୍ରଭାବିତ କରିଛି । ଯେଉଁ ଅଣହିନ୍ଦୁ ଶକ୍ତି ଯଥା ମୋଗଲ ଓ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡିଶାରେ ଶାସନ କରୁଥିଲେ, ସେମାନେ ଏହାପ୍ରତି କେବଳ ସହିଷ୍ଣୁତା ଦେଖାଇ ନାହାନ୍ତି; ଏହାକୁ ଉତ୍ସାହିତ କରିଛନ୍ତି । ଏହା ସଙ୍ଗେ ସଙ୍ଗେ ଖୋରଧା ରାଜାଙ୍କର କ୍ଷମତା ସଙ୍କୁଚିତ କରି ନିଜର ରାଜନୈତିକ ଅଧିକାରକୁ ସାବ୍ୟସ୍ତ କରିଛନ୍ତି । ହିନ୍ଦୁ ଶାସକଭାବରେ ମରହଟ୍ଟାମାନେ ଓ ବର୍ତମାନର ଓଡିଶା ସରକାର ଜଗନ୍ନାଥଙ୍କ ପ୍ରତି ପୂର୍ବ ଶାସକମାନଙ୍କ ପରି ସମ୍ମାନ ଦେବା ସଙ୍ଗେ ସଙ୍ଗେ ପୁରୀ ରାଜାଙ୍କୁ ମନ୍ଦିର ପରିଚାଳନାର ବାହାରେ ରଖି ନିଜର ରାଜନୈତିକ ଅଧିକାର ଦୃଢୀଭୂତ କରିଛନ୍ତି ।

ମୋ ନଂ-୬୩୭୦୬୭୫୫୬୨

# ଜୀବନ ଝୁଣୁଛି ତମାଖୁ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି । ତମାଖୁ ରାକ୍ଷାସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ତମାଖୁକୁ ଯଥେଷ୍ଟ ଦୂରତାରେ ରଖି ଏହାକୁ ସାଥୀ ନକରିବାର ସଂକଳ୍ପ ପାଇଁ ପ୍ରତିବର୍ଷ ମେ ମାସ ୩୧ ତାରିଖରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ କରାଯାଉଛି । ତମାଖୁର ଭୟାବହତା ଜାଣିବା ଆସନ୍ତୁ । ଧୂମପାନ ହୃଦ୍‌ଘାତର କାରଣ । ଫୁସ୍‌ଫୁସ୍ କ୍ୟାନସରର ମୁଖ୍ୟ କାରଣ ହେଉଛି ଧୂମପାନ (୯୦ ପ୍ରତିଶତ) । ଗଲ୍‌ବ୍ଲାଡ଼ର କ୍ୟାନସର, ସର୍ଭିକ୍ସ କ୍ୟାନସର, ଖାଦ୍ୟନଳୀ କ୍ୟାନସର, କିଡ୍‌ନୀ, ଅଗ୍ନ୍ୟାଶୟ, ପରିସ୍ରାଥଳି ଓ ସ୍ୱରଯନ୍ତ୍ରରେ କର୍କଟ ହେବାର ଆଶଙ୍କା ସର୍ବାଧିକ । ବିପଦ କେବଳ ସେତିକିରେ ରହିନାହିଁ, ମୁଖ କର୍କଟ, ଗଳା କର୍କଟ ଠାରୁ ପେଟରେ କର୍କଟ ଏପରିକି ଗର୍ଭାଶୟରେ କର୍କଟ ରୋଗ ବି ହୋଇପାରେ । ଧୂମପାନ ଠାରୁ ଦୂରେଇଥିବା ବ୍ୟକ୍ତି ତୁଳନାରେ ନିଶା ଗ୍ରସ୍ତ ଲୋକଙ୍କ ହୃଦ୍‌ଘାତ ହେବାର ଆଶଙ୍କା ଦୁଇରୁ ଚାରିଗୁଣା ଅଧିକ । ସେହିପରି ମହିଳାମାନେ ଧୂମପାନ କଲେ ସେମାନଙ୍କର ପାକସ୍ଥଳୀରେ କର୍କଟ ହେବାର ଆଶଙ୍କା ଅଧିକ ରହୁଛି । ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ମହିଳାଙ୍କ କ୍ଷେତ୍ରରେ ପାଖାପାଖି ୭୦ ପ୍ରତିଶତ ପାକସ୍ଥଳୀ କର୍କଟ ହେବାର କାରଣ ହେଉଛି ଏହି ଭୟାବହ ଧୂମପାନ । ମନେରଖନ୍ତୁ ତମାଖୁ ସେବନ ଦ୍ୱାରା ଦାନ୍ତର ସୌନ୍ଦର୍ଯ୍ୟ ସହ ଏହାର ଗଠନ ଶୀଳତା ନଷ୍ଟ ହୋଇଥାଏ, ଯାହାଦ୍ୱାରା କି ଖାଦ୍ୟର ସ୍ୱାଦ ଜାଣିବାର କ୍ଷମତା ହରାଇବା ସହ ଗଳାରୁ ରକ୍ତ ପଡ଼ିବା ସାଙ୍ଗରେ ମୁଖ କର୍କଟ ହେବାର ଆଶଙ୍କା ସର୍ବାଧିକ । ସେହିପରି ଧୂମପାନ ହୃଦ୍‌ସ୍ପନ୍ଦନ ବୃଦ୍ଧି କରି ଉଚ୍ଚରକ୍ତ ଚାପର କାରଣ ହୋଇପାରେ ଏବଂ ହୃଦ୍‌ଘାତର ଆଶଙ୍କା ବଢ଼ାଇଥାଏ । ତମାଖୁ ସେବନ ଦ୍ୱାରା ପାକସ୍ଥଳୀଟି ସାଙ୍ଘାତିକ ଭାବରେ କ୍ଷତିଗ୍ରସ୍ତ ହୋଇଥାଏ । ଆଉ ଯଦି ପୂର୍ବରୁ ଶ୍ୱାସ ରୋଗଥାଏ ତେବେ ଏହି ସମସ୍ୟା ଜଟିଳ । ସେହିପରି ଧୂମପାନ ବା ତମାଖୁ ସେବନ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ) । ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ । ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ । କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ

## ବିଶ୍ୱ ତମାଖୁ ନିରୋଧ ଦିବସ

ଦ୍ୱାରା ଶରୀରର ତ୍ୱଚା ଶୁଖିଲା ହେବା ସଙ୍ଗେ ସଙ୍ଗେ କେତେଙ୍କ କ୍ଷେତ୍ରରେ ହଳଦିଆ ପଡ଼ି ରିଙ୍କିଲ୍ ପଡ଼ିଯାଇପାରେ । ଧୂମପାନ କରିବା ଦ୍ୱାରା ମାଂସପେଶୀକୁ କମ୍ ପରିମାଣର ଅମ୍ଳଜାନ ଓ ରକ୍ତ ଆସିଥାଏ ଯାହାଦ୍ୱାରା ପରବର୍ତ୍ତୀ ସମୟରେ ମାଂସପେଶୀ ପାଇଁ ସବୁଠାରୁ ବଡ଼ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥାଏ । ଧୂମପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର୍ କାରଣ ପାଲଟିଥାଏ । ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ଆକ୍ରାନ୍ତ ହୁଅନ୍ତି (୨-୨୦%) । ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳାକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି । ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ । ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଣ୍ଟିଅକ୍ସିଡେଣ୍ଟ ଏବଂ ଅଧିକ ପୁଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ । ଶରୀରରୁ ବିଷାକ୍ତ ଅଂଶ କାଢ଼ିଦେବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ ।

ଆମ ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦,୦୦୦ ଲୋକଙ୍କୁ ମଧ୍ୟରୁ ଅର୍ଦ୍ଧେକ ଗୁଟ୍‌ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦ ରୋଗୀଙ୍କ ମଧ୍ୟରୁ ୧୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହ ଅଞ୍ଚଳର । ଭାରତ, ପାକିସ୍ତାନ, ବାଙ୍ଗଲାଦେଶ, ଶ୍ରୀଲଙ୍କାରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଅନ୍ୟୂନ ୬୫% ଏବଂ କେବଳ ଭାରତରେ ୫୦% । ସାରା ଦେଶରେ ବର୍ଷରେ ଅନ୍ୟୂନ ୭ଲକ୍ଷ ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ଓଡ଼ିଶାରେ ଏମାନଙ୍କ ସଂଖ୍ୟା ୫୦,୦୦୦ରୁ ଅଧିକ । ଓଡ଼ିଶା ସହିତ ଆସାମ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ ଓ ରାଜସ୍ଥାନରେ ଦେଶର ଅନ୍ୟ ଅଞ୍ଚଳ ଅପେକ୍ଷା କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ ଏବଂ ସାଧାରଣତଃ ଗୁଟ୍‌ଖା ଓ ତମାଖୁ ସେବନ ପାଇଁ ଏହା ଅଧିକ ହେଉଥିବା ଏକ ପରିସଂଖ୍ୟାନରୁ ସୂଚନା ମିଳିଛି । ସର୍ବେକ୍ଷଣ ଅନୁସାରେ ଓଡ଼ିଶାରେ ୧୫ବର୍ଷରୁ ଉର୍ଦ୍ଧ୍ୱ ଅନ୍ୟୂନ ୪୩% ଜନସାଧାରଣ ତମାଖୁ, ଗୁଟ୍‌ଖାପରି ସାମଗ୍ରୀ ସହ ଅଭ୍ୟସ୍ତ ଏବଂ ସବୁଠାରୁ ବିଡ଼ମ୍ବନା ହେଉଛି ଏମାନଙ୍କ ମଧ୍ୟରୁ ୩୫%ରୁ ଉର୍ଦ୍ଧ୍ୱ ହେଉଛନ୍ତି ମହିଳା । ମାଲକାନାଗିରି ଜିଲ୍ଲାରେ ସର୍ବାଧିକ ୫୮% ଲୋକ ତମାଖୁ ଓ ଗୁଟ୍‌ଖା ସହ ଅଭ୍ୟସ୍ତ । ଅନୁରୂପ ଭାବରେ ବଲାଙ୍ଗୀର, ବରଗଡ଼, ଭଦ୍ରକ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, କୋରାପୁଟ, ନବରଙ୍ଗପୁର, ସମ୍ବଲପୁର ଅଞ୍ଚଳରେ ୧୫ବର୍ଷରୁ ଉର୍ଦ୍ଧ୍ୱ ୪୦% ଯୁବକଯୁବତୀ ତମାଖୁ ଓ ଗୁଟ୍‌ଖା ସେବନ କରୁଛନ୍ତି ବୋଲି ସୂଚନା ମିଳିଛି । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଧୂମପାନ ସେବନ ବିରୁଦ୍ଧରେ ବିଭିନ୍ନ ଲୋକାଭିମୁଖୀ ଯୋଜନା ହାତକୁ ନେଇଛନ୍ତି ଓ ବିଭିନ୍ନ ସ୍ୱେଚ୍ଛାସେବୀ ସେବାଭିମୁଖୀ ସଂଗଠନମାନେ ମଧ୍ୟ ଧୂମ ରାକ୍ଷାସର କବଳରୁ ସମାଜକୁ ରକ୍ଷା କରିବା ପାଇଁ ଆଗେଇ ଆସୁଛନ୍ତି ।

ବିଭାଗୀୟ ମୁଖ୍ୟ,ହେପାଟାଲୋଜି
ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ : ୯୪୩୭୦୫୧୯୫୭

# ସଂପାଦକଙ୍କୁ ପତ୍ର

## ଅଭିଯୋଗ ଶୁଣାଣି ଶିବିର ସ୍ୱାଗତଯୋଗ୍ୟ ପଦକ୍ଷେପ

ମହାଶୟ,

ସରକାରଙ୍କ ପକ୍ଷରୁ ଜନଅଭିଯୋଗ ଶୁଣାଣି ଆୟୋଜିତ ହେଉଛି । ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଚିତ୍ରକୋଣ୍ଡା ବ୍ଲକର କୁରମାନୁର ପଞ୍ଚାୟତ ଠାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ! ପାପୁଲୁର, କୁରମାନୁର, କପାତୁଟି, ଗୁଣ୍ଡାବାଡ଼ା, ନୂଆଗୁଡା, ଦୋରାଗୁଡା ପଞ୍ଚାୟତରୁ ଶତାଧିକ ଲୋକ ଏହି ଶିବିରରେ ଯୋଗଦେଇ ସେମାନଙ୍କ ସମସ୍ୟା ଗୁଡିକ ସମ୍ପର୍କରେ ଜିଲ୍ଲାପାଳ ବିଶାଳ ସିଂ ଲିଖିତ ଅଭିଯୋଗ ଦେଇଥିଲେ । ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଉଚ୍ଚ ଅଧିକାରୀମାନେ ଉପସ୍ଥିତିରେ ଏହାର ସମାଧାନ କରାଯାଇଥିବା ଏହାକୁ ସ୍ୱାଗତ କରାଯାଇଛି ।

ନିରଞ୍ଜନ ମଲ୍ଲ
କାଲିମେଲା, ମାଲକାନଗିରି

## ସବୁ ପଞ୍ଚାୟତରେ ମୁଗ ମଣ୍ଡି ଖୋଲୁ

ମହାଶୟ,

ବର୍ତ୍ତମାନ ରବି ଫସଲ ଅମଳ ହେଉଛି । ଚାଷୀମାନେ ମୁଗ ଅମଳ କରି ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି । ସେମାନେ ଅମଳ କରିଥିବା ମୁଗ ୫୦, ୬୦ ଟଙ୍କାରେ ବିକ୍ରି କରୁଛନ୍ତି । ଯାହାର କି ବଜାର ମୂଲ୍ୟ ୭୦ରୁ ୮୦ ଟଙ୍କା ରହିଛି । ସରକାରୀ ସ୍ତରରେ ଧାନ ଭଳି ମୁଗ ମଣ୍ଡି ଖୋଲିବା ସହ ଏହାର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

ଚକ୍ରଧର ମହାନ୍ତି
ସିଠାଲୋ ଅଡ଼ଶପୁର, କଟକ

# ସ୍ୱାସ୍ଥ୍ୟସେବାରେ ପ୍ରଶାସନ ସକ୍ରିୟ ହେଉ

**ଶରତ କୁମାର ରାଉତ**

ଓଡ଼ିଶାରେ ଅନେକ ସ୍ୱାସ୍ଥ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଗୁଡ଼ାଏ ନିଷ୍ପତି ଓ ପଦକ୍ଷେପ ଗ୍ରହଣ କରାଯାଉଛି । ହେଲେ ସ୍ୱାସ୍ଥ୍ୟସେବାର ଉନ୍ନତି ଶୂନ । ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ ତଥା ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ପାଇଁ କାର୍ଯ୍ୟକାରୀ ହୋଇଥିବା ୧୯୮୩-୮୪ରେ ଜାତୀୟ ସ୍ୱାସ୍ଥ୍ୟ ନୀତି, ୧୯୮୭-୮୮ରେ ପ୍ରଜନନ ଶିଶୁସ୍ୱାସ୍ଥ୍ୟ ପ୍ରକଳ୍ପ, ୧୯୯୯-୨୦୦୭ ରେ ଓଡ଼ିଶା ସ୍ୱାସ୍ଥ୍ୟ ଉନ୍ନୟନ ପ୍ରକଳ୍ପ, ୨୦୦୧-୦୨ ରେ ଶିଶୁ ମୃତ୍ୟୁହାର ହ୍ରାସ ମିସନ୍, ୨୦୦୨-୦୩ ରେ ସମନ୍ୱିତ ସ୍ୱାସ୍ଥ୍ୟସେବା ନୀତି ଓ କୌଶଳ ଭିଜନ୍-୧୦, ୨୦୦୫ରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିସନ୍, ୨୦୦୭ ରୁ ନରଓ୍ୱେ ଏବଂ ଭାରତ ସରକାରଙ୍କ ମିଳିତ ସହଯୋଗ (ନିପି)ରେ ଯଶୋଦା ନିଯୁକ୍ତି ଓ ମାତୃ-ଶିଶୁ ସ୍ୱାସ୍ଥ୍ୟ ଯୋଜନା, ୨୦୧୧ ଅକ୍ଟୋବର ୧୯ ରୁ ମମତା ଯୋଜନା ଆଦି ଫେଲ୍ ମାରିଛି । ୨୦୨୦ ସୁଦ୍ଧା ଶିଶୁ ଓ ମାତୃ ମୃତ୍ୟୁହାର ଯଥେଷ୍ଟ କମାଇବାକୁ ୨୦୧୫ ମଇ ୧୯ ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା ୧୫ଟି ପଛୁଆ ଜିଲ୍ଲାର ୬୮ଟି ଅବହେଳିତ ବ୍ଲକ୍‌ରେ ୫୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ଯୋଜନା ଘୋଷଣା ମଧ୍ୟ ଫେଲ୍ ମାରିଛି । ଏହି ସ୍ୱତନ୍ତ୍ର ଯୋଜନା ୨୦୧୫ ଅଗଷ୍ଟ ୭ ତାରିଖରେ କାର୍ଯ୍ୟକାରୀ ହୋଇଥିଲେ ହେଁ ବର୍ତମାନ ସୁଦ୍ଧା ଏଥିରୁ କୌଣସି ସୁଫଳ ମିଳିନାହିଁ । ୨୦୧୭ ଡ଼ିସେମ୍ବର ୩ୟ ସପ୍ତାହରେ ମୁଖ୍ୟମନ୍ତ୍ରୀ ୪ ନୂଆ ସ୍ୱାସ୍ଥ୍ୟ ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ଯୋଜନା ଗୁଡ଼ିକ ହେଲା, "ନିଦାନ", "ସହାୟ", "ଆମ କ୍ଲିନିକ୍" ଓ "ଅନମୋଲ୍ ଟାବ୍‌ଲେଟ୍" । ଆଉ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୮ ଅଗଷ୍ଟ ୧୫ ତାରିଖରେ କାର୍ଯ୍ୟକାରୀ ହୋଇଥିଲା 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' । ହେଲେ ଏହି ଯୋଜନା ଗୁଡ଼ିକ ଯେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ସଂସ୍କାର ଆଣିବ ବା ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ କରାଇବ, ଏହାର କିଛି ଗ୍ୟାରେଂଟି ନଥିବା ଜଳଜଳ ଦେଖା ଯାଉଛି । ଯେହେତୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ସ୍ୱାସ୍ଥ୍ୟ ପ୍ରକଳ୍ପ ଗୁଡ଼ିକ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜଭୁତ କରିବାରେ ବିଫଳ ହୋଇଛି । ବିଭିନ୍ନ ପ୍ରକଳ୍ପ ଛଡ଼ା ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ୟୁନିସେଫ୍, ବିଶ୍ୱସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱବ୍ୟାଙ୍କ, ବ୍ରିଟିଶ୍ ଏଡ୍‌ସ ସ୍କିମ୍, ୟୁଏନ୍‌ଡ଼ିପି, ଆରସିଏଚ୍, ଡ୍ୟାନଟିବି, କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଜେଡ୍‌ଏସ୍‌ଏସ୍, ଆଇଏନ୍‌ଡ଼ିପି, ଆଇପିଡ଼ିପି, ଆଇଇସି ଆଦି ସଂସ୍ଥାରୁ ସ୍ୱାସ୍ଥ୍ୟ ବିଭାଗକୁ କୋଟି କୋଟି ଟଙ୍କା ଆସୁଛି । ହେଲେ ଯୋଜନା ଚାଲିଛି କିପରି, କେଉଁଠି ଓ କାହାପାଇଁ(?), କେହି କିଛି ଜାଣିପାରୁ ନାହାଁନ୍ତି । କେବଳ ସ୍ପଷ୍ଟ ଦେଖାଯାଉଛି, ସାରା ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । ବିଶେଷତଃ ଶିଶୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ମୃତ୍ୟୁର ଅାଁ ଭିତରକୁ ଚାଲି ଯାଇଛି ।

ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମିର ଅଭାବ ଓ ପରିଚାଳନାଗତ ତୃଟି ସୀମା ପାର କରିଛି । କଟକ ଶିଶୁ ଭବନ ଶିଶୁ ମୃତ୍ୟୁ, ନଗଡ଼ା ଆଦିବାସୀ ଶିଶୁ ମୃତ୍ୟୁ ଓ ମାଲକାନଗିରିରେ ଲଗାତାର ଅବୋଧ ଆଦିବାସୀ ଶିଶୁଙ୍କର ମୃତ୍ୟୁ ବିଭିଷୀକା ଏହାର ଜ୍ୱଳନ୍ତ ଉଦାହରଣ । ଅଧିକାଂଶ ଜିଲ୍ଲା ସଦର ମହକୁମା ହସ୍ପିଟାଲ୍‌ରେ ଆଇସିୟୁ ପ୍ରକୋଷ୍ଠରେ ତାଲା ଝୁଲୁଛି । କେତେକ ସ୍ଥାନରେ ଜୀବନ ରକ୍ଷାକାରୀ ଅକ୍ସିଜେନ୍‌ର ସଂଯୋଗ ମଧ୍ୟ ନାହିଁ । ରାଜ୍ୟରେ ୩୧୪ଟି ବ୍ଲଡ୍ ଷ୍ଟୋରେଜ୍ ୟୁନିଟ୍, ଉପଜିଲ୍ଲା ଓ ଜିଲ୍ଲା ହସ୍ପିଟାଲ୍ ମାନଙ୍କରେ ବ୍ଲଡ୍ ବ୍ୟାଙ୍କ୍ ପ୍ରତିଷ୍ଠା ପାଇଁ ସ୍ୱାସ୍ଥ୍ୟ ମିସନ୍‌ର ଲକ୍ଷ୍ୟ ଫେଲ୍ ମାରିଛି । ମିସନ୍‌ର ହର୍ତାକର୍ତା ସାଜିଥିବା ଅନଭିଜ୍ଞ, ଅଦକ୍ଷ ଓ ଅସ୍ଥାୟୀ କର୍ମଚାରୀଙ୍କ ହାତରେ ଛାଡ଼ି ଦିଆ ଯାଉଛି ରାଜ୍ୟର ସ୍ୱାସ୍ଥ୍ୟସେବା ଦାୟିତ୍ୱ । ସରକାରୀ ଡ଼ାକ୍ତରଖାନାରେ ରୋଗୀମାନେ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି । ଏଠାରେ ସୁବିଧାରେ ରକ୍ତ, ମଳ, ମୂତ୍ର ଆଦି ବିଭିନ୍ନ ପରିକ୍ଷା ବ୍ୟବସ୍ଥା ଥିଲେ ହେଁ ରୋଗୀଙ୍କୁ ଘରୋଇ ପରିକ୍ଷାଗାର ଉପରେ ନିର୍ଭର କରିବାକୁ ପଡୁଛି । ବହୁମୂଲ୍ୟ ଔଷଧ ମିଳିବାତ ଦୂରର କଥା, ସାଲାଇନ୍ ବା ସାଧାରଣ ରୋଗର ବଟିକା ମଧ୍ୟ ରୋଗୀଙ୍କୁ ବାହାରୁ କିଣିବାକୁ ପଡୁଛି । ରାଜ୍ୟ ସରକାର କୋଟିକୋଟି ଟଙ୍କାର ଅନେକ ପ୍ରକାର ଔଷଧ କିଣନ୍ତି । ମାତ୍ର ସେସବୁ ରୋଗୀଙ୍କ ଭାଗରେ ପଡ଼େନି । କର୍ମଚାରୀଙ୍କ ଦ୍ୱାରା କିଛି ହରିଲୁଟ୍ ହୁଏ, କିଛି ସମୟ ସୀମା ଶେଷ ପରେ ବଂଟାଯାଏ ଓ ଆଉକିଛି ବର୍ଷ ଶେଷ ବେଳକୁ ନଷ୍ଟ କରି ଦିଆଯାଏ । ତେବେ ସରକାରୀ ଡ଼ାକ୍ତରଖାନାରେ ୨୪ ଘଂଟା ମାଗଣା ଔଷଧ ବାଣ୍ଟିବାକୁ ୨୦୧୫ ମଇ ୧ ତାରିଖରୁ 'ନିରାମୟ' ଯୋଜନା ଆରମ୍ଭ ହୋଇଥିଲା । ଏହା ହାସ୍ୟାସ୍ପଦରେ ପରିଣତ ହୋଇଛି । ତଥାପି ଟଳମଳ ଅବସ୍ଥାରେ ଥିବା ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ସ୍ଥାନରେ ଲୋକମାନଙ୍କୁ ଭୂଆଁ ବୁଲାଇବା ପାଇଁ ନୂଆ ନୂଆ ଯୋଜନା ଘୋଷଣା ଚାଲିଛି । ଆର୍ଶ୍ଚର୍ଯ୍ୟର କଥା ଯେ, ସରକାର ଯେତେ ଯାହା କଲେ ବି ଲୋକଙ୍କୁ ନିର୍ଭର କରିବାକୁ ପଡୁଛି ଘରୋଇ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ।

୨୦୦୫ରୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିସନ୍ (ଏନ୍‌ଆର୍‌ଏଚ୍‌ଏମ୍) କାର୍ଯ୍ୟକାରୀ ହେଉଛି । ସମୁଦ୍ର ଲହଡ଼ି ଭଳି ଅନୁଦାନ ସ୍ରୋତ ମାଡ଼ି ଆସୁଛି । ରଙ୍ଗାରଙ୍ଗ ଘର, କାଚର ଦ୍ୱାର ଓ ଝରକା, ଏସି ମେସିନ୍, ମାର୍ବଲ୍ ଚଟାଣ, ଗଦି ଲଗା ଚେୟାର, ନିୟନ୍ ଲାଇଟ୍, ଶହଶହ ଗାଡ଼ି ଓ ସୁନ୍ଦର ଉଦ୍ୟାନରେ ହସ୍ପିଟାଲ୍ ଗୁଡ଼ିକ ଶୋଭା ପାଉଛି । ହେଲେ ବାସ୍ତବ ଭିତିଭୂମିର ବିକାଶ ହୋଇନାହିଁ । କୌଣସି ମୁହୂର୍ତ୍ତରେ ମିସନ୍ କାର୍ଯ୍ୟ ବନ୍ଦ୍ ହୋଇଗଲେ ଓ ଅନୁଦାନର ମହାନଦୀ ଶୁଖି ଗଲେ, ତା'ପରେ ରାଜ୍ୟରେ କି ଅବସ୍ଥା ହେବ ବିଭାଗୀୟ ମନ୍ତ୍ରୀ କି ସଚିବ ଥରେ ଚିନ୍ତା କଲେଣି କି ? ଆଜି ଯେତିକି ଭିତିଭୂମିର ବିକାଶ ହୋଇଥିବା ଆମେ ଦେଖୁଛେ, ତାହା ସ୍ୱାସ୍ଥ୍ୟ ମିସନ୍‌ର ଦାନ । ଆୟୁଷ କାର୍ଯ୍ୟକ୍ରମ ଅନ୍ତର୍ଗତ ହୋମିଓପାଥୀ, ଆର୍ଯ୍ୟୁବେଦ, ଯୋଗ, ୟୁନାନୀ, ସିଦ୍ଧ ଓ ନେଚରପାଥୀ ଚିକିତ୍ସା ସେବାର ଉନ୍ନତି କରାଇବା ମିସନ୍‌ର ମୂଳ ଲକ୍ଷ୍ୟ । ମିସନ୍ ଦ୍ୱାରା ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ହୋମିଓ ଏବଂ ଆୟୁର୍ବେଦ ଡ଼ାକ୍ତର ନିଯୁକ୍ତି ଦିଆ ଯାଉଛି । ହେଲେ ହୋମିଓ ଏବଂ ଆୟୁର୍ବେଦ ଚିକିତ୍ସାଳୟ ଗୁଡ଼ିକରେ ଖାଲିଥିବା ପଦବୀ ପୂରଣ ହେଉ ନାହିଁ ଏବଂ ଏହି ଚିକିତ୍ସାଳୟ ଗୁଡ଼ିକ ଆଜି ମଧ୍ୟ ଚାଳ ଛପର କିମ୍ବା ଝୁମ୍ପୁଡ଼ି ଘରେ କାର୍ଯ୍ୟ କରୁଛି । ରାଜଧାନୀରେ ହୋମିଓ ଚିକିତ୍ସା ସେବା ଯୋଗାଣରେ ପ୍ରମୁଖ ଭୂମିକା ଥିବା ଡ଼ା. ଅଭିନ୍ନ ଚନ୍ଦ୍ର ହୋମୀଓପାଥୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ୍ ଉପରେ ରାଜ୍ୟର ହଜାର ହଜାର ରୋଗୀ ଚିକିତ୍ସା ସେବା ପାଇଁ ନିର୍ଭର କରନ୍ତି । ଏଠାରେ ବହୁ ପଦବୀ ଖାଲି ପଡ଼ିଥିଲେ ହେଁ ମିସନ୍ କିମ୍ବା ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି । ଏଠାରେ ଅର୍ଦ୍ଧାଧିକ ମଞ୍ଜୁରୀପ୍ରାପ୍ତ ପ୍ରଫେସର, ରିଡ଼ର, ଅଧ୍ୟାପକ ଓ ୩ୟ ତଥା ୪ର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ପଡ଼ିଛି । ଏଠାକାର ଭିତିଭୂମି ବିକାଶର ଅତ୍ୟନ୍ତ ଆବଶ୍ୟକତା ରହିଛି ।

ରାଜ୍ୟରେ ଯୋଜନାର ଅଭାବ ନଥିବାବେଳେ ସରକାରୀ ସ୍ତରରେ ପ୍ରତିଦିନ ନୂଆ ନୂଆ ନିଷ୍ପତି ଓ ପଦକ୍ଷେପ ଘୋଷଣା କରାଯାଉଛି । ମିସନ୍‌ର ଅଜସ୍ର ଅନୁଦାନ ସତ୍ତ୍ୱେ ଆମେ ଯଦି ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଧାରି ପାରିଲୁ ନାହିଁ, ତେବେ ଭଗବାନ୍ ବି ଆମକୁ କ୍ଷମା ଦେବେ ନାହିଁ । କୌଣସି ପ୍ରକଳ୍ପ, ଆଇନ୍ ଓ ପଦକ୍ଷେପ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ କାହିଁକି ଆଦର୍ଶ କରିପାରୁ ନାହିଁ, ତା' ଉପରେ ବ୍ୟାପକ ସମୀକ୍ଷା ହେବା ଉଚିତ । ଅନ୍ୟଥା ରାଜନୈତିକ ହସ୍ତକ୍ଷେପ ଓ ପ୍ରଶାସନିକ ଅପାରଗତା ଯୋଗୁଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସ୍ୱୟଂ ରୋଗଗ୍ରସ୍ତ ହୋଇ ଗଲାଣି । କାହିଁକି ଚିକିତ୍ସା ସେବାରେ ଉନ୍ନତି ହେଇ ପାରୁନି, କାହିଁକି ଆବଶ୍ୟକୀୟ ଭିତିଭୂମିର ଅଭାବ ଦେଖା ଦେଉଛି, ସେ ସଂପର୍କରେ କେହି ଭାବୁଛନ୍ତି କି ? ଆଇନଗତ ବ୍ୟବସ୍ଥାକୁ ମଜଭୁତ୍ ଏବଂ ସ୍ୱାସ୍ଥ୍ୟ ପ୍ରଶାସନକୁ ଲୋକାଭିମୁଖୀ କରାଇବାକୁ ଆନ୍ତରିକତାର ଆବଶ୍ୟକତା ରହିଛି । ଆଜି ପର୍ଯ୍ୟନ୍ତ କୌଣସି ଜଣେ ମନ୍ତ୍ରୀ କି ସଚିବ ନିଜ କରିସ୍ମା ବଳରେ ସ୍ୱାସ୍ଥ୍ୟ ବିଭାଗରେ ସାମାନ୍ୟତମ ପରିବର୍ତନ ଆଣି ପାରି ନାହାନ୍ତି କି ନୂଆ ସଂସ୍କାର । ତଥାପି ଅଳ୍ପକେତେ ଜଣ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗରେ ବ୍ୟାପକ ସଂସ୍କାର ଆଣି ପାରିଥିଲେ ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର,
ମୋ-୯୩୩୭୩୬୯୪୪୮

# ଟୋପାଏ ପାଣି ପାଇଁ ତହଳ ବିକଳ ରିମୁଳି ୧୨ନଂ ୱାର୍ଡବାସୀ

**ଚମ୍ପୁଆ, (ହି.ସ):** ବିତଶାଳୀ କେନ୍ଦୁଝରର ଜିଲ୍ଲାର ଖଣି ଖାଦାନ ଭରା ଚମ୍ପୁଆ ଉପଖଣ୍ଡ । ଯିଏ ରାଜ୍ୟକୁ ସର୍ବାଧିକ ରାଜସ୍ୱ ପ୍ରଦାନ କରେ ବୋଲି ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି । କିନ୍ତୁ ଏହି ଉପଖଣ୍ଡ ରେ ବସବାସ କରୁଥିବା ଲୋକ ମାନେ ଯେ ସାଧାରଣ ମୌଳିକ ସୁବିଧା ଟିକେ ବି ପାଇ ପାରୁ ନାହାନ୍ତି ତାହା ଯେତିକି ଅବିଶ୍ୱାସନୀୟ ସେତିକି ସତ୍ୟ । ଏଠି ସରକାର ଲୋକଙ୍କ ସୁବିଧା ପାଇଁ ଯୋଜନା ଉପରେ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ତାହା କାର୍ଯ୍ୟକାରି ହେଉ ନ ଥିବା ଦେଖିବାକୁ ମିଳୁଛି । ସାଧାରଣ ପିଇବା ପାଣି ଟୋପାଏ ପାଇଁ ତହଳ ବିକଳ ହେଉଛନ୍ତି ଲୋକେ । ଉପାନ୍ତ ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ୧୨ ନଂ ୱାର୍ଡ । ଏହି ୱାର୍ଡରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ସାହି ବାସିନ୍ଦାଙ୍କ ପାଇଁ ଦୁଇଟି ନଳକୂପ ରହିଛି, ହେଲେ ନଳକୂପ ଦୁଇଟି ଥାଇ ବି ନ ଥିବା ସଙ୍ଗେ ସମାନ । ନଳକୂପ ରୁ ନା ବାହାରୁଛି ପାଣି ନା ପୁରୁଛି ବାଲଟି । ସ୍ୱଜଳଧାରା ଯୋଜନାରେ ଯଦିଓ ପାଣି ବ୍ୟବସ୍ଥା ହୋଇଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ । ଆବଶ୍ୟକ ଅନୁଯାୟୀ ପାଣି ଯୋଗାଣ ହେଉ ନ ଥିବାରୁ ସାହି ବାସୀନ୍ଦା ଟୋପାଏ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗରାଏ ପିଇବା ପାଣି ପାଇଁ ଘଂଟା ଘଂଟା ଧରି ଧୁ ଧୁ ଖରାରେ ଲାଇନ ଲାଗିବାକୁ ପଡୁଛି । ତଥାପି ଆବଶ୍ୟକ ଅନୁଯାୟୀ ପିଇବା ପାଣି ମୁନ୍ଦାଏ ପାଇ ପାରୁ ନାହାନ୍ତି । ଏ ସମ୍ପର୍କରେ ରିମୁଳି ପଂଚାୟତ ସରପଂଚଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା କଥା ଦୁଃଖର ସହିତ ପ୍ରକାଶ କରିଛନ୍ତି ଗ୍ରାମବାସୀ । ଏହି ସାହି ବାସିନ୍ଦା ସମସ୍ତେ ପ୍ରାୟ ଦିନ ମଜୁରିଆ, ମୁଲ ମଜୁରୀ କରି ଚଳୁ ଥିବା ଏହି ନିରୀହ ଗରିବ ଲୋକ ମାନେ ଟୋପାଏ ପିଇବା ପାଣି ପାଇଁ ତହଳ ବିକଳ ହେଉଥିଲେ ମଧ୍ୟ ରିମୁଳି ପଂଚାୟତ ପକ୍ଷରୁ ସାହିରେ ପାଣି ବ୍ୟବସ୍ଥା ପାଇଁ ତିଳେ ହେଲେ ଆଗ୍ରହ ପ୍ରକାଶ କରାଯାଉ ନ ଥିବାରୁ ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେଇ ରିମୁଳି ୧୨ ନଂ ୱାର୍ଡ ର ପାଣି ସମସ୍ୟା ତୁରନ୍ତ ଦୂର କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।



## ଗୋପରେ ଭୂତ ଖାଉଛନ୍ତି କଣ୍ଟ୍ରୋଲ ସାମଗ୍ରୀ

# ଗୋପ ବ୍ଲକରେ ଯୋଗାଣ ଅଧିକାରୀ ଓ ଡିଲରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା



**ଗୋପ (ହି.ସ):** ପୁରୀ ଜିଲ୍ଲା ଗୋପ ବ୍ଲକ ଅଧିନସ୍ଥ ବିରୁତୁଙ୍ଗ ଓ ବନ୍ତଲିଗ୍ରାମ ପଞ୍ଚାୟତ ରେ ଅନେକ ମୃତ୍ୟକ୍ତି ଓ ସରକାରୀ ଚାକିରିଆ ଏବଂ ଅନ୍ୟତ୍ର ବିଭାହ ହୋଇଯାଇଥିବା ଝିଅଙ୍କ ନାମରେ ବର୍ଷ ବର୍ଷଧରି କଣ୍ଟ୍ରୋଲ ଚାଉଳ ହଡଫ କରୁଛି ଡିଲର। ଏହି ସବୁ କାର୍ଯ୍ୟ କୁ କେତେଜଣ ଦୁତ ବ୍ୟକ୍ତି ଓ ରାଜନେତା ଏବଂ ତାଙ୍କ ଅନୁଗାମୀଙ୍କ ଦ୍ୱାରା ହିଁ ଯୋଜନା ମୁତାବକ କରାଯାଉଛି। କିଛି ଝିଅ ଯେଉଁମାନେ ଅନ୍ୟତ୍ର ବିଭାହ କରିଛନ୍ତି ତାଙ୍କ ନାମରେ ବି ରାସନ ସାମଗ୍ରୀ ଲୁଟ ହେଉଛି। କେତକ ସରକାରୀ କର୍ମଚାରୀ ହୋଇ ମଧ୍ୟ ରାସନ ବା କଣ୍ଟ୍ରୋଲ ସାମଗ୍ରୀ ହଡପ କରୁଛନ୍ତି ତାହା ଡିଲର ଖାଉଛି କି ସେହି ସରକାରୀ ଚାକିରିଆ ଖାଉଛନ୍ତି ତାହା ତଦନ୍ତ ଗଲେ ଜଣାପଡିପାରିବ। କାହିଁକି କେମିତି କେଜାଣି ସରକାରଙ୍କ ବ୍ୟବସ୍ଥାର ଗଳିଆ ବାଟ ଦେଇ ଲୋକେମାନେ ଅସାଧୁ ଉପାୟରେ କଣ୍ଟ୍ରୋଲ ସାମଗ୍ରୀ ହଡପ କରିବା ବ୍ୟବସ୍ଥାର ରହୁଛି , ଏହାର ଏକ ନଗ୍ନ ଚିତ୍ର ଦେଖିବାକୁ ମିଳିଛି ବିରୁତୁଙ୍ଗ ପଞ୍ଚାୟତ ପ୍ରାୟ ୭ଟା ୱାର୍ଡର ୪ ଶହରୁ ଉର୍ଦ୍ଧ ହିତାଧିକାରୀଙ୍କ କଣ୍ଟ୍ରୋଲ ସାମଗ୍ରୀ ଯୋଗାଉଥିବା ଡିଲରଙ୍କ ଚଞ୍ଚକତା ପଦାକୁ ଆସିଛି। ୨୦ ଜଣରୁ ଉର୍ଦ୍ଧ୍ୱ ମୃତ ବକ୍ତି ଓ କିଛି ସରକାରୀ କର୍ମଚାରୀ ଙ୍କ ନାମରେ ଡିଲର ନିଁମେଇ ଚରଣ ମିଶ୍ର ଯାହାଙ୍କର ରଚ୫ କୋର୍ଡ ହେଉଛି ୨୬୦୪ଚ୧୩୫ ଯୋଗାଣ ବିଭାଗ ର ଗୋପ ବ୍ଲକ ଅଧିକାରୀଙ୍କୁ ହାତ କରୀ ଏହି ବକ୍ତି ଜଣକ ରାସନ ସାମଗ୍ରୀ କୁ ହଡଫ ହେଉଥିବାର ଅଭିଯୋଗ ହୋଇଛି। ଅଭିଯୋଗକାରୀମାନେ ହେଲେ ସେହି ଗ୍ରାମର ସୁବାସ ଚନ୍ଦ୍ର ବେହେରା, ଫିରୋଜ ପରିଡା, ଶିବ ସ୍ୱାଇଁ, କୈଳାସ ଚନ୍ଦ୍ର ବେହେରା ପ୍ରଭୃତି ଡିଲରଙ୍କ ନା ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଉକ୍ତ ଡିଲରଙ୍କ ବିରୁଦ୍ଧରେ ଗ୍ରହଣ କରୁନାହାନ୍ତି ବିଭାଗୀୟ ଅଧିକାରୀ କ୍ଷ କାହିଁକି ଡିଲର ଓ ଏଥିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୁଦ୍ଧରେ ପଦକ୍ଷେପ ନିଆଯାଉନାହିଁ ତାହା ଏବେ ପ୍ରଶ୍ନ ବାଚୀ ସୃଷ୍ଟି କରୁଛି। ସେହିପରି ବନ୍ତଳୀଗ୍ରାମ ପଞ୍ଚାୟତରେ ସମାନ ଅଭିଯୋଗ ହୋଇଆସୁଛି,ଏମିତି ଅନେକ ପ୍ରକାରର ଚଞ୍ଚକତା କରୀ ବାର୍ଷିକୀ ଲକ୍ଷାଧିକ ଟଙ୍କାର କଣ୍ଟ୍ରୋଲ ସାମଗ୍ରୀ କୁ ହଡଫ କରି ମାଲା ମାଲ ହେଉଥିବା ବେଳେ ପ୍ରକୃତ ହିତାହଧିକାରୀ କଣ୍ଟ୍ରୋଲ ସାମଗ୍ରୀରୁ ବଞ୍ଚିତ ହେଉଛନ୍ତି। ବନ୍ତଳୀଗ୍ରାମ ପଞ୍ଚାୟତ ପାଞ୍ଚ ନମ୍ବର ୱାର୍ଡ ର ମହେଶ୍ୱର ସ୍ୱାଇଁ ଯିଏ କି ବର୍ତମାନ ବନ୍ତଳୀଗ୍ରାମ ସରପଞ୍ଚ ପୂର୍ବରୁ ଗୋପ ବ୍ଲକ ର ପୂର୍ବତନ ଉପାଧ୍ୟକ୍ଷ ଭାବେ ୫ ବର୍ଷ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କ ସ୍ତ୍ରୀ ପ୍ରଭାସିନୀ ସ୍ୱାଇଁ ଯିଏ କି ପୂର୍ବତନ କୋପରେଟିଭ ସୋସାଇଟି ର ସଭାପତି ଡିଲର ସୁରେନ୍ଦ୍ର ରାଉତରାୟ କୋଡ଼ ନମ୍ବର – ୨୬୦୪ ଚ ୧୧୪ ଙ୍କ ଠାରୁ ନିୟମିତ ଖାଉଟି ସାମଗ୍ରୀ ଉଠାଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସବୁ କୁ ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ତରଫରୁ ରୋକ ଲଗାଇବା ପାଇଁ ଗୋଟିଏ ଦେଶ ଗୋଟିଏ ପରିଚୟ, ଗୋଟିଏ କାର୍ଡ ର ବ୍ୟବସ୍ତା କରୁଛନ୍ତି ସତ କିନ୍ତୁ କେଉଁଠି ଗୋଟେ ଗଳାବାଟ ରହୁଛି ତାହା ଦ୍ୱାରା କିଛି ବ୍ୟକ୍ତି ଦୁର୍ନୀତି କରିବାରେ ସଫଳ ହେଉଛନ୍ତି। ଏଣୁ ଏ ସମ୍ପର୍କ ବିଭାଗୀୟ ଅଧିକାରୀମାନେ ସତର୍କତା ଅବଲମ୍ବନ କରିବା ଦ୍ୱାରା

### ମୃତ ଓ ସରକାରୀ ଚାକିରିଆଙ୍କ ନାମରେ ଡିଲର ଖାଉଛି ଚାଉଳ



ପଦବୀରେ ଥାଇ ମଧ୍ୟ ନିଜ ନାମରେ ରାସନ କାର୍ଡ ନମ୍ବର – ୨୬୦୪୦୭୧୧୯୮୨ ରେ କିଭଳି ଖାଉଟି ସାମଗ୍ରୀ ଉଠାଇଛନ୍ତି ତାହା ଲୋକ ଲୋଚନରେ ଆଲୋଚନାର ବିଷୟ ପାଲଟିଛି। ଅଧିକ ତଦନ୍ତ କରାଗଲେ ଅନେକ ବେନାମୀ ଓ ଅସାଧୁ ଉପରେ ଖାଉଟି ସାମଗ୍ରୀ ହରିଲୁଟ କରୁଥିବା ବ୍ୟକ୍ତିଙ୍କର ପର୍ଦାଫାଶ ହୁଅନ୍ତା ବୋଲି ସାଧାରଣରେ ଦାବି ହୋଇଛି।

# ଜରାଜୀର୍ଣ୍ଣ ଅବସ୍ଥାରେ ଶରତ ପାଇକରାୟ ଷ୍ଟାଡିୟମ୍

**ଖୋର୍ଦ୍ଧା, (ହି.ସ):** ଶରତ ପାଇକରାୟ ଷ୍ଟାଡିୟମ୍ ୨୦୦୯ ମସିହାରେ ଉଦଘାଟିତ ହୋଇଥିଲା ପାଖାପାଖି ୧୫ ଏକର ଜମିରେ ତିଆରି ହୋଇଥିବା ଏହି ଷ୍ଟାଡିୟମ୍ ଖୋର୍ଦ୍ଧା ଜିଲ୍ଲା ଜଟଣୀ ସହରର ସବୁଠୁ ବଡ଼ ତଥା ଏକମାତ୍ର ସର୍ବସାଧାରଣ ଷ୍ଟାଡିୟମ୍। କିନ୍ତୁ ଏବେ ଏହା ଜରାଜୀର୍ଣ୍ଣ ଅବସ୍ଥାରେ। ଏକଦା ଜଟଣୀ ସହରରେ କ୍ରୀଡ଼ାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଗଢ଼ି ଉଠିଥିବା ଏହି ଷ୍ଟାଡିୟମ୍ ମାତ୍ର ୧୪ ବର୍ଷ ଭିତରେ ଶୋଚନୀୟ ହୋଇପଡ଼ିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହା ଆଉ କ୍ରୀଡ଼ାର ଭିତ୍ତିଭୂମି ହୋଇରହିନାହିଁ। ଏଠାରେ ଆଉ ଖେଳାଳୀମାନଙ୍କ ପାଦ ପଡୁନାହିଁ। ଦିନ ରାତି, ସକାଳେ ସଞ୍ଜ ରେ ଏଠାରେ ନିଶାଡ଼ି ଓ ଅସାମାଜିକ ତତ୍ତ୍ୱଙ୍କ ଆଡ଼ା ଜମୁଛି। ଦୁଇଟିଯାକ ଫାଟକ ଭାଙ୍ଗିରୁଜି ଯାଇଥିବା ବେଳେ ବହୁ ଜାଗାରେ ପାଚେରି ଭୁଶୁଡ଼ିପଡ଼ିଲାଣି। ଦୁଇ ମହଲା ବିଶିଷ୍ଟ ଷ୍ଟାଡିୟମ୍ କାର୍ଯ୍ୟାଳୟର କବାଟ ଝରକା ସବୁ ଦୁର୍ବୃତ୍ତମାନେ ତାଡ଼ି ନେଇ ସାରିଲେଣି। ୨୦୦୯ ମସିହା ପୂର୍ବରୁ ଜଟଣୀରେ ସର୍ବସାଧାରଣଙ୍କ ପାଇଁ ଷ୍ଟାଡିୟମଟିଏ ନଥିଲା। କେବଳ ଥିଲା ଖୋର୍ଦ୍ଧାରୋଡ୍ ରେଳ ଷ୍ଟାଡିୟମ୍। ବିଭିନ୍ନ ପ୍ରତିଯୋଗିତା ପାଇଁ ଜଟଣବାସୀ ଏହା ଉପରେ ନିର୍ଭର କରୁଥିଲେ। ସେଥିପାଇଁ ରେଳ କର୍ତ୍ତୃପକ୍ଷଙ୍କ ଅନୁମତି ଆଣିବାକୁ ପଡୁଥିଲା। ବହୁ ସମୟରେ ଅନୁମତି ମିଳୁ ନଥିଲା। ତେଣୁ ସମସ୍ୟାର ସମ୍ମୁଖୀନ ହେଉଥିଲେ ସହରବାସୀ। କ୍ରୀଡ଼ାଭ୍ୟାସ ପାଇଁ ବହୁ ସମସ୍ୟା ହେଉଥିଲା। ତେଣୁ ତତ୍କାଳୀନ ବିଧାୟକ ସ୍ୱର୍ଗତ ଶରତ ପାଇକରାୟ ଜଟଣୀ କଲେଜ ପାର୍ଶ୍ୱରେ ଥିବା ସରକାରୀ ଜମିରେ ଏହି ଷ୍ଟାଡିୟମ୍ ନିର୍ମାଣ କରାଇଥିଲେ ଏବଂ ୨୦୦୯ ମସିହାରେ ଏହା ଉଦ୍‌ଘାଟିତ ହୋଇଥିଲା। ପରେପରେ ସେଠାରେ ସହରର ଯୁବକମାନେ କ୍ରୀଡ଼ାଭ୍ୟାସ କରିବା ସହ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରିଥିଲେ। ଏମିତିକି ଏଠାକୁ ଆଖପାଖ ଗ୍ରାମାଞ୍ଚଳର ଯୁବକମାନେ ମଧ୍ୟ କ୍ରୀଡ଼ାଭ୍ୟାସ କରିବାକୁ ଆସୁଥିଲେ। ସ୍ଥାନୀୟ ସ୍କୁଲ୍ ?ମାନଙ୍କର ବାର୍ଷିକ କ୍ରୀଡ଼ା ଉତ୍ସବ ମଧ୍ୟ ଏଠାରେ ଆୟୋଜନ କରାଯାଉଥିଲା। ସରକାରୀ ଓ ବେସରକାରୀ ସ୍ତରରେ ଏଠାରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା। ଆଶା କରାଯାଉଥିଲା, ଧୀରେ ଧୀରେ ଏହି ଷ୍ଟାଡିୟମ୍ ପୂର୍ଣ୍ଣାଙ୍ଗ ରୂପ ନେବ ଓ ଜଟଣୀରେ ଏକ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମି ମୁଣ୍ଡ ଟେକିବ। ମାତ୍ର ଏବେ ଫଳ ହୋଇଛି ଓଲଟା। ଦୀର୍ଘ ୫ବର୍ଷ ହେଲା ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହି ଷ୍ଟାଡିୟମ୍ ଉପରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ କ୍ରୀଡ଼ା ବିଭାଗର ନଜର ନଥିବାରୁ ଏଭଳି ଅବସ୍ଥା ଉପୁଜିଛି ବୋଲି ସହରର କ୍ରୀଡ଼ାପ୍ରେମୀମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବିଜେପି ନେତା ସୁଦୀପ୍ତ ରାୟ କହିଛନ୍ତି ଯେ ଏକଦା ଜଟଣୀରେ ଫୁଟବଲ୍ ଖେଳ ବେଶ୍ ଜନପ୍ରିୟ ଥିଲା। ୩/୪ଟି ରାଜ୍ୟସ୍ତରୀୟ କ୍ଲବ୍ ଥିଲା। ସେତେବେଳେ ଏଭଳି ବୃହତ୍ ଷ୍ଟାଡିୟମ୍। ନଥିଲା। ତେଣୁ ଏହି ଷ୍ଟାଡିୟମ୍ ନିର୍ମାଣ ହେବା ପରେ ଏଠାରେ ଫୁଟବଲ୍ ଖେଳ ବହୁ ଆଗକୁ ଯିବା କଥା। ମାତ୍ର ପରିତାପର କଥା ଏହାର ରକ୍ଷଣାବେକ୍ଷଣ ହୋଇପାରିଲା ନାହିଁ। କ୍ରୀଡ଼ାର ଭିତ୍ତିଭୂମି ବିକାଶକୁ ନେଇ ରାଜ୍ୟ ସରକାର କିଭଳି ମିଛ ଡିଣ୍ଡିମ ପିଟୁଛନ୍ତି, ଏହି ଷ୍ଟାଡିୟମ୍ ଏକ ପ୍ରମାଣ। ଏହାର ପୁନରୁଦ୍ଧାର ଜରୁରୀ। ସେହିଭଳି ନାଗରିକ କମିଟି ସଭାପତି ମନ୍ମଥ ରାଉତରାୟ କହିଛନ୍ତି ଯେ ଏବେ କ୍ରୀଡ଼ାପ୍ରେମୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ଏହା ବେଶ୍ ଉପଯୋଗୀ। ତେଣୁ ଏହାର ପୁନରୁଦ୍ଧାର ଆବଶ୍ୟକ। ତେବେ ଏହାର ପୁନରୁଦ୍ଧାର ପାଇଁ ଉଦ୍ୟମ କରାଯିବ ଏବଂ ଆବଶ୍ୟକ ହେଲେ ବାହାରୁ ଅନୁଦାନ ଆଣିବାକୁ ଚେଷ୍ଟା କରାଯିବ।



## ଅନ୍ୱେଷା ହଷ୍ଟେଲରେ ଜଳ ଯନ୍ତ୍ରଣା

# ପାଣି ପାଇଁ ହାତରେ ବାଲ୍‌ତି ସାଙ୍ଗକୁ ରାସ୍ତାରେ ପିଲାଙ୍କ ଲମ୍ବାଧାଡ଼ି

ଘୁ.ଉଦୟଗିରି (ହି.ସ): ପାଣି ବାଲ୍‌ତିଏ ପାଇଁ ରାସ୍ତା କଡେ ଲାଗିଛି ଲମ୍ବାଲାଇନ। କାହାକୁ ମିଳୁଛି ତ , କାହାକୁ ନାହିଁ। ବାଲ୍‌ତିଏ ପାଣି ପାଇଲେ ଏହା ଗାଧୁଆପାଧୁଆରୁ ଆରମ୍ଭ କରି ପିଇବା ପାଇଁ ସାଇତିବାକୁ ପଡ଼ିବ। ତେଣୁ ହାତରେ ବାଲ୍‌ତି ନେଇ ଲମ୍ବାଲାଇନରେ ଛିଡ଼ା ହୋଇଛନ୍ତି କୋମଳମତି କୁନି ପିଲା। ସ୍ଥାନୀୟ ଏନ୍‌ଏସିର ୪ ନମ୍ବର ୱାର୍ଡ ଶ୍ରୀରାମପଦା ଠାରେ ଅନ୍ୱେଷା ହଷ୍ଟେଲରେ ଦେଖାଦେଇଛି ଏଭଳି ଜଳଯନ୍ତ୍ରଣା। ଗତ ଦୁଇଦିନ ହେବ ବିଦ୍ୟୁତ୍ ନ ଥିବା କାରଣରୁ ପିଲାମାନେ ପାଣି ପାଇ ପାରୁନାହାନ୍ତି। ଫଳରେ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ଶିକାର ହୋଇଛନ୍ତି। ପାଣିନଥିବାରୁ ଛାତ୍ରମାନେ ରାଜରାସ୍ତା ନିକଟରେ ରହିଥିବା ଜନସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡପୋଷ୍ଟରୁ ପାଣି ପାଇଁ ଲମ୍ବାଲାଇନ କରି ବାଲ୍‌ତି ଧରି ଜଣେ ପରେ ଜଣେ ପାଣି ନେଉଥିବା ଦେଖିବାକୁ ମିଳିଛି। ପିଲାମାନେ ସୁଭଦ୍ରା ମହତାବ ସେବାସଦନ ଗେଟ୍ ନିକଟ ରାସ୍ତାକଡ଼ରେ ଲମ୍ବାଲାଇନ୍ କରି ଅପରାହ୍ଣ ୨ଟାରେ ଟାଣ ଖରାରେ ଠିଆ ହୋଇ ଏଭଳି ପାଣି ବୋହି ନେଉଥିବା ଦେଖିବାକୁ ମିଳିଛି। ତେବେ ହଷ୍ଟେଲରେ ଏହି ପାନୀୟ ଜଳ ସମସ୍ୟା ବହୁ ଦିନର। କୌଣସି ସ୍ଥାନରେ ବୋରିଂ ଖୋଳିଲେ ମଧ୍ୟ ପାଣି ବାହାରୁ ନଥିବା ବେଳେ ଅଳ୍ପ ପାଣି ବାହାରୁଥିବା ନଳକୂପ ଠାରୁ ମଟର ଲଗାଇ ପାଣି ଟାଙ୍କିକୁ ସଂଯୋଗ ହୋଇଛି। ଛାତ୍ରଛାତ୍ରୀ ଏହି ପାଣିକୁ ବ୍ୟବହାର କରୁଛନ୍ତି। ଏନେଇ ଉପସ୍ଥିତ ଥିବା ହଷ୍ଟେଲ ୱାର୍ଡ୍ରେନଙ୍କ ପ୍ରତିକ୍ରିୟା ନେବାରୁ ବିଦ୍ୟୁତ୍ ବିଭାଗ କୌଣସି ପ୍ରକାରେ ଅଭିଯୋଗ କଲେ ଶୁଣୁନାହାନ୍ତି ବୋଲି କହିଛନ୍ତି। ସେପଟେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଯୋଗ ହୋଇଥିବା ପାଇପ୍‌ରେ ଯେତିକି ସମୟ ପାଣି ଯୋଗାଣ ହେଉଛି ଚାରିଶହରୁ ଉର୍ଦ୍ଧ୍ୱ ପିଲାଙ୍କୁ ଯେତିକି ସମୟରେ ଗୋଟିଏ ଗ୍ଲାସ୍ ଲେଖାଁଏ ପାଣି ମିଳିବ। ଅତି ଛୋଟ ପାଇପ ହଷ୍ଟେଲ ନିମନ୍ତେ ସଂଯୋଗ କରାଯାଇଛି। ଯାହା ଫଳରେ ପାଣି ପାଇବା କଷ୍ଟସାଧ ହୋଇଛି। ସରକାରଙ୍କ ଦ୍ୱାରା ଚାଲୁଥିବା ଏହି ଅନ୍ୱେଷା ହଷ୍ଟେଲରେ ବିଭିନ୍ନ ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ ପଢୁଥିବା ଛୋଟ ପିଲାମାନେ ରହୁଛନ୍ତି।



ସେମାନଙ୍କର ସ୍କୁଲ୍ ସମୟ ସକାଳୁ ହୋଇଥିବା ବେଳେ ସମସ୍ତେ ଏକାଥରେ ପାଣି ବ୍ୟବହାର କରି ସ୍କୁଲ୍ ନିମନ୍ତେ ସମ୍ଭବପର ହେଉନି। ସରକାରଙ୍କ ସୁବିଧା ପାଇବା ପାଇଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପିଲାମାନଙ୍କ ଅଭିଭାବକ ସେମାନଙ୍କର ପିଲାଙ୍କୁ ଆଣି ଏଠାରେ ଛାଡ଼ିଥିବା ବେଳେ ଏଠାରେ କୌଣସି ସୁବ୍ୟବସ୍ଥା ନ ଥିବା ପରିତାପର ବିଷୟ। ତେବେ ଯଥାଶୀଘ୍ର ଏହାର ସମାଧାନ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି । ଜଳକଷ୍ଟ ଭିତରେ କୋମଳମତି ଶିଶୁମାନେ ନିଜ ଭବିଷ୍ୟତ ଗଢୁଛନ୍ତି।

# ପାଣି ମୁନ୍ଦେ ପାଇଁ ହନ୍ତସନ୍ତ ଆଦିବାସୀ ସଂପ୍ରଦାୟ

**ଫୁଲବାଣୀ (ହି.ସ):** ବର୍ତ୍ତମାନ କନ୍ଧମାଳ ଜିଲ୍ଲାରେ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇବା ସହ ଜଳକଷ୍ଟ ଉତ୍କଟ ରୂପ ଧାରଣ କରିଛି। ଏହି ଜିଲ୍ଲାରେ ଥିବା କେତେକ କନ୍ଧ ଆଦିବାସୀ ବହୁଳ ଗାଁର ଲୋକମାନେ ପାଣି ମୁନ୍ଦେ ପାଇଁ ହନ୍ତସନ୍ତ ହେଉଛନ୍ତି। ପାଣିପାଇଁ ସେମାନଙ୍କୁ ପାଖାପାଖି ୫ କିଲୋମିଟର ଚାଲିବାକୁ ପଡୁଛି। ଏହି ଦୃଶ୍ୟ ବି ଅତ୍ୟନ୍ତ ଅଭାବନୀୟ। ଏହି ଗାଁ ମଧ୍ୟରୁ ଗୋଟିଏ ହେଉଛି ଫିରିଙ୍ଗିଆ ବ୍ଲକ୍ ଅନ୍ତର୍ଗତ ଗୋଛାପଡ଼ା ପଞ୍ଚାୟତର କଡ଼ିପାରି। ଏହି ଗାଁରେ କନ୍ଧ ସମ୍ପ୍ରଦାୟର ୧୦୦ ପରିବାର ବସବାସ କରୁଛନ୍ତି। ଗାଁର ଲୋକଙ୍କ କହିବା କଥା, ଖରାଦିନେ ଭୂତଳ ଜଳ ହ୍ରାସ ପାଉଥିବାରୁ ନଦୀ ଓ ନାଳ ଭଳି ଜଳଉତ୍ସ ଶୁଖିଯାଇଛି। କୂଅ ବି ଶୁଖିଯାଇଛି। ଫଳରେ, ପାଣି ମୁନ୍ଦେ ପାଇଁ ସେମାନଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ୫ କିଲୋମିଟର ଦୂରରେ ବହିଯାଇଥିବା ସୁନାମୁଦି ନାଳକୁ ସେମାନଙ୍କୁ ପାଣି ଆଣିବାକୁ ଯିବାକୁ ପଡୁଥିବା କହିଛନ୍ତି ଗ୍ରାମର ଦେବକୀ କହଁର, ସୁବର୍ଣ୍ଣ ମଲିକ, ସୁହାସିନୀ ମଲିକ, ଦୁର୍ଯ୍ୟୋଧନ ଶେଖର ମଲିକ, ଲାଇବନ ମଲିକ, ସେବତୀ ମଲିକ, ନମିତା ମଲିକ। ଅପରପକ୍ଷେ, ବହୁଦିନ ଧରି ନଳକୂପ ଅଚଳ ହୋଇପଡ଼ିଥିଲେ ମଧ୍ୟ ଏହାର ମରାମତି ହୋଇ ପାରିନାହିଁ। ଏ ନେଇ ବାରମ୍ବାର ଫିରିଙ୍ଗିଆ ବିଡିଓଙ୍କ ନିକଟକୁ ଧାଉଁଥିଲେ ମଧ୍ୟ ନଳକୂପ ସଜାଡିବା ସମ୍ଭବପର ହୋଇପାରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି, ଫୁଲବାଣୀ ବ୍ଲକ କଟିଙ୍ଗିଆ ପଞ୍ଚାୟତର ବାଡ଼ିଗୁଡ଼ା ଗ୍ରାମ ?ରେ ମଧ୍ୟ ଜଳ ସଂକଟ ଉତ୍କଟ ହୋଇ ପଡ଼ିଛି। ଏହି ଗାଁଟି ଏକ ପାହାଡ଼ ଉପରେ ରହିଥିବା ବେଳେ ୪୦ ପରିବାର କନ୍ଧ ସମ୍ପ୍ରଦାୟର ଆଦିବାସୀ ବାସ କରନ୍ତି। ମାତ୍ର, ପାଣି ପାଇଁ ଗାଁଲୋକଙ୍କୁ ନାହିଁ ନଥିବା ଅବସ୍ଥା ଭୋଗିବାକୁ ପଡୁଛି। ଏହି ଗାଁକୁ ଭଲ ରାସ୍ତାଟିଏ ନଥିବାରୁ ପାହାଡ଼ ଚଢ଼ି ଲୋକେ ଗାଁକୁ ଯାତାୟାତ କରିଥା'ନ୍ତି। ଗାଁରେ ଗୋଟିଏ କୂଅ ରହିଛି। ମାତ୍ର ତାହା ଶୁଖିଯାଇଛି। ଏହି ଗାଁର ଲୋକମାନେ ମଧ୍ୟ ୫ କିଲୋମିଟର ଦୂର ଚାଲିଚାଲି ପାଖ ନଈକୁ ପାଣି ଆଣିବାକୁ ଯାଉଛନ୍ତି। ପାହାଡ଼ିଆ ରାସ୍ତା ଦେଇ ୫ କିଲୋମିଟର ଚାଲିଚାଲି ପାଣି ଆଣିବା ବହୁତ କଷ୍ଟକର ହେଉଛି ବୋଲି ବାଡ଼ିଗୁଡ଼ା ଗ୍ରାମର ନାରାୟଣ କହଁର, ବିମ୍ବିଲା କହଁର, ସଦାଶିବ କହଁର, ମହାଦେବ କହଁର, ପ୍ରମୋଦ କହଁର, ରାଜ କହଁର, ମାୟାବତୀ କହଁର, ରୀତାଞ୍ଜଳି କହଁର, ଅପରାଜିତା କହଁର ଓ ମାଳତୀ କହଁର କହିଛନ୍ତି।



### ରାସ୍ତା ନଥିବାରୁ ପାହାଡ଼ ଅତିକ୍ରମ କରୁଛନ୍ତି ଆଦିବାସୀ

### ସାଂସଦ ନିରଞ୍ଜନଙ୍କୁ ନେଇ ବିବାଦ

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଆଦିବାସୀ




ଟିଟିଲାଗଡ଼, (ପିପିଏସ୍): ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ତଥା ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ବିରୁଦ୍ଧରେ ବିଜେପି କୁତ୍ସାରଟନା କରୁଥିବା ଅଭିଯୋଗ କରି ବଲାଙ୍ଗିର ଜିଲା ଆଦିବାସୀ କଲ୍ୟାଣ ସଂଘ କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇଛନ୍ତି । ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଦର୍ଶନ କରିଛନ୍ତି । ସ୍ଥାନୀୟ ଆଦିବାସୀ ଭବନ ପରିସରରୁ ଶତାଧିକ ଆଦିବାସୀ ସଂଘ କର୍ମକର୍ତ୍ତା ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏନେଇ ଅନୁଷ୍ଠିତ ଧାରଣା ସଭାରେ ସଂଘର ଜିଲା ସଂଗଠକ ଥବିର ପୁଝାରୀ ବିଜେପିର ନିଜ ଜନାଧାର ହ୍ରାସ ପାଉଥିବା ନେଇ ଜିଲାର ଜନନେତାଙ୍କୁ ନିଶାଣ କରୁଥିବା ଅଭିଯୋଗ କରିଥିଲେ । କୌଣସି ଆଧାର ନଥାଇ ଯେଭଳି ବିଜେପି ଜିଲା ସଭାପତି ଶିବାଜି ମହାନ୍ତି ଏବଂ ତାଙ୍କ ସାଥି ଏକ ଆକସ୍ମିକ ସଡକ ଦୁର୍ଘଟଣା ନେଇ ଆଦିବାସୀ ନେତା ସାଂସଦ ଶ୍ରୀ ବିଶିଙ୍କ ଉପରେ ଯେଭଳି ଆକ୍ରମଣ ଜାରି ରଖିଛନ୍ତି ଏହାକୁ ନେଇ ଆଗାମୀ ଦିନରେ ଦୃଢ଼ ପ୍ରତିବାଦ ଜାରି ରହିବ ବୋଲି ଆଦିବାସୀ ସଂଘ ନେତା ଚେତାବନୀ ଦେଇଛନ୍ତି । ଏହାସହ ଟିଟିଲାଗଡ ଅଞ୍ଚଳ ରାଜ୍ୟରେ ସର୍ବାଧିକ ଉତ୍ତପ୍ତ ଅଞ୍ଚଳ ଭାବରେ ପରିଗଣିତ ହେଉଥିବା ବେଳେ ଚଳିତ ବର୍ଷ ପ୍ରଥମ ଥର ପାଇଁ ସ୍ଥାନୀୟ ପ୍ରଶାସନ ଜଳକ୍ଲିଷ୍ଟ ଗ୍ରାମାଞ୍ଚଳକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ବନ୍ଦ କରିଛି । ଏହାକୁ ନେଇ ଲୋକେ ପାନୀୟ ଜଳ ପାଇଁ ହାହାକାର ହୋଇପଡିଥିବା ଆଦିବାସୀ ନେତା ତୀବ୍ର ନିନ୍ଦା କରିଛନ୍ତି । ବ୍ଲକ ଅନ୍ତର୍ଗତ ଘିସିରି ପାହାଡ, ବାଗଡଙ୍ଗର, ମୁଗଡଙ୍ଗର ପାହାଡର ପଥର ଲିଜ ବାତିଲ, ମହଦା ଗ୍ରାମରେ ପୁର୍ବରୁ ଚିହ୍ନିତ ପାର୍କ ସ୍ଥାନ ପରିବର୍ତ୍ତନ ଦାବି ହୋଇଛି । ଜଗୁଆ ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗ୍ରାମର ପୋଖରିକୁ ଆଦିବାସୀ ମହିଳା ଗୋଷ୍ଠିକୁ ମାଛ ଠିକା ନେଇ ନିଲାମ ସହ ଟଙ୍କା ନେବା ପରେ ଅନ୍ୟକୁ ଆବଣ୍ଟନ ବାତିଲ, ଚଳିତ ଶିକ୍ଷା ବର୍ଷରୁ ଟିଟିଲାଗଡରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା, ଉପଖଣ୍ଡ ମୁଖ୍ୟ ସରକାରି ଡାକ୍ତରଖାନାରେ ଖାଲି ରହିଥିବା ସମସ୍ତ ବିଶେଷଜ୍ଞ ଡାକ୍ତର ପଦବି ପୁରଣ, ଖୋଲାନ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ପଦବି ପୁରଣ, ଅଙ୍ଗନବାଡି କର୍ମିଙ୍କ ଦ୍ୱାରା ଅନିୟମିତତା ଅଭିଯୋଗ ନେଇ ଦୀର୍ଘ ଚାରି ବର୍ଷ ଧରି ବନ୍ଦ ପଡିଥିବା ଗନ୍ଧରଗଲା ଅଙ୍ଗନବାଡି କେନ୍ଦ୍ର ଖୋଲିବା ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ, ଜନବିରୋଧି ଟିଟିଲାଗଡ ଉପଜିଲାପାଳଙ୍କ ତୁରନ୍ତ ବଦଳି ଆଦି ଦାବି ହୋଇଛି । ଏହାକୁ ନେଇ ଆଦିବାସୀ ସଂଘ କର୍ମକର୍ତ୍ତା ଟିଟିଲାଗଡ ସହରର ପ୍ରଚଣ୍ଡ ତାତିକୁ ଭୃକ୍ଷେପ ନକରି ଦୀର୍ଘ ସମୟ ଧରି ପାରମ୍ପରିକ ଡକାବାଦ୍ୟ, ଅସ୍ତ୍ରଶସ୍ତ୍ର ସହ ଆଦିବାସୀ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ ପରେ ଉପଜିଲାପାଳ ଦୟାମୟ ପାଢୀଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ । ଏହି ବିକ୍ଷୋଭ ପ୍ରଦର୍ଶନରେ ସଂଘ ପକ୍ଷରୁ ଜିଲାର ବିଭିନ୍ନ ବ୍ଲକରୁ ଘନଶ୍ୟାମ ପ୍ରଧାନୀ, ବିକ୍ରମ ଭୋଇ, ଜପେଶ୍ୱର ଭୋଇ, ନକୁଳ ମାଝୀ, ଲକ୍ଷ୍ମୀ ମାଝୀ, ପତରଙ୍ଗୀ ମାଝୀ, ସରସ୍ୱତୀ ଭୋଇ, ଲିଙ୍ଗରାଜ ଭୋଇ, ପଦ୍ମା ମାଝୀ, ଭୁମୀସୁତା ମାଝୀ, ବିଦୁଭୁଷଣ ଭୋଇ, ପୁରୁଷୋତ୍ତମ ଭୋଇ, ଡିଙ୍ଗର ଭୋଇ, ସ୍ରୋତସିନୀ ମାଝୀ, ମିରା ଭୋଇ, ଟିଟିଲାଗଡ ନଗର ସଭାପତି ନିତ୍ୟାନନ୍ଦ ମାଝୀ, ସୁନିଲ ମାଝୀ, ଦେବସିଂ ମାଝୀ, ଜଗନ୍ନାଥ ମାଝୀ, ସେନାପତି ମାଝୀ, ଇନ୍ଦ୍ରମଣୀ ମାଝୀ, ମାହେଶ୍ୱରୀ ମାଝୀ ପ୍ରମୁଖ ସାମିଲ ହୋଇଥିଲେ ।

# ଆର୍‌ଏସ୍‌ପିକୁ ସର୍ବୋତ୍କୃଷ୍ଟ ସୁରକ୍ଷିତ କାର୍ଯ୍ୟସ୍ଥଳୀରେ ପରିଣତର ଲକ୍ଷ୍ୟ ହାସଲ ପାଇଁ ସମ୍ମିଳିତ ପ୍ରୟାସ ପାଇଁ ଆହ୍ୱାନ





ରାଉରକେଲା(ପିପିଏସ୍): ଆରଏସପିକୁ ସର୍ବୋତ୍କୃଷ୍ଟ ସୁରକ୍ଷିତ କାର୍ଯ୍ୟସ୍ଥଳୀରେ ପରିଣତର ଲକ୍ଷ୍ୟ ହାସଲ ପାଇଁ ସମ୍ମିଳିତ ପ୍ରୟାସ କରନ୍ତୁ ବୋଲି ଗୋପାବନ୍ଧୁ ପ୍ରେକ୍ଷାଳୟରେ ଅନୁଷ୍ଠିତ ଗଣଯୋଗାଯୋଗ ଅଧିବେଶନରେ ରାଉରକେଲା ଇସ୍ପାତ କାରଖାନା ସାମୁଦାୟିକଙ୍କୁ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଆହ୍ୱାନ ଦେଇଛନ୍ତି । ଏହିଅବସରରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପିକେ ଶତପଥୀ , ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି କେ ସାହୁ ଏବଂ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି କେ ହୋତା ମଧ୍ୟ ମଞ୍ଚାସୀନ ଥିଲେ । ଏହି ଅବସରରେ ଖଣି ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି କେ ରଥ, ଅର୍ଥ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଏକେ ବେହୁରିଆ, ବହୁ ସିଜିଏମ୍ ଏବଂ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ପ୍ରାୟ ୫୦୦ ଜଣ କର୍ମଚାରୀ ଯୋଗ ଦେଇଥିଲେ । କୋକ୍ ମୂଲ୍ୟରେ ବୃଦ୍ଧି ଏବଂ ଏନଏସଆରରେ ଅସ୍ଥିରତା ଯୋଗୁଁ କମ୍ପାନୀର ପ୍ରଦର୍ଶନ ପ୍ରଭାବିତ ହେବା ବିଷୟରେ ଉଲ୍ଲେଖ କରି ଶ୍ରୀ ଭୌମିକ ସମସ୍ତଙ୍କୁ ଉନ୍ନତ ମୂଲ୍ୟ ପ୍ରବନ୍ଧନ, ସର୍ବୋତ୍ତମ ସାମଗ୍ରୀ ଗୁଣବତ୍ତା, ସମ୍ବଳର ସର୍ବୋଚ୍ଚ ଉପଯୋଗ, ଉନ୍ନତ ଅର୍ଥନୈତିକବୈଷୟିକ ପରିମାପକତା ଏବଂ ଉତ୍ପାଦନରେ ବୃଦ୍ଧି ମାଧ୍ୟମରେ ଏହି ପ୍ରଭାବକୁ ପ୍ରତିହତ କରିବାକୁ ଆହ୍ୱାନ ଦେଇଥିଲେ । ଡ଼ିଆଇସିମଧ୍ୟ ବ୍ରେକଡାଉନ୍ ଏଡେଇବା, ସଠିକ୍ ରକ୍ଷଣାବେକ୍ଷଣ, ବଜାର ଚାହିଦା ଅନୁଯାୟୀ ଉତ୍ପାଦନ, ସୁଦକ୍ଷ ଯୋଜନା, ବଜେଟ୍ ଏବଂ ଚୁକ୍ତିନାମା ସୂତ୍ରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସୁରକ୍ଷା ଉପରେ ଜୋର ଦେଇ ଶ୍ରୀ ଭୌମିକ ପ୍ରୋଜେକ୍ଟ ନିଶ୍ଚୟ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ସୁରକ୍ଷା ନିଶ୍ଚିତ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ଉଲ୍ଲେଖ କରିଥିଲେ । ଜୁନିଅର ଅଫିସର ଭାବେ ପଦୋନ୍ନତି ପାଇଥିବା ୧୬୩ ଜଣ କର୍ମଚାରୀଙ୍କୁ ମଧ୍ୟ ଡ଼ିଆଇସି ଅଭିନନ୍ଦନ ଜଣାଇଥିଲେ । ବକ୍ତବ୍ୟ ଶେଷରେ ସେ ସମସ୍ତଙ୍କୁ ସମୟାନୁଯାୟୀ ସେବା ପ୍ରଦାନ, କାର୍ଯ୍ୟରେ ଅଧ୍ୟବସାୟୀ ହେବା ଏବଂ ଆରଏସପିକୁ ଶ୍ରେଷ୍ଠ କାରଖାନା ରୂପେ ଗଢିବା ପାଇଁ ନିଜ ଉପରେ ଓ ସଂପୂର୍ଣ୍ଣ ଦଳ ଉପରେ ବିଶ୍ୱାସ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଯୋଗ ଦେଇ ପିକେ ଶତପଥୀ ସମସ୍ତଙ୍କୁ ସମସାମୟିକ ଅଗ୍ରଗତି ସହିତ ଗଣଯୋଗାଯୋଗ ଅଧିବେଶନକୁ ଅଧିକ ପ୍ରାସଙ୍ଗିକ କରିବା ପାଇଁ ନୂତନ ପରାମର୍ଶ ପ୍ରଦାନ ପାଇଁ ଆହ୍ୱାନ ଦେଇଥିଲେ । ସେ ଆରଏସପିର ବିଭିନ୍ନ ନିଯୁକ୍ତି ଯୋଜନା, ଆବାସିକ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଏବଂ ପୁନର୍ବାସ କୌଶଳ ପରି ଆରଏସପିର ବିଭିନ୍ନ ମାନବ ସମ୍ବଳ ଓ ସିଏସଆର ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ । ସମାବେଶକୁ ସମ୍ବୋଧିତ କରି ପିକେ ସାହୁ ସୁରକ୍ଷା ଦୃଷ୍ଟିରୁ କ୍ରମାଗତ ତୃତୀୟ ବର୍ଷ ପାଇଁ ଦୁର୍ଘଟଣା ମୁକ୍ତ ରହିଥିବା ପ୍ରକଳ୍ପ ବିଭାଗର ସଫଳତା ବିଷୟରେ ଉଲ୍ଲେଖ କରିଥିଲେ । ସେ ସମ୍ପ୍ରତି ଚାଲିଥିବା ବିଭିନ୍ନ ପ୍ରକଳ୍ପର ସ୍ଥିତି ବିଷୟରେ ବର୍ଣ୍ଣନା କରିଥିଲେ ଯାହା ମଧ୍ୟରେ କାଷ୍ଟର ୪, କୋକ୍ ଓଭେନ ବ୍ୟାଟେରୀ-୨ ପୁନଃନିର୍ମାଣ, ଜେଡଏଲଡ଼ି ପାଇଁ ଟ୍ରିଟମେଣ୍ଟ ସିଷ୍ଟମ୍, ସେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ, କୋକ୍ ଓଭେନ ବ୍ୟାଟେରୀ ୭, ନର୍ମାଲାଇଜିଙ୍ଗ ଫର୍ନେସ୍, ନୂତନ ଅମ୍ଳଜାନ ପ୍ଲାଣ୍ଟ , ପେଲେଟ୍ ପ୍ଲାଣ୍ଟ, ନୂତନ ସ୍କିଲ୍ ମେଲଟିଙ୍ଗ ସପ-୧ ଏବଂ କୋଲ୍ଡ ରୋଲିଂ ମିଲ୍ ଏବଂ ନୂତନ ପ୍ଲେଟ୍ ମିଲ୍ ର କ୍ଷମତାର ବୃଦ୍ଧି ସାମିଲ ରହିଛି । ଡାକ୍ତର ହୋତା ଏକ ସୁସ୍ଥ ଜୀବନଶୈଳୀ ପରାମର୍ଶ ପ୍ରଦାନ କରିଥିଲେ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ବିଷୟରେ ସେ ସମସ୍ତଙ୍କୁ ସତର୍କ କରାଇଥିଲେ ଏବଂ ଏହାର ପ୍ରଭାବକୁ ରୋକିବା ପାଇଁ କରଣୀୟ ଓ ବର୍ଜନୀୟ ବିଷୟାବଳୀ ଉପରେ ସେ ଉଲ୍ଲେଖ କରିଥିଲେ । ରୋଗ ଶୀଘ୍ର ଚିହ୍ନଟ ପାଇଁ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ରକ୍ତ ପରୀକ୍ଷଣର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ରିପିଟ ମେଡ଼ିସିନ କ୍ଷେତ୍ରରେ ସମସ୍ତଙ୍କୁ ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥିଲେ । ଜାତୀୟ ସଂଗୀତ ସହିତ ଏହି ଅଧିବେଶନ ଆରମ୍ଭ ହୋଇଥିଲା । ଏହା ପରେ ଲୋକସମ୍ପର୍କ ବିଭାଗ ଦ୍ୱାରା ନିର୍ମିତ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହେବା ସହିତ ପ୍ରେରଣାଦାୟକ ଭିଡିଓ ଏବଂ ଟାଉନସିପରେ ବିଭିନ୍ନ ପ୍ରୟାସ, ଲକ୍ଷ୍ୟ, ସଫଳତା ଏବଂ ନୂତନ ସୁବିଧା ସମେତ ଗତ ଆର୍ଥିକ ବର୍ଷରେ ଆରଏସପିର ପ୍ରଦର୍ଶନ ଉପସ୍ଥାପନା କରାଯାଇଥିଲା । ପରେ ମତବିନିମୟ ଅଧିବେଶନରେ କର୍ମଚାରୀମାନେ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ । ପୂର୍ବ ଅଧିବେଶନରେ ଦିଆଯାଇଥିବା ପରାମର୍ଶଗୁଡ଼ିକର ଅନୁପାଳନ ସ୍ଥିତି ଉପରେ ଆଉ ଏକ ପ୍ରସ୍ତୁତିକରଣ ପ୍ରଦର୍ଶିତ ହୋଇଥିଲା । ପ୍ରତ୍ୟେକ କ୍ଷେତ୍ରରେ ଆରଏସପିକୁ ସର୍ବୋତ୍ତମ କରିବା ପାଇଁ ଏକ ସଂକଳ୍ପରେ ସମସ୍ତେ ଯୋଗଦେବା ସହିତ ଏହି ଅଧିବେଶନ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସିନିୟର ଇନଷ୍ଟ୍ରକ୍ଟର ସୁଶ୍ରୀ ରାଜଲକ୍ଷ୍ମୀ ଆଚାର୍ଯ୍ୟ ସଂଯୋଜନା କରିଥିଲେ ।

# ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କୁ ରାଉରକେଲାରେ ସମ୍ବର୍ଦ୍ଧନା



ରାଉରକେଲା(ପିପିଏସ): ଏକଦା ରାଉରକେଲା ସହରରେ ପିଲାଦିନ କାଟିଥିବା ଓ ପରେ ଓକିଲାତି କଳା ପ୍ରକ୍ରିୟାରେ ବିଚାରପତି ନିଯୁକ୍ତ ହୋଇ ଓଡ଼ିଶା ହାଇକୋର୍ଟରେ କାମ କରିଥବା ବିଚାରପତି ଚିତ୍ତରଞ୍ଜନ ଦାଶ ଓ ତାଙ୍କ ପତ୍ନୀ ଅଭିପ୍ସା ଦାଶଙ୍କ ରାଉରକେଲା ଗସ୍ତ ଅବସରରେ ହୋଟେଲ ରାଧିକା ରିଜେନ୍ସି ଠାରେ ରୋଟାରୀ କ୍ଲବ ଅଫ୍ ରାଉରକେଲା ସେଣ୍ଟ୍ରାଲ ତରଫରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ଉଭୟ ଦମ୍ପତି ଜଗଦାସ୍ଥିତ ମାନବସେବା ସଦନକୁ ଯାଇ ସେଠାରେ ଥିବା ଅନ୍ତେବାସୀଙ୍କ ଭଲମନ୍ଦ ବୁଝିବା ସେମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଏହା ସହ ଏକ ଗ୍ରାଇଣ୍ଡର ଆଶ୍ରମକୁ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ ଜଷ୍ଟିସ ଦାଶଙ୍କ ପିତା ରଘୁନାଥ ଦାଶ ରାଉରକେଲାରେ ରାଜ୍ୟ ସରକାରଙ୍କ ପଦସ୍ଥ ଅଧିକାରୀ ଥିବା ବେଳେ ଶ୍ରୀ ଦାଶଙ୍କ ଛାତ୍ର ଜୀବନ ରାଉରକେଲା ଓ ପରେ ଆଇନରେ ସ୍ନାତକ ପରେ ବରିଷ୍ଠ ଆଇନଜୀବୀ ଗୋବର୍ଦ୍ଧନ ପୂଜାରୀଙ୍କ ନିକଟରେ ପ୍ରାକ୍ଟିସ୍ ଆରମ୍ଭ କରିଥିଲେ । ଏହି ସମୟରେ ସେ ଆଇନ ପରାମର୍ଶଦାତା ଭାବେ ରାଉରକେଲା ଇସ୍ପାତ କାରଖାନା , ଓସିଏଲ, ଗୃହସ୍ଥୀ, ରାଧିକା ରିଜେନ୍ସି ତଥା ବହୁ ଅନୁଷ୍ଠାନରେ କାର୍ଯ୍ୟ କରିଥିଲେ । ସେହିପରି ଅଭିପ୍ସା ସର୍ଗତ ପୂଜାରୀଙ୍କ କନ୍ୟା ହୋଇଥିବା ବେଳେ ଜଣେ ହିନ୍ଦୀ କବୟିତ୍ରୀ ଭାବେ ଜଣାଶୁଣା । ସମ୍ବର୍ଦ୍ଧନା ପ୍ରତ୍ୟୁତ୍ତରରେ ଜଷ୍ଟିସ ଦାଶ ରାଉରକେଲାକୁ ସତନ୍ତ୍ର ଓ ହୃଦୟର ସହର ବୋଲି କହି ସହରର ବିକାଶ ପାଇଁ କିଛି ସ୍ୱତନ୍ତ୍ର ପ୍ରସ୍ତାବ ଦେଇଥିଲେ । ଏହି ଅବସରରେ କବି କୁଞ୍ଜବିହାରୀ ରାଉତ କିଛି କବିତା ପାଠ କରିଥିଲାବେଳେ ବରିଷ୍ଠ ସାମ୍ବାଦିକ ରାଜା ମହାନ୍ତି ତାଙ୍କ ପୁସ୍ତକକୁ ଅତିଥିଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରୋଟାରୀଆନ ସର୍ବଶ୍ରୀ ରବି ଦାସ, ଡଃ କିଶୋରୀ ଦାଶ,ଅବଦୁଲ ସଲାମ, ଅନୁପମ ଗୁପ୍ତା,ଗୀତା ଦାସ, ରୁବିନା ସଲାମ, ସ୍ମିତା ଆଥରେ, ଆର କିରଣ, ପରଭେଜ ଅରୋରା, ବିକାଶ ପାଣ୍ଡେ, ମନମୋହନ ଗୋୟଙ୍କା, ନରେନ୍ଦ୍ର କେଡିଆ, ଭଗବାନ ପତି,ଅକ୍ଷୟ ଧଳ, ପୀତବାସ ପ୍ରଧାନ, ପ୍ରକାଶ ପାଢୀ,ଅଶୋକ ଭଇଁଶା, ସୂର୍ଯ୍ୟ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

### ପାଓମେକ୍ସ କାରଖାନା ମ୍ୟାନେଜରଙ୍କୁ ଆକ୍ରମଣ

# ୩ ଗିରଫ, ଦୁଇ ବାଇକ୍ ଜବତ

ଟିଟିଲାଗଡ, (ପିପିଏସ୍): ଟିଟିଲାଗଡ ସହର ଉପକଣ୍ଠସ୍ଥ ଜଗୁଆ ପଞ୍ଚାୟତ ତୁର୍ଲା ଠାରେ ଥିବା ପାଓମେକ୍ସ ଗ୍ରାଫାଇଟ କାରଖାନାର ଫିନିସିଂ ମ୍ୟାନେଜର ଯୁକ୍ତେଶ୍ୱର ମହାପାତ୍ରଙ୍କୁ ଗତ ୨୫ ତାରିଖରେ ମରଣାନ୍ତକ ଆକ୍ରମଣ ନେଇ ପୋଲିସ ପକ୍ଷରୁ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଏନେଇ ଟିଟିଲାଗଡ ଥାନାଧିକାରୀ ରଞ୍ଜନ ବରିହାଙ୍କ ସୂଚନା ଅନୁଯାୟୀ ଗତ ୨ ଅଗଷ୍ଟ ୨୦୨୨ରୁ କାରଖାନାର ସୁପରଭାଇଜର ଭାବରେ କାର୍ଯ୍ୟରତ ଉମାକାନ୍ତ ପାତ୍ର ଆକ୍ରମଣ ଘଟଣାକୁ ରୂପ ଦେଇଥିଲେ । ଗତ ୫ ମାସ ତଳେ କାରଖାନାର ଜଣେ କର୍ମଚାରୀ ଶିବାନନ୍ଦ ରଣାଙ୍କ ସହ ଅଭିଯୁକ୍ତ ଉମାକାନ୍ତ କଳିଗୋଳ ସହ ଆକ୍ରମଣ କରିଥିଲେ । ଏହାକୁ ନେଇ କାରଖାନା କର୍ତୃପକ୍ଷ ତାଙ୍କୁ ନିଲମ୍ବିତ କରିଥିଲେ । ଏହାକୁ ନେଇ ସେ ପ୍ରତିଶୋଧ ପରାୟଣ ହୋଇ ଉମାକାନ୍ତ ସଇଁତଲା ଥାନା ଅନ୍ତର୍ଗତ ଫପସି ଗ୍ରାମର ହରେକୃଷ୍ଣ ଉର୍ଫ ବିକାଶ ବାଗ (୨୮) ଏବଂ ନରେନ୍ଦ୍ର ବେହେରାଙ୍କ ସହ ମିଶି କାରଖାନାର ଫିନିସିଂ ମ୍ୟାନଜେରଙ୍କୁ ହତ୍ୟା ଉଦ୍ଦେଶ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ଅଭିଯୁକ୍ତଙ୍କ ଠାରୁ ଦୁଇଟି ବାଇକ ଏବଂ ଏକ ଆକ୍ରମଣରେ ବ୍ୟବହାର ହୋଇଥିବା ଲୁହା ଛଡ ପୋଲିସ ଜବତ କରିଛି । ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଆଇଆଇସି ଶ୍ରୀ ବରିହା କହିଛନ୍ତି । ସୂଚନା ଯୋଗ୍ୟ ଯେ ପୁର୍ବରୁ ଗତ ୨୦୧୧ ମାର୍ଚ୍ଚ ୫ ତାରିଖରେ କାରଖାନାର ଡିଜିଏମ ରାଧେଶ୍ୟାମ ରାୟଙ୍କୁ ଆକ୍ରମଣ ସହ ତାଙ୍କ ଜିପରେ ନିଆଁ ଲଗାଇ ଦିଆଯାଇଥିବାରୁ ସେ ଜୀବନ୍ତ ଦଗ୍ଧ ହେବା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏଭଳିକ୍ଷେତ୍ରରେ ପୁଣି ଥରେ କାରଖାନାରେ ଏଭଳି କାଣ୍ଡ ନେଇ ବଲାଙ୍ଗିର ଏସପିଙ୍କ ତତ୍ତ୍ୱାବଧାନରେ ପୋଲିସ ପକ୍ଷରୁ ବ୍ୟାପକ ଖାନତଲାସି ସହ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର



ପାରଳାଖେମଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ଆର୍ ଉଦୟଗିରି ବ୍ଲକ ଅନ୍ତର୍ଗତ ଅନଘା ଗ୍ରାମ ପଞ୍ଚାୟତର ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ (ରାଜସ୍ୱ), ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରୋମାଞ୍ଚଳ ଖମାରୀ ଯୋଗଦାନ କରି ଅନଘା ଗ୍ରାମ ପଞ୍ଚାୟତ ସମେତ ତବରାସିଂ, ପରିସଲା ଓ ରାମଗିରି ଗ୍ରାମ ପଞ୍ଚାୟତର ସମୁଦାୟ ମୋଟ- ୨୮ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୨୨ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା ୬ ଓ ୧ଗୋଟି ଅଭିଯୋଗକୁ ତୁରନ୍ତ ଫେଁସଲା କରାଯାଇ ସମାଧାନ କରାଯାଇଛି ।

ସେଥିମଧ୍ୟରୁ ଜଣକୁ ରେଡ୍ କ୍ରସ ରିଲିଫ୍ ପାଣ୍ଠିରୁ ରୁ ସହାୟତା ପ୍ରଦାନ କରାଯାଇଛି ଓ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନା ଓ ଜମି ପଟ୍ଟା ପ୍ରଦାନ କରାଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସ୍ଥାନୀୟ ସମୟରେ ସ୍ଥାନୀୟ ଆର.ଉଦୟଗିରି ବ୍ଲକ୍ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର,ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାରିମୋହନ ଖାର୍ସେଲ, ତହସିଲଦାରଙ୍କ ସମେତ ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଗଣଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ ।

# ଦାବି ପୂରଣ ନ ହେବାରୁ ଅମଲାଙ୍କ ସମୂହ ଛୁଟି

ଜୟପୁର , (ହି.ସ.): ଦୀର୍ଘ ଦିନର ଅମଲା ଙ୍କ ଦାବି ପୁରଣ ନ ହେବାରୁ ଜୁନ ଏକ ତାରିଖରୁ ସମସ୍ତ କାର୍ଯ୍ୟଳୟ ର ଅମଲା ମାନେ ଛୁଟି ରେ ରହିବା ନେଇ ବିଭିନ୍ନ ବିଭାଗର ଅମଲା ମାନେ ନିଜ ନିଜ କାର୍ଯ୍ୟାଳୟ ର ଅଧିକାରୀ ମାନଙ୍କୁ ଛୁଟି ଦରଖାସ୍ତ ପ୍ରଦାନ କରିଛନ୍ତି । ସେହିପରି ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ କାର୍ଯ୍ୟରତ ସମସ୍ତ ଅମଲା ମାନେ ଆଜି ତାଙ୍କ କାର୍ଯ୍ୟାଳୟ ର ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କୁ ଛୁଟି ଦରଖାସ୍ତ ପ୍ରଦାନ କରିଛନ୍ତି ପ୍ରକାଶ ଥାଉକି ଦିର୍ଘ ୬ ବର୍ଷ ଅତିକ୍ରମ କରି ଯାଇଥିଲେ ସୁଧା ସରକାର ଅମଲା ମାନଙ୍କ ଏକ ମାତ୍ର ଦାବି ପୁରଣ ନ କରିବାରୁ ଜିଲ୍ଲା ର ସମସ୍ତ ବିଭାଗ ରେ କାର୍ଯ୍ୟରତ ସମସ୍ତ ଅମଲା ମାନେ ରାଜ୍ୟ ମିଳିତ ଅମଲା ମଞ୍ଚ ଙ୍କ ନିର୍ଦ୍ଦେଶନାରେ ୨୧.୦୪.୨୦୨୩ ରିଖ ଦିନ କୋରାପୁଟ ଜିଲ୍ଲାର ୫୦୦ ରୁ ଉର୍ଦ୍ଧ୍ୱ ଅମଲା ମାନେ ମୁଖ୍ୟମନ୍ତ୍ରୀ ଓଡିଶା ଙ୍କ ଉଦ୍ଦେଶ୍ୟରେ ର ଜିଲ୍ଲାପାଳ କୋରାପୁଟ ଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ ।

ତଥାପି ସରକାର ଏଥିନେଇ କୌଣସି ପଦକ୍ଷେପ ଗ୍ରହଣ କରି ନଥିବାରୁ ରାଜ୍ୟ ମିଳିତ ଅମଲା ମଞ୍ଚ ମୁଖ୍ୟ ଶାସନ ସଚିବ ଓଡ଼ିଶା ଙ୍କୁ ଚରମ ପତ୍ର ପ୍ରଦାନ କରିଥିଲେ ଓ ଏହାର ନକଲ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଅମଲା ମାନେ ନିଜ ନିଜର କାର୍ଯ୍ୟାଳୟ ଅଧିକାରୀ ଙ୍କୁ ପ୍ରଦାନ କରିଥିଲେ ତଥାପି ସରକାର ନିରବ ରହିବା ଯୋଗୁଁ ଓଡ଼ିଶାର ସମଗ୍ର ଜିଲ୍ଲାରେ ସାମ୍ବାଦିକ ସମ୍ମିଳନୀ କରିବା ସହିତ ୨୨.୦୫.୨୦୨୩ ରିଖ ଠାରୁ କଳା ବ୍ୟାଜ ପରିଧାନ କରିଛନ୍ତି ଓ ଜୁନ ଏକ ତାରିଖରୁ ସମସ୍ତ ଅମଲା ମାନେ ସମୁହ ଛୁଟି ରେ ରହିବା ନିମନ୍ତେ ଛୁଟି ଦରଖାସ୍ତ ପ୍ରଦାନ କରିବା ସୁଚନା ମିଳିଛି. ଯଦି ସମସ୍ତ ଅମଲା ମାନେ ଜୁନ ୧ ତାରିଖରୁ ଛୁଟି ରେ ରୁହନ୍ତି ତାହେଲେ ବିଭିନ୍ନ କାର୍ଯ୍ୟାଳୟ ରେ କାର୍ଯ୍ୟ ର ଦୈନନ୍ଦିନ କାର୍ଯ୍ୟ ସଂପୂର୍ଣ୍ଣ ଭାବରେ ଠପ୍ ହେବା ସହିତ ଜନ ସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବା ଜଣା ପଡ଼ିଛି ।

# ବିକାଶ ପାଇଁ ବୃହତ୍ତର ଆନ୍ଦୋଳନର ଆହ୍ୱାନ

## ୨୦ଅଗଷ୍ଟରେ ଜିଲ୍ଲା ସମ୍ମେଳନ




ରାଉରକେଲା(ପିପିଏସ): ପ୍ରଧାନମନ୍ତ୍ରୀ ରାଉରକେଲା ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ ରାଉରକେଲାରେ ଏକ ସୁପର ସ୍ପେସାଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା ହେବ । ଦେଶର ଟିକସଦାତାଙ୍କ ୪ଶହ କୋଟି ଟଙ୍କାରେ ଏହି ହସ୍ପିଟାଲ ତିଆରି କରାଗଲା କିନ୍ତୁ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶୃତି ଅନୁଯାୟୀ ମେଡିକାଲ କଲେଜ ହେଲାନାହିଁ । ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲା ଜନ ସାଧାରଣ ଆଶା ବାନ୍ଧିଥିଲେ ସେମାନେ ଏହି ସୁପର ସ୍ପେସାଲିଟି ହସ୍ପିଟାଲରେ ଚିକିତ୍ସିତ ହେବେ ଏବଂ ସେମାନଙ୍କ ଛୁଆମାନେ ଏହି ମେଡିକାଲ କଲେଜରେ ପାଠ ପଢିପାରିବେ । କିନ୍ତୁ ଲୋକଙ୍କ ସେ ସ୍ୱପ୍ନ କେବଳ ସ୍ୱପ୍ନ ରେ ରହିଗଲା । ଆଜି ଲୋକଙ୍କୁ ଦିନ ଦ୍ୱିପହରରେ ବିଶ୍ୱାସଘାତକତା କରି ୪ଶହ କୋଟି ଟଙ୍କାରେ ନିର୍ମିତ ଏହି ହସ୍ପିଟାଲକୁ ଏକ ବ୍ୟବସାୟିକ ସଂସ୍ଥା ଆପୋଲକୁ ଟେକି ଦିଆଗଲା, ଏହାର ପ୍ରତିବାଦ କରିବାକୁ କେହି ନାହାନ୍ତି । ରାଉରକେଲା ନାଗରିକ ସୁରକ୍ଷା କମିଟି ଏହି ପ୍ରତାରଣା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛି । ରାଉରକେଲା ବନ୍ଦର ଡାକରା ଦିଆଯାଇଛି । ବିଭିନ୍ନ ସ୍ଥାନରେ ପଦଯାତ୍ରା,ପଥପ୍ରାନ୍ତ ସଭା, ରାଉରକେଲା ରିଙ୍ଗ ରୋଡରେ ବିଶାଳ ମାନବ ଶୃଙ୍ଖଳ କରାଯାଇଛି । ରାଉରକେଲା ନାଗରିକ ସୁରକ୍ଷା କମିଟିର ନିଷ୍ପତ୍ତି ଅନୁଯାୟୀ ସହରର ବିଭିନ୍ନ ସ୍ଥାନରେ ଜନ ସଚେତନତା ପାଇଁ ବିଭିନ୍ନ ସ୍ଥାନରେ ଆଲୋଚନା ସଭା ଅନୁଷ୍ଠିତ କରାଯାଇଥିଲା । ରାଉରକେଲା ନାଗରିକ ସୁରକ୍ଷା କମିଟି ର ଏକ ଜରୁରୀ ସାଧାରଣ ପରିଷଦ ବୈଠକ କମିଟିର ପ୍ରମୁଖ ସଦସ୍ୟ ଅଭୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ସୁନ୍ଦରଗଡ଼ ଜିଲ୍ଲା ତଥା ରାଉରକେଲାର ବିଭିନ୍ନ ଦାବି ଉପରେ ଯୁବ ଛାତ୍ର ମହିଳା ସଂଗଠନ ମାନଙ୍କୁ ଏକତ୍ରିତ କରିବା ସହ ଏକ ଜିଲ୍ଲା ସ୍ତରୀୟ କନଭେନସନ ଆଗାମୀ ଅଗଷ୍ଟ ୨୦ ତାରିଖ ରେ ସଂଗଠିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଜିଲ୍ଲା ସ୍ତରୀୟ କନଭେନସନ ପୂର୍ବରୁ ଜୁନ୍ ୧୧ ତାରିଖ ରେ ଯୁବ ଛାତ୍ର ମାନଙ୍କୁ ଏକଜୁଟ କରି ଏକ କନଭେନସନ ସଂଗଠିତ କରାଯିବ । ସେହିପରି ଜୁନ୍ ୨୫ ତାରିଖରେ ସହରର ସମସ୍ତ ଶ୍ରମିକ ସଂଗଠନ ଓ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ, କର୍ମଚାରୀ ମାନଙ୍କୁ ନେଇ ଏକ କନଭେନସନ ଅନୁଷ୍ଠିତ ହେବ । ଅନୁରୂପ ଭାବେ ଜୁଲାଇ ୭ ତାରିଖ ରେ ସହରର ବିଭିନ୍ନ ସାହିତ୍ୟ/ସାମାଜିକ ଓ ସାଂସ୍କୃତିକ ଓ ନାଟ୍ୟ ସଂଗଠନ କୁ ନେଇ ଏକ କନଭେନସନ ଅନୁଷ୍ଠିତ ହେବାକୁ ଥିଲାବେଳେ ଜୁଲାଇ ୧୬ ତାରିଖ ରେ ବିଭିନ୍ନ ମହିଳା ସଂଗଠନ ଓ ବିଭିନ୍ନ କ୍ଷେତ୍ରର ମହିଳା ମାନଙ୍କୁ ଏକତ୍ରିତ କରି ଏକ କନଭେନସନ ଅନୁଷ୍ଠିତ ହେବ । ଏହା ପରେ ଅଗଷ୍ଟ ୨୦ ତାରିଖ ଜିଲ୍ଲା ସ୍ତରୀୟ କନଭେନସନ ଅନୁଷ୍ଠିତ ହୋଇ ଏହି ଆନ୍ଦୋଳନକୁ ବ୍ୟାପକ ରୂପ ଦେବାସହ ରାଉରକେଲା ସୁପର ସ୍ପେସାଲିଟି ହସ୍ପିଟାଲ ଓ ମେଡିକାଲ କଲେଜ କୁ ଏମ୍ସ ଦ୍ୱାରା ପରିଚାଳନା କରିବା, ତାଳଚେର ବିମଳାଗଡ ରେଳପଥ ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା, ରାଉରକେଲାକୁ ଏକ ସ୍ୱତନ୍ତ୍ର ରେଳ ଡିଭିଜନ ଘୋଷଣା କରିବା, ରାଉରକେଲା ରେ ଏକ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ବିମାନ ବନ୍ଦର କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପ୍ରଭୃତି ଦାବି ଯାହା ନାଗରିକ ସୁରକ୍ଷା କମିଟି ଉପସ୍ଥାପନ କରିଛି, ସେହି ଦାବିକୁ ନେଇ ଭୁବନେଶ୍ୱର ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଠାରୁ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରିବା ସହ ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲା ପ୍ରତି ଦୀର୍ଘ ଦିନ ହେବ କରାଯାଇଥିବା ଅବହେଳା ବିରୁଦ୍ଧରେ ପ୍ରତିବାଦ କରାଯିବା ସହ ତୁରନ୍ତ ଦାବି ଉପରେ ପଦକ୍ଷେପ ନେବାକୁ ସରକାରଙ୍କୁ ଅନୁରୋଧ କରାଯିବ । ଆଜି ଜଗଦା ସ୍ଥିତ ମା ବାଟ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଆଲୋଚନା ସଭାରେ ରାଉରକେଲା ନାଗରିକ ସୁରକ୍ଷା କମିଟି ର ପ୍ରମୁଖ ସଦସ୍ୟ ବିଷ୍ଣୁ ମହାନ୍ତି, ସଂଜୀବ ମହାନ୍ତି, ବୈଦ୍ୟନାଥ ଦାସ, ସତ୍ୟପ୍ରିୟ ମହାନ୍ତି, ବିମାନ ମାଇତି, ମନୋରଞ୍ଜନ ଦାସ, ଗଣେଶ ପ୍ରଧାନ, ପଶୁପତିନାଥ ଚାଟାର୍ଜୀ, ସୁକାନ୍ତ ଖୁଣ୍ଟିଆ, ପିତାମ୍ବର ନାୟକ,ଶ୍ରୀମନ୍ତ ବେହେରା,ଅନୁସୟା ପଣ୍ଡା, ସୁରେନ୍ଦ୍ର ଦାଶ, ଜଟାଧାରୀ ମାଝୀ,ରାଜ କିଶୋର ପ୍ରଧାନ, ପ୍ରଭାତ କୁମାର ମହାନ୍ତି, ଲକ୍ଷ୍ମୀଧର ନାୟକ, ବସନ୍ତ ନାୟକ, ସୁରେଶ ଜେନା, କରୁଣାକର ସାହୁ, କୁଞ୍ଜ ବିହାରୀ ରାଉତ, କାର୍ତ୍ତିକ ପାଣ୍ଡବ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଆଗାମୀ ସଂସଦ ଅଧିବେଶନ ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କ ରେଳ, ସ୍ୱାସ୍ଥ୍ୟ ଓ ଇସ୍ପାତ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରାଯିବ ବୋଲି ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ଅବାରସିଂ ଡୁମ୍ବା ପାର୍କରେ ମିଶନ ଶକ୍ତି କାଫେ ଉଦ୍‌ଘାଟିତ




ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଅବାରସିଂ ଗ୍ରାମ ପଞ୍ଚାୟତର ଡୁମ୍ବା ପାର୍କଠାରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ କାଫେକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ଦାସ, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର ଓ ମିଶନ ଶକ୍ତିର ମାଁ ବ୍ରାହ୍ମଣୀ ଦେବୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଡୁମ୍ବାଙ୍କ ଦ୍ୱାରା କାଫେ କେନ୍ଦ୍ରକୁ ଶୁଭ ଉଦ୍ ?ଘାଟନ କରିଥିଲେ । ମହିଳା ସଦସ୍ୟ ମାନେ ଏହି କାଫେ ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଲାଭାନ୍ୱିତ ହେବା ସଙ୍ଗେ ସଙ୍ଗେ ଲୋକଙ୍କୁ ସୁଲଭ ଦରରେ ବିଭିନ୍ନ ପ୍ରକାର ଖାଦ୍ୟ ଆଦି ଉପଲବ୍ଧ ହୋଇପାରିବ ବୋଲି କୁହା ଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମିଶନ ଶକ୍ତି ଅଧିକାରୀ ରଶ୍ମୀ ରଞ୍ଜନ ସେଠୀ, ଜିଲ୍ଲା ଶିକ୍ଷ କେନ୍ଦ୍ର ସଂସ୍ଥା ସାଧାରଣ ପରିଚାଳକ ସୁନାରାମ ସିଂ, ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ୍ ଖର୍ସେଲ, ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର,ସ୍ଥାନୀୟ ସିଡ଼ିପିଓ, ମିଶନ ଶକ୍ତିର ସ୍ୱୟଂ ସହାୟିକା ଗୋଷ୍ଠୀ ,ସ୍ଥାନୀୟ ଜନପ୍ରତିନିଧି ଓ ବ୍ଲକ ମିଶନ ଶକ୍ତିର କର୍ମ କର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ରୋଟାରୀ ପକ୍ଷରୁ ଯୁବସେବା ସଚେତନତା ଶିବିର

କନ୍ଧମାଳ, (ହି.ସ.) : ରବିବାର ପୂର୍ବାହ୍ନ ଦଶଟା ସମୟ ରେ ରୋଟାରି କ୍ଲବ ପକ୍ଷରୁ ରୋଟାରୀ ସେବା ଟ୍ରଷ୍ଟ ପରିସର ରେ ଯୁବ ନେତୃତ୍ୱ ଶିବିର ଅନୁଷ୍ଠିତ ହୋଇଥିଲା । ରୋଟାରୀ କ୍ଲବ ସଭାପତି ହରିଶ୍ଚନ୍ଦ୍ର ମହାରଣା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନେହ୍ରୁ ଯୁବ କେନ୍ଦ୍ର ସଂଯୋଜକ ସତ୍ୟବାନ ଦଳବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ାଧିକାରୀ ସମୀର କୁମାର ନାୟକ ଯୋଗ ଦେଇ ଦେଶ ଗଠନ ରେ ଯୁବକ ଯୁବତୀ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ । ତେବେ ଅଜିକାଲି ଯୁବକ ଯୁବତୀ ମାନେ ନିଶା ସେବନ ଓ ନିଶାକାରବାର ଆଦି ଅସାମାଜିକ କାର୍ଯ୍ୟ କଳାପରେ ସମ୍ପୃକ୍ତ ରହି ପଥ ଭ୍ରଷ୍ଟ ହେଇଯାଉଛନ୍ତି ଯାହାକି ବିକଶିତ ଦେଶ ଗଠନରେ ବାଧକ ସାଜିବ । ଏଣୁ ଯୁବକ ଯୁବତୀ ମାନେ ଏ ସବୁରୁ ଦୁରେଇ ରହି ଏକ ସୁସ୍ଥ, ସୁନ୍ଦର, ବିକଶିତ ରାଷ୍ଟ୍ର ଗଠନ ଦିଗରେ ନିଜକୁ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ରୋଟାରୀଆନ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ରୋଟାରିଆନ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟନାୟକ, ଶ୍ରୀମତୀ ବିରାଜିନୀ ମହାପାତ୍ର, ବରିଷ୍ଠ ରୋଟାରୀଆନ ତଥା ବିଶିଷ୍ଟ ବ୍ୟବସାୟୀ ରବି ନାରାୟଣ ସୁବୁଦ୍ଧି, ପଦ୍ମ ଚରଣ ମହାନ୍ତି, ସମାଜ ସେବୀ ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଯୁବ ସମାଜ ଶୃଙ୍ଖଳିତ ହୋଇ ସୁପଥଗାମୀ ହୋଇ ଦେଶ ଗଠନ ଦିଗରେ ବ୍ରତୀ ହେବାପାଇଁ ପରାମର୍ଶ ଦେଇଥିଲେ ।

**TENDER NOTICE**

Sealed bids are invited from reputed Software development farms for Operational website Development, ERP and Mobile App (Android) for digitization of The Utkal Postal and RMS Co-operative Society Ltd., Cuttack. Software should be cloud based with secured encryption of data with latest technologies. Other details are available in the Tender brochure. Tender paper with details may be purchased from UPRCS office with deposit of Rs.100/- from 01.06.2023 to 15.06.2023. Last date of submission of closed tender/bid addressed to "The Secretary, The Utkal Postal and RMS Cooperative Society through Speed/Registered Post" by 30.06.2023 16hrs.

Sd/- Secretary UPRCS, CK – 1

Sd/- Management Committee UPRCS, CK - 1

# ଦାଦାବଟି ମାଗିବା ଅଭିଯୋଗ, ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ବରମୁଣ୍ଡା ବସଷ୍ଟାଣ୍ଡରେ ବସ୍ କର୍ମଚାରୀଙ୍କୁ ଦାଦା ବଟି ମାଗିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଦୁର୍ଦ୍ଦାନ୍ତ ପିଣ୍ଟୁକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ବରମୁଣ୍ଡାର ପିଣ୍ଟୁ ରଣସିଂହ ଓରଫ୍ ନୃସିଂହ (୩୫)। ପୁଲିସ ସୂଚନା ଅନୁସାରେ, ଗତକାଲି ବାଲାଜୀ ବସ୍ ଭୁବନେଶ୍ୱରରୁ ପୁରୀବାଣୀକୁ ଯିବା ପାଇଁ ବରମୁଣ୍ଡା ବସଷ୍ଟାଣ୍ଡରୁ ବାହାରୁଥିଲା। ସେହି ସମୟରେ ପିଣ୍ଟୁ ଆସି ବସକୁ ଅଟକାଇଥିଲା। ଦିନକୁ ୩୦୦ ଟଙ୍କା ଲେଖାଏଁ ବସ୍ କର୍ମଚାରୀଙ୍କୁ କହିଥିଲା। କର୍ମଚାରୀମାନେ ଅମଙ୍ଗ ହେବାରୁ ପିଣ୍ଟୁ ସେମାନଙ୍କୁ ଗାଳିଗୁଲଜ କରିବା ସହ ବିଭିନ୍ନ ପ୍ରକାରର ଧମକ ଚମକ ଦେଇଥିଲା। ଏମିତିକି ବାଲାଜୀ ବସକୁ ନଛାଡି ବିକାଶ ନାମକ ଆଉ ଏକ ବସକୁ ବଳପୂର୍ବକ ଆଗକୁ ଯିବାକୁ ବାଧ୍ୟ କରିଥିଲା। ରାଜଧାନୀ ବସ୍ ଆସୋସିଏସନ୍ ପକ୍ଷରୁ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦଫା ୩୮୫/୩୮୭ ଆଇପିସିରେ ମାମଲା ରୁଜୁ କରିଥିଲା। ଏଥିସହିତ ବରମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରୁ ପିଣ୍ଟୁକୁ ଗିରଫ କରିଥିଲା। ପିଣ୍ଟୁ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ପୂର୍ବରୁ ତା ନାମରେ ଖଣ୍ଡଗିରି ଥାନାରେ ୫ଟି ଓ ନୟାପଲ୍ଲୀ ଥାନାରେ ଗୋଟିଏ ଅପରାଧିକ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି। ବାରମ୍ବାର ଅପରାଧ ଘଟାଉଥିବାରୁ ସିଆରପିସି ଧାରା ୧୧୦ ଅନୁଯାୟୀ ପିଣ୍ଟୁ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

# ଜମୁଛି ଅଷ୍ଟମ ଭୁବନେଶ୍ୱର ଅନ୍ତର୍ଦେଶୀୟ ବାଣିଜ୍ୟ ମେଳା




**ଭୁବନେଶ୍ୱର (ପିପିଏସ୍):** ଜନତା ମଇଦାନରେ ଚାଲିଥିବା ଅଷ୍ଟମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଓ ଗ୍ଲୋବାଲ ବିଜନେସ୍ କାର୍ଣ୍ଣିଭାଲ୍‌ର ନବମ ଦିନରେ ୩୦ହଜାରରୁ ଊର୍ଦ୍ଧ୍ୱ ଗ୍ରାହକଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ପାଖାପାଖି ୨.୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେପାର ହୋଇଛି। ବ୍ୟବସାୟୀ ଓ ଗ୍ରାହକଙ୍କ ଅନୁରୋଧକ୍ରମେ ମେଳାର ଅବଧିକୁ ଆଉ ୬ ଦିନ ଅର୍ଥାତ୍ ଜୁନ୍ ୪ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ବୋଲି ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ଅଧକ୍ଷ ସୁଜିତ୍ ଗୁପ୍ତା ଓ ନିର୍ଦ୍ଦେଶିକା ପାୟଲ ଗୁପ୍ତା ଆଚାର୍ଯ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ହସ୍ତତନ୍ତ ଓ ଅନ୍ତର୍ଜାତୀୟ ହେଙ୍ଗରରେ ଆସିଥିବା ବାଂଲାଦେଶୀ ଶାଢ଼ି, ଦୁବାଇର ସୁଟ୍, ଥାଇଲାଣ୍ଡର କୁର୍ତ୍ତି, ଆଫଗାନିସ୍ତାନର ବିଭିନ୍ନ ପ୍ରକାରର ଡ୍ରାଏ-ଫ୍ରୁଟ୍‌ସ, କେରଳର ବାନାନା ଚିପ୍ସ, ଇରାନୀ କାର୍ପେଟ, ଡିଜାଇନର ଲାଇଟ, ମାଲେସିଆର ୱାଟର ଫାଉଣ୍ଟେନ୍, ବିଭିନ୍ନ ଘର ସାଜସଜା ଆସବାବପତ୍ରର ଚାହିଦା ମଧ୍ୟ ବଢ଼ିବାରେ ଲାଗିଛି। ବିଶେଷକରି ହାଇଦ୍ରାବାଦରୁ ଆସିଥିବା ଫର୍ଣ୍ଣିଚର, କୋଲକାତାର ସୋଫା-ବେଡ୍‌ର ଆଦୃତ ପରିଲକ୍ଷିତ ହେଉଛି। ଏହି ମେଳାରେ ପ୍ରତିଦିନ ମଞ୍ଚରେ ସାଂସ୍କୃତିକ, ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ରିଲିଜ୍ ହେବାକୁ ଥିବା ବା ନିକଟରେ ରିଲିଜ ହେଇଥିବା ଓଡ଼ିଆ ସିନେମାଗୁଡ଼ିକର କଳାକାରମାନଙ୍କୁ ନେଇ ମଞ୍ଚରେ ଉକ୍ତ ସିନେମାର ପ୍ରଚାରପ୍ରସାର କରାଯାଉଛି।

# ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା ମେନଷ୍ଟ୍ରୁଆଲ ହେଲ୍‌ଥ ହାଇଜିନ୍ ଆଲାଏନ୍ସ ସ୍ୱେଚ୍ଛାସେବୀ ସଂଗଠନ ସମୂହ ପକ୍ଷରୁ ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କର୍ମଶାଳାରେ ଋତୁସ୍ରାବ ସମ୍ବନ୍ଧୀୟ ସ୍ୱଚ୍ଛତା ଓ ଅନ୍ଧବିଶ୍ୱାସ ଦୂର ପାଇଁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ଋତୁସ୍ରାବ ସମୟରେ ସ୍ୱଚ୍ଛତା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ଆଇନାର ସମ୍ପାଦିକା ସ୍ନେହ ମିଶ୍ର ଦିବସ ପାଳନର ଲକ୍ଷ୍ୟ ସମ୍ପର୍କରେ କହିବା ସହ ଆଇନା ଓ ସହଭାଗୀ ଅନୁଷ୍ଠାନ ପରିକଳ୍ପିତ ଋତୁସ୍ରାବ ଶୀର୍ଷକ ଏକ ମ୍ୟୁଜିକ ଭିଡିଓ 'କାଚକଣ୍ଢେଇ' ପ୍ରଦର୍ଶନ କରିଥିଲେ। ନାଓର ବରିଷ୍ଠ ସଦସ୍ୟା ବିଶାଖା ଭଞ୍ଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକଦିବସୀୟ କାର୍ଯ୍ୟକ୍ରମରେ ୱାଟର ଏଡ୍‌ର ଆଞ୍ଚଳିକ ପ୍ରବନ୍ଧକ ଅନୁରାଗ ଗୁପ୍ତା, ୟୁନିସେଫ୍‌ର ପ୍ରୋଗ୍ରାମ ମ୍ୟାନେଜର ଡଃ ମୀନା ସୋମ୍, ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଶାବରୀ ଭଟ୍ଟାଚାର୍ଯ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁକୂଳ ଶୌଚାଳୟ ସମ୍ବନ୍ଧୀୟ ଅଭିଯାନର ଏକ ପୋଷ୍ଟର ଉଦ୍‌ଘାଟନ କରିଥିଲେ। କଟକସ୍ଥିତ ସଦର ହସ୍‌ପିଟାଲର ମାନସିକ ରୋଗ ପରାମର୍ଶଦାତା ଡାକ୍ତର ପ୍ରଶାନ୍ତ କୁମାର ମହାପାତ୍ର, ସାମ୍ବାଦିକା ସୁପ୍ରିୟା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଆଇନାର ଅନୁପମା, ଶିଳ୍ପୀ ଓ ରୁବି ରାଉତ ପୁରୁଷମାନଙ୍କ ଭୂମିକା ଏବଂ ଋତୁସ୍ରାବ ସମ୍ପର୍କରେ ଆଲାଏନ୍ସ ତରଫରୁ କରାଯାଇଥିବା ଏକ ଷ୍ଟଡି ରିପୋର୍ଟ ଉପସ୍ଥାପନା କରିଥିଲେ। ସଦସ୍ୟା ଜ୍ୟୋତ୍ସ୍ନା ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ୟୁଏନ୍‌ଡିପିର ମୁଖ୍ୟ ଆଭା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନ ଅଧିବେଶନରେ ଆଇନାର ଶିଳ୍ପୀ, ପ୍ରିୟଙ୍କା ଓ ସହଯୋଗୀଙ୍କ ତତ୍ତ୍ୱାବଧାନରେ ୬୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ପ୍ରତିନିଧି ଯୋଗଦେଇ ଖେଳ ମାଧ୍ୟମରେ ଶିକ୍ଷାଲାଭ କରିଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ସୂର୍ଯ୍ୟମୟୀ, ୱାଟର ଏଡ୍‌ର ବିକାଶ ପତି ତଥା ୱିପ୍ରୋର ପ୍ରତିନିଧିମାନେ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।

# ସ୍ଥାପନ ହେବ ସତ୍ୟପ୍ରିୟ ମହାନ୍ତିଙ୍କ ପ୍ରତିମୂର୍ତ୍ତି

**ଭୁବନେଶ୍ୱର (ପିପିଏସ୍):** ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଜନ୍ମମାଟି ବାଲକାଟି ଠାରେ ସ୍ଥାପନା କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମା'ଦୁଲ୍ଲାଦେବୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟପ୍ରିୟ ସ୍ମୃତି କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ କମିଟିର ଆବାହକ ତଥା ତାଙ୍କ ପୁତ୍ର ସନ୍ତୋଷ କୁମାର ମହାନ୍ତି ଅଧକ୍ଷତା କରିଥିଲେ। ଏଥିରେ ଆଖପାଖ ଓ ସ୍ଥାନୀୟ ଅଞ୍ଚଳର ବହୁ ପୁରୁଖା ଲୋକ ଯୋଗଦେଇଥିଲେ। ତାଙ୍କ ପ୍ରଚେଷ୍ଟାରେ ବାଲକାଟି ଭାର୍ଗବୀନଦୀରେ ସେତୁ ନିର୍ମାଣ ଦ୍ୱାରା ରାଜଧାନୀ ଭୁବନେଶ୍ୱର ସହ ସଂଯୋଗ ଏକ ଯୁଗାନ୍ତକାରୀ ପଦକ୍ଷେପ। ତାଙ୍କର ଏହି ମହାନୁଭବ ଚିନ୍ତାଧାରା ବାଲକାଟିକୁ ଏକ ପ୍ରମୁଖ ସ୍ଥାନ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ଭୁବନେଶ୍ୱର ସତ୍ୟନଗରଠାରେ ମଧ୍ୟ ସ୍ୱର୍ଗତ ସତ୍ୟପ୍ରିୟଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରିବାପାଇଁ ପ୍ରସ୍ତାବ ଦିଆଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠନେତା ସୁରେନ୍ଦ୍ରନାଥ ବେହେରା, ସମାଜସେବୀ ବେଣୁଧର ଭୋଇ, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, କପିଳ ମହାରଣା, ବସନ୍ତ କୁମାର ସାହୁ, ପ୍ରଦୀପ କୁମାର ମହାନ୍ତି, ସ୍ଥାନୀୟ ସରପଞ୍ଚ ରୀନା ବେହେରା, ସମିତିସଭ୍ୟ ଗଙ୍ଗାଧର ମାହାରୀ, ନାଏବ ସରପଞ୍ଚ ଅରୁଣ କୁମାର ସାହୁ, ନାରାୟଣ ସାହୁ, ରବୀନ୍ଦ୍ର ବାରିକ, ଅରବିନ୍ଦ ସାହୁ, ପବିତ୍ର ବେହେରା, ଶାନ୍ତିମତି ଦାଶ, ପ୍ରଭାତ ମହାନ୍ତି, ଦେବ ନାୟକ, ବିଜୟ ସାହୁ ପ୍ରମୁଖ ଯୋଗଦେଇଥିଲେ। ସତ୍ୟପ୍ରିୟଙ୍କ ନାତି ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତ୍ୱରାନ୍ୱିତ ହେବ ପୁରୁଣା ଭୁବନେଶ୍ୱରର ଐତିହ୍ୟ ସ୍ମାରକୀ ରୂପାନ୍ତରଣ କାର୍ଯ୍ୟ

**ଭୁବନେଶ୍ୱର (ପିପିଏସ୍):** ତ୍ୱରାନ୍ୱିତ ହେବ ପୁରୁଣା ଭୁବନେଶ୍ୱରର ଐତିହ୍ୟ ସ୍ମାରକୀ ତଥା ବିଭିନ୍ନ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ। ମନ୍ଦିରମାଳିନୀ ପୁରୁଣା ଭୁବନେଶ୍ୱରର ରୂପରେଖ ବଦଳିବାକୁ ଯାଉଛି। ଲିଙ୍ଗରାଜ ମନ୍ଦିର ସମେତ ପୁରୁଣା ଭୁବନେଶ୍ୱରରେ ଥିବା ଶତାଧିକ ମନ୍ଦିର ଓ ତାହାର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କାର୍ଯ୍ୟ ରାଜ୍ୟ ସରକାର ହାତକୁ ନେଇଛନ୍ତି। ଶ୍ରଦ୍ଧାଳୁଙ୍କୁ ସୁଖଦ ଅନୁଭୂତି ଦେବା ଉଦ୍ଦେଶ୍ୟରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ୨୦୧୯ ମସିହାରେ ଆରମ୍ଭ ହୋଇଥିବା ଏକାମ୍ର କ୍ଷେତ୍ର ଆମିନିଟିଜ୍ ଓ ମନୁମେଣ୍ଟସ୍ ରିଭାଇଭାଲ୍ ଆକ୍ସନ୍ ପ୍ଲାନ୍ (ଏକାମ୍ର ପ୍ଲାନ୍) ଅଧୀନରେ ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଶେଷ ହୋଇଥିବା ବେଳେ ସୋମବାର ରାଜ୍ୟ କ୍ୟାବିନେଟ ପୁଣି ଥରେ ପୁରୁଣା ଭୁବନେଶ୍ୱରର ଅନେକ ମନ୍ଦିର ଓ କୀର୍ତ୍ତିରାଜିର ସାର୍ବଙ୍ଗୀନ ବିକାଶ ନିମନ୍ତେ



୧୫୬ କୋଟି ୨୧ ଲକ୍ଷ ଟଙ୍କାର ଅର୍ଥ ଅନୁମୋଦନ କରିଛନ୍ତି। ତେବେ ସରକାରଙ୍କ ଏଭଳି ପଦକ୍ଷେପକୁ ପୁରୁଣା ଭୁବନେଶ୍ୱର ସ୍ଥାନୀୟ ଲୋକେ ପ୍ରଶଂସା କରିଥିବା ବେଳେ ଏହି ଉନ୍ନୟନମୂଳକ କାର୍ଯ୍ୟ କରାଗଲେ ଶ୍ରଦ୍ଧାଳୁଙ୍କ ଆଗମନ ବଢ଼ିବା ସହ ଏକ ଆଧାତ୍ମିକ ପରିବେଶ ସ୍ଥାପିତ ହୋଇପାରିବ ବୋଲି କହିଛନ୍ତି। ସୂଚନା ଥାଉ କି ସରକାର ଏହି ପ୍ରକଳ୍ପ କାର୍ଯ୍ୟଗୁଡ଼ିକୁ ଆସନ୍ତା ୧୮ ମାସ ମଧ୍ୟରେ ଶେଷ କରିବାକୁ ସମୟ ଧାର୍ଯ୍ୟ କରିଛନ୍ତି। କ୍ୟାବିନେଟ୍ ପକ୍ଷରୁ ଏସମ୍ପର୍କରେ କୁହାଯାଇଛି ଯେ ସରକାର ପୁରୁଣା ଭୁବନେଶ୍ୱରର ବିଭିନ୍ନ ପ୍ରାଚୀନ ସ୍ମାରକୀଗୁଡ଼ିକର ପୁନରୁଦ୍ଧାର କରିବା ସହ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏକ ଘରୋଇ ଠିକା ସଂସ୍ଥା ଏହି କାର୍ଯ୍ୟ ସମ୍ପାଦନ କରିବ। ଅନ୍ୟପକ୍ଷେ ସରକାରଙ୍କର ଏଭଳି ପଦକ୍ଷେପ ସମ୍ପର୍କରେ ସମାଜସେବୀ ଭୀଷ୍ମନାରାୟଣ ନାୟକ କହିଛନ୍ତି ଯେ, ସ୍ୱର୍ଣ୍ଣେଶ୍ୱର ମନ୍ଦିର, ଚିରି ମୁଣ୍ଡିଆ ମନ୍ଦିର ଓ ବ୍ରହ୍ମେଶ୍ୱର ମନ୍ଦିର ଭଳି କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକ ହେଉଥିଲା। ସେହିଭଳି ଅନେକ ମନ୍ଦିରରେ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ସାଧାରଣରେ ଦାବି ହେଉଥିଲା। ସଂପ୍ରତି ସରକାର ୧୫୬ କୋଟି ଟଙ୍କା ଖର୍ଚ୍ଚ କରିବା ନେଇ କ୍ୟାବିନେଟ୍ ଘୋଷଣା ଏକାମ୍ରବାସୀଙ୍କୁ ଖୁସି ଦେଇଛି। ଭୁବନେଶ୍ୱର ମନ୍ଦିର ମାଳିନୀ ସହର ଭାବେ ସାରା ରାଜ୍ୟରେ ପରିଚିତ। ଏହି ଛବି ଯେପରି ମଳିନ ନହେଉ ତାହାର ଦାୟିତ୍ୱ ସରକାର ନେଇଛନ୍ତି। ଏକାମ୍ରବାସୀ ସରକାରଙ୍କର ଏଭଳି ପଦକ୍ଷେପକୁ ସ୍ୱାଗତ କରୁଛୁ। ତେବେ କ୍ୟାବିନେଟ୍‌ର ଏହି ଘୋଷଣା ପରେ ଏକାମ୍ର ଭୁବନେଶ୍ୱର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ ଏକାଦଶ ଶତାବ୍ଦୀର ପ୍ରାଚୀନ ଲିଙ୍ଗରାଜ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ମନ୍ଦିରଗୁଡ଼ିକର ଉନ୍ନତି ପାଇଁ ରାଜ୍ୟ କ୍ୟାବିନେଟ ୧୫୬ କୋଟି ଟଙ୍କାର ଅର୍ଥ ଅନୁମୋଦନ କରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଭିନ୍ନ ମହଲରେ ସାଧୁବାଦ ଦିଆଯାଉଛି। ଏହି ପ୍ରକଳ୍ପ ମାଧ୍ୟମରେ ପୁରୁଣା ଭୁବନେଶ୍ୱରର ଅନେକ କୀର୍ତ୍ତିରାଜି ସଂରକ୍ଷଣ ଓ ପୁନରୁଦ୍ଧାର ହୋଇପାରିବ। ସେହିଭଳି ଏହି ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଏକାମ୍ର କ୍ଷେତ୍ରର ସତନ୍ତ୍ରତା ଓ ମୌଳିକତାକୁ ଦେଶ ତଥା ଦେଶ ବାହାରର ପର୍ଯ୍ୟଟକମାନେ ଅନୁଭବ କରିପାରିବେ।

# ଘାଟିକିଆରୁ ଚୋରି ଗାଡ଼ି ଗୋଡ଼ି ସାହିରୁ ଉଦ୍ଧାର

**ଭୁବନେଶ୍ୱର (ପିପିଏସ୍):** ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସରକାରୀ ଗାଡ଼ି ଚୋରି କରି କେହି ଦୁର୍ବୃତ୍ତ ଘାଟିକିଆ ନେଇ ବାରଙ୍ଗ ଗୋଡ଼ିସାହିରେ ଛାଡ଼ି ପଳାଇଛନ୍ତି। ଖବରପାଇ ଭରତପୁର ଥାନା ପୁଲିସ ସିଡିଏମ୍‌ଓଙ୍କ ଗାଡ଼ିକୁ ଜବତ କରିଥିଲେ ମଧ୍ୟ ଚୋରଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଗତ ମଙ୍ଗଳବାର ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ତାଙ୍କ ଡ୍ରାଇଭର ସରକାରୀ ଗାଡ଼ି (ନଂ ଓଆର୨୦୭୯୭୬) ରେ ଭୁବନେଶ୍ୱର ଆସିଥିଲେ। ଦିନରେ କାମ ସାରିବା ପରେ ଡ୍ରାଇଭର କେ କ୍ରିଷ୍ଣା ସିଡିଏମ୍‌ଓଙ୍କୁ ଛାଡ଼ି ଘାଟିକିଆ ଆନନ୍ଦ ବିହାରରେ ଥିବା ତାଙ୍କ ପୁଅ ପାଖକୁ ଯାଇଥିଲେ। ରାତି ୧୧ଟା ସମୟରେ ଟାଟା ସଫାରି ଗାଡ଼ିଟିକୁ ଘରର ପାଚେରି ନିକଟରେ ପାର୍କିଂ କରି ଶୋଇଥିଲେ। କେ କ୍ରିଷ୍ଣା ସକାଳୁ ଉଠି ଦେଖନ୍ତି ତ ସେହି ଗାଡ଼ିଟି ପାର୍କିଂ ହୋଇଥିବା ସ୍ଥାନରେ ନାହିଁ। ଆଖପାଖରେ ଖୋଜାଖୋଜି କରିଥିଲେ ମଧ୍ୟ ଗାଡ଼ି ମିଳିନଥିଲା। ଗାଡ଼ିକୁ କେହି ଚୋରି କରି ନେଇଥିବା ଜାଣିବା ପରେ କ୍ରିଷ୍ଣା ଭରତପୁର ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଚୋରି ମାମଲା ରୁଜୁ କରିଥିଲା। ପାଖରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଭରତପୁର ପୁଲିସ ସିସିଟିଭି ଫୁଟେଜର ରୁଟ୍ ଲାଇନିଂ ଓ ବିଶ୍ୱସ୍ତ ସୁତ୍ରରୁ ଖବରପାଇ ବାରଙ୍ଗ ଥାନା ଅନ୍ତର୍ଗତ ଗୋଡ଼ି ସାହିରେ ପହଞ୍ଚିଥିଲା। କେନାଲ ବନ୍ଧ କଡ଼ରେ ଚୋରି ଗାଡ଼ି ଥିବା ପୁଲିସ ଦେଖିବାକୁ ପାଇଥିଲା। ଶେଷରେ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲା।

# ପୁଲିସ ପରିଚୟ ଦେଇ ଅପହରଣ ଅଭିଯୋଗ

**ଭୁବନେଶ୍ୱର (ପିପିଏସ୍):** ପୁଲିସର ପରିଚୟ ଦେଇ କାର୍ ସହ ଯୁବକଙ୍କୁ ଅପହରଣ ଅଭିଯୋଗରେ ଯୁବକକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଯୁବକ ହେଲା ଜଗତସିଂହପୁରର ରାକେଶ ପାତ୍ର। ଗତ ଫେବୃଆରୀ ମାସରେ କାର୍ ଚାଳକ ବିଭୁ ରଞ୍ଜନ ମଲ୍ଲିକ ନହରକଣ୍ଟାରୁ ଭୁବନେଶ୍ୱର ଫେରୁଥିଲେ। ସେ ଅସୁସ୍ଥ ଅନୁଭବ କରିବାରୁ ସପ୍ତସତୀ ମନ୍ଦିର ନିକଟରେ ନିଜର କାରକୁ ପାର୍କିଂ କରି ବିଶ୍ରାମ ନେଉଥିଲେ। ଅଜୁ ଓ ତା'ର ସହଯୋଗୀ ବାଇକରେ ଆସି ତାଙ୍କୁ ପୁଲିସର ପରିଚୟ ଦେବା ସହ ଉକ୍ତ କାର୍‌ରେ ତାଙ୍କୁ ବସାଇ ପୁଲିସ ଷ୍ଟେସନ୍ ଆଡକୁ ନେଇଯାଇଥିଲେ। ଉଭୟ ଅଭିଯୁକ୍ତଙ୍କ ଉପରେ ସନ୍ଦେହ ହେବାରୁ ବିଭୁ ଗାଡ଼ିରୁ ଡେଇଁ ପଡ଼ିଥିଲେ। ପରେ ଅଭିଯୁକ୍ତ ମାନେ କାରକୁ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଜୁର ସହଯୋଗୀକୁ କାବୁ କରିବା ସହ କାର୍ ଜବତ କରିଥିଲା। ଘଟଣାର ତଦନ୍ତ କରି ଫେରାର୍ ଥିବା ମୁଖ୍ୟ ଅଭିଯୁକ୍ତ ଅଜୁକୁ କାବୁ କରିଛି।

# ଦୁର୍ବଳ ହେଲାଣି ସୁରକ୍ଷା ପ୍ରାଚୀର, ସହରରେ ପଶିଲା ହାତୀ

**ଭୁବନେଶ୍ୱର (ପିପିଏସ୍):** ସୋମବାର ରାତି ପ୍ରାୟ ଗୋଟାଏ ହେବ। ଭରତପୁର ଜଙ୍ଗଲ ପାଚେରି ଡେଇଁ ରାଜଧାନୀରେ ପଶିଥିଲା ଦନ୍ତା। ଇଚ୍ଛା ଅନୁଯାୟୀ ମାଡ଼ି ଚାଲିଥିଲା। ମୈତ୍ରୀ ବିହାର ନିକଟ ୨୦୦ ଫୁଟିଆ ରାସ୍ତାରେ ଚାଲିଥିଲା। ସାଲିଆସାହି ଭିତରକୁ ପ୍ରବେଶ କରିବା ସହ ପଣସ, କଦଳୀ, ଆମ୍ବ ଖାଇଥିଲା। କାହାର କୌଣସି କ୍ଷତି କରି ନ ଥିଲେ ମଧ୍ୟ ଲୋକଙ୍କ ଘର ଆଗରେ ଚଳପ୍ରଚଳ କରୁଥିବାରୁ ରାତି ଅଧରେ ସାଲିଆସାହି ବସ୍ତିରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। କାଳେ ଦନ୍ତା ଘର ଭାଙ୍ଗି ଦେବ, ସେହି ଭୟରେ ଯିଏ ଯୁଆଡ଼େ ପାରିଲେ ଧାଉଁଥିଲେ। କିଏ ରାସ୍ତା ଉପରେ ଦେ ?ଡୁଥିଲେ ତ ଆଉ କିଏ ପାଟି କରି ହାତୀ ଘଉଡ଼ାଉଥିଲେ। କେହି କେହି ହାତୀ ମୁହଁକୁ ଲାଇଟ୍, ଟର୍ଚ୍ଚ ଆଦି ପକାଇଥିଲେ। ୧୦ କି ୨୦ ମିନିଟ୍ ନୁହେଁ। ପାଖାପାଖି ଦେଢ଼ ଘଣ୍ଟାଧରି ସାଲିଆସାହିରେ ଆତଙ୍କ ଖେଳାଇଥିଲା ଦନ୍ତା। ତେବେ ସିସିଟିଭିରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ହାତୀଙ୍କ ସଂଖ୍ୟା ଅଧିକ ରହିଥିବା କୁହାଯାଉଛି। ୪ଟି ହାତୀ ପ୍ରବେଶ କରିଥିବା ବେଳେ ଦନ୍ତାଟି ଫେରି ନ ପାରି ରହିଯାଇଥିଲା। ଭରତପୁର ଜଙ୍ଗଲ ପାଚେରି ନିକଟରେ ଦନ୍ତାଟିକୁ ପ୍ରଥମେ ଦେଖିବାକୁ



ମିଳିଥିଲା। ଏହାପରେ ହାତୀଟି ଜଣେ ବ୍ୟକ୍ତିଙ୍କ ଘର ଝରକା ଭିତରେ ଶୁଣ୍ଢ ପୁରାଇ କିଛି ଖାଦ୍ୟ ଆଣିବାକୁ ଚେଷ୍ଟା କରୁଥିବା ବେଳେ ଲୋକେ ଭୟଭିତ ହୋଇ ହୋ ହାଲ୍ଲା କରିଥିଲେ। କୁହାଯାଉଛି ଯେ ହାତୀଟି ହାଣ୍ଡିଆ ବାସ୍ନାରେ ବସ୍ତି ଭିତରେ ପ୍ରାୟ ଏକ ଘଣ୍ଟା ରହିଥିଲା। ଏଣେତେଣେ ବୁଲା ବୁଲି କରିବା ଦ୍ୱାରା ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଭୟଭିତ ହୋଇଥିବା ଅଞ୍ଚଳବାସୀ ହାତୀ ବୁଲୁଥିବା ନେଇ ପ୍ରଥମେ ମୈତ୍ରୀବିହାର ଥାନା ଓ ପରେ ବନ ବିଭାଗ ଅଧିକାରୀମାନଙ୍କୁ ଖବର ଦେଇଥିଲେ। ଖବର ପାଇବା ମାତ୍ରେ ଦୁଇଟି ପିସିଆର ଭ୍ୟାନ୍ ପହଞ୍ଚି ହାତୀ ଘଉଡ଼ାଇବା କାର୍ଯ୍ୟରେ ଲାଗିପଡ଼ିଥିଲେ। ସାଇରନ୍ ମାରିବା ସହ ବାଣ ଫୁଟାଇଥିଲେ ମଧ୍ୟ ହାତୀ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲେ। ଏହାପରେ ବନ ବିଭାଗ କର୍ମଚାରୀ ପହଞ୍ଚିବା ପରେ ଘଉଡ଼ାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା। ୩୫ ମିନିଟ୍ ଧରି ଉଭୟ ବନ କର୍ମଚାରୀ ଓ ପିସିଆର ଭ୍ୟାନ୍ କର୍ମଚାରୀଙ୍କ ଉଦ୍ୟମ ଫଳରେ ହାତୀଟି ଭରତପୁର ଜଙ୍ଗଲକୁ ଫେରିଯାଇଥିଲା। ବନ ବିଭାଗର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ ଜଙ୍ଗଲ ପାଖରେ ଥିବା ଟ୍ରେଞ୍ଚକୁ ବାରମ୍ବାର ଖୋଳାଯାଉଥିଲେ ମଧ୍ୟ ବସ୍ତିବାସିନ୍ଦାମାନେ ତାହାକୁ ଅଳିଆ ପକାଇ ପୋତି ଦେଉଛନ୍ତି। ଯେଉଁଥିପାଇଁ ହାତୀ ପାଚେରି ଭାଙ୍ଗିବା ସହ ସେହି ବାଟରେ ସାଲିଆସାହି ଭିତରକୁ ପ୍ରବେଶ କରୁଛି। ଜଙ୍ଗଲକୁ ଲାଗି ରହିଥିବା ବସ୍ତିଗୁଡ଼ିକରେ ହାଣ୍ଡିଆ ତିଆରି କରାଯିବା ହାତୀଙ୍କୁ ସହର ମଧ୍ୟକୁ ଟାଣିବାର ଆଉ ଏକ କାରଣ। ହାଣ୍ଡିଆ ବାସ୍ନାକୁ ହାତୀ ଗୋଟେ ?କିଲୋମିଟର ଦୂରରୁ ବାରି ପାରୁଥିବାରୁ ବସ୍ତିକୁ ଚାଲିଆସିବା ସ୍ୱଭାବିକ ଘଟଣା ପାଲଟିଛି। ଗତକାଲି ଆସିଥିବା ଦନ୍ତା ହାତୀଟି ପୂର୍ବରୁ ମଧ୍ୟ ଦୁଇ ଥର ହାତୀଆଣ୍ଡୁଣି ବସ୍ତିକୁ ଆସିଥିବା ଅଧିକାରୀ ଜଣକ କହିଛନ୍ତି। ପିସିଆର କର୍ମଚାରୀଙ୍କ କହିବା କଥା ହେଲା ଖବର ପାଇବା ପରେ ଆମେ ସଙ୍ଗେ ସଙ୍ଗେ ପହଞ୍ଚିଥିଲୁ। ଦୁଇଟି ପିସିଆରର ସାଇରନ୍ ବଜାଯାଇଥିଲା। ଟର୍ଚ୍ଚ ବ୍ୟବହାର କରି ତା ଉପରେ ଲାଇଟ୍ ପକାଯିବାରୁ ସେ ଦୌଡ଼ିଥିଲା। କୌଣସି ଲୋକଙ୍କ କ୍ଷତି କରି ନାହିଁ। ଦନ୍ତାକୁ ଦେଖି କେବଳ ଲୋକେ ଭୟଭିତ ହୋଇଯାଇଥିଲେ। ପାଚେରି ଉଚ୍ଚତା କମ୍ ?ରୁ ହାତୀ ପଳେଇ ଆସୁଛନ୍ତି। କୁହାଯାଏ ଯେ ଭରତପୁର ଜଙ୍ଗଲକୁ ଲାଗିରହିଥିବା ସାଲିଆସାହି ନିକଟ ଏକ ବସ୍ତିକୁ ହାଣ୍ଡିଆ ପିଇବାକୁ ପୂର୍ବରୁ ହାତୀମାନେ ଚାଲିଆସୁଥିଲେ। ଯେଉଁଥିପାଇଁ ଉକ୍ତ ବସ୍ତିର ନାମ ହାତୀଆଣ୍ଡୁଣି ରଖାଯାଇଥିଲା। ବର୍ତ୍ତମାନ ସମୟ ବଦଳିଯାଇଛି। ବସ୍ତିବାସିନ୍ଦା ଧୀରେ ଧୀରେ ଜଙ୍ଗଲ ଆଡ଼କୁ ମାଡ଼ିଯାଇଛନ୍ତି। ଯେଉଁଥିପାଇଁ ସଙ୍କୁଚିତ ହୋଇଛି ହାତୀ ଟ୍ରେଞ୍ଚ। ଦୂର୍ବଳ ହୋଇଯାଇଛି ଅଭୟାରଣ୍ୟ ପଥର ପାଚେରି।

# ଗଛରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ, ପୁଲିସ ନାକେଦମ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀର ଗାନ୍ଧୀମାର୍ଗରେ ଜଣେ ଯୁବକଙ୍କ ଉନ୍ମତ୍ତକାଣ୍ଡ ଘଟଣା ସାମ୍ନାକୁ ଆସିଛି। ଯୁବକ ଜଣକ ଗଛରେ ଚଢ଼ିଯିବା ପରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଯେଉଁଥିପାଇଁ ପୁଲିସ, ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ଏଭଳି କାଣ୍ଡ ଭିଆଇଥିବା ଯୁବକ ହେଲେ ବାଲେଶ୍ୱରର ଟୁଲୁ ପାତ୍ର। ତାକୁ ପୁଲିସ ଓ ଅଗ୍ନିଶମ ବିଭାଗ ଗଛରେ ଚଢ଼ି ଉଦ୍ଧାର କରିଛନ୍ତି। ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଟୁଲୁକୁ କ୍ୟାପିଟାଲ ଥାନା ପୁଲିସ ଅଟକ ରଖି ପଚରାଉଚରା କରୁଛି। ଆସନ୍ତାକାଲି ଟୁଲୁକୁ ଗିରଫ କରି କୋର୍ଟଚାଲାଣ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।
ମିଳିଥିବା ସୂଚନା ଅନୁଯାୟୀ, ସୋମବାର ଦିନବେଳା ଗାନ୍ଧୀମାର୍ଗରେ ଥିବା ଏକ ଗଛକୁ ଟୁଲୁ ଚଢ଼ି ଯାଇଥିଲା। ଗଛରେ ଚଢ଼ି ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା ଲାଗି ଉଦ୍ୟମ କରିଥିଲା। ପୁଲିସ ପହଞ୍ଚି ଟୁଲୁକୁ ଉଦ୍ଧାର କରିବା ଲାଗି ପ୍ରୟାସ କରି ଫେଲ୍



ହୋଇଥିଲା। ପରେ ଅଗ୍ନିଶମ ଟିମ୍‌କୁ ଖବର ଦିଆଯାଇଥିଲା। ତାଙ୍କୁ ଉଦ୍ଧାର କରିବା ପାଇଁ ପୁଲିସ ଓ ଅଗ୍ନିଶମ ବାହିନୀକୁ ପ୍ରାୟ ଘଣ୍ଟାଏ କସରତ କରିବାକୁ ପଡ଼ିଥିଲା। ଶେଷରେ କୌଶଳକ୍ରମେ ଟୁଲୁକୁ ସୁରକ୍ଷିତ ଭାବେ ଗଛରୁ ଓହ୍ଲାଇ ଯାଇଥିଲା। ତେବେ ଏକ ନିର୍ଦ୍ଦିଷ୍ଟ ଏକ ଚ୍ୟାନେଲ ନାଁ ନେବା ସହ ତାଙ୍କୁ ଏହି ଚ୍ୟାନେଲ ବରବାଦ୍ କରିଦେଇଛି ବୋଲି ଟୁଲୁ କହୁଥିଲା। ଗାଁରେ ମୁହଁ ଦେଖାଇବାର ସ୍ଥିତିରେ ନ ଥିବା କଥା କହୁଛନ୍ତି। ଏପରିକି ମଦ ପିଇବା ପରେ ଟୁଲୁ ଏଭଳି କାଣ୍ଡ ଭିଆଉଥିଲା ବୋଲି କୁହାଯାଉଛି। ଟୁଲୁର ମାନସିକ ସ୍ଥିତ ଠିକ୍ ନ ଥିବା ବେଳେ ସାସ୍ଥ୍ୟବସ୍ଥା ସ୍ୱଭାବିକ ହେବା ପରେ ଗିରଫ କରାଯିବ ବୋଲି କୁହାଯାଉଛି। ଅନ୍ୟପଟେ କିଛିଦିନ ତଳେ ସମାନଭାବେ ଗାନ୍ଧୀମାର୍ଗରେ ଜଣେ ଯୁବକ ଗଛକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେଭଳି ଶିଶୁଭବନ ଛକରେ ଥିବା ହୋର୍ଡିଂ ଉପରେ ଚଢ଼ି ପର୍ଯ୍ୟାୟକ୍ରମେ ୨ ଜଣ ଯୁବକ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି ପୁଲିସ ଓ ଅଗ୍ନିଶମ ବାହିନୀ।

# ଟିଣ ଚଦର କାଟି ଦୋକାନରୁ ଚୋରି

**ଭୁବନେଶ୍ୱର (ପିପିଏସ୍):** ଡିଏନ୍ ରିଗାଲିଆ ମଲ୍ ସମ୍ମୁଖରେ ଥିବା ଏକ ଦୋକାନର ଟିଣ ଆଜ୍‌ବେଷ୍ଟେସ୍ କାଟି ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଗୁଟଖା, ଦୋକାନ ଓ ଟଙ୍କା ନେବାପରେ ଚୋରିରେ ବ୍ୟବହୃତ ଶାବଳ, କଟର ମେସିନ୍, ଦଉଡ଼ି ଛାଡ଼ି ପଳାଇଛନ୍ତି। ଦୋକାନ ମାଲିକ ସୌମ୍ୟରଞ୍ଜନ ବିଶୋଇଙ୍କ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ହେଲେ ଚୋରଙ୍କୁ ଠାବ କରିବାରେ ସକ୍ଷମ ହୋଇପାରି ନାହିଁ। ମିଳିଥିବା ସୂଚନା ଅନୁସାରେ, ଭଗବାନପୁରର ସୌମ୍ୟରଞ୍ଜନଙ୍କର ଡିଏନ୍ ରିଗାଲିଆ ଛକ ନିକଟରେ ଏକ ଦୋକାନ ରହିଛି। ସେ ସବୁଦିନ ଭଳି ରାତି ୧୧ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଦୋକାନରୁ ଚୋରି ହୋଇଥିବା ନେଇ ଭୋର ୫ଟା ସମୟରେ ଦୋକାନ ଘର ମାଲିକଙ୍କ ଠାରୁ ଖବର ପାଇଥିଲେ। ଦୋକାନକୁ ଆସି ଯାଞ୍ଚ କରିବା ପରେ ଗୁଟ୍‌ଖା, ସିଗାରେଟ୍ ଓ ନଗଦ ୮ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ତମାଣ୍ଡୋ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ କଟରରେ ଟିଣ ଆଜବେଷ୍ଟସ କାଟି ଦଉଡ଼ି ସାହାଯ୍ୟରେ ଦୋକାନ ଭିତରକୁ ଯାଇଥିବା ପାଖରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜରୁ ପୁଲିସ ଜାଣିବାକୁ ପାଇଛି। ଚୋରମାନେ ଛାଡ଼ି ଯାଇଥିବା କଟର୍ ମେସିନ୍, ଶାବଳ ଓ ଦଉଡ଼ିକୁ ପୁଲିସ ଜବତ କରିଛି।

# ମଦ ପିଇବାକୁ ବାରଣ କରିବାରୁ ମାଡ଼

**ଭୁବନେଶ୍ୱର (ପିପିଏସ୍):** ମଦ ପିଇବାକୁ ବାରଣ କରିବାରୁ ଜଣେ ଯୁବକଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରାଯାଇଛି। ଆକ୍ରମଣ ସହ ତାଙ୍କ ବେକରୁ ସୁନାଚେନ୍ ମଧ୍ୟ ଲୁଟି ନେଇଛନ୍ତି। ଏଭଳି ଘଟଣା ନୂଆପଲ୍ଲୀ ଥାନା ଆଇଆର୍‌ସି ଭିଲେଜ ନିକଟରେ ଦେଖିବାକୁ ମିଳିଛି। ଏନେଇ ନୂଆପଲ୍ଲୀ ଥାନାରେ ଅଂଶୁମାନ ବେହେରା ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଛି। ଅଭିଯୋଗ ଅନୁସାରେ, ଅଂଶୁମାନ ତାଙ୍କ ଘର ନିକଟରେ ଥିବା ଓମ୍‌ଫେଡ୍ ଷ୍ଟଲ୍ ନିକଟକୁ ସିଗାରେଟ୍ ଆଣିବାକୁ ଯାଇଥିଲେ। ଏହି ସମୟରେ କିଛି ଯୁବକ ସେଠାରେ ମଦ ପିଉଥିଲେ। ଏହାକୁ ଅଂଶୁମାନ ବିରୋଧ କରିବାରୁ ସେମାନେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏପରିକି ତାଙ୍କୁ ଛୁରି ଦେଖାଇ ସୁନାଚେନ୍ ଛିଣ୍ଡାଇ ନେଇ ଯାଇଥିଲେ ବୋଲି ଅଭିଯୋଗ ହୋଇଛି।

# ବର୍ଷେ ଯାଇନି ଦବିଲାଣି ପେଭର୍ ବ୍ଲକ୍

**ଭୁବନେଶ୍ୱର (ପିପିଏସ୍):** ୧୧ନମ୍ବର ୱାର୍ଡ ଅନ୍ତର୍ଗତ ଭିଏସ୍‌ଏସ୍ ନଗରସ୍ଥିତ ଜି.ଏଲ୍ କଲୋନିରେ ଗତବର୍ଷ ଦୁର୍ଗାପୂଜା ପୂର୍ବରୁ ପାଖାପାଖି ୫ଶହ ମିଟର ରାସ୍ତାରେ ପେଭର ବ୍ଲକ୍ ବିଛାଯାଇଥିଲା। ମାତ୍ର ୪ ମାସ ନଯାଉଣୁ ରାସ୍ତା ଦବି ପେଭର ବ୍ଲକ ସବୁ ଉଠିଗଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ବିରୋଧ ହେବାରୁ କାମ କରିଥିବା ଠିକାଦାର ପୁଣିଥରେ ତାକୁ ମରାମତି କରିଥିଲା। ହେଲେ ମାତ୍ର ଅସରାଏ ଦି' ଅସରା ବର୍ଷାରେ ରାସ୍ତା ଏବେ ଯଥା ପୂର୍ବଂ ତଥା ପରଂ ଅବସ୍ଥାକୁ ଚାଲି ଆସିଛି। ନିମ୍ନମାନର କାମ କରି ଟଙ୍କା ହଡ଼ପ କରାଯାଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ୨୦୨୨-୨୩ ଆର୍ଥିକ ବର୍ଷରେ ମୌସୁମୀ ପୂର୍ବରୁ ଜିଏଲ୍ କଲୋନି ଭିତରେ ପାଖାପାଖି ୫ ଶହ ମିଟର ରାସ୍ତାରେ ୨୦ଲକ୍ଷ



ଟଙ୍କା ବ୍ୟୟରେ ପେଭର ବ୍ଲକ୍ ବିଛାଯାଇଥିଲା। ନିୟମ ଅନୁସାରେ, କାମର ସଂପୂର୍ଣ୍ଣ ବିବରଣୀ ଫଳକରେ ଉଲ୍ଲେଖ କରିବା କଥା। ହେଲେ ଠିକାଦାର କୌଣସି ଫଳକ ଲଗାଇନାହାନ୍ତି। ଏହାସହ ନିମ୍ନମାନର କାମ ହୋଇଥିବାରୁ ପ୍ରଥମ ମୌସୁମୀ ବର୍ଷାରେ ପେଭର ବ୍ଲକ୍ ସବୁ ତାଡ଼ି ହୋଇଯାଇଥିଲା। ରାସ୍ତା ସାରା ଖାଲ ହୋଇଯାଇଥିଲା। ସ୍ଥାନୀୟ ବାସିନ୍ଦା ଏହାକୁ ବିରୋଧ କରିବାରୁ କାମ କରିଥିବା ଠିକାଦାର ଏହାକୁ ମରାମତି କରିଥିଲେ। ହେଲେ ମରାମତି ବେଳେ ମଧ୍ୟ ପୁଣିଥରେ ତାଳିପକା କାମ କରାଯାଇଥିବାରୁ ଏବେ ଅଦିନିଆ କାଳବୈଶାଖୀ ବର୍ଷାରେ ରାସ୍ତା ଦବିବା ସହ ଖାଲ ହୋଇଗଲାଣି। ଏ ସଂପର୍କରେ ଜଣେ ଯନ୍ତ୍ରୀ କହିଛନ୍ତି ଯେ ପେଭର ବ୍ଲକ୍ ବିଛାଇବା ପୂର୍ବରୁ ପ୍ରଥମେ ବାଲିରେ ଭଲ ଭାବେ ଲେଭଲିଂ କରାଯିବା ପରେ ସେଥିରେ ଆବଶ୍ୟକ ପରିମାଣର ସିମେଣ୍ଟ, ବାଲି ଓ ମେଣ୍ଟାଲ୍ ପକାଇ ମଜଭୁତ କରାଯିବା କଥା। ପରେ ପୁଣି ବାଲି ଫିଲିଂ କରି ପେଭର ବ୍ଲକ ବିଛାଇବା ପାଇଁ ନିୟମ ରହିଛି। ହେଲେ ରାସ୍ତାରେ ବାଲି ଉପରେ କମ୍ ପରିମାଣରେ ସିମେଣ୍ଟ ଓ ମେଣ୍ଟାଲ୍ ପକାଇ କାମ କରାଯାଉଥିବାରୁ ଏଭଳି ଅବସ୍ଥା ହେଉଛି। ଏହାକୁ ପୁଣିଥରେ ସିମେଣ୍ଟ, ବାଲି ଓ ମେଣ୍ଟାଲ୍ ଦ୍ୱାରା ଲେଭ୍‌ଲିଂ କରାଗଲେ, ରାସ୍ତା ଠିକ୍ ରହିବ। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, କାମ କରିବା ଓ ମରାମତି କରିବା ସମୟରେ ନିମ୍ନମାନର କାମ ପାଇଁ ଆମେ ଅଭିଯୋଗ କରିଥିଲୁ। ହେଲେ ଠିକାଦାର ଆମ କଥା ନଶୁଣି ମନମୁଖୀ ଭାବେ କାମ କରିଦେଲେ। ତାହାର ପରିଣତି ଏବେ ଆମକୁ ଭୋଗିବାକୁ ପଡୁଛି। ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି। ରାସ୍ତା ଓ ଖାଲ ଭିତରେ ଫରକ୍ ଜଣାପଡୁନି। ତୁରନ୍ତ ରାସ୍ତାକୁ ମରାମତି କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏ ସଂପର୍କରେ ବିଏମ୍‌ସିର କନିଷ୍ଠ ଯନ୍ତ୍ରୀ ପତିତପାବନ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ନିମ୍ନମାନର କାମ ନେଇ ଠିକାଦାରଙ୍କୁ ଅଭିଯୋଗ କରାଯାଇଛି। ସେ ଖୁବ୍‌ଶୀଘ୍ର ମରାମତି କରିବେ ବୋଲି କହିଛନ୍ତି।

# ଆଙ୍ଗୁଲାରେ ବିଜୁଳି ବିଭ୍ରାଟ ଅସହ୍ୟ

ଯାଜପୁର, (ପିପିଏସ) : ଯାଜପୁର ସହର ର ପ୍ରବେଶ ଦ୍ୱାର ହୋଇଥିବା ଆଙ୍ଗୁଲା ଅଂଚଳରେ ଘନ ଘନ ବିଜୁଳି କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି । ଟାଟା ପାୱାର ବିଜୁଳି ପରିଚାଳନା ଦାୟିତ୍ୱ ହାତକୁ ନେବା ପରେ ଲାଗି ରହିଥିବା ସମସ୍ୟା ର ସମାଧାନ ହୋଇଯିବ ଓ ଉପଭୋକ୍ତା ମାନେ ଉତ୍ତମ ବିଦ୍ୟୁତ ସେବା ପାଇବେ ବୋଲି ବୋଲି ସାଧାରଣରେ ଯେଉଁ ବିଶ୍ୱାସ ସୃଷ୍ଟି ହୋଇଥିଲା ତାହା ଭୁଲ୍ ପ୍ରମାଣିତ ହୋଇଛି । ଆଙ୍ଗୁଲା ଫିଡର ଟି ଟାଟା ପାୱାର ର ଯାଜପୁର ଡିଭିଜନ ଅନ୍ତର୍ଗତ ହୋଇଥିଲା ବେଳେ ଏହି ଫିଡର ଅଧିନରେ ଖଇରାବାଦ, ଚୈନିପୁର ଓ ପଣଷା ପ୍ରଭୃତି ୩ ଟି ଗ୍ରାମ ପଞ୍ଚାୟତ ର ବିଦ୍ୟାଧର ପୁର, ଗୁରୁଦାସପୁର, ଚୈନୀପୁର, ଆଙ୍ଗୁଲା, କୁଶି, ମକେଇପୁର, ଗୋପାଳପୁର, କମାଗଡ, ବାଲିପୋଖରୀ, କୁଞ୍ଜବିହାରୀ ପୁର, କୋରକରା ର ନୂଆକୁଳ, ଗଣେଶ୍ୱରପୁର, ଖଇରାବାଦ, କଳିନ୍ଦ୍ରାବାଦ, ଅଡଙ୍ଗ ପୁରୁଷୋତ୍ତମ ପୁର ପ୍ରଭୃତି ଗ୍ରାମ ସବୁ ରହିଛି । ଏହି ଫିଡର ଓ ଏହାର ଅନ୍ତର୍ଗତ ବିଦ୍ୟୁତ ବ୍ୟବସ୍ଥା ଗୁଡିକ ପିଛେ ଟାଟା ପାୱାର ଦାୟିତ୍ୱ ନେବା ଠାରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି । ବିଜୁଳି ଠିକାଦାର ଏହି ଅଞ୍ଚଳରେ ମରାମତି ଓ ରକ୍ଷଣାବେକ୍ଷଣ କାମରେ ବହୁ ଲକ୍ଷ ଟଙ୍କା ରୋଜଗାର କଲେଣି । କିନ୍ତୁ ସମସ୍ୟା ସମାଧାନ ର ନାଁ ନେଉନାହିଁ ବିଜୁଳି କାଟ ଓ ବିଭ୍ରାଟ । ଦାୟିତ୍ୱ ରେ ଥିବା ଲାଇନମ୍ୟାନ ମାନଙ୍କ ର ପୁରୁଣା ରୋଗ ଯାଇନାହିଁ । ପୂର୍ବରୁ ଅନ୍ୟ କମ୍ପାନୀ ଯେତେବେଳେ ବିଜୁଳି ପରିଚାଳନା ଦାୟିତ୍ୱ ନେଇ ଲୋକ ଙ୍କୁ ଉପଯୁକ୍ତ ସେବା ଯୋଗାଇ ପାରୁନଥିଲା, ଏବେ ତା ଠାରୁ ଆହୁରି ସମସ୍ୟା ରେ ଲୋକେ ଛନ୍ଦି ହୋଇ ଯାଇଛନ୍ତି । କନିଷ୍ଠ ଯନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ମାନଙ୍କୁ ଅଭିଯୋଗ କଲେ କିଛି ଫରକ ପଡୁନାହିଁ । ଏବେ ୪୨ ଡିଗ୍ରୀ ତାପମାତ୍ରା ରେ ମଣିଷ ସଢ଼ି ଯିବା ଭଳି ସ୍ଥିତି ସୃଷ୍ଟି ହୋଇଥିଲା ବେଳେ ବିଜୁଳି କାଟ ଯୋଗୁଁ ପଙ୍ଖା ଘୁରିବା ସ୍ୱପ୍ନ ହେଲାଣି । ଟାଟା ପାୱାର ର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିରେ ପ୍ରାୟ ଏହି ସମସ୍ୟା ନଥିବା ପରି ଜଣାପଡୁଛି । ଜିଲ୍ଲା ସଦର ମହକୁମା ସହର ରେ ପ୍ରବେଶ ଦ୍ୱାର ରେ ଯଦି ଏମିତି ଅବସ୍ଥା ତେବେ ଗ୍ରାମାଂଚଳ ରେ ଟାଟା କମ୍ପାନୀ କି ପ୍ରକାର ବିଜୁଳି ସେବା ଯୋଗାଇ ଦେଉଥିବ ସେ ନେଇ ପୂର୍ବତନ ଜିଲ୍ଲା ପରିଷଦ ଉପସଭାପତି ତଥା ଜିଲ୍ଲା ଉପଭୋକ୍ତା ସମିତି ର ସଭାପତି ଦିଗମ୍ବର କର, ରାଜ୍ୟ ସାମ୍ବାଦିକ ସଙ୍ଘ ର ସଭାପତି ତଥା ଜିଲ୍ଲା ଉପଭୋକ୍ତା ସମିତି ର ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ସନ୍ଦେହ ବ୍ୟକ୍ତ କରିଛନ୍ତି । ଟାଟା ପାୱାର ର ରାଜ୍ୟ ସ୍ତରୀୟ ପଦାଧିକାରୀ ଏହି ସମସ୍ୟାର ଆଶୁ ସମାଧାନ କରିବା ପାଇଁ ଶ୍ରୀ କର ଓ ଶ୍ରୀ ନାୟକ ଦାବି କରିଛନ୍ତି ।

# ବଜ୍ରପାତରେ ଗୁରୁତର ଅଜୟଙ୍କୁ କଟକ ସ୍ଥାନାନ୍ତର

ଭଦ୍ରକ, (ପିପିଏସ) : ଆଜି ଅପରାହ୍ଣ ୪ ଘଟିକା ସମୟରେ ଭଦ୍ରକରେ କାଳବୈଶାଖୀ ଜନିତ ବଜ୍ରପାତରେ ଜଣେ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଥିବାର ଜଣାପଡିଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଆଜି ଅପରାହ୍ଣରେ ପୌରାଞ୍ଚଳ ୯ନଂ ୱାର୍ଡ ମଣିସାହି ଗ୍ରାମର ଅଜୟ ମହାନ୍ତି (୫୩) ନିଜ ଘର ନଳକୂପ ନିକଟରେ ଠିଆ ହୋଇଥିବାବେଳେ ପାଖ ନଡିଆଗଛକୁ ବଜ୍ରପାତ ହୋଇଥିଲା । ଏହାର ପ୍ରଭାବରେ ଅଜୟ ଗୁରୁତର ହୋଇପଡିଥିଲେ । ଏପରିକି ସେ ତଳେ ପଡି ରକ୍ତାକ୍ତ ହୋଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଆସିଥିଲେ । ମାତ୍ର ଅବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ କଟକ ସ୍ଥାନାନ୍ତର କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଅଜୟ ଜଣେ ଅଟୋ ଡ୍ରାଇଭର ଅଟନ୍ତି ।

# ଗୀତା ଭବନରେ ଉଦାସ ଆଶ୍ରମ ଆନୁକୂଲ୍ୟରେ ଆଧାତ୍ମିକ ସତସଙ୍ଗ



ବ୍ରହ୍ମପୁର, (ପିପିଏସ) : ଉଦାସ ଆଶ୍ରମ, ସୋଲର ଛତିଆ ଆନୁକୂଲ୍ୟରେ ବ୍ରହ୍ମପୁର ଗୀତା ଭବନ ପରିସରରେ ସୋମବାର ସନ୍ଧ୍ୟାରେ ଏକ ଆଧାତ୍ମିକ ସତସଙ୍ଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନିଜର ଶତାଧିକ ଅନୁଗାମୀଙ୍କ ଗହଣରେ ନୟାଗଡ଼ ଶରଣକୁଦ ଲଡୁବାବ, ଓଡ଼ଗାଁ ରଘୁନାଥ ଏବଂ ଗଞ୍ଜାମର ଅଧିଷ୍ଠାତ୍ରି ଦେବୀ ମା ତାରାତାରିଣୀ ପୀଠ ଭ୍ରମଣ କରିବା ସହିତ ସାନଖେମୁଣ୍ଡି ବ୍ଲକର ପଳାସପୁର, ପାଟପୁର ସ୍ଥିତ ବୁଦ୍ଧେଶ୍ୱର ମନ୍ଦିର ପରିସରରେ ରବିବାର ସତସଙ୍ଗ ଉତ୍ସବ ସମାପନ କରିଥିଲେ । ଆଶ୍ରମର ପୀଠାଧିଶ ଗୁରୁଦେବ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ଦାସ ମହାରାଜା ଏହି ସତସଙ୍ଗ ଉତ୍ସବରେ ଆଶ୍ରୀବଚନ ପ୍ରଦାନ କରିଥିଲେ । ସାମ୍ପ୍ରତିକ ସମାଜରେ ଗୀତା ଓ ଭାଗବତର ସାର୍ ବସ୍ତୁ ଗ୍ରହଣ କରି ଏକ ସୁସ୍ଥ ସମାଜ ଗଠନ , ଜନମାନସରେ ଆଧାତ୍ମିକ ଚେତନାର ବିକାଶ ସହିତ ଆତ୍ମୀୟତାର ପରିପ୍ରକାଶ ତଥା ଗୁରୁ ପରମ୍ପରାର ବିକାଶ କରି ବିଶ୍ୱକୁ ଏକତା ସୁତ୍ରରେ ବାନ୍ଧି ରଖିବାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ, ଧର୍ମୀୟ ଭାବନାର ବିକାଶ ତଥା ସମାଜ ସେବା କ୍ଷେତ୍ରରେ ଅବଦାନ ନିମନ୍ତେ , ଉଦାସ ଆଶ୍ରମ ତରଫରୁ ବହୁ ଗଣମାନ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହା ସହିତ କଳା, ସଂସ୍କୃତି କ୍ଷେତ୍ରରେ ଅବଦାନ ତଥା ସଙ୍ଗୀତ ସାଧନା କ୍ଷେତ୍ରରେ ଅବଦାନ ପାଇଁ ପ୍ରମୁଖ ସଙ୍ଗୀତ ଗୁରୁ ଆଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଇତ୍ୟବସରରେ ବ୍ରହ୍ମପୁର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ସାଂସଦ ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମହାନଗର ମେୟର ସଂଘମିତ୍ରା ଦଳାଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା, ପ୍ରମୋଦ କୁମାର ପାଢ଼ୀ, ସନ୍ତୋଷ କୁମାର ପାଢ଼ୀ, ଉଦାସ ପନ୍ଥୀ ଭକ୍ତ ବୃନ୍ଦ ତଥା ବହୁ ଇଶ୍ୱରପ୍ରେମୀ ଭକ୍ତ ସମୁହ ଭାଗ ନେଇ ଏହି ମହାନ କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଆଶ୍ରମର ପ୍ରମୁଖ ସେବକ ଦିବ୍ୟ ଲୋଚନ ଦାସ ଏବଂ ଗୀତ ଭବନର ସଭାପତି ପ୍ରମୋଦ କୁମାର ପଣ୍ଡା, ସମ୍ପାଦକ ସୀମାଞ୍ଚଳ ପଣ୍ଡା ଓ କର୍ମକର୍ତ୍ତା ପରିଚାଳନା କରିଥିଲେ । ପରିଶେଷରେ ଆଶ୍ରମ ତରଫରୁ ପ୍ରାସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

# ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ଅବସାରିତର ଅବଲୋକନ ଦିବସରେ କୃତଜ୍ଞତା ଜ୍ଞାପନ ସଭା

ଖଣ୍ଡପଡ଼ା, (ପିପିଏସ) : ସରକାରୀ ଚାକିରି ଜୀବନ କାଳରେ ୨୯ ବର୍ଷ ଓ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୫ ବର୍ଷ ଧରି ବହୁମୁଖି ସ୍ୱାସ୍ଥ୍ୟ ପରିଦର୍ଶକ ରୂପେ କାର୍ଯ୍ୟ କରୁଥିବା ଶ୍ରୀ ନାରାୟଣ ଶୁକ୍ଳ ବୁଧବାର ଦିନ ଚାକିରିରୁ ଅବସର ନେଉଥିବାବେଳେ, ବହୁଦିନ ଧରି କାର୍ଯ୍ୟ କରିଥିବା ସ୍ୱାସ୍ଥ୍ୟକେନ୍ଦ୍ର ର ଡାକ୍ତର ତଥା ଅନ୍ୟ କର୍ମଚାରୀ ମାନଙ୍କୁ ନେଇ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହ ପରିସରରେ ଏକ ଅବସାରିତର ଅବଲୋକନ ଦିବସରେ କୃତଜ୍ଞତା ସଭା ଆୟୋଜନ କରିଛନ୍ତି , ଯାହାକି ଏକ ନିଆରା ଉତ୍ସବ ରହିଥିଲା । ବିଦାୟ ଦିବସ ପୂର୍ବରୁ ଶ୍ରୀ ଶୁକ୍ଳାଙ୍କ ପୌରହିତ ରେ ଆୟୋଜିତ କୃତଜ୍ଞତା ଜ୍ଞାପନ ଉତ୍ସବ ପୂର୍ବକ ସଭାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ାକ୍ତର ବିଶ୍ୱନାଥ ସାହୁ, ଡାକ୍ତର ଅନ୍ନଦା ପ୍ରସାଦ ତ୍ରିପାଠୀ, ଡାକ୍ତର ଅଶୋକ କୁମାର ମଲ୍ଲିକ, ଡାକ୍ତର ଫନି ଭୂଷଣ ପଟ୍ଟନାୟକ, ଡାକ୍ତର ପ୍ରଦୀପ୍ତ କୁମାର ପାଇକରାୟ, ଡାକ୍ତର ଆରୁନନ୍ଧତି ପରିଡ଼ା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ସାହୁ, ସମସ୍ତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଏବଂ ସ୍ୱାସ୍ଥ୍ୟ ପରିଦର୍ଶକ, ସହକର୍ମୀ ବିଶ୍ୱ ରଞ୍ଜନ ସୁବୁଦ୍ଧି ଓ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ଅବସର ନେବା ପୂର୍ବରୁ ଆୟୋଜିତ ବୈଠକରେ ଶ୍ରୀ ନାରାୟଣ ଶୁକ୍ଳ ତାଙ୍କ ବକ୍ତବ୍ୟରେ, ଦୀର୍ଘ ଦିନ ଧରି ରହିଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ମୋ ପାଇଁ ଏକ ପରିବାର ରହିଥିଲା , କାର୍ଯ୍ୟକାଳ ମଧ୍ୟରେ ବହୁ ଦୁଃଖ ସୁଖ ସମୟ ବିତି ଯାଇଥିଲେ ମଧ୍ୟ କାହା ସହିତ



ମନୋମାଳିନ ହୋଇନାହିଁ ବୋଲି କହିଥିଲେ । ପୁନଶ୍ଚ ଚାକିରି କରୁଥିବା ସମୟରେ ଉପାର୍ଜିତ ଅର୍ଥରୁ ମୁଁ ମୋ ପରିବାର ତଥା ପିଲା ମାନଙ୍କୁ ଭଲ ମଣିଷ ଭାବେ ଗଢି ପାରିଛି, ତେଣୁ ଅବସର ନେବା ପୂର୍ବରୁ ମୁଁ ଆପଣ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆପଣ ମାନଙ୍କ ଠାରୁ ଟିକିଏ ସ୍ନେହ, ଶ୍ରଦ୍ଧା ଓ ଆର୍ଶୀବାଦ ଭିକ୍ଷା ମାଗୁଛି । ସ୍ୱାସ୍ଥ୍ୟକେନ୍ଦ୍ରର ଉପସ୍ଥିତ ଥିବା ପଦାଧିକାରି ତଥା ସହକର୍ମୀ ମାନେ ଶ୍ରୀ ଶୁକ୍ଳଙ୍କର ଗୁଣଗାନ କରିଥିବା ବେଳେ ପରିବେଶ ହୃଦୟ ବିଦାରକ ହୋଇଥିଲା । ଉକ୍ତ ଉତ୍ସବରେ ଶ୍ରୀ ଶୁକ୍ଳଙ୍କ ପରିବାର ତଥା ବନ୍ଧୁବାନ୍ଧବ ମାନେ ଯୋଗ ଦେଇଥିଲେ ।

# ସାହିତ୍ୟ, ସଂସ୍କୃତିଭିତିକ ଅନୁଷ୍ଠାନ 'ପରମ୍ପରା' ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ

ନୟାଗଡ଼, (ପିପିଏସ) : ପରମ୍ପରା ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ, ନୟାଗଡ଼ ପକ୍ଷରୁ ରକ୍ତ ଭଣ୍ଡାର ର ରେ ରକ୍ତ ଅଭାବ କୁ କିଛିକାଂଶ ରେ ଦୁରକରିବା ପାଇଁ ଏକ ପଦକ୍ଷେପ ସ୍ୱରୂପ ରକ୍ତଦାନ ଶିବିର ନୟାଗଡ଼ ଜିଲ୍ଲା ରକ୍ତ ଭଣ୍ଡାରଠାରେ ଆୟୋଜିତ ହୋଇଥିଲା । ଏହି ଶିବିରକୁ ବିଶିଷ୍ଟ ସମାଜସେବୀ ଦାମୋଦର ସାହୁ ଉଦଘାଟନ କରିଥିଲେ । ଡା.ସଞ୍ଜୟ କୁମାର ଦାଶ, ସସ୍ମିତା ଦାଶ, ଲାବୋରେଟୋରି ଟେକ୍ନିସିଆନ ପ୍ରକାଶ କୁମାର ପାଣିଗ୍ରାହୀ, ରବୀନ୍ଦ୍ର ନାଥ ସାହୁ ଏବଂ ସହାୟକ ପଞ୍ଚୁ ଦଳେଇ ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିବାବେଳେ ପରମ୍ପରା ସମ୍ପାଦକ ଡ଼. ନିର୍ମଳ ଚନ୍ଦ୍ର ଶୁରଦେଓ , ହୃ, ଦିବ୍ୟ ଦର୍ଶନୀ ପଟ୍ଟନାୟକ, ପ୍ରସନ୍ନ କୁମାର ରଣା, ବାଦଲ ମହାପାତ୍ର, ଦିବ୍ୟଅଂଶୁ ବାରିକ ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ୧୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

## ଗୋଚର ଜମିରେ ଅମୃତ ସରୋବର ପୋଖରୀ ଖନନ

# କେନ୍ଦ୍ର ସରକାରଙ୍କ ଯୋଜନାରେ ଦୁର୍ନୀତି ନେଇ ପ୍ରଧାନମନ୍ତ୍ରୀଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ଖଣ୍ଡପଡ଼ା, (ପିପିଏସ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ କେନ୍ଦ୍ର ସରକାରଙ୍କର ଲୋକାଭିମୁଖୀ ଯୋଜନା ଅମୃତ ସରୋବର ପୋଖରୀ ଖନନରେ ବ୍ୟାପକ ଦୁର୍ନିତୀ ହେବା ସହ ଗୋଚର ଜମିରେ ପୋଖରୀ ଖନନକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଯିବା ସହ ବୁଦ୍ଧିଜିବୀ ମାନେ ସନ୍ଦେହ ପ୍ରକାଶ କରିଛନ୍ତି । ସୂଚନାରୁ ପ୍ରକାଶ ଯେ ଶାଳପଡ଼ା ଗ୍ରାମପଞ୍ଚାୟତ ପାଣବାରବାଟୀ ଗ୍ରାମ ଠାରୁ ପ୍ରାୟ ୨ କିଲୋ ମିଟର ଦୂର ଜଙ୍ଗଲ ପାଖରେ କେନ୍ଦ୍ର ସରକାରଙ୍କର ଏହି ଲୋକାଭିମୁଖୀ ଯୋଜନା ଅମୃତ ସରୋବର ପୋଖରୀକୁ ବାଟମାରଣା କରିବା ସହ 'ରାଧେ ରାଧେ ତୁମର ଅଧେ କୁ ଆମର ଅଧେ' ନ୍ୟାୟରେ ବ୍ଲକ ପ୍ରଶାସନ ଓ ସ୍ଥାନୀୟ କୁଜି ନେତା ମାନେ ଭାଗବାଣ୍ଟି ଖାଇଗଲେ । ଖାଲି ସେତିକି ନୁହେଁ ଖୋଲା ଖୋଲି ଭାବରେ ଆଇନ୍ କୁ ବେଖାତିର୍ କରି ଗୋଚର ଜମିରେ ପୋଖରୀ ଖୋଳାଇଲେ, ପୋଖରୀ ଖନନ ହେଉଥିବା ଜାଗାର ସବିଶେଷ ବିବରଣୀ ଜାଣିବା ପାଇଁ ଉକ୍ତ ଗ୍ରାମର ରବିନ୍ଦ୍ର କୁମାର ପଣ୍ଡା ପିତା-ବିଶ୍ୱନାଥ ପଣ୍ଡା, ସା/ପୋ - ବାରବାଟୀ ତା-୧୪-୧୧-୨୦୨୨ ରିଖରେ ସୂଚନା ଅଧିକାର ଆଇନରେ ଏହାର ତଥ୍ୟ ମାଗିଥିଲେ ଯାହାକି ୦୨-୦୫-୨୦୨୩ ରେ ବ୍ଲକ ପ୍ରଶାସନର ହସ୍ତଗତ ହୋଇଛି । ତେଣୁ ବ୍ଲକ ପ୍ରଶାସନର ସୂଚନା ଅନୁଯାୟୀ ମୌଜା-ପାଣବାରବାଟୀ ଖାତା ନଂ-୯୦ ପ୍ଲଟ ନମ୍ବର ୩୪୬ଏରିଆ ୯୬ ଡିସିମିଲ ଗୋଚର ଜମି ବୋଲି ସୂଚନା ମିଳିଛି । କିଭଳି ଭାବରେ ବ୍ଲକ ପ୍ରଶାସନ ଗୋଚର ଜମିରେ ପୋଖରୀ ଖୋଳାଇବା ପାଇଁ ଅନୁମତି ଦେଲା ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୁନଶ୍ଚ ମେସିନ୍ ସାହାଯ୍ୟରେ ମାଟି ଖନନ କରି ଉକ୍ତ ମାଟିକୁ ନେଇ ବିଭିନ୍ନ ରାସ୍ତା ରେ ବିନିଯୋଗ କରିବା, ୬୫-୭୦ ବର୍ଷ ବୟସ ଜବକାର୍ଡ ଧାରୀ ଙ୍କ ନାମରେ ଅର୍ଥ ପୈଠ କରିବା ଆଦି ବିଭିନ୍ନ ଅଭିଯୋଗ ଗ୍ରାମବାସୀ ମାନେ ଆଣିଛନ୍ତି । ଗ୍ରାମବାସୀ ମାନେ ଅମୃତ ସରୋବର ପୋଖରୀ ଖନନରେ ମହାଦୁର୍ନୀତି ହୋଇଥିବା ନେଇ ନୟାଗଡ଼ ଜିଲ୍ଲାପାଳ, ରାଜ୍ୟ ପାନୀୟଜଳ ଓ ସ୍ୱତନ୍ତ୍ର ପ୍ରକଳ୍ପ ଅଧିକାରୀ, ଭିଜିଲାନ୍ସ ଡିଜି କଟକ, ରାଜ୍ୟ ଶାସନ ସଚିବ, ୫ଟି ସଚିବ ତଥା ଦେଶର ପ୍ରଧାନମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି । ଏନେଇ ସ୍ଥାନୀୟ ଗୋଷ୍ଠୀ ଅଧିକାରୀ ରଂଜିତ କୁମାର ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି ମୋ ପାଖରେ ଅଭିଯୋଗ ହସ୍ତଗତ ହୋଇଛି ତେଣୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



## ବିଜୁ ମହିଳା ଜନତା ଦଳ ପକ୍ଷରୁ ଚାଲିଥିବା ଜଳଛତ୍ର କେନ୍ଦ୍ର ଉଦଯାପିତ

ଧର୍ମଶାଳା, (ହି.ସ.) : ଧର୍ମଶାଳା ବ୍ଲକ ସମ୍ମୁଖରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଦେଢ଼ ମାସ ଧରି ଚାଲିଥିବା ଜଳଛତ୍ର କେନ୍ଦ୍ର ଉଦଯାପିତ । ପ୍ରତିବର୍ଷ ପଣା ସଂକ୍ରାନ୍ତି ଠାରୁ ଉଠା ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି ଜଳଛତ୍ର ଖୋଲାଯାଇ ପଥଚାରି ମାନଙ୍କୁ ଦହି ସରବତ ବିତରଣ କରାଯାଇଥାଏ । ତେବେ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହାର ଅବଧିକୁ ବଢାଯାଇଥିଲା । ଆଜି ଏହି ଜଳଛତ୍ର କେନ୍ଦ୍ର ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ପୂର୍ବତନ ସାଂସଦ ରୀତା ତରାଇ, ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ବରିଷ୍ଠ ନେତା ଡ଼. ପ୍ରିୟନାଥ ମହାପାତ୍ର ପ୍ରମୁଖ ଯୋଗଦେଇ ମହିଳା ଜନତା ଦଳର ଏହି ସେବା ମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଦେଢ଼ ମାସ ଧରି ଚାଲିଥିବା ଏହି ଜଳଛତ୍ର କାର୍ଯ୍ୟକ୍ରମକୁ ମହିଳା ଜନତା ଦଳର କର୍ମକର୍ତ୍ତା ଓ ସଦସ୍ୟା ମାନେ ପରିଚାଳନା କରିଥିଲେ ।

# କୁଷପଙ୍ଗୀ ଠାରେ ନିର୍ମାଣ ହେବ ଏନ୍‌ସିସି ପ୍ରଶିକ୍ଷଣ କେନ୍ଦ୍ର

ଚୌଦ୍ୱାର, (ପିପିଏସ୍) : କଟକ ଜିଲା ଆଠଗଡ଼ ବ୍ଲକ୍ ଅନ୍ତର୍ଗତ କୁଷ୍ପଙ୍ଗୀ ଠାରେ ଓଡ଼ିଶାର ପ୍ରଥମ ବୃହତ୍ ଏନ୍‌ସିସି ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।ଚୌଦ୍ୱାର ନିକଟ କୁଷ୍ପଙ୍ଗୀ ଠାରେ ୫ଏକର ପରିମିତ ଜମିରେ ୫୫କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ଏହି ପ୍ରଶିକ୍ଷଣ କେନ୍ଦ୍ର ପାଇଁ କଟକ ଜିଲାପାଳ ଭବାନୀ ଶଂକର ଚୟନୀ ମଙ୍ଗଳବାର ଦିନ ଶିଳାନ୍ୟାସ କରିଛନ୍ତି ।ଓଡ଼ିଶା ଏନ୍‌ସିସି ଡେପୁଟି ଡାଇରେକ୍ଟର କମୋଡୋର ଜେ. ସୁରେଶ, କଟକ ଏନ୍‌ସିସି ଗୃପ୍ କମାଣ୍ଡର କର୍ଣ୍ଣେଲ ରଜନୀଶ କାପୁର, କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କମାଣ୍ଡର ଏସ୍.ପି.ଓତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଏହି ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ପାଇଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପୂର୍ଣ୍ଣମାତ୍ରାରେ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଇଥିବାରୁ ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।ଏହି କେନ୍ଦ୍ର କାର୍ଯ୍ୟକାରୀ ହେଲେ ରାଜ୍ୟ ତଥା ରାଜ୍ୟ ବାହାରର ଏନ୍‌ସିସି ଛାତ୍ରଛାତ୍ରୀ ମାନଙ୍କୁ ଅଶ୍ୱ ଚାଳନା, ବନ୍ଧୁକ ଚାଳନା, ଉଡ଼ାଣ, ଶାରୀରିକ ବ୍ୟାୟାମ ସମେତ ସୈନିକ ଭାବେ ଗଢ଼ି ତୋଳିବାର ସମସ୍ତ ତାଲିମ୍ ପ୍ରଦାନ କରାଯିବ ମୋଲି ସୂଚନା ଦେଇଥିଲେ । ପ୍ରଶିକ୍ଷଣ କେନ୍ଦ୍ର ପାଇଁ ଜମିର ବ୍ୟବସ୍ଥା କରିବାରେ ସହଯୋଗ କରିଥିବାରୁ କଟକ ଏଡ଼ିଏମ୍, ଆଠଗଡ଼ ସବ୍ କଲେକ୍ଟର, ତହସିଲଦାର ପ୍ରମୁଖଙ୍କୁ ଏନ୍‌ସିସି ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।



# ବି. ଏଡ଼ ଶିକ୍ଷକ ସଂଘର ଚେତାବନୀ

## ପ୍ରମୋସନ ପାଇଁ ରାଜ୍ୟ ସରକାର କ୍ୟାଡର ରୁଲ ପରିବର୍ତ୍ତନ କଲେ ନ୍ୟାୟାଳୟର ଦ୍ୱାରସ୍ଥ ହେବ ସଂଘ

ନୟାଗଡ଼, (ପିପିଏସ) : ପ୍ରାଥମିକ ଶିକ୍ଷକମାନଙ୍କ ପ୍ରମୋସନ ନେଇ ଶିକ୍ଷା ବିଭାଗରେ ଛକାପଞ୍ଝା ଲାଗି ରହିଥିବା ବେଳେ ୨୦୧୯-କ୍ୟାଡର ରୁଲର ପରିବର୍ତ୍ତନ ପାଇଁ କିଛି ଶିକ୍ଷକ ଗୋଷ୍ଠୀ ଉଦ୍ୟମ ଚଳାଇଛନ୍ତି । ଫଳରେ ଲେବୁଲ-୪ରୁ ଲେବୁଲ-୩କୁ ପ୍ରମୋସନ ପାଇବାକୁ ଥିବା ସ୍ନାତକ ଶିକ୍ଷକମାନେ ଏଥିରୁ ବଞ୍ଚିତ ହେବାର ଆଶଙ୍କା ପ୍ରକାଶ ପାଇଛି । ଏ ନେଇ ନୟାଗଡ଼ ଜିଲ୍ଲା ବି.ଏଡ୍ ପ୍ରାଥମିକ ଶିକ୍ଷକସଂଘ ପକ୍ଷରୁ ଉଦବେଗ ପ୍ରକାଶ ପାଇଥିବା ବେଳେ ଆବଶ୍ୟକ ପଡ଼ିଲେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକମାନଙ୍କ ପ୍ରମୋସନ ପାଇଁ କ୍ୟାଡର ରୁଲ ତିଆରି କରିଛନ୍ତି । ଏଥିରେ ଶିକ୍ଷାଗତ ଯୋଗ୍ୟତା ଏବଂ ବରିଷ୍ଠତାକୁ ଆଧାର କରି ପ୍ରମୋସନ ପାଇଁ ବ୍ୟବସ୍ଥା ରହିଛି । ଏହି କ୍ରମରେ ଲେବୁଲ-୪ରୁ ଲେବୁଲ-୩ କୁ ପ୍ରମୋସନ ପାଇଁ ଜଣେ ଶିକ୍ଷକ ସ୍ନାତକ ଡିଗ୍ରୀ ହାସଲ କରିଥିବା ଆବଶ୍ୟକ । ଏ ସମ୍ପର୍କରେ ୨୦୧୯-କ୍ୟାଡର ରୁଲ, ଏଲିମେଣ୍ଟାରି ଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି ନଂ-୧୦୬୮୬ ତା୦୬.୦୫.୨୦୨୩ ଏବଂ ସ୍ପଷ୍ଟିକରଣ ଚିଠି ନଂ ୧୧୬୬୫, ତା୧୫.୦୫.୨୦୨୩ରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଜଣେ ପ୍ରାଥମିକ ଶିକ୍ଷକ ସ୍ନାତକ ଡିଗ୍ରୀ ହାସଲ କରିଥିବା ଦିନଠାରୁ ତାର ବରିଷ୍ଠତାକୁ ବିଚାରକୁ ନିଆଯିବ । ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବିଭାଗରେ ଉଚ୍ଚ ଯୋଗ୍ୟତା ହାସଲ ଦିନଠାରୁ ବରିଷ୍ଠତା ନିୟମ ପ୍ରଚଳିତ ଅଛି । ତେବେ ଜିଲ୍ଲାରେ ଅଧିକାଂଶ ପ୍ରାଥମିକ ଶିକ୍ଷକ ନିଯୁକ୍ତି ସମୟରେ ସ୍ନାତକ ଡିଗ୍ରୀ ହାସଲ କରି ନଥିବା ବେଳେ ପରବର୍ତ୍ତି ସମୟରେ ଚାକିରୀକାଳ ମଧ୍ୟରେ ସ୍ନାତକ ହୋଇଛନ୍ତି । କ୍ୟାଡର ରୁଲ ଅନୁଯାୟୀ ଲେବୁଲ-୩ ପ୍ରମୋସନ ପାଇଁ ସ୍ନାତକ ଡିଗ୍ରୀ ବାଧ୍ୟତା ମୂଳକ ଅଟେ ଏବଂ ବରିଷ୍ଠତା ଭିତ୍ତିରେ ଲେବୁଲ-୪ରୁ ଲେବୁଲ-୩କୁ ପ୍ରମୋସନ ହୋଇଥାଏ । ସରକାରଙ୍କ ପ୍ରଚଳିତ କ୍ୟାଡର ରୁଲରେ ଜଣେ ଶିକ୍ଷକ ସ୍ନାତକ ଡିଗ୍ରୀ ହାସଲ ଦିନଠାରୁ ବରିଷ୍ଠତାକୁ ଧରାଯାଏ । ମାତ୍ର ନିଯୁକ୍ତି ସମୟରେ ସ୍ନାତକ ନହୋଇ ପରବର୍ତ୍ତି ସମୟରେ ଯେନତେନ ପ୍ରକାରେଣ ସ୍ନାତକ ଡିଗ୍ରୀ ହାସଲ କରିଥିବା କିଛି ନ୍ୟସ୍ତସ୍ୱାର୍ଥ ଶିକ୍ଷକ ପମୋସନ ପାଇଁ ମୂଳ ନିଯୁକ୍ତି ତାରିଖଠାରୁ ବରିଷ୍ଠତା ଗଣନା କରାଯିବା ପାଇଁ ଯତ୍ ?ପରୋନାସ୍ତି ଉଦ୍ୟମ ଚଳାଇଛନ୍ତି । ଏହାକୁ ନୟାଗଡ଼ ଜିଲ୍ଲା ବି.ଏଡ୍ ଶିକ୍ଷକସଂଘ ଘୋର ବିରୋଧ କରିବା ସହିତ ୨୦୧୯ କ୍ୟାଡର ରୁଲ ଅନୁଯାୟୀ ସ୍ନାତକ ଡିଗ୍ରୀ ହାସଲ ଦିନଠାରୁ ବରିଷ୍ଠତା ଗଣନା କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛି । ଯଦି ଏଥିରେ ବ୍ୟତିକ୍ରମ ହୁଏ ତେବେ ସଂଘ ବାଧ୍ୟ ହୋଇ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ ବୋଲି ସଂଘ ସଭାପତି ପ୍ରଦୀପ କୁମାର ସାହୁ ଏବଂ ସମ୍ପାଦକ ଲକ୍ଷ୍ମୀଧର ସାହୁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ବିବାହିତା ମହିଳାଙ୍କ ପ୍ରତି ଶ୍ୱଶୁରଘର ଲୋକଙ୍କ ଯୌତୁକ ଓ ଯୌନ ନିର୍ଯାତନା ଅଭିଯୋଗ

# ନ୍ୟାୟ ପାଇଁ ଏସ୍‌ପିଙ୍କ ଅଫିସ୍ ସମ୍ମୁଖରେ ଗଣଧାରଣା

ଭଦ୍ରକ, (ପିପିଏସ) : ମାତ୍ର ବର୍ଷକ ତଳେ ବିବାହ କରିଥିବା ଜଣେ ମହିଳାଙ୍କୁ ତାର ଶ୍ୱଶୁରଘର ଲୋକେ ଯୌତୁକ, ଶାରୀରିକ ଯୌନ ନିର୍ଯ୍ୟାତନା ଦେବା ସହ ହତ୍ୟା ଧମକ ଦେବା ପ୍ରତିବାଦରେ ଆଜି ପୂର୍ବ ଘୋଷଣା ମତେ ସପରିବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏ ସଂପର୍କରେ ବିବାହିତା ମହିଳା ଫାତମା ଖାତୁନ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଦେଇଥିବା ଅଭିଯୋଗ ପତ୍ର ମୂଳେ ଗତ ୨୦୨୨ ମାର୍ଚ୍ଚ ୧୪ ତାରିଖରେ ଭଦ୍ରକ ସହରାଞ୍ଚଳ ଥାନା ଅଧୀନସ୍ଥ ୱାର୍ଡ ନଂ ୬ ଗୌସିଆ ନଗର ନିବାସୀ ସେକ୍ ସୁବୁରାତିଙ୍କ କନ୍ୟା ଫାତମା ଖାତୁନ ସହ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ଗୁଜିଦରଡା ମହେବୁବନଗର ନିବାସୀ କୁବାସ ସାହାଙ୍କ ପୁତ୍ର ମହିରାଜ ସହ ବିବାହ ହୋଇଥିଲା । ମାତ୍ର ବିବାହ ପରେ ସ୍ୱାମୀ, ଶ୍ୱଶୁର, ଶାଶୁ ସୌନତ ବିବି, ଦିଅର ସୌରଜ ସାହା, ଫରିଦା ବିବି, ଓଦିଲ ଫୁକାର ପ୍ରମୁଖ ତାଙ୍କ ପ୍ରତି ଯୌତୁକ ନିର୍ଯ୍ୟାତନା ଦେବା ସହ ଶାରୀରିକ ଓ ଯୌନ ନିର୍ଯାତନା ମଧ୍ୟ ଦେଇଥିଲେ । ଶ୍ୱଶୁର ମଦ ପିଇ ଅଶ୍ଳୀଳ ଭାଷାରେ ତାଙ୍କ ପରିବାରକୁ ଗାଳିଗୁଲଜ କରିଆସୁଥିବାବେଳେ ଦିଅର ତାଙ୍କ ଶୋଇବା ଘରେ ପଶି ଯୌନ ପାଶବିକ ଅତ୍ୟାଚାର କରିଥିଲେ । ତାଙ୍କ ଶ୍ୱଶୁରଘର ଲୋକେ ତାଙ୍କ ପ୍ରତି ବହୁ ନିର୍ଯ୍ୟାତନା ଦେବା ସହ ଭୋକ ଓପାସରେ ରଖି ତାଙ୍କ ଅଳଙ୍କାର ଲୁଚାଇ ବିକ୍ରି କରିଦେଇଥିଲେ । ଏହାର ପ୍ରତିବାଦ କଲେ ବେକରେ ଭୁଜାଲି ଲଗାଇ ହତ୍ୟା କରିବାର ଚେତାବନୀ ଦେଇଆସୁଥିଲେ । ଏ ସଂପର୍କରେ ତାଙ୍କ ପିତ୍ରାଳୟ ପକ୍ଷରୁ ସ୍ଥାନୀୟ ଭଦ୍ରଲୋକଙ୍କ ଜରିଆରେ ସମସ୍ୟାର ସମାଧାନର ନିଷ୍ପତ୍ତି ହୋଇଥିଲେ ମଧ୍ୟ ଶ୍ୱଶୁରଘର ଲୋକେ ମାନିନଥିଲେ । ଇତିମଧ୍ୟରେ ଫାତମା ଗର୍ଭବତୀ ଥାଇ ନିଜ ପିତ୍ରାଳୟକୁ ଆସିଥିବାବେଳେ ତାର ସ୍ୱାମୀ ଓ ଶ୍ୱଶୁରଘର ଲୋକେ ତାଙ୍କୁ ଆଉ ଫେରାଇ ନେଇନଥିଲେ । ଏଣୁ ଫାତମା ଓ ତାଙ୍କ ପରିବାର ଲୋକେ ଶ୍ୱଶୁର ଘର ଲୋକଙ୍କ ବିରୁଦ୍ଧରେ ସହରାଞ୍ଚଳ ଥାନାରେ ଅଭିଯୋଗ ପତ୍ର ଦେଇ ବିବାହ ସମୟରେ ତାଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ସମସ୍ତ ସ୍ୱର୍ଣ୍ଣ ଅଳଙ୍କାର ଓ ନଗଦ ୧ ଲକ୍ଷ ୧୫ ହଜାର ଟଙ୍କା ଫେରାଇବାର ଦାବି ରଖିଥିଲେ । ଇତିମଧ୍ୟରେ ଫାତମାଙ୍କର ଏକ ପୁତ୍ର ସନ୍ତାନ ହୋଇଥିବାବେଳେ ସେ ପୁଲିସ୍ ପକ୍ଷରୁ କୌଣସି ସହାୟତା ନପାଇ ପୂର୍ବ ଘୋଷଣା ମତେ ଆଜି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଧାରଣା ଦେଇଥିଲେ । ପରବର୍ତ୍ତୀ ସମୟରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ସହରାଞ୍ଚଳ ଥାନାଧିକାରୀଙ୍କୁ ଏ ସଂପର୍କରେ ନିରପେକ୍ଷ ତଦନ୍ତ ସହ ସଂପୃକ୍ତ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଛି ।




# ବାଇକ୍ - ବାଇକ୍ ମୁହାଁମୁହିଁ ଧକ୍କା : ଜଣେ ମୃତ, ୫ ଗୁରୁତର

ହରିଚନ୍ଦନପୁର, (ହି.ସ.) : କେନ୍ଦୁଝର ଜିଲ୍ଲା ଘଟଗାଁ ହରିଚନ୍ଦନପୁର ରାସ୍ତାର ପାଉଛିଆ ଛକ ନିକଟରେ ବାଇକ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି । ସମସ୍ତଙ୍କୁ ଉଦ୍ଧାର କରାଯାଇ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ମୃତକ ଜଣକ ହେଉଛନ୍ତି ଘଟଗାଁ ଥାନା ଛୋଟରାୟପୁର ଗ୍ରାମର ରମେଶ ମୁଣ୍ଡା ବୋଲି ଜଣାପଡିଛି । ମିଳିଥିବା ଖବର ଅନୁଯାୟୀ, ମୃତ ରମେଶଙ୍କ ସହ ଉକ୍ତ ଗ୍ରାମର ଅନ୍ୟ ଦୁଇ ଜଣ ଏକ ବାଇକ୍ ଯୋଗେ ଘଟଗାଁ ଅଭିମୁଖେ ଯାଉଥିଲେ । ସେହି ସମୟରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକରେ ୩ ଜଣ ଯୁବକ ଆସୁଥିଲେ । କୌଣସି କାରଣରୁ ପାଉଛିଆ ଛକ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଉଭୟ ବାଇକରେ ଥିବା ୬ ଜଣ ଛିଟିକି ପଡ଼ିଥିଲେ । ଘଟଣାସ୍ଥଳରେ ରମେଶଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ଘଟଗାଁ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣାଗ୍ରସ୍ତ ଉଭୟ ବାଇକକୁ ଜବତ କରିଛି । ଏଥିସହ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ସହ ତଦନ୍ତ ଜାରି ରଖିଛି । ଅନ୍ୟ ଗୁରୁତରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂଙ୍କଟାପନ୍ନ ଥିବାରୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।

# ପୁରୀ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ପାଇଁ ଜନ ଶୁଣାଣୀ

ପୁରୀ, (ହି.ସ.) : ପୁରୀ ଜିଲ୍ଲା ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ସିପସୁରୁବୁଲି ଓ ଷଣ୍ଢପୁର ଗ୍ରାମ ଅଂଚଳରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ପାଇଁ ସବୁଜ ସଂକେତ ମିଳିଥିବାରୁ ବେସରକାରୀ ଜମି ଅଧିଗ୍ରହଣ ନିମିତ ଧାରା ୫ ଅନୁସାରେ ଜନଶୁଣାଣୀ ଆଜି ଅନୁଷ୍ଠିତ ହୋଇଥିଲା । ସିପସୁରୁବୁଲି ଗ୍ରାମ ୧୩୩ କେଭି ଗ୍ରୀଡ ଷ୍ଟେସନ ନିକଟ ପଡିଆ ଠାରେ ଅନୁଷ୍ଠିତ ଏହି ଜନ ଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିବା ସହ ଏହି ବିମାନ ବନ୍ଦର ପ୍ରତିଷ୍ଠା ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ଓ ପର୍ଯ୍ୟଟନ ପାଇଁ ଦେଶ ବିଦେଶରୁ ଅଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆଗମନ ବଢିବ । ଏହାଦ୍ୱାରା ଅର୍ଥନୈତିକ ଅଗ୍ରଗତି, ରୋଜଗାରକ୍ଷମ ବୃଦ୍ଧି ଓ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କହିଥିଲେ । ଉପଜିଲ୍ଲାପାଳ ଭବତାରଣ ସାହୁ ବିମାନ ବନ୍ଦର ପ୍ରତିଷ୍ଠା ଦ୍ୱାରା ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସୁବିଧା ମିଳିବ । ସ୍ଥାନୀୟ ଲୋକ ମାନଙ୍କୁ ମଧ୍ୟ ବିଭିନ୍ନ କ୍ଷେତ୍ରରେ ସୁବିଧା ମିଳିବ । କ୍ଷତିଗ୍ରସ୍ତ ଲୋକ ମାନଙ୍କୁ ସରକାରୀ ନିୟମ ଅନୁସାରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ । ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ଭୂ ଅର୍ଜନ ଅଧିକାରୀ ନିରଞ୍ଜନ ବାରିକ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିମାନ ବନ୍ଦର ପାଇଁ ମୋଟ ୧୧୬୪.୮୩୬ ଏକର ଜମିର ଆବଶ୍ୟକତା ଥିବା ବେଳେ ସେଥି ମଧ୍ୟରୁ ସିପସୁରୁବୁଲି ଗ୍ରାମର ୧୫୩.୩୭୦ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବାର ଲକ୍ଷ୍ୟ ରହିଛି ବୋଲି କହିଥିଲେ । ଏହି ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ଏସଆଇଏ ୟୁନିଟ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ପକ୍ଷରୁ ନିର୍ଦ୍ଦେଶ ଅନୁଷ୍ଠାନ ପ୍ରସ୍ତୁତ କରିଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଉପସ୍ଥାପନ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଡେପୁଟି ଆଡମିନିଷ୍ଟ୍ରେଟର ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଉପଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, ନିର୍ଦ୍ଦେଶ ପ୍ରତିନିଧି ଗିରିଧାରୀ ପଟ୍ଟନାୟକ, ବାଣିଜ୍ୟ ପରିବହନ ବିଭାଗ ଭୂ ଅର୍ଜନ ଅଧିକାରୀ ଉମାକାନ୍ତ ବାରିକ, ବ୍ରହ୍ମଗିରି ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଗୋରୁଆଳ ସରପଂଚ ନିରଞ୍ଜନ ମିଶ୍ର, ସମିତି ସଭ୍ୟ ଜିତେନ୍ଦ୍ର ବେହେରା, ନାଏବ ସରପଂଚ କଲ୍ୟାଣୀ ଭୋଇ ପ୍ରମୁଖ ଯୋଗଦେଇ ମତାମତ ପ୍ରଦାନ କରିଥିଲେ । ଉପସ୍ଥିତ ଜନସାଧାରଣ ମଧ୍ୟ ସେମାନଙ୍କ ସକରାତ୍ମକ ମତାମତ ପ୍ରଦାନ କରି ବିମାନ ବନ୍ଦରକୁ ସ୍ୱାଗତ ଓ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ମତ ଦେଇଥିଲେ ।

# କ୍ୟାନ୍ସର ପୀଡିତାଙ୍କୁ ଆର୍ଥିକ ସହାୟତା

କେନ୍ଦ୍ରାପଡ଼ା, (ହି.ସ.) : ଆଜି କେନ୍ଦ୍ରାପଡା ଜିଲ୍ଲା ଅଗରବିନ୍ଧା ଗ୍ରାମର ମଳୟ ସାମଲଙ୍କ ପତ୍ନୀ ମମତା ସାମଲ(୩୮)ଙ୍କୁ ବିଶିଷ୍ଟ ସମାଜସେବୀ ତଥା ଓଡିଆ ଚଳଚ୍ଚିତ୍ର ପ୍ରଯୋଜକ ମାନସ କୁମାର ସାହୁଙ୍କ ସମେତ ସମାଜସେବୀ ରାଜକିଶୋର ସାହୁ, ବରିଷ୍ଠ ସାମ୍ବାଦିକ ପରେଶ କୁମାର ଦାସ ଓ ସାମ୍ବାଦିକ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ତାଙ୍କ ଅଗରବିନ୍ଧା ଗ୍ରାମସ୍ଥିତ ବାସଭବନରେ ପହଂଚି ପିଡୀତା ସାମଲଙ୍କୁ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରିଥିବା ବିଶେଷ ସୂତ୍ରରୁ ଖବର ନେବାରୁ ଜଣାପଡିଛି ।

# ବିଧାୟକ ଗଳାପରେ ପାଞ୍ଚ କିଲୋ କାଟରେ ଚାଷୀ ବିକିଲେ ଧାନ



କଣ୍ଟାପଡା(ପିପିଏସ): କେନ୍ଦ୍ର ଠୁ ରାଜ୍ୟ,ସବୁ ସରକାର ଚାଷୀଙ୍କ ଉନ୍ନତି ପାଇଁ ଚିନ୍ତିତ ବୋଲି ଡେଙ୍ଗୁରା ପିଟୁଛନ୍ତି।ହେଲେ ବାସ୍ତବରେ ଏହାଯେ କୁମ୍ଭିର କାନ୍ଦଣା ତାହା ପରିଷ୍କାର ହୋଇଯାଇଛି।ବିଭିନ୍ନ ପ୍ରମାଣ ପରେ ଆଜି କଣ୍ଟାପଡା ବ୍ଲକରେ ଏହା ପୁନଃ ପ୍ରମାଣିତ ହୋଇଛି। ଖୋଦ୍ ଶାସକ ଦଳର ବରିଷ୍ଠ ନେତୃଗଣଙ୍କ ଉପସ୍ଥିତିରେ ଧାନମଣ୍ଡି ଉଦ୍‌ଘାଟନ ହେବା ପରେ ମଣ୍ଡିରେ ଗରୀବ ଚାଷୀ ପାଞ୍ଚକିଲୋ କାଟରେ ଧାନ ବିକ୍ରି କରିବାକୁ ବାଧ୍ୟ ହୋଇଛି। ଏପରିକି ସାଢେ ଚାରୀ କିଲୋ ପର୍ଯ୍ୟନ୍ତ ଚାଷୀ କହିବା ପରେ ମଧ୍ୟ ଏଥିରେ ଅରାଜି ହୋଇ ଧାନ ନେବା ପାଇଁ ଆସିଥିବା ଗାଡିକୁ ମିଲର ଫେରାଇ ନେଇବା ପରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ପରେ ବାଧ୍ୟ ହୋଇ ସକାଳୁ ଆସିଥିବା ଚାଷୀ ଦିନ ୪ଟା ବେଳେ ପାଞ୍ଚ କିଲୋ କାଟରେ ଧାନ ବିକ୍ରି କରିବାକୁ ବାଧ୍ୟ ହୋଇଛି।

ଚଳିତ ରବି ଋତୁରେ କଣ୍ଟାପଡା ବ୍ଲକରେ ସରକାରଙ୍କ ମଣ୍ଡି ମାଧ୍ୟମରେ ଧାନକ୍ରୟ କାର୍ଯ୍ୟ ଆରମ୍ଭ କରାଯାଇଛି। ଆଜି ଏହି ଧାନକ୍ରୟ କାର୍ଯ୍ୟର ପ୍ରଥମ ଦିନରେ ମଣ୍ଡିରେ କଟନି ଛଟନିକୁ ନେଇ ଅଭାବନୀୟ ପରିସ୍ଥିତ ଦେଖିବାକୁ ମିଳିଛି। ଏପରିକି ଖୋଦ୍ ନିଆଳୀ ବିଧାୟକ ଉଦ୍‌ଘାଟନ କରିଥିବା ଧାନମଣ୍ଡିରେ କଟନିଛ ଟନିକୁ ନେଇ ଚାଷୀ ଓ ମିଲର ମଧ୍ୟରେ କଥା ନଟୁଟିବାରୁ ମଣ୍ଡିରୁ ଧାନ ନେବାପାଇଁ ମିଲର ପଠାଇଥିବା ଗାଡି ଫେରି ଯାଇଥିଲା। ପରେ ମିଲର ଦାବୀ କରୁଥିବା ପରିମାଣର ଧାନ କାଟିବାକୁ ଚାଷୀ ରାଜି ହେବାରୁ ଅଧାବାଟରୁ ଗାଡି ଫେରି ବିଳମ୍ବିତ ସମୟରେ ଧାନକ୍ରୟ କରାଯାଇଥିଲା।

କଣ୍ଟାପଡା ବ୍ଲକ ବ୍ରାହ୍ମଣସାଇଲୋ ସେବା ସମବାୟ ସମିତି ଓ କଣ୍ଟାପଡା ସେବା ସମବାୟ ସମିତିରେ ଆଜି ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଧାନମଣ୍ଡିରେ ଧାନକ୍ରୟ ଆରମ୍ଭ କରାଯାଇଛି। ସେଥିମଧ୍ୟରୁ ବ୍ରାହ୍ମଣସାଇଲୋ ସେବା ସମବାୟ ସମିତିରେ କରାଯାଇଥିବା ଧାନମଣ୍ଡିକୁ ନିଆଳୀ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ସମିତିର ସଭାପତି ସୁରେନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଣ୍ଟାପଡା ବ୍ଲକ ଆତ୍ମା ଅଧ୍ୟକ୍ଷ ନକୁଳ ରାଉତ,ଜିଲ୍ଲା ପରିଷଦ ସଦସ୍ୟ ପୀୟୁଷ ମିଶ୍ର,ବ୍ରାହ୍ମଣବାଟି ସରପଞ୍ଚ ସଞ୍ଜୟ କୁମାର ରାଉତରାୟ,ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ତଥା ସମିତି ବୋର୍ଡ ସଦସ୍ୟା ସରଳା ସାମନ୍ତରାୟ,ପୂର୍ବତନ ସରପଞ୍ଚ ବଳରାମ ପାତ୍ର,ପୂର୍ବତନ ସମିତି ସଭାପତି ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମିତି ସମ୍ପାଦକ ଗଙ୍ଗାଧର ସାହୁ ପରିଚାଳନା କରିଥିବା ବେଳେ ଅରବିନ୍ଦ ସାଇଁ ଓ ରାଜକିଶୋର ବେହେରା ସହଯୋଗ କରିଥିଲେ। ଆଜି ହୋଇଥିବା ମଣ୍ଡିରେ ଚାଷୀ ଜ୍ଞାନ ରଞ୍ଜନ ମନ୍ତ୍ରୀ,ଅପନା ମନ୍ତ୍ରୀ,ମୀନକେତନ ମନ୍ତ୍ରୀ,ପଦ୍ମନ ମନ୍ତ୍ରୀ,ସନ୍ତୋଷ ଜେନା,ଅନ୍ନପୂର୍ଣ୍ଣା ମନ୍ତ୍ରୀ ଓ ନୃସିଂହ କାନୁନଗୋଙ୍କ ଠାରୁ ୨୭୮ କ୍ୱିଣ୍ଟାଲ ଧାନକ୍ରୟ କରାଯାଇଥିବା ଜଣାପଡିଛି। ତେବେ ଏଠାରେ ବ୍ୟତିକ୍ରମ ହେଉଛି ଏହି ଧାନକ୍ରୟ ସମୟରେ ମିଲର ପ୍ରତିନିଧି କ୍ୱିଣ୍ଟାଲ ପିଛି ପାଞ୍ଚ କିଲୋ କାଟ ଦାବି କରିଥିଲେ। ଯେଉଁ ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏପରିକି ମଣ୍ଡିରେ ଧାନ ପଡିଥିବା ବେଳେ ମିଲର ମଣ୍ଡିରୁ ଗାଡି ଫେରାଇ ନେବା ପରି ଅମାନବୀୟ ପରିସ୍ଥିତ ସୃଷ୍ଟି ହୋଇଥିଲା। ଶେଷରେ ଦୀର୍ଘରାସ୍ତା ଅତିକ୍ରମ କରି ମଣ୍ଡିକୁ ଧାନ ଆଣିଥିବା ଚାଷୀ ନୀରୁପାୟ ହୋଇ ବାଧ୍ୟବାଧକତାରେ ମିଲର ଦାବିକୁ ମଥାପାତି ପାଞ୍ଚକିଲୋ କାଟରେ ଧାନ ବିକ୍ରି କରିଥିଲା। ଏଠାରେ ପ୍ରଶ୍ନ ଉଠୁଛି ଖୋଦ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ ହେଉଥିବା ମଣ୍ଡିରେ ଯଦି ଏପରି ପରିସ୍ଥିତ ସୃଷ୍ଟି ହେଉଛି ତେବେ ଅନ୍ୟ ମଣ୍ଡି ଗୁଡିକର ଅବସ୍ଥା କଣ ତାହା ଚିନ୍ତାର ବିଷୟ।

# କ୍ୟାପିଟାଲ ହସ୍ପିଟାଲ୍‌ରେ ନିଦାନ ପରୀକ୍ଷା ବ୍ୟବସ୍ଥାରେ ରୋଗୀ ହନ୍ତସନ୍ତ




ଭୁବନେଶ୍ୱର(ପିପିଏସ୍) : ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌ରେ 'ନିଦାନ' ଯୋଜନାରେ ନିଦାନ ପରୀକ୍ଷା ରୋଗୀଙ୍କ ପାଇଁ ଯନ୍ତ୍ରଣାଦାୟକ ପରିସ୍ଥିତି ସୃଷ୍ଟି କରିଛି । ଅବ୍ୟବସ୍ଥା ଓ ତ୍ରୁଟିପୂର୍ଣ୍ଣ ପଦ୍ଧତି ପାଇଁ ରୋଗୀ ପରୀକ୍ଷା ବେଳେ କଲବଲ ହେଉଛନ୍ତି । ପରୀକ୍ଷା ପାଇଁ ରୋଗୀ ନମୁନା ଧରି ଗୋଟିଏ କାଉଣ୍ଟରରୁ ଆଉ ଗୋଟିଏ କାଉଣ୍ଟର ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି ।ରୋଗୀଙ୍କ ଆକୁଳ ଚିତ୍କାର ଶୁଣିବାକୁ କେହିନାହାନ୍ତି । ଦାୟିତ୍ୱ ନେଇଥିବା ସଂସ୍ଥାର ରୋଗୀଙ୍କ ପ୍ରତି ସହାନୁଭୂତି ପରିଲକ୍ଷିତ ହେଉ ନାହିଁ । ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ବାରମ୍ବାର ତାଗିଦ ପରେ ବି କିଛି ସୁଫଳ ମିଳୁନି ।ରୋଗୀ ପ୍ରଥମେ ହସ୍ପିଟାଲ୍‌କୁ ଆସିଲେ କାଉଣ୍ଟରରେ ନାମ ରେଜିଷ୍ଟ୍ରେସନ୍ କରିବେ । ସେଠାରେ ବହୁ ସମୟ ଲମ୍ବା ଲାଇନ୍‌ରେ ଠିଆ ହେବେ । ଏହା ପରେ ଓପିଡିରେ ବି ଲମ୍ବାଲାଇନ୍‌ରେ ଅପେକ୍ଷା କଲା ପରେ, ଡାକ୍ତରଙ୍କ ଚିକିତ୍ସା ପରାମର୍ଶ ନେବେ । ଡାକ୍ତର ପରୀକ୍ଷା ପାଇଁ ରିପୋର୍ଟ ଲେଖିବେ । ପରୀକ୍ଷା ପାଇଁ ଆସିଲା ବେଳେ ରୋଗୀ ଏହାଠାରୁ ହନ୍ତସନ୍ତ ହେବେ । ପ୍ରଥମେ ଲମ୍ବାଲାଇନ୍‌ରେ ଅପେକ୍ଷା କରି ଡାକ୍ତର ଲେଖିଥିବା ପରୀକ୍ଷା ରିପୋର୍ଟ ଉପରେ ଏକ ବିଲ୍ କରିବେ । ତା'ପରେ ପୁଣି ଆସି ଆଉ ଗୋଟିଏ ସ୍ଥାନରେ ଥିବା କାଉଣ୍ଟରରେ ଲମ୍ବା ଲାଇନ୍‌ରେ ଠିଆ ହେବେ । ସେଠାରେ ବିଲ୍ ଉପରେ ବାରକୋଡ୍ ଲଗାଯିବ । ଏହି ବ୍ୟବସ୍ଥା ଗୋଟିଏ କାଉଣ୍ଟରରେ ହୋଇପାରିଥାନ୍ତା । ବାରକୋଡ୍ ପାଇଲା ପରେ ରୋଗୀଙ୍କଠାରୁ ଆଉ ଗୋଟିଏ କୋଠରୀରେ ନମୁନା ସଂଗ୍ରହ କରାଯିବ । ସେଠାରେ ମଧ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡ଼ିବ । ସଂଗ୍ରହ ପରେ, ରୋଗୀ ନିଜେ ସେହି ନମୁନା ଧରି ଆଉ ଏକ ରୁମ୍‌କୁ ଯିବେ । ସେଠାରେ ମଧ ଲାଇନ୍‌ରେ ଠିଆ ହୋଇ ନମୁନା ଦେବେ । ରିପୋର୍ଟ ପାଇବା ପାଇଁ ପୁଣି ଦିନ ୪ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି । ଖାଲି ଅପେକ୍ଷା ଅପେକ୍ଷାରେ ରୋଗୀଙ୍କ ଦିନ ଯାଉଛି । ଗୋଟିଏ ପରୀକ୍ଷା ପାଇଁ ୬ଟି କାଉଣ୍ଟରରେ ଠିଆ ହୋଇ ସମୟ ବିତୁଛି ।ନମୁନା ପରୀକ୍ଷାଠାରୁ ରିପୋର୍ଟ ପାଇବା ପର୍ଯ୍ୟନ୍ତ ରୋଗୀ ଟିଏ ନାନା ହଇରାଣ ରେ ହନ୍ତସନ୍ତ ହେଉଛି । ପରୀକ୍ଷା ପାଇଁ ରୋଗୀ ଏତେ ଜଟିଳ ପରିସ୍ଥିତି ସାମ୍ନା କରୁଛନ୍ତି, ଯାହା ଦେଖିଲେ ସ୍ୱାସ୍ଥ୍ୟ ବିଭାଗ ର ବିକଳ ଚିତ୍ର ସମ୍ନା କୁ ଆସିଛି ।କ୍ୟାପିଟାଲ ହସ୍ପିଟାଲରେ ରୋଗୀ ଯେଉଁ ହୀନସ୍ତା ଭୋଗୁଛନ୍ତି ତାହାର ପ୍ରତ୍ୟକ୍ଷ ତଦନ୍ତ ସ୍ୱାସ୍ଥ୍ୟ ବିଭାଗ କରିବା କରିବା ପାଇଁ ରୋଗୀ ଓ କିଛି ବୁଦ୍ଧିଜୀବି ଦାବି କରିଛନ୍ତି ।

## ଗ୍ରାଜୁଏଟ୍ ଠିକା ମହିଳା ପରିଦର୍ଶିକା ସଂଘର ଆନ୍ଦୋଳନ ଜୁନ ୭ରୁ

ଭୁବନେଶ୍ୱର,(ପିପିଏସ୍): ସ୍ଥାୟୀ ନିଯୁକ୍ତି ଦାବିରେ ଅଲ୍ ଓଡ଼ିଶା ଗ୍ରାଜୁଏଟ ଠିକା ମହିଳା ପରିଦର୍ଶିକା ସଂଘ ଆସନ୍ତା ୭ ଜୁନ୍‌ର ଆନ୍ଦୋଳନକୁ ଓହ୍ଲାଇବ ।

# ଜଣଙ୍କ ଜୀବନ ଯିବା ପରେ ବାଉଁଶ ବାନ୍ଧି ଅସ୍ଥାୟୀ ବାଡ଼ ତିଆରି କଲା ପ୍ରଶାସନ




କଟକ(ପିପିଏସ୍) : କଟକ ତାଳଦଣ୍ଡା କେନାଲରେ କାର ଖସିପଡ଼ିବା ଘଟଣା ପରେ ତତ୍ପରତା ଦେଖାଇଛି ପ୍ରଶାସନ । ଜଣଙ୍କ ଜୀବନ ଯିବା ପରେ କେନାଲ କଡ଼ରେ ପ୍ରଶାସନ ପକ୍ଷରୁ ବାଉଁଶ ବାନ୍ଧି ଅସ୍ଥାୟୀ ବାଡ଼ ତିଆରି କରାଯାଇଛି । ସାଧାରଣ ଲୋକଙ୍କ ଯିବା ଆସିବା ଉପରେ କଟକଣା ଜାରି କରାଯାଇଛି । ଅନ୍ୟପଟେ ଏହି ଘଟଣାର ୨୪ ଘଣ୍ଟା ପରେ କଟକ କେଶରପୁରରୁ ଆସିଛି ଆଉ ଏକ ଦୁର୍ଘଟଣାର ଚିତ୍ର ।ଜାଇକା ପ୍ରକଳ୍ପ ଚାଲିଥିବା ବେଳେ ଅଘଟଣ ଘଟିଛି । ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ଡ୍ରେନରେ ପଡ଼ି ଜଣେ ନାବାଳିକା ଗୁରୁତର ହୋଇଛନ୍ତି । ନାବାଳିକାର ବୟସ ୧୬ ବର୍ଷ ହେବ ବୋଲି ସୂଚନା ମିଳିଛି । ନାବାଳିକା ଜଣକ ଯାଉଥିବା ବେଳେ ଡ୍ରେନରେ ଖସି ପଡ଼ିଥିଲେ ।ଦୀର୍ଘ ସମୟ ପରେ ତାଙ୍କୁ ସ୍ଥାନୀୟ ବାସିନ୍ଦାମାନେ ଉଦ୍ଧାର କରି ବଡ଼ ମେଡିକାଲକୁ ପଠାଇଥିଲେ ।

## ଦୁର୍ଘଟଣାରେ ଯୁବକର ମୃତ୍ୟୁ

ଭଦ୍ରକ, (ପିପିଏସ୍): ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ଘଟିଛି। ପୁଲିସ୍ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଏହି ଜିଲାର ସାବରଙ୍ଗ ଥାନା ଅଂଚଳର ମଧୁସୂଦନ ବେହେରାଙ୍କ ପୁତ୍ର ପ୍ରଫୁଲ୍ଲ ବାଇକ୍ ଯୋଗେ କୌଣସି ଏକ କାମରେ ଭଦ୍ରକ ଆସୁଥିବାବେଳେ ସହରାଞ୍ଚଳ ଥାନା ଅଧୀନସ୍ଥ ଭଦ୍ରକ ହଳଦିଡିହ ବାଇପାସ ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ପ୍ରଫୁଲ୍ଲଙ୍କର ମୁଣ୍ଡର ପଛଭାଗରେ ଗଭୀର ଆଘାତ ଲାଗିଥିଲା।

ଫଳରେ ପ୍ରଚୁର ରକ୍ତସ୍ରାବ ହୋଇଥିବାବେଳେ ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ତୁରନ୍ତ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। କିନ୍ତୁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରମାନେ ତାକୁ ମୃତ ଘୋଷଣା କରିଥିଲେ। ପ୍ରଫୁଲ୍ଲଙ୍କର ଦୁଇଟି ଛୋଟ ଛୋଟ ପୁଅ-ଝିଅ ଅଛନ୍ତି। ତାଙ୍କର ଏଭଳି ମୃତ୍ୟୁରେ ଡାକ୍ତରଖାନା ପରିସର ତାଙ୍କ ପତ୍ନୀ, ଦୁଇ ପିଲା ଓ ପରିବାର ଲୋକଙ୍କ କାନ୍ଦ ବୋବାଳିରେ ଫାଟି ପଡିଥିଲା। ଏହି ଘଟଣାରେ ଭଦ୍ରକ ସହରାଞ୍ଚଳ ଥାନା ଦୁର୍ଘଟଣା ଘଟାଇଥିବା ଦୁଇ ବାଇକକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ସିଡିଏର ୧୩୪ତମ ବୈଠକ
## ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପକୁ ମଂଜରୀ, ସ୍ଥାପିତ ହେବ 'ଆର୍ଟହବ୍'



କଟକ, (ପିପିଏସ୍): କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ମଙ୍ଗଳବାର ୧୩୪ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ । ବୈଠକରେ କଟକ ସହରରେ ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପ ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । କଟକ ସହରର ରୂପାନ୍ତରଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଥିବା ବେଳେ ଆଗାମୀ ଦିନରେ ହେବାକୁ ଥିବା ଏହି ଏକାଧିକ ପ୍ରକଳ୍ପ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ସହରବାସୀଙ୍କ ଆର୍ଥିକ ସ୍ଥିତିକୁ ଅଧିକ ସୁଦୃଢ କରିବ ବୋଲି ଶ୍ରୀ ସାମଲ ସୂଚନା ଦେଇଛନ୍ତି। ବିଶେଷକରି କଟକ ମହାନଗର ନିଗମ (ସିଏମସି) ମେୟର ସୁବାସ ସିଂହ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ସମ୍ମୁଖରେ ଜନସାଧାରଣଙ୍କ ପକ୍ଷରୁ କେତେକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସକାଶେ ଯେଉଁ ଦାବି ଉପସ୍ଥାପନ କରାଯାଉଛି ସେସବୁ ଅଗ୍ରାଧିକାର ଭିତ୍ତିରେ ଶେଷ କରାଯିବ । ବିଭିନ୍ନ ୱାର୍ଡରେ ମିନି ଷ୍ଟାଡିୟମ, ପାର୍କ, ଖେଳପଡିଆ ଓ ଭେଣ୍ଡିଂ ଜୋନ୍ ଆଦି ନିର୍ମାଣ ଏଥିର ଅର୍ନ୍ତଭୁକ୍ତ ବୋଲି ବୋଲି ସିଡିଏ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। କଟକ ସହରରେ ୨ ଏକର ପରିମିତ ଜାଗାରେ ଖୁବ୍ ଶୀଘ୍ର ଏକ 'ଆର୍ଟହବ୍' ନିର୍ମାଣ କରାଯିବ । ସେଠାରେ ସୂକ୍ଷ୍ମ କାରୁକାର୍ଯ୍ୟ, ଶିଳ୍ପକଳା, ତାରକସୀ ଓ ହସ୍ତଶିଳ୍ପ ଆଦି ପ୍ରସ୍ତୁତ ଓ ବ୍ୟବସାୟକୁ ପ୍ରାଧାନ୍ୟ ଦିଆଯିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ସେହିପରି ଗୋପାଳପୁରଠାରେ ଏକ ଭେଣ୍ଡିଂ ଜୋନ୍ ଓ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯିବ । ମହାନଦୀବିହାରରେ ଏକ ମିନିଷ୍ଟାଡିୟମ ନିର୍ମାଣ କରାଯିବା ସହ ପ୍ରେସ୍‌ଛକ ଠାରେ ଥିବା ହରେକୃଷ୍ଣ ମହତାବଙ୍କର ପ୍ରତିମୂର୍ତ୍ତି ସ୍ଥଳକୁ ଅଧିକ ଉନ୍ନତ କରାଯିବ । ସେହିପରି କଟକ ସହରରେ ସବୁଜ ବଳୟ ସୃଷ୍ଟି ପାଇଁ ବିପୁଳ ପରିମାଣର ଚାରା ରୋପଣ କରାଯିବ। ସେଥିପାଇଁ ସିଡିଏ କାର୍ଯ୍ୟାଳୟରେ ଏକ ହର୍ଟିକଲଚର(କୃଷି ଉଦ୍ୟାନ) ସଂପର୍କିତ ବିଭାଗ ଖୋଲିବା ପାଇଁ କର୍ତ୍ତୃପକ୍ଷ ନିଷ୍ପତି ଗ୍ରହଣ କରିଛନ୍ତି। ସେହିପରି ମର୍କତନଗରସ୍ଥିତ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖରେ ଏକ ବୃହତ ସମ୍ମିଳନୀ କେନ୍ଦ୍ର(କନ୍‌ଭେନସନ୍ ସେଣ୍ଟର) କରାଯିବା ସକାଶେ ନିଷ୍ପତି ନିଆଯାଇଛି। ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ନିକଟରେ ଥିବା ପୁରୁଣା ଜେଲ ପରିସରର ଉନ୍ନତିକରଣ ପାଇଁ ପ୍ରସ୍ତୁତ ବ୍ଲୁପ୍ରିଣ୍ଟକୁ ମଧ ମଂଜୁରି ଦିଆଯାଇଛି । କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି) ମଧରେ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ମିଶନ ଶକ୍ତି ମା'ମାନଙ୍କୁ ୪୦୦ ବର୍ଗଫୁଟର ଏକ ସ୍ଥାନ ଯୋଗାଇ ଦିଆଯିବ। ବିଶେଷକରି ନବନିର୍ମିତ ସିଏନ୍‌ବିଟିର ରକ୍ଷଣାବେକ୍ଷଣ ପାଇଁ ବାର୍ଷିକ ୫ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏଫ୍ ଓ ଜି କାଟାଗୋରୀର ଆବାସିକ ଜମି ପ୍ଲଟିଂ କରି ସାଧାରଣ ଲୋକଙ୍କୁ ଯୋଗାଇ ଦିଆଯିବ ବୋଲି ମଧ ବୈଠକରେ ନିଷ୍ପତି ନିଆଯାଇଛି। ଏଥିମଧ୍ୟରେ କଟକ ସହରର ଆଖପାଖ ଅଂଚଳର ୧୪୫ଟି ରାଜସ୍ୱ ଗ୍ରାମକୁ ସିଡିଏର ସାମିଲ କରାଯାଇ ପରିସୀମା ବୃଦ୍ଧି କରାଯାଇଥିବା ବେଳେ ୪୨ମୌଜାର ୮୨ଟି ଗ୍ରାମକୁ ସିଡିଏରେ ସାମିଲ କରିବା ସକାଶେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ତା'ଛଡା ୧୪୫ଟି ରାଜସ୍ୱ ଗ୍ରାମର ଉନ୍ନତିକରଣ ସକାଶେ ତୁରନ୍ତ ସର୍ଭେ କରାଯାଇ ଏକ ନୂତନ 'ସମନ୍ୱିତ ଉନ୍ନୟନ ଯୋଜନା' ପ୍ରସ୍ତୁତ କରାଯିବ ଏବଂ ସେଥିପାଇଁ ସିଡିଏ ପକ୍ଷରୁ ଏକ ନୀତି ପ୍ରଣୟନ କରାଯିବ । ଏତଦ୍ ବ୍ୟତୀତ ୪.୫ ମିଟର ରାସ୍ତାକୁ ନେଇ ଦେଖାଦେଇଥିବା ଦ୍ୱନ୍ଦ୍ୱ ଯୋଗୁ ୨୦୧୭ ପୂର୍ବରୁ ପ୍ଲାନ ଆପ୍ରୁଭାଲ ହୋଇପାରୁନଥିବା ବେଳେ ଏହି ନିୟମକୁ କୋହଳ କରାଯାଇ ଆଜି ପଡି ରହିଥିବା ୨୫୦୦ ପ୍ଲାନ୍‌କୁ ମଂଜୁର କରାଯାଇଛି । ସେହିପରି ଦ୍ୱନ୍ଦ୍ୱ ଯୋଗୁ ପଡି ରହିଥିବା ଇଚ୍ଛାଧୀନ କୋଟାର ୭୭ଟି ଜମିକୁ ମଂଜୁରି ଦିଆଯାଇଛି । ଅନୁଷ୍ଠିତ ଏହି ବୈଠକରେ ଅଧ୍ୟକ୍ଷ ଶ୍ରୀ ସାମଲଙ୍କ ସମେତ ସିଏମସି ମେୟର ସୁବାସ ସିଂହ, ସିଡିଏ ଉପାଧ୍ୟକ୍ଷ ତଥା ସିଏମସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ସିଡିଏ ସଚିବ, ଫାଇନାନ୍ସ ସଦସ୍ୟ, ଇଂଜିନିୟରିଂ ସଦସ୍ୟ, ପ୍ଲାନିଂ ସଦସ୍ୟ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଙ୍କୀ କଲେଜରେ ନୂତନ ସ୍ନାତକୋତ୍ତର ଓ ସ୍ନାତକ ବିଭାଗ ଖୋଲା ଯିବା ପାଇଁ ଅନୁମତି

ବାଙ୍କୀ,(ପିପିଏସ୍): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୩-୨୪ମସିହା ଠାରୁ ୫ଗୋଟି ନୂଆ ବିଷୟରେ ସ୍ନାତକୋତ୍ତର ଯଥା ଓଡ଼ିଆରେ ୩୨, ରାଜନୀତି ବିଜ୍ଞାନରେ ୧୬, ଅର୍ଥନୀତିରେ ୧୬, ରସାୟନ ବିଜ୍ଞାନରେ ୧୬ ଓ ଉଦ୍ଭିଦ ବିଜ୍ଞାନରେ ୧୬ଗୋଟି ସିଟ୍ ଖୋଲା ଯିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଅନୁମତି ପ୍ରଦାନ କରିଛି। ଏଥି ସହିତ +୩ କଳାରେ ୩୫୨ସିଟ୍ ରୁ ୩୮୪ସିଟ୍‌କୁ ବୃଦ୍ଧି ସହିତ ଭୂଗୋଳ ସମ୍ମାନରେ ୧୬ଗୋଟି ଏବଂ ନୃତତ୍ତ୍ୱ ସମ୍ମାନରେ ୧୬ଗୋଟି ଖୋଲା ଯିବା ପାଇଁ ଅନୁମତି ମିଳିଛି। ନୂତନ ଭାବେ ଖୋଲା ଯିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଅନୁମତି ଦେଇଥିବାରୁ ବାଙ୍କୀର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓଡ଼ିଶା ସରକାରଙ୍କୁ ତଥା ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ରୋହିତ ପୁଜାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଓ ଉପାଧ୍ୟକ୍ଷ ତଥା ସ୍ନାତକୋତ୍ତର ବିଭାଗ ସମୂହର ଡିନ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଚ୍ଚଶିକ୍ଷା ବିଭାଗୀୟ ମନ୍ତ୍ରୀ ଓ ବାଙ୍କୀର ଯୁବବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଉଦ୍ୟମ ଯୋଗୁଁ ନୂତନ ଭାବେ ସ୍ନାତକୋତ୍ତର ଓ ସ୍ନାତକ ଶ୍ରେଣୀ ଖୋଲା ଯାଇଥିବାରୁ କୃତଜ୍ଞତା ଓ ବଧାଇ ଜଣାଇଛନ୍ତି। ଏହି ନୂତନ ବିଷୟ ଖୋଲାଯିବା ଫଳରେ ସ୍ନାତକରେ ୨୩ଗୋଟି ଓ ସ୍ନାତକୋତ୍ତରରେ ୧୨ଗୋଟି ବିଷୟ ଚଳିତ ବର୍ଷ ଠାରୁ ପାଠପଢ଼ା ହେବ ବୋଲି ସ୍ନାତକୋ□ର ବିଭାଗୀୟ ସମୂହର ଡିନ୍ ପ୍ରାଧ୍ୟାପକ ମହାପାତ୍ର ପ୍ରକାଶ କରିଛନ୍ତି। ଚଳିତ ବର୍ଷ ନୂତନ ଭାବେ ଖୋଲାଯିବା ପାଇଁ ଅନୁମତି ମିଳିଥିବାରୁ ବାଙ୍କୀର ଜନସାଧାରଣ, ବୁଦ୍ଧିଜୀବୀ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗକୁ ପ୍ରଶଂସା କରିଛନ୍ତି।

# ଜନ୍ମମାଟିରେ ପଣ୍ଡିତ ଗୋବିନ୍ଦ ରଥଙ୍କ ଶ୍ରାଦ୍ଧଦିବସ ପାଳିତ

ବାଙ୍କୀ,(ପିପିଏସ୍): ବାଙ୍କୀ ଗୋପାଳପୁରସ୍ଥ ପଣ୍ଡିତ ଗୋବିନ୍ଦ ରଥ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ରଥଙ୍କ ୧୦୫ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦାନ କରି ସ୍ୱର୍ଗତ ରଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଗୋବିନ୍ଦ ରଥ ସ୍ମୃତି ସଂସଦ ସଭାପତି କୃତ୍ତିବାସ ପଣ୍ଡା, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବାସ ଚନ୍ଦ୍ର ପାଢୀ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍, ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ସୁନୀଲ୍ ମିଶ୍ର, ସ୍ଥାନୀୟ ସରପଞ୍ଚ ଅବନ୍ତୀ ବେହେରା, ସମିତି ସଭ୍ୟ ଦିବାକର ପଟ୍ଟନାୟକ, ପୂର୍ବତନ ପ୍ରଧାନଶିକ୍ଷକ ଗୁଣନିଧି ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳା ମହାନ୍ତି, ବାଙ୍କୀ ଏନ୍.ଏ.ସି ଉପନଗରପାଳ ସନ୍ତୋଷ କୁମାର ରଣା, ଜିଲ୍ଲାପରିଷଦ ସଦସ୍ୟା ମିନତୀ ମହାପାତ୍ର, ଶିକ୍ଷକ ଶରତ ରଥ, ସ୍ୱସ୍ତି ମହାପାତ୍ର, କବିଲଲାଟେନ୍ଦୁ ପଣ୍ଡା, ଧନେଶ୍ୱର ବଳିୟାର ସିଂହ, ଦେବରାଜ ରଣା ଓ ପ୍ରେସ୍ କ୍ଲବର ଉପସଭାପତି ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ରଥଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ନୃତ୍ୟାଞ୍ଜଳିର ୩୧ତମ ଓଡିଶୀ ନୃତ୍ୟ ସଂଗୀତ ମହୋତ୍ସବ

ଭୁବନେଶ୍ୱର(ପିପିଏସ୍): : ଉତ୍କର୍ଷ କଳାର ରାଜ୍ୟ ଓଡିଶାର ଓଡିଶୀ ନୃତ୍ୟ ବିଶ୍ୱରେ ପ୍ରସିଦ୍ଧି ଆଣି ପ୍ରଶଂସିତ। ଓଡିଶୀ ନୃତ୍ୟ ସଂଗୀତ ତଥା ନାଟ୍ୟ ର ପ୍ରଚାର ଓ ପ୍ରସାର ପାଇଁ ଦୀର୍ଘ ୩୧ ବର୍ଷ ଧରି ନିରବଛିନ୍ନ ଭାବେ କାର୍ଯ୍ୟ କରି ଆସୁଅଛି। 'ନୃତ୍ୟାଞ୍ଜଳି' ଅନୁଷ୍ଠାନର ୩୧ ତମ ମହୋତ୍ସବ ଓ ସମ୍ବର୍ଦ୍ଧନା ପର୍ବର ଦ୍ୱିତୀୟ ଦିବସ ଆଜି ଠାରୁ ଓଡିଶୀ ଗବେଷଣା ପ୍ରତିଷ୍ଠାନ ଉତ୍କଳ ରଙ୍ଗମଞ୍ଚ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ ରେ ଆଜି ପୂର୍ବାହ୍ନ ୧୦ ଘଟିକା ରେ ଆରମ୍ଭ ହୋଇଥିଲା କ୍ଷ ରାଜ୍ୟ, ଦେଶ ତଥା ବିଦେଶର ୬୦ ରୁ ଉର୍ଦ୍ଧ ଓଡିଶୀ ନୃତ୍ୟଶିଳ୍ପୀ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିଥିଲେ କ୍ଷ ସନ୍ଧ୍ୟାର ସମ୍ବର୍ଦ୍ଧନା ଉତ୍ସବରେ ଉତ୍ତର ଭୁବନେଶ୍ୱରର ବିଧାୟକ ସୁଶାନ୍ତ କୁମାର ରାଉତ, ପର୍ଯ୍ୟଟନ ବିଭାଗ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାର ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ, ବରିଷ୍ଠ ଅଭିନେତା ଅଶ୍ରୁ ମୋଚନ ମହାନ୍ତି, ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଅଭିଭାବକ ମହାସଂଘ ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ନୃତ୍ୟାଞ୍ଜଳି ର ସଭାପତି ସୁକାନ୍ତ କୁଣ୍ଡୁ, ସମ୍ପାଦକ ପୁଷ୍ପରଞ୍ଜନ ମଙ୍ଗରାଜ, କାର୍ଯ୍ୟକାରୀ ସଭାପତି ରଞ୍ଜନ ମଙ୍ଗରାଜ ଆଦି ଅତିଥି ରୂପେ ଯୋଗ ଦେଇ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଅଭିନେତା ଅଶ୍ରୁ ମୋଚନ ମହାନ୍ତିଙ୍କୁ ନୃତ୍ୟାଞ୍ଜଳୀ ନାଟ୍ୟ ପୁରୁଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମଞ୍ଚ ନାଟକରେ ଉତ୍କଳ ସଂଗୀତ ମହାବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଶୁଭଲକ୍ଷ୍ମୀ ସ୍ୱାଇଁଙ୍କୁ ପୂର୍ଣଚନ୍ଦ୍ର ମଙ୍ଗରାଜ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ବନ୍ତ ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର



ଭଦ୍ରକ, (ପିପିଏସ୍): ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନାଭିଯୋଗ ଶୁଣାଣି ଶିବିର ବନ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୬୨ ଟି ଅଭିଯୋଗ ଶୁଣିଥିଲେ। ସେଥିମଧରେ ୫୮ ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିଲାବେଳେ ୪ ଟି ସାମୂହିକ ସମସ୍ୟା ମୂଳକ ଥିଲା। ଭଦ୍ରକ ଜିଲ୍ଲାପରିଷଦର ସଭାପତି ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ବନ୍ତ ବ୍ଲକ୍, ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବନ୍ତ ବିଡ଼ିଓ ପି.କେ.ସେଠୀ, ତହସିଲଦାର ଅଙ୍କିତା ବାରିକ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଅଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ବନ୍ତ ବ୍ଲକ୍ ଓ ଭଦ୍ରକ ଜିଲ୍ଲା ସ୍ତରୀୟ ବିଭାଗୀୟ ମୁଖ୍ୟମାନେ ମଧ ଏହି ଶିବିରରେ ଉପସ୍ଥିତ ରହି ଆଗତ ଅଭିଯୋଗ ଭିତ୍ତିରେ ସମାଧାନ ପାଇଁ ଜିଲ୍ଲାପାଳଙ୍କ ଠାରେ ଆବଶ୍ୟକ ମତେ ଉତ୍ତର ରଖିଥିଲେ। ଏହି ଶିବିରରେ ସାମାଜିକ ସୁରକ୍ଷା ଯୋଜନାରେ ୨ ଜଣ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ୍ ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲା କୃଷି ବିଭାଗ ଦ୍ୱାରା ବଳରାମ ଯୋଜନାରେ ୧୪ଟି ମହିଳା ଗୋଷ୍ଠୀଙ୍କୁ ଜଏଣ୍ଟ ଲାଇଭ୍‌ଲିହୁଡ଼ ଗ୍ରୁପ୍ ଆଧାରରେ ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ସୂଚନା ଯୋଗ୍ୟକି ଏଥିରେ କେତୋଟି ଦଳକୁ ୮୦ ହଜାର ଓ ଅନ୍ୟ କେତୋଟି ଦଳକୁ ଏକ ଲକ୍ଷ ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ବନ୍ତ ବ୍ଲକ୍‌ରେ ୫୪ଟି ଅଙ୍ଗନବାଡ଼ିରେ ପ୍ରି ସ୍କୁଲ ଯୋଜନାରେ ପଢୁଥିବା ପିଲାଙ୍କ ବସିବା ପାଇଁ ଟେବୁଲ ଚୌକି ଓ ପାନୀୟ ଜଳ ପାଇଁ ୱାଟର ଫିଲଟର ମଧ ଏହି ଶିବିରରେ ବଣ୍ଟନ କରାଗଲା। ଏହି ଯୋଜନାରେ ବନ୍ତ ବ୍ଲକ୍ ପାଇଁ ୮୧୩ ଟି ଚୈକି, ୪୩୭ ଟି ଟେବୁଲ ଓ ୫୪ ଟି ଫିଲ୍‌ଟର ଯୋଗାଇ ଦିଆଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରାଙ୍କ ଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ଜିଲ୍ଲାର ସମସ୍ତ ବ୍ଲକ୍ ପାଇଁ ଏହି ଯୋଜନାରେ ଜେ.ଏମ୍. ପୋର୍ଟାଲ୍ ମାଧମରେ କ୍ରୟ କରାଯାଇ ଅଙ୍ଗନ ବାଡ଼ିକୁ ଯୋଗାଇବା ପାଇଁ ସମୁଦାୟ ୮,୩୨୦ ଟି ଚୈକି, ୪,୪୮୫ଟି ଟେବୁଲ ଓ ୫୮୪ଟି ୱାଟରଫିଲଟର ବ୍ୟବସ୍ଥା କରାଯାଇଛି। ସମସ୍ତ ବ୍ଲକରେ ଥିବା ଆଇସିଡ଼ିଏସ୍ ଅଫିସରୁ ଏହି ସବୁ ଉପକରଣ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଚୈକି, ଟେବୁଲ ଓ ଫିଲଟର ସଂଖ୍ୟା ଅନୁଯାୟୀ ଯଥାକ୍ରମେ ବାସୁଦେବପୁର କୁ ୧୪୪୧, ୭୫୫ ଓ ୯୬, ଭଦ୍ରକ କୁ ୧୫୩୮, ୮୦୧, ଓ ୧୧୯, ଭଣ୍ଡାରିପୋଖିରୀକୁ ୮୨୦, ୪୪୦ ଓ ୪୯ ଚାନ୍ଦବାଲି-୧ କୁ ୭୫୨, ୪୦୬ ଓ ୫୦ ଚାନ୍ଦବାଲି-୨ କୁ ୭୧୧, ୩୮୬ ଓ ୪୭ଟି ଧାମନଗରକୁ ୧୨୦୬, ୬୩୩ ଓ ୯୦ଟି ୬୮ ତିହିଡ଼ିକୁ ୧୦୩୯, ୫୫୦ ଓ ୭୯ ଟି ଯୋଗାଇ ଦିଆଯିବା ପାଇଁ କ୍ରୟ କରାଯାଇଛି।

# ଚାଉଳ ନପାଇ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀଙ୍କ ଧାରଣା



ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାମନବିନ୍ଧା ପଞ୍ଚାୟତ ଅଧୀନ ସନ୍ଦକପୁର ଗ୍ରାମର ହିତାଧିକାରୀମାନେ ତିନିମାସର ଚାଉଳ ପାଇବାରୁ ବଂଚିତ ହୋଇ ସୋମବାର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବିଡିଓ ଜ୍ୟୋତିର୍ମୟ କର ଆସନ୍ତା ୩ଦିନ ମଧରେ ଚାଉଳ ଦିଆଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ହିତାଧିକାରୀମାନେ ଘରକୁ ଫେରିଥିଲେ। ଅଭିଯୋଗରୁ ପ୍ରକାଶ ଯେ, ବାମନବିନ୍ଧା ପଞ୍ଚାୟତର ରିଟେଲର ଏପ୍ରିଲ, ମଇ ଓ ଜୁନ୍ ମାସର ରାସନ ଚାଉଳ ହିତାଧିକାରୀମାନଙ୍କୁ ବଣ୍ଟନ କରିନାହାନ୍ତି। ଯାହାଫଳରେ ହିତାଧିକାରୀମାନେ ଭୋକ ଉପାସରେ ରହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ସନ୍ଦକପୁର ଗ୍ରାମର ଲୋକମାନେ ରାଶନ ଚାଉଳ ଉପରେ ନିର୍ଭର କରିଥାନ୍ତି। ସେମାନଙ୍କୁ ୩ମାସର ଚାଉଳ ନମିଳିବାରୁ ସେମାନଙ୍କର ପରିବାର ବହୁ ଅସୁବିଧାର ସମ୍ମୁଖିନ ହୋଉଛନ୍ତି। ଏପରିକି ଜଣେ ହିତାଧିକାରୀ ଜଣେ ବାଳକକୁ ବ୍ଲକ କାର୍ଯ୍ୟାଳୟକୁ ଆଣି ସେ ମଧ ଚାଉଳ ନପାଇ ଉପାସରେ ରହୁଛି ବୋଲି ପ୍ରକାଶ କରିଥିଲେ। ହିତାଧିକାରୀମାନେ ରିଟେଲର ପାଖକୁ ଚାଉଳ ଆଣିବା ପାଇଁ ଯାଇ ବାରମ୍ବାର ନିରାଶ ହୋଇ ଫେରି ଅସନ୍ତୋଷ ପ୍ରକାଶ କରିଛନ୍ତି। ହିତାଧିକାରୀମାନଙ୍କୁ ଚାଉଳ ପାଇଁ ଟୋକନ ଦିଆଯାଇଥିଲେ ମଧ ସେମାନଙ୍କୁ ଆଜିକାଲି କହି ରିଟେଲର ଚାଉଳ ନଦେଇ ଫେରାଉଥିବା ଅଭିଯୋଗରେ ଦର୍ଶାଯାଇଛି। ସନ୍ଦକପୁର ଗ୍ରାମର ଗୋଲାମ ବେହେରା, ଲକ୍ଷ୍ମୀଧର ସେଠୀ, ମେଘନାଦ ପରିଡ଼ା, ମହେନ୍ଦ୍ର ବେହେରା, ଗଜେନ୍ଦ୍ର ବେହେରା, ରାଧାକୃଷ୍ଣ ବାରି, ଚନ୍ଦ୍ରମଣି ସେଠୀ, ଜୟନ୍ତୀ ସେଠୀ, ନିଳିମା ପାଣିଗ୍ରାହୀ, ଲକ୍ଷ୍ମୀ ପାଣ୍ଡବ, ଶଶି ସେଠୀ, କନକ ପରିଡ଼ା, ପ୍ରଫୁଲ୍ଲ ସେଠୀ, ମଂଜୁ ସେଠୀ, ରଥ ସେଠୀ, ସରସ୍ୱତୀ ସେଠୀ, ନିର୍ମଳା ବାରିକ, କାଜଲ କୁମାର ଦାସ, ଅନାଦି ଦାସ, ଆଲୋକ ପାଣ୍ଡବ, ଦ୍ରୌପଦୀ ପାଣ୍ଡବ, ଋଷି ପରିଡ଼ା, ବିଷ୍ଣୁ ପରିଡ଼ା, ବାସନ୍ତୀ ଦାସ ପ୍ରମୁଖ ଶତାଧିକ ହିତାଧିକାରୀ ଏହି ଧାରଣାରେ ବସିଥିଲେ। ତେବେ ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ଅଜୟ କୁମାର ଦାସଙ୍କୁ ଯୋଗାଯୋଗ କରିବାରୁ ରିଟେଲର ୩ଦିନ ମଧରେ ଚାଉଳ ହିତାଧିକାରୀମାନଙ୍କୁ ବଣ୍ଟନ କରିବ ବୋଲି କହିଛନ୍ତି।

